# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଗୁରୁବାର, ଜୁଲାଇ ୧୧/୨୦୨୪ (୧୬ ପୃଷ୍ଠା) | Bhubaneswar, Thursday, July 11/2024 | Page 16 ₹ 7.00 | SAMBALPUR

୫୦ଶ ଭାଗ ୨୨୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 227 | ମୂଲ୍ୟ ₹୭/-






KAMLA PASAND
Anokha Swad
KP GROUP Quality Since 1965
SILVER COATED ELAICHI
Anokha Swad
KAMLA PASAND
SILVER COATED ELAICHI
Watch at : You Tube
THIS CONTAINS SODIUM SACCHARIN (INS 954) or Sucralose (INS 955) and Neotame(INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT.
CONTAINS ARTIFICIAL SWEETENER AND FOR CALORIE CONSCIOUS.

ଧରିତ୍ରୀ 50 Years
DHARITRI
ଭୁବନେଶ୍ୱର, ଗୁରୁବାର, ଜୁଲାଇ ୧୧/୨୦୨୪ | Bhubaneswar, Thursday, July 11/2024 | ପୃଷ୍ଠା-୧



**କ୍ରେଜିକୋଭାଙ୍କ କୃତିତ୍ୱ**

ଚେକ୍ ରିପବ୍ଲିକର ବାର୍ବରା କ୍ରେଜିକୋଭା ପ୍ରଥମଥରପାଇଁ ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି।

୧୪

୧୦

**‘ଏନ୍‌ବିକେ ୧୦୯’ ଶୁଟିଂ ବେଳେ ଉର୍ବଶୀ ଆହତ**

ନନ୍ଦାମୁରୀ ବାଲକ୍ରିଷ୍ଣାଙ୍କ ଆଗାମୀ ତେଲୁଗୁ ଚଳଚ୍ଚିତ୍ର ଏନ୍‌ବିକେ ୧୦୯ର ଶୁଟିଂ ବେଳେ ଅଭିନେତ୍ରୀ ଉର୍ବଶୀ ରୌତେଲା ଆହତ ହୋଇଛନ୍ତି।





ପୁରୀ ଗୁଣ୍ଡିଚା ମନ୍ଦିରରୁ ବୁଧବାର ଭକ୍ତଙ୍କ ପାଇଁ ବାହାରିଥିବା ପ୍ରଥମ ଆଡ଼ପ ଅବଢ଼ା। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

# ଓଡ଼ିଆ ଅସ୍ମିତା ପାଇଁ ୨୦୦ କୋଟି

**ଭୁବନେଶ୍ୱର,୧୦।୭(ଅନିଲ ଦାସ)**

ରାଜ୍ୟ ସରକାର ଓଡ଼ିଆ ଅସ୍ମିତା ଉପରେ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ୨୦୦ କୋଟି ଟଙ୍କାର ଏକ ସ୍ୱତନ୍ତ୍ର ପାଣ୍ଠି(କର୍ପସ ଫଣ୍ଡ) ଗଠନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଓଡ଼ିଶା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍‌ରେ ବୁଧବାର ଅନୁମୋଦନ କରାଯାଇଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ରାଜ୍ୟ କ୍ୟାବିନେଟର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ମୋଟ ୫ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ବୈଠକ ଶେଷରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କୃଷି ଓ କୃଷକର ସର୍ବାଙ୍ଗୀନ ଉନ୍ନତି, ଶ୍ରମିକଙ୍କ ଜୀବନ ଜୀବିକାର ଉନ୍ନତି, ଓଡ଼ିଆ ଅସ୍ମିତାର ସୁରକ୍ଷା ଓ ପ୍ରସାର ଏବଂ ମୌଳିକ ଶିକ୍ଷାର ଗୁଣାତ୍ମକ ମାନର ବିକାଶ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି।

କର୍ପସ ପାଣ୍ଠିରେ ଓଡ଼ିଆ ଅସ୍ମିତା ଭବନ ଗଠନ ହେବ। ଏଥିସହିତ ଓଡ଼ିଆ ଅନୁବାଦ

**ପ୍ରତିଷ୍ଠା ହେବ**

- ଓଡ଼ିଆ ଅସ୍ମିତା ଭବନ
- ଓଡ଼ିଆ ଅନୁବାଦ ସାହିତ୍ୟ ଏକାଡେମୀ
- ତାଳପତ୍ର ପୋଥି ସଂଗ୍ରହାଳୟ
- ଜାତୀୟ-ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଚେୟାର
- ଜିଲାସ୍ତରୀୟ ଇ-ଗ୍ରନ୍ଥାଳୟ

ଏକାଡେମୀ ଓ ବିଶ୍ୱସ୍ତରୀୟ ତାଳପତ୍ର ପୋଥି ସଂଗ୍ରହାଳୟ ପ୍ରତିଷ୍ଠା କରାଯିବ। ପାଇକ ବିଦ୍ରୋହ ସ୍ମାରକୀର ଉନ୍ନତୀକରଣ ହେବା ସହିତ ବାଲିଯାତ୍ରାକୁ ଅନ୍ତର୍ଜାତୀୟ ମାନ୍ୟତା ପ୍ରଦାନ ପାଇଁ ପ୍ରୟାସ କରାଯିବ। ଏଥିରେ ଓଡ଼ିଆ କଳାକାରମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ଦିଆଯିବ। ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ପ୍ରଶିକ୍ଷଣ ନିମନ୍ତେ ଆର୍ଥିକ ପ୍ରୋତ୍ସାହନ ସହ ଜାତୀୟ ବିଶ୍ୱବିଦ୍ୟାଳୟ ଓ ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ☞ପୃଷ୍ଠା-୨

## ପିଏମ୍ କିଷାନରେ ସାମିଲ ହେବେ ୬ ଲକ୍ଷ ଚାଷୀ

ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍ କିଷାନ) ଯୋଜନାରେ ରାଜ୍ୟର ୬ ଲକ୍ଷ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯିବ। ରାଜ୍ୟର ସମସ୍ତ ଯୋଗ୍ୟ କୃଷକ ପରିବାରକୁ ପିଏମ୍ କିଷାନ ଯୋଜନାରେ ଆର୍ଥିକ ସହାୟତା ଦେବା ପାଇଁ କେନ୍ଦ୍ର ସରକାରଙ୍କ ମାର୍ଗଦର୍ଶିକାକୁ ଅବଲମ୍ବନ କରାଯିବ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ ବୈଠକରେ ଅନୁମୋଦନ ମିଳିଛି। ଏହାଦ୍ୱାରା ମଧ୍ୟମ, ବୃହତ୍ ଓ ସହରାଞ୍ଚଳର ଚାଷୀମାନେ ଉପକୃତ ☞ପୃଷ୍ଠା-୨

## ସଡ଼କ ଦୁର୍ଘଟଣାରେ ପରିବାରର ୩ ମୃତ

**କୋଇଡା,୧୦।୭ ( ସମୀର କୁମାର ପାଢ଼ୀ)**

ବିବାହଘର ଭୋଜିରେ ଯୋଗ ଦେବାକୁ ଯାଇଥିଲେ। ଭୋଜି ସାରି ହସ ଖୁସିରେ ଘରକୁ ଫେରୁଥିଲେ। ଘରେ ପହଞ୍ଚିବାକୁ ଆଉ ମାତ୍ର ୪ କି.ମି ରାସ୍ତା ଥିବାବେଳେ ବାଟରେ ଛକି ରହିଥିଲା ମୃତ୍ୟୁ। ସେମାନେ ଯାଉଥିବା ଏକ ସ୍କର୍ପିଓ ଛିଡା ହୋଇଥିବା ଟ୍ରକକୁ ପଛରୁ ଧକ୍କା ଦେବାରୁ ଗୋଟିଏ ପରିବାରର ୩ ଜଣଙ୍କ ମୃତ୍ୟୁ ଘଟିଛି। ସୁନ୍ଦରଗଡ ଜିଲା କୋଇଡା ଥାନା ଜାତୀୟ ରାଜପଥ ରେଙ୍ଗାଲବେଡ଼ାଠାରେ ମଙ୍ଗଳବାର ବିଳମ୍ବିତ ରାତିରେ ଘଟିଛି ଏଭଳି ମର୍ମନ୍ତୁଦ ସଡ଼କ ଘଟଣା। ମୃତକ ହେଲେ ପିୟୂସ କୁମାର ନାଏକ(୧୩), ତ୍ରିସନ ନାଏକ(୬) ଓ ସୁପ୍ରିୟା ନାଏକ(୨୩)। ଏଥିରେ ଡ୍ରାଇଭରଙ୍କ ସମେତ ୩ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ କୋଇଡାର ପୂର୍ବତନ ସରପଞ୍ଚ ସନ୍ଧ୍ୟାରାଣୀ ନାଏକ, ସୁମିତ୍ରା ନାଏକ, ଡ୍ରାଇଭର କ୍ରିଷ୍ଣା ନାଏକ। ଗୁରୁତରଙ୍କୁ ପ୍ରଥମେ କୋଇଡା ଡାକ୍ତରଖାନା ପରେ ରାଉରକେଲାକୁ ସ୍ଥାନାନ୍ତର କରାଯାଇଛି। କୋଇଡା ଆଇଆଇସି ମନୋରଞ୍ଜନ କୁମ୍ଭାରଙ୍କ ସମେତ ପୋଲିସ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ.୮୯/୨୪) ରୁଜୁ ହୋଇଛି। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ସ୍କର୍ପିଓର ଏକ ସାଇଡ୍ ସମ୍ପୂର୍ଣ୍ଣ ଭାଙ୍ଗି ଚୁରମାର ☞ପୃଷ୍ଠା-୨

# ମୁସଲମାନ ମହିଳା ଭରଣପୋଷଣ ପାଇପାରିବେ

**ନୂଆଦିଲ୍ଲୀ,୧୦।୭**

କ୍ରିମିନାଲ ପୋସିଜିଓର କୋଡ୍ (ସିଆର୍‌ପିସି)ର ଧାରା ୧୨୫ ଅନୁଯାୟୀ ମୁସଲମାନ ମହିଳା ତାଙ୍କ ସ୍ୱାମୀଙ୍କଠାରୁ ଭରଣପୋଷଣ ପାଇବାକୁ ଆବେଦନ କରିପାରିବେ। ସୁପ୍ରିମକୋର୍ଟ ବୁଧବାର ଏକ ଐତିହାସିକ ରାୟରେ ଏହା କହିଛନ୍ତି। ଧର୍ମ ନିର୍ବିଶେଷରେ ସବୁ ବିବାହିତ ମହିଳାଙ୍କ କ୍ଷେତ୍ରରେ ଏହା କାର୍ଯ୍ୟକାରୀ ହୋଇପାରିବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

ତଲାକ ଦେଇଥିବା ସ୍ତ୍ରୀଙ୍କୁ ଅନ୍ତରୀଣ ଭରଣପୋଷଣ ଦେବା ପାଇଁ ମହମ୍ମଦ ଅବଦୁଲ ସମଦଙ୍କୁ ତେଲଙ୍ଗାନା ହାଇକୋର୍ଟ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। ସେ ଏହି ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ତଲାକ ପାଇଥିବା ମୁସଲମାନ ମହିଳା ଭରଣପୋଷଣ ପାଇବାକୁ ହକ୍‌ଦାର ନୁହନ୍ତି ବୋଲି ମହମ୍ମଦ ଯୁକ୍ତି ଦର୍ଶାଇଥିଲେ। ଜଷ୍ଟିସ୍ ବି.ଭି. ନାଗରତ୍ନା ଏବଂ ଅଗଷ୍ଟାଇନ୍ ଜର୍ଜ ମସିଙ୍କ ଖଣ୍ଡପୀଠ ମହମ୍ମଦଙ୍କ ପିଟିଶନକୁ ଖାରଜ କରିଦେବା ଅବସରରେ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ସବୁ ମହିଳାଙ୍କ କ୍ଷେତ୍ରରେ ସିଆର୍‌ପିସିର ଧାରା ୧୨୫ ଲାଗୁ ହେବ ବୋଲି ଜଷ୍ଟିସ୍ ନାଗରତ୍ନା ରାୟ ଘୋଷଣା କରିବା ବେଳେ କହିଥିଲେ। ☞ପୃଷ୍ଠା-୨

**ସୁପ୍ରିମକୋର୍ଟଙ୍କ ଐତିହାସିକ ରାୟ**



### ଗୃହିଣୀଙ୍କୁ ଆର୍ଥିକ ସଶକ୍ତ କରାଇବାକୁ ହେବ

ପରିବାର ପାଇଁ ଗୃହିଣୀମାନଙ୍କ ଅପରିହାର୍ଯ୍ୟ ଭୂମିକା ଏବଂ ତ୍ୟାଗକୁ ସ୍ୱୀକୃତି ଦେବା ନିମନ୍ତେ ଭାରତୀୟ ପୁରୁଷମାନଙ୍କ ପାଇଁ ସମୟ ଆସିଛି ବୋଲି ସୁପ୍ରିମକୋର୍ଟ କହିଛନ୍ତି। ମୁସଲମାନ ମହିଳା ଭରଣପୋଷଣ ପାଇବାକୁ ହକ୍‌ଦାର ବୋଲି ଜଷ୍ଟିସ୍ ନାଗରତ୍ନା ଏବଂ ଅଗଷ୍ଟାଇନ୍ ଜର୍ଜ ମସିଙ୍କ ଖଣ୍ଡପୀଠ ରାୟ ଦେବାବେଳେ ଏହା କହିଛନ୍ତି। ପରିବାରରେ ଗୃହିଣୀଙ୍କ ମୁଖ୍ୟ ଭୂମିକାକୁ ଗୁରୁତ୍ୱ ଦେଇ ଖଣ୍ଡପୀଠ କହିଥିଲେ, ମହିଳାମାନଙ୍କୁ ଆର୍ଥିକ ସହାୟତା ଯୋଗାଇଦେବା ସ୍ୱାମୀମାନଙ୍କ ପାଇଁ ଜରୁରୀ। ଆୟର ସ୍ୱାଧୀନ ଉତ୍ସ ନ ଥିବା ସ୍ତ୍ରୀଙ୍କୁ ଆର୍ଥିକ ସଶକ୍ତ କରାଇବା ନେଇ ବିବାହିତ ଭାରତୀୟ ପୁରୁଷମାନେ ସଚେତନ ହେବାକୁ ପଡ଼ିବ। ଏଥିପାଇଁ ତାଙ୍କ ବ୍ୟକ୍ତିଗତ ଆବଶ୍ୟକତା ନିମନ୍ତେ ଆର୍ଥିକ ସମ୍ବଳ ଯଥା ଜଏଣ୍ଟ ଆକାଉଣ୍ଟ ଏବଂ ଏଟିଏମ୍ ସୁବିଧା ଉପଲବ୍ଧ କରାଇବାକୁ ହେବ ବୋଲି ଖଣ୍ଡପୀଠ କହିଛନ୍ତି।

# ମହିଳାଙ୍କୁ ପାହାଡ଼ରେ ଗଣବଳାତ୍କାର

**କବିସୂର୍ଯ୍ୟନଗର, ୧୦।୭ (କୃପାସିନ୍ଧୁ ସ୍ୱାଇଁ)**

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଅଞ୍ଚଳରେ ଜଣେ ମହିଳା ଗଣବଳାତ୍କାରର ଶିକାର ହୋଇଛନ୍ତି। ଖଇରାପଲ୍ଲୀ ଗ୍ରାମସ୍ଥିତ ହ୍ରଦ ନିକଟରୁ ବୁଧବାର ସକାଳେ ପୀଡ଼ିତାଙ୍କୁ ଗୁରୁତର ଅବସ୍ଥାରେ ପୋଲିସ ଉଦ୍ଧାର କରି କବିସୂର୍ଯ୍ୟନଗର ଡାକ୍ତରଖାନାରେ ଭର୍ତ୍ତି କରିଛି। ପୀଡ଼ିତା ଜଣକ ବୁଗୁଡ଼ା ଅଞ୍ଚଳର ବୋଲି ଜଣାପଡ଼ିଛି। ଏହି ଘଟଣାରେ ବାବନପୁର ଅଞ୍ଚଳର ୨ ଯୁବକଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ତଦନ୍ତରେ ବାଧା ଉପୁଜିବା ଦର୍ଶାଇ ପୋଲିସ ଘଟଣା ବିଷୟରେ କିଛି ମୁହଁ ଖୋଲୁନାହିଁ।

ପୀଡ଼ିତାଙ୍କ କହିବାନୁସାରେ, ମଙ୍ଗଳବାର ଅପରାହ୍ନରେ ୪ଜଣ ବ୍ୟକ୍ତି ନିଶାସକ୍ତ ଅବସ୍ଥାରେ ତାଙ୍କୁ ଖଇରପଲ୍ଲୀ ଗ୍ରାମ ନିକଟସ୍ଥ ପାହାଡ଼ ଉପରକୁ ଉଠାଇ ନେଇଥିଲେ। ତାଙ୍କୁ ସେଠାରେ ମାଡ଼ମାରିବା ସହ ଗଣବଳାତ୍କାର କରି ଯୌନାଙ୍ଗରେ ମଦ ବୋତଲ ପୂରାଇ ଦେଇଥିବା ମହିଳା ଜଣକ କହିଛନ୍ତି। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ଚିହ୍ନ ରହିଥିବା ଦେଖିବାକୁ ମିଳିଛି। ପୋଲିସ ଏ ନେଇ ମାମଲା (୧୬୭/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଗଞ୍ଜେଇ ବ୍ୟବସାୟକୁ କେନ୍ଦ୍ରକରି ମହିଳାଙ୍କୁ ବଳାତ୍କାର ପରେ ମାଡ଼ ମରାଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।



ଦୁର୍ବୃତ୍ତଙ୍କ ମାଡ଼ରେ ପୀଡ଼ିତାଙ୍କ ହାତରେ ସୃଷ୍ଟି ହୋଇଥିବା କ୍ଷତ ।

# ୬ ହଜାର କୋଟିର ୨୬ ପ୍ରକଳ୍ପକୁ ଅନୁମୋଦନ

**ଭୁବନେଶ୍ୱର,୧୦।୭ (ଅନିଲ ଦାସ)**

ରାଜ୍ୟ ସରକାର ୫୯୯୨.୯୨ କୋଟିର ୨୬ ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି। ଏହାଦ୍ୱାରା ୧୯,୩୬୪ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଇସ୍ପାତ, ରାସାୟନିକ ପଦାର୍ଥ, ଅକ୍ଷୟ ଶକ୍ତି, ବୟନଶିଳ୍ପ, ଉତ୍ପାଦନ, ପ୍ୟାକେଜିଂ, ଖାଦ୍ୟ ପ୍ରକ୍ରିୟାକରଣ, ଆଇଟି, ଭିତ୍ତିଭୂମି ଏବଂ ପର୍ଯ୍ୟଟନ ସମେତ ବିଭିନ୍ନ କ୍ଷେତ୍ରରେ ଉକ୍ତ ପୁଞ୍ଜି ବିନିଯୋଗ ହେବ। ବୁଧବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୧୩୦ତମ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁସିଏ) ବୈଠକରେ ଉକ୍ତ ପ୍ରକଳ୍ପକୁ ଅନୁମୋଦନ ମିଳିଛି। ସେହି ପ୍ରକଳ୍ପଗୁଡ଼ିକ ମୟୂରଭଞ୍ଜ, ସୁନ୍ଦରଗଡ଼, ସମ୍ବଲପୁର, କେନ୍ଦୁଝର, ଗଞ୍ଜାମ, ଜଗତ୍‌ସିଂହପୁର, ଖୋର୍ଦ୍ଧା, ଝାରସୁଗୁଡ଼ା, ବୌଦ୍ଧ, କୋରାପୁଟ, ବାଲେଶ୍ୱର, କଟକ, ଭଦ୍ରକ ଓ ପୁରୀ ଆଦି ୧୪ଟି ଜିଲାରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ।

**ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁସିଏ ବୈଠକ**

ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ, ମୟୂରଭଞ୍ଜରେ ଜିଏମ୍ ଆଇରନ୍ ଆଣ୍ଡ ଷ୍ଟିଲ୍ କମ୍ପାନୀ ଲିମିଟେଡ୍ ୭୪୫ କୋଟି ଟଙ୍କା ବିନିଯୋଗରେ ବାର୍ଷିକ ୦.୨୩ ନିୟୁତ ଟନ୍ ସମନ୍ୱିତ ଇସ୍ପାତ କାରଖାନା ସହ ୪୫ ମେଗାୱାଟ୍‌ର ସିପିପି ପ୍ରତିଷ୍ଠା କରିବ। ସେହିପରି ଶ୍ରୀ ଗଣେଶ ମେଟାଲିକ୍ସ ଲିମିଟେଡ୍ ୬୦୪.୯୯ କୋଟି ଟଙ୍କା ବ୍ୟୟରେ ସୁନ୍ଦରଗଡ଼ରେ ଇସ୍ପାତ କାରଖାନାକୁ ସମ୍ପ୍ରସାରଣ କରିବାକୁ ଥିବାବେଳେ ଟାଇମ୍ସ ଷ୍ଟିଲ୍ ଆଣ୍ଡ ପାୱାର ପ୍ରାଇଭେଟ୍ ଲିମିଟେଡ୍ ସୁନ୍ଦରଗଡ଼ରେ ୪୩୨.୫୦ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ଜୈନଧର୍ମରେ ମହିଳାଙ୍କ ଭୂମିକା

# ପହଣ୍ଡି ବିଭ୍ରାଟ: ତଦନ୍ତ କରିବ ୩ ଜଣିଆ କମିଟି

**୧୪ରେ ରତ୍ନଭଣ୍ଡାର ଖୋଲିବାକୁ ସୁପାରିସ**

**ପୁରୀ,୧୦।୭ (ଅଜିତ୍ କୁମାର ମହାନ୍ତି)**

ବଡ଼ଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତନିବାସରେ ଶ୍ରୀମନ୍ଦିର ପରିଚାଳନା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବୁଧବାର ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଭୁ ବଳଭଦ୍ରଙ୍କ ଆଡ଼ପ ପହଣ୍ଡି ସମୟରେ ଘଟିଥିବା ବଡ଼ ବିଭ୍ରାଟକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଛି। ଆଡ଼ପ ପହଣ୍ଡି ସମୟର ଅଘଟଣ ଏବଂ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବା ନେଇ କମିଟି ପକ୍ଷରୁ ଦିଆଯାଇଥିବା ଏସ୍‌ଓପି ପ୍ରସଙ୍ଗରେ ବୈଠକରେ ☞ପୃଷ୍ଠା-୨

### ସାମାନ୍ୟ ଅସୁବିଧା, ଲୀଳାମୟଙ୍କ ଲୀଳା

**ଭୁବନେଶ୍ୱର,୧୦।୭(ସୁନିତ୍ ମିଶ୍ର)**

ପୁରୀରେ ବଡ଼ଠାକୁର ବଳଭଦ୍ରଙ୍କୁ ଆଡ଼ପ ବିଜେ ବେଳେ ଚାରମାଳ ଉପରୁ ସେବାୟତମାନେ ତଳେ ପକାଇଦେବା ଘଟଣା ନେଇ ସବୁଆଡ଼େ ଚର୍ଚ୍ଚା ଲାଗି ରହିଛି। ଏଥିପାଇଁ କେଉଁମାନେ ଦାୟୀ ଏବଂ ଏହାର ତଦନ୍ତ ଉଚିତ ଭାବେ କରାଯିବା ଦରକାର ବୋଲି ବିରୋଧୀ ଅଭିଯୋଗ କରୁଥିବା ବେଳେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହା ସାମାନ୍ୟ ଅସୁବିଧା ବୋଲି କହିବା କଥାକୁ ନେଇ ରାଜନୀତି ଆହୁରି ଜୋର୍ ଧରିଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ଏହା ଲୀଳାମୟଙ୍କ ଲୀଳା ବୋଲି ଭାବିବା। ପ୍ରଭୁ ଖସିଲେ, ହେଲେ କାହାରି କିଛି ହେଲାନାହିଁ। ତା’ପରେ ନୀତିକାନ୍ତି ଯେମିତି ହୋଇ ପୁଣି ସବୁକଥା ସାଧାରଣ ଭାବେ ଯାହା ହେବା କଥା ହେଲା। ତେଣୁ ଆମ ଠାକୁରଙ୍କ ଲୀଳା ଅପାର, ଜଗନ୍ନାଥ ସଂସ୍କୃତିର ବିଶାରଦମାନେ ଅଧିକ ଜାଣିଥିବେ। ସେବାୟତମାନଙ୍କର ବିଶେଷ କିଛି ହୋଇନାହିଁ। ସବୁ ପ୍ରଭୁଙ୍କ ଆଶୀର୍ବାଦ, ଆହତମାନେ ମଧ୍ୟ ପୁଣି ଥରେ ଦୌଡ଼ିଯାଇ ଯେମିତି ନୀତିକାନ୍ତି କରିବା କଥା କରିଛନ୍ତି। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ରଥଯାତ୍ରାକୁ ସେବାୟତମାନେ ☞ପୃଷ୍ଠା-୨

# ମହିଳା ଆଇଆର୍‌ଏସ୍ ଅଫିସର ପୁରୁଷ ହେଲେ

**ନୂଆଦିଲ୍ଲୀ,୧୦।୭(ଆଇଏଏନ୍‌ଏସ୍)**

ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍)ର ଜଣେ ମହିଳା ଅଫିସର ନିଜ ଲିଙ୍ଗ ଓ ନାମ ପରିବର୍ତ୍ତନ କରି ପୁରୁଷ ହୋଇଯାଇଛନ୍ତି। ହାଇଦ୍ରାବାଦର ଏକ୍ସାଇଜ୍ ଆଣ୍ଡ୍ ସର୍ଭିସ୍ ଟ୍ୟାକ୍ସ ଆପିଲେଟ୍ ଟ୍ରିବ୍ୟୁନାଲ (ସିଇଏସ୍‌ଟିଏଟି)ର ଆଞ୍ଚଳିକ ଶାଖାରେ ଜଏଣ୍ଟ କମିଶନର ଭାବେ କାର୍ଯ୍ୟରତ ଏମ୍. ଅନସୂୟାଙ୍କ ଏହି ପଦକ୍ଷେପକୁ ଅର୍ଥ ମନ୍ତ୍ରଣାଳୟ ସ୍ୱୀକୃତି ପ୍ରଦାନ କରିଛି। ଭାରତୀୟ ସିଭିଲ୍ ସର୍ଭିସ୍‌ରେ ଏହାକୁ ପ୍ରଥମ ଲିଙ୍ଗ ପରିବର୍ତ୍ତନ ବୋଲି କୁହାଯାଉଛି। ୩୫ ବର୍ଷୀୟା ଏମ୍. ଅନସୂୟା ଲିଙ୍ଗ ପରିବର୍ତ୍ତନ କରିବା ପରେ ନିଜ ନାମ ଏମ୍. ଅନୁକାଥିର ସୂର୍ଯ୍ୟା ରଖିଛନ୍ତି। ଏପରି କି ସେ ସମସ୍ତ ସରକାରୀ ରେକର୍ଡରେ ନୂଆ ନାମରେ ପରିଚିତ ହେବା ପାଇଁ ଅର୍ଥ ମନ୍ତ୍ରଣାଳୟକୁ ଅନୁରୋଧ କରିଥିଲେ। ମନ୍ତ୍ରଣାଳୟ ଏହାକୁ ଗ୍ରହଣ କରିଛି ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ଶନିବାର ପ୍ରକାଶିତ ଏକ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଅନୁସୂୟା ୨୦୧୩ ଡିସେମ୍ବରରେ ଚେନ୍ନାଇରେ ଆସିଷ୍ଟାଣ୍ଟ କମିଶନର ଭାବେ କ୍ୟାରିୟର ଆରମ୍ଭ କରିଥିଲେ। ୨୦୧୮ରେ ସେ ଡେପୁଟି କମିଶନର ପାହ୍ୟାକୁ ଉନ୍ନୀତ ହୋଇଥିଲେ। ଗତବର୍ଷ ତାଙ୍କୁ ସିଇଏସ୍‌ଟିଏଟି ଚିଫ୍ କମିଶନରଙ୍କ ଅଫିସରେ ଜଏଣ୍ଟ କମିଶନର ରୂପେ ଅବସ୍ଥାପିତ କରାଯାଇଥିଲା। ଅନସୂୟା ମାଡ୍ରାସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରୁ ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ କମ୍ୟୁନିକେଶନ୍‌ରେ ସ୍ନାତକ ଡିଗ୍ରୀ ହାସଲ ପରେ ୨୦୨୩ରେ ଭୋପାଳସ୍ଥିତ ନ୍ୟାଶନାଲ ଲ’ ଇନ୍‌ଷ୍ଟିଚ୍ୟୁଟ୍ ୟୁନିଭର୍ସିଟିରୁ ସାଇବର ଲ’ ଏବଂ ସାଇବର ଫରେନ୍‌ସିକ୍ସରେ ପିଜି ଡିପ୍ଲୋମା କରିଥିଲେ। ପ୍ରକାଶ ଯେ, ୨୦୧୪ ଏପ୍ରିଲ ୧୫ରେ ସୁପ୍ରିମକୋର୍ଟ ନ୍ୟାଶନାଲ ଲିଗାଲ ସର୍ଭିସେସ୍ ଅଥରିଟି (ଏନ୍‌ଏଲ୍‌ଏସ୍‌ଏ) ମାମଲାରେ ତୃତୀୟ ଲିଙ୍ଗକୁ ସ୍ୱୀକୃତି ପ୍ରଦାନ ପୂର୍ବକ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ। ଜଣେ ବ୍ୟକ୍ତି ସେକ୍ସ ରିଆସାଇନ୍‌ମେଣ୍ଟ ସର୍ଜରି (ଏସ୍‌ଆର୍‌ଏସ୍) ଦ୍ୱାରା ଅସ୍ତ୍ରୋପଚାର କରାନ୍ତୁ କି ନ କରାନ୍ତୁ ଲିଙ୍ଗଗତ ପରିଚୟ ଏକ ବ୍ୟକ୍ତିଗତ ପସନ୍ଦ। କାରଣ ଭାରତୀୟ ସମ୍ବିଧାନ ତୃତୀୟ ଲିଙ୍ଗୀମାନଙ୍କୁ ସସମ୍ମାନେ ଜୀବନ ଧାରଣର ଅଧିକାର ଦେଇଛି। ସେମାନଙ୍କୁ ସ୍ୱୀକୃତି ଦେବା ଏକ ସାମ୍ବିଧାନିକ କର୍ତ୍ତବ୍ୟ ବୋଲି ସର୍ବୋଚ୍ଚ ଅଦାଲତ ସେତେବେଳେ ସ୍ପଷ୍ଟ କରିଥିଲେ।



ଏମ୍. ଅନୁକାଥିର ସୂର୍ଯ୍ୟା

**ଆଜିର ମନ୍ତବ୍ୟ** ଭାଜପାର ଶିକ୍ଷା ବିରୋଧୀ ମାନସିକତା ଯୋଗୁ ବେକାରି ସମସ୍ୟା ବଢ଼ିବାରେ ଲାଗିଥିବାବେଳେ ନିରୁତ୍ସାହିତ ଯୁବପିଢ଼ିଙ୍କ ଭବିଷ୍ୟତ ଅନ୍ଧକାର ଭିତରକୁ ଠେଲି ହୋଇଯାଇଛି। **–ରାହୁଲ ଗାନ୍ଧୀ, ଲୋକ ସଭାର ବିରୋଧୀ ଦଳ ନେତା**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସିଟୁ ଭୁବନେଶ୍ୱର ଶାଖା ପକ୍ଷରୁ ଶ୍ରମିକଙ୍କ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଏଡିଏମ୍ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା ୩୦।
- 'ଚାଷ ଚାଷୀ ଓଡ଼ିଶା' ପୁସ୍ତକ ଉନ୍ମୋଚନ ସମାରୋହ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫ଟା ୪୫।
- ଦିବ୍ୟ ଅନ୍ୱେଷା ଭୁବନେଶ୍ୱର ଆନୁକୂଲ୍ୟରେ ଅନନ୍ୟ ଭକ୍ତି ବର୍ତ୍ତାଳି 'ପ୍ରପନ୍ନର ପାରିଜାତ', ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ଶନି ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ସୋହରିଆ, ସମୟ: ସକାଳ ୮ଟା।
- ହେରାପଞ୍ଚମୀ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ମାଉସୀ ମା' ମନ୍ଦିର, ରେମୁଣା, ବାଲେଶ୍ୱର, ସମୟ: ସକାଳ ୮ଟା ୩୦।
- ଭୋଗରାଇ ରକ୍ତଦାନ ଶିବିର, ସ୍ଥାନ: ଦେହୁର୍ଦ୍ଦା ପ୍ରାଥମିକ ବିଦ୍ୟାଳୟ ପରିସର, ଭୋଗରାଇ, ସମୟ: ସକାଳ ୯ଟା।
- ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ, ନୂଆପାଢ଼ୀ, ରେମୁଣା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ତୁଳସୀ ଅଭିଷେକ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପପୁଲେଶନ ଡେ ପାଳନ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ, ନୂଆପାଢ଼ୀ, ରେମୁଣା, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ସାହିତ୍ୟ ଆସର, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ, ନୂଆପାଢ଼ୀ, ରେମୁଣା, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।
- ରାସଲୀଳା ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମେଳା ପଡ଼ିଆ, ରେମୁଣା, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ, ନୂଆପାଢ଼ୀ, ରେମୁଣା, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।
- ହେରା ପଞ୍ଚମୀ – ମହାଲକ୍ଷ୍ମୀଙ୍କ ଗୁଣ୍ଡିଚା ମନ୍ଦିରକୁ ବିଜେ, ସ୍ଥାନ: ଶ୍ରୀଗୁଣ୍ଡିଚା ମନ୍ଦିର, ନୀଳଗିରି, ସମୟ: ରାତି ୮ଟା।
- ସେବା ଆରତୀ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ବାଲେଶ୍ୱର, ସମୟ: ରାତି ୮ଟା ୪୫।
- ଲକ୍ଷ୍ମୀନାରାୟଣ ବେଶ ଦର୍ଶନ, ସ୍ଥାନ: ଶ୍ରୀଗୁଣ୍ଡିଚା ମନ୍ଦିର, ନୀଳଗିରି, ସମୟ: ରାତି ୯ଟା।

## ମୟୂରଭଞ୍ଜ

- ଚାରା ରୋପଣ କାର୍ଯ୍ୟକ୍ରମ, ସ୍ଥାନ: ପାଟପୁର ଏସ୍ଏସ୍ଡି ବାଳିକା ଉଚ୍ଚ ବିଦ୍ୟାଳୟ, ଚିତ୍ରଡ଼ା, ମୋରଡ଼ା ବ୍ଲକ, ସମୟ: ସକାଳ ୯ଟା ।
- କ୍ରିକେଟ ଖେଳାଳି ଶୁଭଦତ୍ତଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁକୁ ନେଇ କ୍ରିକେଟ ଆସୋସିଏସନ ପକ୍ଷରୁ ଶୋକସଭା, ସ୍ଥାନ: ସ୍ନେହା ତୁଳସୀ କଲ୍ୟାଣ ମଣ୍ଡପ ଉଦଳା, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ଶ୍ରୀ ହରିବଳଦେବଜୀଉ ବିଜେଙ୍କ ହରିହର ବେଶ, ସ୍ଥାନ: ମାଉସୀ ମା' ମନ୍ଦିର, ବାରିପଦା, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀ ଶ୍ରୀ ହରିବଳଦେବଜୀଉ ବିଜେଙ୍କ ହେରା ପଞ୍ଚମୀ ଭେଟ, ସ୍ଥାନ: ମାଉସୀ ମା' ମନ୍ଦିର ବାରିପଦା, ସମୟ: ରାତି ୯ଟା ୩୦।

## ଭଦ୍ରକ

- ତାଡ଼କେଶ୍ୱର ମନ୍ଦିର ପୂଜା ଉତ୍ସବ, ସ୍ଥାନ: ଏକଡାଳ, ବାହାବଲପୁର, ତିହିଡ଼ି, ସମୟ: ସକାଳ ୭ଟା।
- ଶ୍ରୀ ଶ୍ରୀ ଲକ୍ଷ୍ମୀନାରାୟଣ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅବସରରେ ଘଟୋତ୍ତଳନ, ସ୍ଥାନ: ଚନ୍ଦନପୁର, ବେତଡ଼ା, ବାସୁଦେବପୁର, ସମୟ: ସକାଳ ୯ଟା।
- ବିପ୍ଳବୀ ଚକ୍ରଧର ବେହେରାଙ୍କ ଜୟନ୍ତୀ ଉପଲକ୍ଷେ ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀଗୁଣ୍ଡିଚା ମନ୍ଦିରରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ନାରାୟଣପୁର, ଦଇପୁର ପଞ୍ଚାୟତ, ଧାମନଗର, ସମୟ: ରାତି ୮ଟା।

## କେନ୍ଦୁଝର

- ମା' ତାରିଣୀ ମନ୍ଦିର ଏବଂ ବିଗ୍ରହ ପ୍ରତିଷ୍ଠା, ଘଟ ଉତ୍ତୋଳନ ଏବଂ ରତ୍ନ ମୁଦ କାର୍ଯ୍ୟକ୍ରମ, ସ୍ଥାନ: ଇଂଚୋଳ, ହାଟଡ଼ିହୀ, ସମୟ: ସକାଳ ୬ ଟା।
- ମା' ସନ୍ତୋଷୀ ଏବଂ ବାବା ଗଙ୍ଗେଶ୍ୱରଙ୍କ ଦେବାଳୟ, ଦେବତା ପ୍ରତିଷ୍ଠା ଉତ୍ସବ, ଶୁଭ ଅଧିବାସ, କଳସ ଯାତ୍ରା, ସ୍ଥାନ: ଗଳିଗୋପାଳପୁର, ହାଟଡିହୀ, ସମୟ: ସକାଳ ୭ ଟା।
- ଶନି ଗ୍ରହଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ:ସଢ଼ା, ହାଟଡିହୀ, ସମୟ: ସକାଳ ୭ ଟା।
- ହେରା ପଞ୍ଚମୀ ଉତ୍ସବ, ସ୍ଥାନ: କଳିଙ୍ଗା, ଶାଳନିଆ, ଢେଙ୍କା, ବଂଚୋ, ହାଟଡ଼ିହୀ, ସମୟ: ଅପରାହ୍ନ ୫ ଟା।

## ବ୍ରହ୍ମପୁର

- ସିଆଇଟିୟୁ ଗଞ୍ଜାମ ଜିଲା କମିଟି ପକ୍ଷରୁ ଧାରଣା, ସ୍ଥାନ:ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ

- ବିଶ୍ୱ ଜନସଂଖ୍ୟା ଦିବସ ପାଳନ, ସ୍ଥାନ: ବେଲଗୁଣ୍ଠା ବ୍ଲକ ଗାଙ୍ଗପୁର, ସମୟ: ପୂର୍ବାହ୍ନ ୧୧ ଟା।
- ଶିକ୍ଷକ ତାଲିମ ଶିବିର ଉଦଘାଟନ, ସ୍ଥାନ: ଭଞ୍ଜନଗର ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା।

## ରାୟଗଡ଼ା

- ଶ୍ରୀଜୀଉଙ୍କ ନୃସିଂହ ଅବତାର, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରାୟଗଡ଼ା, ସମୟ: ସକାଳ ୬ଟା।
- ଗୁଣପୁର ଓକିଲ ସଂଘ ପକ୍ଷରୁ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ଗୁଣପୁର ନିକଟ ମୀନା ବଜାର ପଡିଆ, ସମୟ: ସକାଳ ୭ଟା ୩୦।
- ଶ୍ରୀ ଗିରି ଗୋବର୍ଦ୍ଧନ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଯୋଗଦାନ, ସ୍ଥାନ: କାଶୀପୁର ସଦର ମହକୁମା, ସମୟ: ସକାଳ ୯ଟା ୨୦।
- ଉପ ମୁଖ୍ୟମନ୍ତ୍ରୀଙ୍କ ସ୍ୱାଗତ ଉଦ୍ଦେଶ୍ୟରେ ବାଇକ ରାଲି, ସ୍ଥାନ: କାଶୀପୁର ଅସ୍ଥାୟୀ ହେଲିପ୍ୟାଡଠାରୁ ହନୁମାନ ମନ୍ଦିର, ସମୟ: ସକାଳ ୯ଟା ୩୦।
- ଉପମୁଖ୍ୟମନ୍ତ୍ରୀଙ୍କର ଜନସମାବେଶକୁ ଉଦବୋଧନ, ସ୍ଥାନ: କାଶୀପୁର ଗ୍ରାମ ପଡିଆ, ସମୟ: ପୂର୍ବାହ୍ନ ୧୦ଟା ୨୦।
- ମା' ଲକ୍ଷ୍ମୀଙ୍କ ଗୁଣ୍ଡିଚା ଆଗମନ ଏବଂ ବଚନିକା ପରେ ରଥ ଭାଙ୍ଗି ପ୍ରତ୍ୟାବର୍ତ୍ତନ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ମିଶନ ଶକ୍ତି ବିଭାଗର ସମୀକ୍ଷା ବୈଠକ, ସ୍ଥାନ: କାଶୀପୁର ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।

## କୋରାପୁଟ

- ରକ୍ତଦାନ ଶିବିର, ସ୍ଥାନ : କୋରାପୁଟ ପ୍ରେସ୍ କ୍ଲବ, ସମୟ : ସକାଳ ୮ଟା।
- ବିଶ୍ୱ ଜନସଂଖ୍ୟା ଦିବସ ପାଳନ, ସ୍ଥାନ: ସିଡିଏମଓଙ୍କ କାର୍ଯ୍ୟାଳୟ, କୋରାପୁଟସମୟ : ମଧ୍ୟାହ୍ନ ୧୨ଟା।
- ମହାପ୍ରଭୁଙ୍କ ଲକ୍ଷ୍ମୀ ନୃସିଂହ ବେଶ,ସ୍ଥାନ: ଶ୍ରୀ ଗୁଣ୍ଡିଚା ମନ୍ଦିର, କୋରାପୁଟ, ସମୟ : ସନ୍ଧ୍ୟା: ୬ଟା।
- ଶ୍ରୀ ଗୁଣ୍ଡିଚା ମନ୍ଦିରରେ ହେରା ପଞ୍ଚମୀ ନୀତି, ସ୍ଥାନ: ଶ୍ରୀ ଗୁଣ୍ଡିଚା ମନ୍ଦିର, କୋରାପୁଟ, ସମୟ: ରାତି ୮ଟା।

## ନବରଙ୍ଗପୁର

- ଖାଦ୍ୟ ଆୟୋଗଙ୍କ କ୍ଷେତ୍ର ପରିଦର୍ଶନ, ସ୍ଥାନ: ପାପଡାହାଣ୍ଡି ବ୍ଲକ, ସମୟ: ସକାଳ ୯ଟା। ସମୀକ୍ଷା ବୈଠକ, ସ୍ଥାନ: ପାପଡାହାଣ୍ଡି ବ୍ଲକ ଅଫିସ, ସମୟ: ଅପରାହ୍ନ ୩ଟା।
- ଅତିରିକ୍ତ ଶ୍ରେଣୀ ଗୃହ ଉଦ୍‌ଘାଟନ, ସ୍ଥାନ: ମୋଞ୍ଜର,ନବରଙ୍ଗପୁର ବ୍ଲକ୍, ସମୟ: ପୂର୍ବାହ୍ନ ୧୧ଟା।
- ରାମ ମନ୍ଦିର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତ ସ୍ଥାପନ, ସ୍ଥାନ: କୋଷାଗୁମୁଡା, ସମୟ: ମଧ୍ୟାହ୍ନ ୧୨ଟା।

## ସମ୍ବଲପୁର

- ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ : ଚର୍ଚ୍ଚ ଛକ ସ୍ଥିତ ୱେଲନେସ ସେଣ୍ଟର, ସକାଳ: ୮ଟା।
- ବ୍ରହ୍ମପୁରା ଠାକୁରଙ୍କ କୃଷ୍ଣ ଓ ବଳରାମ ବେଶ, ସ୍ଥାନ : ଝାଡୁଆପଡ଼ା ସ୍ଥିତ ମାଉସୀ ମା' ମନ୍ଦିର, ସମୟ : ସନ୍ଧ୍ୟା ୭ଟା ।
- ଭକ୍ତି ସଙ୍ଗୀତ ସମାରୋହ, ସ୍ଥାନ : ସାକ୍ଷୀଗୋପୀନାଥ ପଡା ସ୍ଥିତ ରାଧାମଦନ ଗୋପାଳ ମନ୍ଦିର, ସମୟ : ସନ୍ଧ୍ୟା ୭ଟା ।
- ଲକ୍ଷ୍ମୀ ଦେବୀଙ୍କ ଆଗମନ କାର୍ଯ୍ୟକ୍ରମ, ସ୍ଥାନ : ଗୋବିନ୍ଦଟୋଲ ମାଉସୀ ମା' ମନ୍ଦିର ସମ୍ମୁଖ ,ସମୟ : ସନ୍ଧ୍ୟା ୭ଟା।
- ହୁତାପଡା ଠାକୁରଙ୍କ କୃଷ୍ଣ ବଳରାମ ବେଶ, ସ୍ଥାନ : କୁଞ୍ଜେଲପଡା ସ୍ଥିତ ମାଉସୀ ମା' ମନ୍ଦିର, ସମୟ : ସନ୍ଧ୍ୟା ୭ଟା ।
- ହେରା ପଞ୍ଚମୀ ତିଥିରେ ଠାକୁରଙ୍କ ଲକ୍ଷ୍ମୀ ନୃସିଂହ ଅବତାର, ସ୍ଥାନ : ଜଗନ୍ନାଥ କଲୋନୀ ସ୍ଥିତ ଜଗନ୍ନାଥ ମନ୍ଦିର ପରିସର, ସମୟ : ସନ୍ଧ୍ୟା ୭ଟା ।

## ବଲାଙ୍ଗୀର

- ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ ନାଗରିକ ସମ୍ବର୍ଦ୍ଧନା, ସ୍ଥାନ: ପୁଇଁତଲା, ସମୟ: ଅପରାହ୍ନ ୩ଟା ୩୦।
- କୃଷି, ଶକ୍ତି ଓ ଅନ୍ୟାନ୍ୟ ଲାଇନ୍ ବିଭାଗର ସମୀକ୍ଷା ବୈଠକ, ସ୍ଥାନ: ଡିଏଫ୍ଓ କନ୍‌ଫରେନ୍ସ ହଲ, ବଲାଙ୍ଗୀର, ସମୟ: ଅପରାହ୍ନ ୪ଟା
- ହେରା ପଞ୍ଚାମୀ ଉପଲକ୍ଷେ ପଞ୍ଚମ ପକ୍ଷରୁ ଭଜନ ସମାରୋହ, ସ୍ଥାନ: ରାଧାକୃଷ୍ଣ ମନ୍ଦିର (ହସ୍ପିଟାଲ ପାଖ), ବଲାଙ୍ଗୀର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ସୁବର୍ଣ୍ଣପୁରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଡୁଙ୍ଗୁରିପାଲି ବ୍ଲକ ପହଣ୍ଡି ଯୁକ୍ତ ୨ କାଶୀନାଥ ମହାବିଦ୍ୟାଳୟରେ ଗୃହ ପ୍ରବେଶ ଉତ୍ସବ, ସ୍ଥାନ: ପହଣ୍ଡି ସ୍ଥିତ ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ସୋନପୁର ଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉଙ୍କ ରାମ ବଳରାମ ଅବତାର, ସ୍ଥାନ: ଗୁଣ୍ଡିଚା ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ସୋନପୁର ବୃନ୍ଦାବନ ବିହାରୀ ମନ୍ଦିରରେ ଶ୍ରୀଜୀଉଙ୍କ ରାମ ଅବତାର, ସ୍ଥାନ: ବୃନ୍ଦାବନ ବିହାରୀ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ମହାପ୍ରଭୁ ଜଗନ୍ନାଥଙ୍କ ପୂଜାର୍ଚ୍ଚନା, ସ୍ଥାନ: କାଠଡ଼େରା, ଅତାବିରା, ସମୟ: ସକାଳ ୭ଟା।
- ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା(କୌଶଳୀ), ସ୍ଥାନ: ସରକାରୀ ହାଇସ୍କୁଲ, କମଗାଁ, ଭଟଲି। ସୂର୍ଯ୍ୟମଣି ଜନତା ହାଇସ୍କୁଲ, ଭେଡ଼େନ। ସରକାରୀ ବାଳିକା ହାଇସ୍କୁଲ, ବରଗଡ଼। ୟୁ.ଜି ହାଇସ୍କୁଲ, କନାପାଲି, ସୋହେଲା, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା

- ତଦନ୍ତ ଟିମର ଯାଞ୍ଚ କାର୍ଯ୍ୟ, ସ୍ଥାନ: ଆରଜିଏଚ୍, ସମୟ: ପୂର୍ବାହ୍ନ ୧୦ଟା।
- ସିଟୁର ବିକ୍ଷୋଭ: ସ୍ଥାନ:ଏଡିଏମ୍ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା ୩୦।
- ହେରାପଞ୍ଚମୀ ଅବସରରେ ଲକ୍ଷ୍ମୀନାରାୟଣ କଳି, ସ୍ଥାନ: ଝିରପାଣି ଗୁଣ୍ଡିଚା ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ହେରାପଞ୍ଚମୀ ଅବସରରେ ଭଜନ କାର୍ଯ୍ୟକ୍ରମ, ସ୍ଥାନ:ସେକ୍ଟର–୫ଗୁଣ୍ଡିଚା ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼

- ବ୍ୟବସାୟିକ ଛତୁ ଚାଷ ସମ୍ପର୍କରେ ତାଲିମ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ବିଶ୍ୱ ଜନସଂଖ୍ୟା ଦିବସ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରଥଯାତ୍ରା ଉପଲକ୍ଷେ ଭଜନ ସନ୍ଧ୍ୟା, ସ୍ଥାନ: ଜଳସେଚନ କଲୋନି ରାଧାମୋହନ ମନ୍ଦିର ପ୍ରାଙ୍ଗଣ ନୂଆପଡ଼ା, ସମୟ: ସନ୍ଧ୍ୟା ୭ଟା।

## ବୌଦ୍ଧ

- ଜିଲାସ୍ତରୀୟ ଶିଶୁଙ୍କ ଓଜନ ଓ ଉଚ୍ଚତା ନିରୀକ୍ଷଣ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ବୌଦ୍ଧ, ସମୟ: ସକାଳ ୯ଟା।
- ଲିଙ୍ଗ ନିରୂପଣ ରୋକିବା ନେଇ ଉପଦେଷ୍ଟା ମଣ୍ଡଳୀ ବୈଠକ, ସ୍ଥାନ: ଜିଲାପାଳଙ୍କ ସଭାଗୃହ, ବୌଦ୍ଧ , ସମୟ: ଅପରାହ୍ନ ୧୨ଟା ୩୦।
- ଘଣ୍ଟାପଡା ମାଉସୀ ମା' ମନ୍ଦିରରେ ଶ୍ରୀଜୀଉଙ୍କ ବାମନ ଅବତାର, ସ୍ଥାନ: ଘଣ୍ଟାପଡା ମାଉସୀ ମା' ମନ୍ଦିର, କଣ୍ଟାମାଳ, ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା

- ଜିଲା ହିନ୍ଦୁ ଏକତା ମଞ୍ଚ ଅଫିସ ଉଦ୍‌ଘାଟନ, ସ୍ଥାନ: ସହରସ୍ଥିତ ୱାର୍ଡ ନମ୍ବର ୧, ସମୟ: ସକାଳ ୯ଟା।
- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା ସହ ଆଳତି, ସ୍ଥାନ: ସହରସ୍ଥିତ ଗାୟତ୍ରୀ ମନ୍ଦିର, ସମୟ: ସକାଳ ୯ଟା୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚନ୍ଦ୍ର ପୂର୍ବାଫାଲ୍‌ଗୁନୀ ନକ୍ଷତ୍ରରେ ରହି କର୍ମକ୍ଷେତ୍ରରେ କେତେକ ଅପ୍ରୀତିକର ପରିସ୍ଥିତିକୁ ସଜାଡ଼ି ନେବାରେ ସାହାଯ୍ୟ କରିବେ। ବନ୍ଧୁ ଓ ପରିବାର ସହ ସୁସମ୍ପର୍କ ସ୍ଥାପନ କ୍ଷେତ୍ରରେ ସମୟ ଅନୁକୂଳ ରହିବ। ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ଅନୁତପ୍ତ ହେବେ। ସାମାନ୍ୟ ଚେଷ୍ଟା ଦ୍ୱାରା ଯେଉଁଥିପାଇଁ ଚିନ୍ତିତ ଥିଲେ ଆଜି ତାହା ପାଇବେ।

**ବୃଷ** ତୃତୀୟରେ ବୁଧ ଓ ଶୁକ୍ରଙ୍କ ସଂଯୋଗରୁ ପଡ଼ୋଶୀ ସହଯୋଗର ହାତ ବଢ଼ାଇବା କାରଣରୁ କୌଣସି କାମ ଅଟକିବ ନାହିଁ। କାର୍ଯ୍ୟବ୍ୟସ୍ତ ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ଆନୁଷ୍ଠାନିକ କାମରେ ଯାଇ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ମାତ୍ର ଘରୋଇ କ୍ଷେତ୍ରରେ ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ।

**ମିଥୁନ** ବୁଧ ଧନସ୍ଥାନରେ ଥିବାରୁ କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। କଳା, ସାହିତ୍ୟ, ରାଜନୀତି, ସଙ୍ଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସିତ ହେବେ। ସ୍ତ୍ରୀଙ୍କ ସୌହାର୍ଦ୍ଦ୍ୟରୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ। ମାନସିକ ଦୁଶ୍ଚିନ୍ତା କାରଣରୁ ରକ୍ତଚାପ ମଧ୍ୟ ବଢ଼ିଯାଇପାରେ।

**କର୍କଟ** କର୍ମଭାବସ୍ଥ ମଙ୍ଗଳ ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ମନ କଥା ମନରେ ରଖି କାମକଲେ ଉପକୃତ ହେବେ। ଭାଇ, ବନ୍ଧୁ ଓ କୁଟୁମ୍ବଙ୍କ ସହ ସାଧାରଣ କଥାରେ ପାଟିତୁଣ୍ଡ ହୋଇପାରେ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ବିଦ୍ରୋହ ଏବଂ ଅଶାନ୍ତି ବଢ଼ିବ। କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ପ୍ରତିଯୋଗିତାରେ ସଫଳତା ଅର୍ଜନ କରିବେ।

**ସିଂହ** ରାଶିରେ ଚନ୍ଦ୍ର ପ୍ରତି ଶନିଙ୍କ ଦୃଷ୍ଟି ହେତୁ ସ୍ୱାସ୍ଥ୍ୟ ଭଲ ରହି ନ ପାରେ। ପରିବାରର ଋଣଭାରରେ ଅତିଷ୍ଠ ହେବେ, କିନ୍ତୁ ପରିଶୋଧ କରିବାର ରାସ୍ତା ଖୋଜି ପାଇପାରିବେ ନାହିଁ। କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବାରେ ସମର୍ଥ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ ହୋଇଯିବ।

**କନ୍ୟା** କେତୁଙ୍କ ପ୍ରଭାବରେ ଜମା ପଡୁ ନ ଥିବା ବନ୍ଧୁ କିମ୍ବା ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲାଭଳି କଥା କହିପାରେ। ଅଧିକ ଆଶା ମନରେ ଦୁଃଖ ଦେଇପାରେ ଓ ଆଳସ୍ୟ ଯୋଗୁ ବନ୍ଧୁ ମହଲରେ ଅପମାନିତ ହୋଇପାରନ୍ତି। ସଭାସମିତିରେ କୌଣସି ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ତୁଳା** ମଙ୍ଗଳଙ୍କ ଦୃଷ୍ଟି ଯୋଗୁ ଆର୍ଥିକ ଅଭିବୃଦ୍ଧି ଘଟିବ ଏବଂ ଜମିଜମା ବିବାଦର ସମାଧାନ ହେବ। ଶତ୍ରୁ ପ୍ରତି ଧ୍ୟାନ ନ ରଖିଲେ ହଇରାଣ ହେବେ। ବନ୍ଧୁଟି ବାଟରୁ ଲେଉଟି ଆସିବ, ଫଳତଃ କାମ ସମ୍ପନ୍ନ କରିବାରେ ବ୍ୟସ୍ତତା ବଢ଼ିଯାଇପାରେ। ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହେବ ମାତ୍ର ଆପଣଙ୍କୁ ଅନ୍ୟମାନେ ସାହାଯ୍ୟ କରିବେ।

**ବିଛା** ବୃହସ୍ପତିଙ୍କ ଶୁଭଦୃଷ୍ଟିରୁ ଯାହା ଦୀର୍ଘଦିନ ହେଲା ହୋଇପାରି ନ ଥିଲା ଆଜି ତାହା ହୋଇଯିବ। ପରିବହନ, ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କରିବେ। ପରିବାର ସଦସ୍ୟଠାରୁ କିମ୍ବା ସହକର୍ମୀଙ୍କ ତରଫରୁ ସମସ୍ୟା ଆସିପାରେ। ଘରୋଇ ବ୍ୟାପାରରେ ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇଦେବ।

**ଧନୁ** ଶନିଙ୍କ ତୃତୀୟ ସ୍ଥିତିରୁ ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆପଣଙ୍କ କର୍ମକ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ପିଲାମାନଙ୍କ ସଫଳତାରେ ଆନନ୍ଦ ଅନୁଭବ କରିବେ। ବାଟରେ ଯିବା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ, ଏଣୁ ଗାଡ଼ି ପରଖି ନେବା ଭଲ ହେବ। ଚେଷ୍ଟା କରୁଥିବା କାମରେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ।

**ମକର** ଅନୁକୂଳ ଗ୍ରହ ସ୍ଥିତିରୁ କର୍ମକ୍ଷେତ୍ରରେ ଉପରିସ୍ଥମାନେ କାମ ହାସଲ ସକାଶେ ସହଯୋଗ ଲୋଡ଼ିପାରନ୍ତି। ପୂର୍ବ ରାଗ ଶୁଝାଇବାକୁ ଯାଇ ଶତ୍ରୁମାନେ ଝମେଲା ସୃଷ୍ଟି କରିପାରନ୍ତି। ଶିଳ୍ପ, ବ୍ୟବସାୟ, ପରିବହନ, ନିର୍ମାଣ ପ୍ରଭୃତିରୁ ସୁଫଳ ପାଇବେ। ଯାତ୍ରା ସମୟରେ ଅସାବଧାନତା ହେତୁ ଦ୍ରବ୍ୟନଷ୍ଟ କିମ୍ବା ଧନହାନି ଘଟିପାରେ।

**କୁମ୍ଭ** ଶନିଦୃଷ୍ଟ ଚନ୍ଦ୍ର ଯୋଗୁ ମନ ବିକ୍ଷିପ୍ତ ରହିଲେ ମଧ୍ୟ କାର୍ଯ୍ୟ ହାସଲରେ ପ୍ରତିବନ୍ଧକ ଦୂରେଇଯିବ। ପ୍ରତ୍ୟେକ କ୍ଷେତ୍ରରେ ବିଜୟଲାଭ କରିବେ। ପାରିବାରିକ ସମସ୍ୟାର ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। କଳା, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମୀନ** ଭାଗ୍ୟ ସ୍ଥାନରେ ବୃହସ୍ପତି ଥିବାରୁ ଯାହା ଚାହୁଁଛନ୍ତି ସହଜରେ ପାଇପାରିବେ। ପରିବାରରେ ପିଲାମାନଙ୍କ ସମସ୍ୟା ସମାଧାନ ପାଇଁ ସମ୍ପର୍କୀୟଙ୍କ ସହ ଆଲୋଚନା କରିବା ଭଲ ହେବ। କର୍ମକ୍ଷେତ୍ରରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ, ନତୁବା ସମସ୍ୟା ଉପୁଜିପାରେ।

ଆଜି ଜୁଲାଇ ୧୧ ତାରିଖ, ବିଶ୍ୱ ଜନସଂଖ୍ୟା ଦିବସ, ଆଷାଢ଼ ଶୁକ୍ଳ ୫ମୀଯୁକ୍ତ ଷଷ୍ଠୀ, ଗୁରୁବାର, ହେରାପଞ୍ଚମୀ, ରାଶି ନକ୍ଷତ୍ର– ପୂର୍ବାଫାଲ୍‌ଗୁନୀ/ ସିଂହ, ସକାଳ ଘ.୧୦।୦୪ମି. ଗତେ ଉତ୍ତରା ଫାଲ୍‌ଗୁନୀ ନକ୍ଷତ୍ର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୧୮ମି. ଗତେ ଘ.୦୬।୧୧ମି. ମଧ୍ୟେ, ଦିବା ଘ.୦୯।୪୧ମି. ଗତେ ଘ.୧୧।୨୫ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୧।୩୦ମି. ଗତେ ଘ.୦୩।୦୮ମି. ମଧ୍ୟେ ରାହୁକାଳ ॥

**ପ୍ରଥମ ପୃଷ୍ଠାରୁ...**

## ଓଡ଼ିଆ ଅସ୍ମିତା ...

ଚେୟାର ପ୍ରତିଷ୍ଠା, ଜିଲାସ୍ତରରେ ଇ–ଗ୍ରନ୍ଥାଳୟ ସ୍ଥାପନ ଏବଂ ସାଂସ୍କୃତିକ ଦଳ ପରିଚାଳନା ବ୍ୟବସ୍ଥା ଆଦି କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏଥିପାଇଁ ବିସ୍ତୃତ ମାର୍ଗଦର୍ଶିକା ପ୍ରସ୍ତୁତ କରିବାକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ଦିନରେ ଏହି ପାଣ୍ଠିର ପରିମାଣ ଆହୁରି ବୃଦ୍ଧି ହେବ। ଏହାଦ୍ୱାରା ଓଡ଼ିଆ ଅସ୍ମିତା ଉଜ୍ଜୀବିତ ହେବା ସହିତ ଓଡ଼ିଶାର କଳା, ସ୍ଥାପତ୍ୟ, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟର ପ୍ରଚାର ପ୍ରସାର କ୍ଷେତ୍ରରେ ପ୍ରୋତ୍ସାହନ ମିଳିପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ପିଏମ୍ କିଷାନରେ ସାମିଲ ...

ହୋଇପାରିବେ। ଏଥିପାଇଁ ସ୍ୱତନ୍ତ୍ର ଅଭିଯାନ ଗ୍ରହଣ କରାଯାଇ ସମସ୍ତ ଯୋଗ୍ୟ ହିତାଧିକାରୀମାନଙ୍କୁ ସାମିଲ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ବିଜେଡି ସରକାର ଅମଳରେ କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନ ଚାଷୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ୨୦୧୮–୧୯ରେ କାଳିଆ ଯୋଜନା ଆରମ୍ଭ ହୋଇଥିଲା। ଏହି ଯୋଜନାରେ ମୋଟ ୬୨.୪୯ ଲକ୍ଷ କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନ ଚାଷୀଙ୍କୁ ସାମିଲ କରାଯାଇଥିଲା। ସେହିପରି ରାଜ୍ୟର ମୋଟ ୨୭ ଲକ୍ଷ ୩ ହଜାର ୩୩୧ ଚାଷୀ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ସାମିଲ ହୋଇଛନ୍ତି। ପିଏମ୍ କିଷାନ ଯୋଜନାରେ କେନ୍ଦ୍ର ସରକାର ଚାଷୀଙ୍କୁ ୩ଟି କିସ୍ତିରେ ୬ ହଜାର ଟଙ୍କା ଦେଉଥିବାବେଳେ କାଳିଆ ଯୋଜନାରେ ଚାଷୀଙ୍କୁ ରାଜ୍ୟ ସରକାର ୨ଟି କିସ୍ତିରେ ୪ ହଜାର ଟଙ୍କା ଦେଉଥିଲେ। ତେବେ ପିଏମ୍ କିଷାନ ଯୋଜନାରେ ଭୂମିହୀନ ଚାଷୀଙ୍କୁ ସାମିଲ କରିବାର କୌଣସି ବ୍ୟବସ୍ଥା ନାହିଁ। କାଳିଆ ଯୋଜନାରେ ଥିବା ସେହି ଚାଷୀମାନେ ବାଦ୍ ପଡ଼ିବା ସମ୍ଭାବନା ରହିଛି।

## ମୁସଲମାନ ମହିଳା ...

ମୁସଲମାନ ମହିଳା (ଛାଡ଼ପତ୍ର ଅଧିକାରର ସୁରକ୍ଷା) ଆଇନ ଧର୍ମନିରପେକ୍ଷ ଆଇନ ଉପରେ ଆଧିପତ୍ୟ ଜାହିର କରେନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ଭରଣପୋଷଣ ଦାତବ୍ୟ ନୁହେଁ, ବରଂ ବିବାହିତ ମହିଳାଙ୍କ ଅଧିକାର ଏବଂ ଏହା ଧର୍ମ ନିର୍ବିଶେଷରେ ସବୁ ବିବାହିତ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ। ଫେବୃଆରୀ ୧୯ରେ ଖଣ୍ଡପୀଠ ଆବେଦନକାରୀଙ୍କ ଓକିଲ ୱାସିମ୍ କାଦ୍ରିଙ୍କ ଯୁକ୍ତି ଶୁଣିବା ପରେ ରାୟ ସଂରକ୍ଷିତ ରଖିଥିଲେ। ସିଆର୍‌ପିସିର ଧାରା ୧୨୫ ତୁଳନାରେ ୧୯୮୬ର ଆଇନ ମହିଳାମାନଙ୍କ ପାଇଁ ଅଧିକ ଲାଭଦାୟକ ବୋଲି କାଦ୍ରି ଯୁକ୍ତି ଦର୍ଶାଇଥିଲେ। କୋର୍ଟଙ୍କୁ ଏହି ମାମଲାରେ ସହାୟତା କରିବା ପାଇଁ ଆଇନଜୀବୀ ଗୌରବ ଅଗ୍ରୱାଲଙ୍କୁ ଆମିକସ୍ କ୍ୟୁରି ନିଯୁକ୍ତ କରାଯାଇଥିଲା। ସୂଚନାଯୋଗ୍ୟ, ଶାହ ବାନୋ ମାମଲାରେ ସୁପ୍ରିମକୋର୍ଟ ଏକ ଐତିହାସିକ ରାୟରେ ସିଆର୍‌ପିସିର ଧାରା ୧୨୫ ବ୍ୟବସ୍ଥା ମୁସଲମାନ ମହିଳାଙ୍କ ପାଇଁ ପ୍ରଯୁଜ୍ୟ ବୋଲି କହିଥିଲେ। ମୁସଲମାନ ମହିଳା (ଛାଡ଼ପତ୍ର ଅଧିକାର ସୁରକ୍ଷା) ଆଇନ, ୧୯୮୬ ଦ୍ୱାରା ଉକ୍ତ ରାୟକୁ ରଦ୍ଦ କରିଦେଇଥିବାବେଳେ ୨୦୦୧ରେ ଆଇନର ବୈଧତା କାଏମ ରହିଥିଲା।

## ସଡ଼କ ଦୁର୍ଘଟଣାରେ ...

ହୋଇଯାଇଥିଲା। ସୂଚନାଯୋଗ୍ୟ, କେନ୍ଦୁଝର ଜିଲାକୁ ବାହାଘର ଭୋଜିରେ ଯୋଗଦେବା ପାଇଁ କୋଇଡାର ଗୋଟିଏ ପରିବାର ୬ ଜଣ ସଦସ୍ୟ ମଙ୍ଗଳବାର ଏକ ସ୍କର୍ପିଓ ଓଏଚ୨୨୩୭ରେ ଯାଇଥିଲେ। ଭୋଜି ଖାଇ ରାତିରେ ଫେରୁଥିବା ବେଳେ ଜାତୀୟ ରାଜପଥ ରେଙ୍ଗାବେଡ଼ା ନିକଟରେ ଛିଡା ହୋଇଥିବା ଏକ ଟ୍ରକ ପଛରୁ ସ୍କର୍ପିଓ ଧକ୍କା ଦେଇଥିଲା।

## ପହଣ୍ଡି ବିଭ୍ରାଟ: ତଦନ୍ତ ...

ବିସ୍ତୃତ ଆଲୋଚନା କରାଯାଇଛି। ଆସନ୍ତା ୧୪ ତାରିଖରେ ରତ୍ନଭଣ୍ଡାର ଖୋଲିବା ନିମନ୍ତେ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ସେହିପରି ଆଡ଼ପ ପହଣ୍ଡି ଅଘଟଣର ତଦନ୍ତ ପାଇଁ ୩ ଜଣିଆ କମିଟି ଗଠନ କରାଯାଇଛି। ନୀଳାଦ୍ରି ବିଜେ ଶେଷ ପରେ ୧୦ ଦିନ ମଧ୍ୟରେ ରିପୋର୍ଟ ଦେବା ପାଇଁ ଉକ୍ତ କମିଟିକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀରବିକ୍ରମ ଯାଦବ ସୂଚନା ଦେଇ କହିଛନ୍ତି, ରତ୍ନଭଣ୍ଡାର ଏସ୍‌ଓପି ଉପରେ କିଛି ନୂତନ ପ୍ରସ୍ତାବ ସଂଯୋଗ କରାଯାଇଛି। ଉକ୍ତ ଏସ୍‌ଓପିକୁ ରାଜ୍ୟ ସରକାରଙ୍କ ନିକଟକୁ ପଠାଯାଇଛି। ସରକାର ଏହାକୁ ଅନୁମୋଦନ କରି ଅନୁମତି ଦେବା ପରେ ସମସ୍ତଙ୍କୁ ଜଣାଇ ଦିଆଯିବା ସହ ପଦକ୍ଷେପ ନିଆଯିବ। ୧୪ ତାରିଖରେ ରତ୍ନଭଣ୍ଡାର ଖୋଲିବା ନିମନ୍ତେ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ସରକାର ଅନୁମତି ଦେଲେ ରତ୍ନଭଣ୍ଡାର ଖୋଲାଯିବାକୁ ପଦକ୍ଷେପ ନିଆଯିବ ବୋଲି ଯାଦବ କହିଛନ୍ତି। ବଡ଼ଠାକୁରଙ୍କ ପହଣ୍ଡି ଅଘଟଣକୁ ନେଇ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଛି। ଘଟଣାକୁ ଗୁରୁତ୍ୱର ସହ ନେଇଛି ଶ୍ରୀମନ୍ଦିର ପ୍ରଶାସନ। ଏହି ଘଟଣାକୁ ନେଇ ମହାପ୍ରଭୁଙ୍କ ଆଦ୍ୟ ସେବକ ତଥା ଶ୍ରୀମନ୍ଦିର ପରିଚାଳନା କମିଟିର ଅଧ୍ୟକ୍ଷ ଗଜପତି ମହାରାଜା ଦିବ୍ୟସିଂହ ଦେବ ଦୁଃଖ ପ୍ରକାଶ କରିଛନ୍ତି। ଘଟଣାର ତଦନ୍ତ ପାଇଁ ୩ଜଣିଆ କମିଟି ଗଠନ କରାଯାଇଛି। ଅତିରିକ୍ତ ଜିଲାପାଳ (ଏଡିଏମ୍)ଙ୍କ ନେତୃତ୍ୱରେ ଗଠିତ ଏହି କମିଟିରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଓ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ସ୍ଥାନ ପାଇଛନ୍ତି। ଭିଡିଓ ଫୁଟେଜ ଯାଞ୍ଚ କରି ନୀଳାଦ୍ରି ବିଜେ ଶେଷ ପରେ ୧୦ ଦିନ ମଧ୍ୟରେ ରିପୋର୍ଟ ଦେବା ପାଇଁ ଉକ୍ତ କମିଟିକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଏଭଳି ଅଘଟଣ ଯେପରି ଆଗକୁ ନ ଘଟିବ ସେଥିପାଇଁ ଯତ୍ନବାନ ହେବାକୁ ବୈଠକରେ ଗୁରୁତ୍ୱ ଦିଆଯିବା ସହ ଆଗାମୀ ଦିନରେ ବାହୁଡ଼ା ପହଣ୍ଡି, ସୁନାବେଶ ଓ ନୀଳାଦ୍ରି ବିଜେ ନୀତି ଶୃଙ୍ଖଳିତ କରିବାକୁ ଯୋଜନା ପ୍ରସ୍ତୁତ ହୋଇଛି ବୋଲି ମୁଖ୍ୟ ପ୍ରଶାସକ ଯାଦବ କହିଛନ୍ତି।

## ସାମାନ୍ୟ ଅସୁବିଧା, ...

ସୁରୁଖୁରୁରେ ନେଇକିଆସିଲେ ଶେଷ ମୁହୂର୍ତ୍ତରେ ଯାହା ହୋଇଛି ତାହା ଏକ ସାମାନ୍ୟ ଅସୁବିଧା। ଏହା ବି ପ୍ରଭୁଙ୍କ ଏକ ଲୀଳା ବୋଲି ସମସ୍ତେ ଅଭିହିତ କରୁଛନ୍ତି। ଜିଲା ପ୍ରଶାସନକୁ ମଧ୍ୟ ନିର୍ଦ୍ଦେଶ ଦେଇଛି ଅନ୍ତତଃ ରଥ ଉପରେ ଅଣସେବାୟତ କେହି ରହିବେ ନାହିଁ। ମୋର ଯେତେଦୂର ଆଶା ଅଣସେବାୟତଙ୍କ ସଂଖ୍ୟା ସେଠାରେ ନ ଥିଲା। କିନ୍ତୁ ମନ୍ଦିର ଭିତରେ ପହଣ୍ଡି ସମୟରେ କେତେଜଣ ଅଣସେବାୟତ ଭିତରକୁ ପ୍ରବେଶ କରିଥିଲେ। ଯାହାକୁ ନେଇ ଦୁଇ ସେବାୟତ ଗୋଷ୍ଠୀଙ୍କ ମଧ୍ୟରେ ସାମାନ୍ୟ ତର୍କ ହୋଇଥିଲା। ଜିଲାପାଳ ଏବଂ ଏସ୍‌ପି ସେକଥାରେ ପଦକ୍ଷେପ ନେଇଥିଲେ। ପରେ ସେକଥାର ସମାଧାନ ହୋଇଥିଲା ବୋଲି ପୃଥ୍ୱୀରାଜ କହିଛନ୍ତି। ବଳଭଦ୍ର ପଡ଼ିଯିବାକୁ ମନ୍ତ୍ରୀ ସାମାନ୍ୟ ଘଟଣା କହିବାକୁ ନେଇ ବିଜେଡି ଏବଂ କଂଗ୍ରେସ ସମାଲୋଚନା କରିଛି। ବିଜେଡି ନେତ୍ରୀ ତଥା ବିଏମ୍‌ସି ମେୟର ସୁଲୋଚନା ଦାସ କହିଛନ୍ତି, ସାଢେ ୪ କୋଟି ଓଡ଼ିଆ ତଥା ବିଶ୍ୱର କୋଟି କୋଟି ଜଗନ୍ନାଥପ୍ରେମୀଙ୍କୁ ଏହା ଗଭୀର ଆଘାତ ଦେଇଛି। ସେମାନଙ୍କ ଭାବାବେଗକୁ ଆଘାତ ପହଞ୍ଚିଛି। ଉପମୁଖ୍ୟମନ୍ତ୍ରୀ ଏବଂ ଆଇନ ମନ୍ତ୍ରୀଙ୍କ ମନ୍ତବ୍ୟ ସମସ୍ତ ଭକ୍ତଜଗତକୁ ଆହୁରି ବ୍ୟଥିତ କରିଥିବା ସୁଲୋଚନା କହିଛନ୍ତି। କଂଗ୍ରେସ ବରିଷ୍ଠ ନେତା ତଥା ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, ଯେଉଁ ଜଗନ୍ନାଥଙ୍କ ପାଇଁ ଭାଜପା ରାଜ୍ୟରେ ସରକାର ଗଠନ କଲା ସେହି ଜଗନ୍ନାଥଙ୍କ ସୁରକ୍ଷା କରିପାରୁନାହାନ୍ତି। ଭାଜପା ତାଙ୍କ ଉପମୁଖ୍ୟମନ୍ତ୍ରୀ ଏବଂ ଆଇନ ମନ୍ତ୍ରୀଙ୍କ ପାଇଁ ଏହା ସାମାନ୍ୟ କଥା ହେଲେ ଭକ୍ତମାନଙ୍କ ପାଇଁ ଜମା ବି ସାମାନ୍ୟ କଥା ନୁହେଁ ବୋଲି ତାରା କହିଛନ୍ତି। ବିଜେଡିକୁ ପାଲଟା ଜବାବ ଦେଇ ଭାଜପା ମୁଖପାତ୍ର ବିରଞ୍ଚି ତ୍ରିପାଠୀ କହିଛନ୍ତି, କେଉଁଥିରେ ସେମାନେ ବିଭ୍ରାଟ କରି ନ ଥିଲେ। ବ୍ରହ୍ମ ବିଭ୍ରାଟ, ଦାରୁ ବିଭ୍ରାଟ ଏସବୁ ବିଜେଡି ସରକାର ସମୟରେ ହୋଇଛି। ସୁଲୋଚନା ଦାସ ଯେଉଁ ବିଏମ୍‌ସି ଦାୟିତ୍ୱ ନେଇଛନ୍ତି ତାକୁ ଆଗ ଠିକ୍ ଭାବେ ସମ୍ଭାଳନ୍ତୁ। ଓଡ଼ିଆରେ ଗୋଟେ କଥା ଅଛି, 'ଗୋଦରୀ ଲୋ ତୋ ଗୋଡ଼କୁ ଅନା' ବୋଲି ବିରଞ୍ଚି କହିଛନ୍ତି।

## ୬ ହଜାର କୋଟିର ...

କୋଟି ଟଙ୍କା ବିନିଯୋଗରେ ଲାଭଦାୟକ ପେଲେଟ୍, ଫେରୋ ଆଲଏଜ୍, ବିଲେଟ୍, ରୋଲିଂ ମିଲ୍ ସୁବିଧା ଏବଂ କାରଖାନା ସମ୍ପ୍ରସାରଣ କାରଖାନା ସ୍ଥାପନ କରିବ। ଆର୍ଯ୍ୟନ ଇସ୍ପାତ ଆଣ୍ଡ ପାୱାର ପ୍ରାଇଭେଟ ଲିମିଟେଡ ପକ୍ଷରୁ ସମ୍ବଲପୁରରେ ୩୨୩ କୋଟିଟଙ୍କା ବ୍ୟୟରେ ଏସ୍ଏମ୍ଏସ୍, ସିପିପି, ରୋଲିଂ ମିଲ୍ ଏବଂ ଏମ୍ଏସ୍ ପାଇପ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ଏଥିରେ ୧୫୦୦ ନିଯୁକ୍ତି ସୃଷ୍ଟି ହେବ। ସେହିପରି ଏସ୍ଏସ୍ଏବି ଏନର୍ଜି ଆଣ୍ଡ ମିନେରାଲ୍ସ ଲିମିଟେଡ୍ କେନ୍ଦୁଝରରେ ୨୧୨.୦୦ କୋଟି ଟଙ୍କା ବିନିଯୋଗରେ ପେଲେଟ୍ ପ୍ଲାଣ୍ଟ, ଏସ୍ଏମ୍ଏସ୍, ରୋଲିଂ ମିଲ୍ ଏବଂ ସିପିପି ସ୍ଥାପନ କରିବ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ୧୧୦୭ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ସୁନ୍ଦରଗଡ଼ରେ ଭାସ୍କର ଷ୍ଟିଲ୍ ଓ ଫେରୋ ଆଲୟ ପ୍ରାଇଭେଟ୍ ଲିମିଟେଡ୍(ୟୁନିଟ୍ ଅଫ୍ କେଏଆଇ ଷ୍ଟିଲ୍) ୫୩୦ କୋଟି ଟଙ୍କା ବିନିଯୋଗରେ ଇସ୍ପାତ ଓ ଡାଉନଷ୍ଟ୍ରିମ୍ ଶିଳ୍ପ ୟୁନିଟ ସ୍ଥାପନ କରିବ। ଏଥିରେ ୮୮୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ଶ୍ୟାମଶକ୍ତି ମେଟାଲ୍ସ ପ୍ରାଇଭେଟ୍ ଲିମିଟେଡ୍ ସମ୍ବଲପୁରର ରେଙ୍ଗାଲିରେ ୬୫୦ କୋଟି ଟଙ୍କା ବିନିଯୋଗରେ ଏକ ଢାଞ୍ଚାଗତ ଓ ପାଇପ୍ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ଏଥିରେ ୫୫୨ ନିଯୁକ୍ତି ସୃଷ୍ଟି ହେବ। କାର୍ବନ୍ ଇଣ୍ଡିଆ ଲିମିଟେଡ୍ ୧୬୦ କୋଟି ଟଙ୍କା ବ୍ୟୟରେ ସୁନ୍ଦରଗଡ଼ରେ ଆଲୁମିନିୟମ କଣ୍ଡକ୍ଟର, ତାର ରଡ୍ ଓ କେବୁଲ୍ ପାଇଁ ଏକ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ଏଥିରେ ୧ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସେହିପରି ଝାରସୁଗୁଡ଼ାରେ ଶ୍ରେୟସ ଆଲୁମିନିୟମ ଆଣ୍ଡ ଆଲଏଜ୍ ପ୍ରାଇଭେଟ୍ ଲିମିଟେଡ୍ ୫୨ କୋଟି ଟଙ୍କା ବିନିଯୋଗରେ ଏକ ହାଇ ଗ୍ରେଡ୍ ଇଲେକ୍ଟ୍ରିକାଲ୍ ମ୍ୟାନେଜିଂ ରଡ୍ ଏବଂ ଆଲୟ ରଡ୍ ଉତ୍ପାଦନ ୟୁନିଟ୍ ସ୍ଥାପନ କରି ୧୦୦ ନିଯୁକ୍ତି ସୃଷ୍ଟି କରିବ। ଏର୍ଟର୍ନେସ୍ ଫାଇନ୍ କେମିକାଲ୍ସ ଲିମିଟେଡ୍ ଗଞ୍ଜାମରେ ୩୦୦ କୋଟି ଟଙ୍କା ବିନିଯୋଗରେ ଏକ ପରଫ୍ୟୁମେରି ଉତ୍ପାଦନ ୟୁନିଟ୍ ସ୍ଥାପନ କରି ୪୦୦ ନିଯୁକ୍ତି ସୃଷ୍ଟି କରିବ। ଓଡ଼ିଶା କେମ୍ଟେକ୍ ପ୍ରାଇଭେଟ୍ ଲିମିଟେଡ୍ ଜଗତସିଂହପୁରରେ ଦୁଇଟି ପର୍ଯ୍ୟାୟରେ ୧୪୯.୪୫ କୋଟି ଟଙ୍କା ବିନିଯୋଗ କରି ଏକ ସ୍ୱତନ୍ତ୍ର ରାସାୟନିକ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ଏଥିରେ ୧୫୦ ନିଯୁକ୍ତି ସୃଷ୍ଟି ହେବ। ଇଣ୍ଡିଆନ ଏକ୍ସପ୍ଲୋସିଭସ ପ୍ରାଇଭେଟ ଲିମିଟେଡ୍ ୫୪.୬୦ କୋଟି ଟଙ୍କା ବିନିଯୋଗରେ କେନ୍ଦୁଝରରେ ଏକ ବାଣିଜ୍ୟିକ ବିସ୍ଫୋରକ ଉତ୍ପାଦନ ୟୁନିଟ୍ ସ୍ଥାପନ କରି ୧୨୬ ନିଯୁକ୍ତି ସୃଷ୍ଟି କରିବ। ଅକ୍ଷୟ ଶକ୍ତି କ୍ଷେତ୍ରରେ ଏନଭିରୋକେୟାର ଇନ୍‌ଫ୍ରାସଲ୍ୟୁଶନ ପ୍ରାଇଭେଟ ଲିମିଟେଡ ବୌଦ୍ଧରେ ୩୫୧ କୋଟି ଟଙ୍କା ବିନିଯୋଗରେ ୧୦୦ ମେଗାୱାଟ୍‌ର ଏକ ଗ୍ରାଉଣ୍ଡ ମାଉଣ୍ଟେଡ୍ ସୋଲାର ଫଟୋଭୋଲଟାଇକ୍ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ ସ୍ଥାପନ କରିବ। ଏଥିରେ ୬୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ସୋଲିସ ସୋଲାର ପ୍ରାଇଭେଟ୍ ଲିମିଟେଡ୍ ୫୯.୫୦ କୋଟି ଟଙ୍କା ବିନିଯୋଗରେ ଖୋର୍ଦ୍ଧାରେ ସୋଲାର ମଡ୍ୟୁଲ୍ ପାଇଁ ଏକ ଉତ୍ପାଦନ କାରଖାନା ସ୍ଥାପନ କରି ୧୨୦ ନିଯୁକ୍ତି ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି। ବୟନ ଶିଳ୍ପ ଓ ପୋଷାକ କ୍ଷେତ୍ରରେ ଶ୍ରୀ ହରି ସ୍ପିନର୍ସ ପ୍ରାଇଭେଟ୍ ଲିମିଟେଡ୍ ସୁନ୍ଦରଗଡ଼ରେ ୧୨୯.୬୮ କୋଟି ଟଙ୍କା ବିନିଯୋଗରେ ଏକ କପା ସୂତା ସ୍ପିନିଂ ମିଲ୍ ୟୁନିଟ୍ ସ୍ଥାପନ କରିବ। ଏଥିରେ ୭୦୦ ନିଯୁକ୍ତି ସୃଷ୍ଟି ହେବ। ଇଣ୍ଡିଆନ୍ ଷ୍ଟିଚ୍ ପ୍ରାଇଭେଟ୍ ଲିମିଟେଡ୍ ୫୦.୫୫ କୋଟି ଟଙ୍କା ବିନିଯୋଗରେ ଖୋର୍ଦ୍ଧାରେ ଏକ ପୋଷାକ ଉତ୍ପାଦନ କାରଖାନା ସ୍ଥାପନ କରିବ। ଏଥିରେ ୧୦୨୮ଜଣଙ୍କୁ ନିଯୁକ୍ତି ମିଳିପାରିବ। ସେହିପରି ରୁଷିଲ ଡେକୋର ଲିମିଟେଡ କୋରାପୁଟରେ ୫୦୪ କୋଟି ଟଙ୍କା ବିନିଯୋଗରେ ଏକ ଏମ୍‌ଡିଏଫ୍ ଏବଂ ପ୍ରି–ଲେମିନେଟେଡ୍ ଏମ୍‌ଡିଏଫ୍ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ଏଥିରେ ୨୮୫ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ପ୍ରତାପ ସିନ୍ଥେଟିକ୍ସ ଲିମିଟେଡ୍ ବାଲେଶ୍ୱରରେ ୧୦୨.୫୦ କୋଟି ଟଙ୍କା ବିନିଯୋଗରେ ପିପି ବୁଣା ବ୍ୟାଗ୍, ଲେମିନେଟେଡ୍ ବ୍ୟାଗ୍, ବ୍ଲକ୍ ବଟମ୍ ବ୍ୟାଗ୍ ଏବଂ ଏଫ୍‌ଆଇବିସି ପାଇଁ ଏକ ଉତ୍ପାଦନ ୟୁନିଟ୍ ସ୍ଥାପନ କରି ୫୫୦ ନିଯୁକ୍ତି ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି। ପ୍ଲାଷ୍ଟିକ ଓ ପ୍ୟାକେଜିଂ କ୍ଷେତ୍ରରେ ଏସ୍‌ଜିବିଏଲ୍ ଇନ୍‌ଫୋସିଷ୍ଟମସ୍ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାରେ ୬୦.୦୩ କୋଟି ଟଙ୍କା ବିନିଯୋଗରେ ଏକ ଫୁଡ୍ ଗ୍ରେଡ୍ ଆସେପ୍ଟିକ୍ ପ୍ୟାକେଜିଂ(ଟେଟ୍ରାପ୍ୟାକ୍) ଉତ୍ପାଦନ ୟୁନିଟ୍ ସ୍ଥାପନ କରି ୧୦୪ ନିଯୁକ୍ତି ସୃଷ୍ଟି କରିବ। ସେହିପରି ଇଷ୍ଟ ଇଣ୍ଡିଆ ପ୍ୟାକେଜିଂ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାରେ ୫୧.୦୦ କୋଟି ଟଙ୍କା ବିନିଯୋଗରେ କାର୍ଟନ୍ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ସେଥିରେ ୧୫୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ନନ୍ଦରାଜ ଆଗ୍ରୋଟେକ୍ ପ୍ରାଇଭେଟ୍ ଲିମିଟେଡ୍ ୯୨.୬୦ କୋଟି ଟଙ୍କା ବିନିଯୋଗରେ ଖୋର୍ଦ୍ଧାରେ ମସଲା ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ । ଏଥିରେ ୮୮୨ ନିଯୁକ୍ତି ସୃଷ୍ଟି ହୋଇ ପାରିବ। ଡିଏନ୍‌ସି ସେଲ୍ ପ୍ରାଇଭେଟ୍ ଲିମିଟେଡ୍ ୫୦.୪୩ କୋଟି ଟଙ୍କା ବିନିଯୋଗରେ ଭଦ୍ରକରେ ଏକ ସ୍ୱୟଂଚାଳିତ ଆଧୁନିକ ରାଇସ୍ ମିଲ୍ ପ୍ରତିଷ୍ଠା କରି ୯୮ ନିଯୁକ୍ତି ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି। ସେହିପରି ଆଇଟି ଓ ଭିତ୍ତିଭୂମି କ୍ଷେତ୍ରରେ ପଣ୍ଡା ଇଷ୍ଟେଟ୍ ଖୋର୍ଦ୍ଧାରେ ୧୧୨.୮୦ କୋଟି ଟଙ୍କା ବିନିଯୋଗରେ ଆଇଟି ଭିତ୍ତିଭୂମିର ବିକାଶ କରିବ। ଏଥିରେ ୪,୫୦୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବା ସମ୍ଭାବନା ରହିଛି। ପୁରୀରେ ଶୈଳବାଳା ଇନ୍‌ଫ୍ରାଷ୍ଟ୍ରକଚର ପ୍ରାଇଭେଟ୍ ଲିମିଟେଡ୍ ୭୩.୨୦ କୋଟି ଟଙ୍କା ବିନିଯୋଗରେ ଏକ ରିସୋର୍ଟ ନିର୍ମାଣ କରିବ। ସେଥିରେ ୧୬୫ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ସୁନ୍ଦରଗଡ଼ରେ ଗୋଦାବରୀ କମୋଡିଟିଜ୍ ଲିମିଟେଡ୍ ୮୮.୫୮ କୋଟି ଟଙ୍କା ବିନିଯୋଗରେ ବାର୍ଷିକ ୩ ନିୟୁତ ଟନ କୋଇଲା ଧୋଇବା ୟୁନିଟ୍ ସ୍ଥାପନ କରିବ। ସେଥିରେ ୧୩୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ ବୋଲିଉକ୍ତ ସଂସ୍ଥା ପକ୍ଷରୁପ୍ରସ୍ତାବଦିଆଯାଇଛି।




# ନିଯୁକ୍ତ ହେବେ ୧୮,୬୭୮ କନିଷ୍ଠ ଶିକ୍ଷକ

## କ୍ୟାବିନେଟ୍ ନିଷ୍ପତ୍ତି

ଭୁବନେଶ୍ୱର,୧୦।୭(ଅନିଲ ଦାସ)

ରାଜ୍ୟର ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ସ୍କୁଲଗୁଡ଼ିକରେ ୧୯ ହଜାର କନିଷ୍ଠ ଶିକ୍ଷକଙ୍କୁ ନିଯୁକ୍ତି ମିଳିବ। ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ଦ୍ୱାରା ୧୮,୬୭୮ ପ୍ରାର୍ଥୀଙ୍କ ଚୟନ ତାଲିକା ପ୍ରକାଶ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନୁମୋଦନ କରାଯାଇଛି। ଏହି ଆଧାରରେ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ ଯେ ରାଜ୍ୟର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲଗୁଡ଼ିକରେ ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି ନିମନ୍ତେ ୨୦,୦୦୦ କନିଷ୍ଠ ଶିକ୍ଷକ(ଯୋଜନାଭିତ୍ତିକ) ନିଯୁକ୍ତି ନିମନ୍ତେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ପକ୍ଷରୁ ବିଜ୍ଞାପନ ପ୍ରକାଶ କରାଯାଇଥିଲା। ଏହି ମାମଲାର ବିଚାର କରି ଉଚ୍ଚ ନ୍ୟାୟାଳୟ କମ୍ପ୍ୟୁଟର ବେସ୍‌ଡ ଟେଷ୍ଟ ଆଧାରରେ ଆବେଦନକାରୀଙ୍କ ଯୋଗ୍ୟତାଭିତ୍ତିକ ତାଲିକା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଆଧାରରେ ଶିକ୍ଷକ ନିଯୁକ୍ତି କରାଯିବ।

## ବଢ଼ିଲା ଶ୍ରମିକଙ୍କ ମଜୁରି

ରାଜ୍ୟ ସରକାର ଅଣକୁଶଳୀ, ଅର୍ଦ୍ଧକୁଶଳୀ, କୁଶଳୀ ଓ ଉଚ୍ଚକୁଶଳୀ ଶ୍ରମିକମାନଙ୍କ ପାଇଁ ସର୍ବନିମ୍ନ ଦୈନିକ ମଜୁରି ବୃଦ୍ଧି କରିଛନ୍ତି। ଶ୍ରମ ଓ କର୍ମଚାରୀ ବୀମା ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ବୈଠକରେ ମଞ୍ଜୁରୀ ମିଳିଛି। ପୂର୍ବରୁ ଅଣକୁଶଳୀ, ଅର୍ଦ୍ଧକୁଶଳୀ, କୁଶଳୀ ଓ ଉଚ୍ଚକୁଶଳୀ ଶ୍ରମିକମାନଙ୍କ ପାରିଶ୍ରମିକ ଯଥାକ୍ରମେ ୩୫୨, ୩୯୨, ୪୪୨ ଓ ୫୦୨ ଟଙ୍କା ଥିଲା। ଏଣିକି ଅଣକୁଶଳୀ ୪୫୦ ଟଙ୍କା ପାଇବାକୁ ଥିବାବେଳେ ଅର୍ଦ୍ଧକୁଶଳୀ ୫୦୦, କୁଶଳୀ ୫୫୦ ଓ ଉଚ୍ଚକୁଶଳୀ ଶ୍ରମିକଙ୍କ ମଜୁରି ୬୦୦ ଟଙ୍କାକୁ ବୃଦ୍ଧି କରାଯାଇଛି।

## ସଚଳ ହେବ ୨୦୬୫ ଅଚଳ ଉଠା ଜଳସେଚନ ପ୍ରକଳ୍ପ

ରାଜ୍ୟର ଅଚଳ ଉଠା ଜଳସେଚନ ପ୍ରକଳ୍ପକୁ ସଚଳ କରିବା ଏବଂ ପୁରୁଣା ସଚଳ ପ୍ରକଳ୍ପକୁ ସୁଦୃଢ଼ୀକରଣ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିରେ ୨୦୬୫ଟି ଅଚଳ ପ୍ରକଳ୍ପକୁ ସଚଳ କରାଯାଇ ୫୯,୨୯୨ ହେକ୍ଟର ଚାଷ ଜମିକୁ ପୁନଃ ଜଳସେଚିତ କରାଯିବ। ଏଥିସହିତ ୧୦,୧୫୨ଟି ପୁରୁଣା ସଚଳ ପ୍ରକଳ୍ପର ସୁଦୃଢ଼ୀକରଣ କରାଯାଇ ୨,୨୬,୮୮୬ ହେକ୍ଟର ସେଚାଞ୍ଚଳ ଚାଷ ଜମିରେ ଜଳସେଚନର କ୍ଷମତା ବୃଦ୍ଧି କରାଯିବ। ଏହି କାର୍ଯ୍ୟକ୍ରମ ପାଇଁ ଆସନ୍ତା ୫ ବର୍ଷରେ ରାଜ୍ୟ ସରକାର ନିଜସ୍ୱ ସମ୍ବଳରୁ ୧୦୮୪.୩୮ କୋଟି ଟଙ୍କା ଖର୍ଚ୍ଚ କରିବେ। ଜଳ ସମ୍ପଦ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ୍‌ରେ ଅନୁମୋଦନ କରାଯାଇଛି।

# ଖୁବ୍‌ଶୀଘ୍ର ଜାପାନରେ ନିଯୁକ୍ତି ପାଇବେ ଓଡ଼ିଶାର ୩୦ ଯାନଚାଳକ

ଭୁବନେଶ୍ୱର,୧୦।୭(ସୁନିତ୍ ମିଶ୍ର)

ବିଦେଶରେ ରୋଜଗାରର ସୁଯୋଗ ପାଇବାରେ ଓଡ଼ିଶାର କୁଶଳୀ ଯାନ ଚାଳକମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଜଣେ ମହିଳାଙ୍କ ସମେତ ଓଡ଼ିଶାର ୩୦ ଜଣ ଯାନଚାଳକ ଖୁବ୍‌ଶୀଘ୍ର ଜାପାନରେ ଅଧିକ ବେତନ ଓ ସୁବିଧା ଥିବା ନିଯୁକ୍ତି ପାଇବାକୁ ଯାଉଛନ୍ତି। ବୁଧବାର ଖାରବେଳ ଭବନରେ ଆୟୋଜିତ ବିଦେଶରେ ସୁବାହକଙ୍କ ନିଯୁକ୍ତି କାର୍ଯ୍ୟକ୍ରମରେ ବାଣିଜ୍ୟ ଏବଂ ପରିବହନ, ଇସ୍ପାତ ଏବଂ ଖଣି ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏହି ସଫଳ ଯାନଚାଳକମାନଙ୍କୁ ସମ୍ମାନିତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି। ମନ୍ତ୍ରୀ ଜେନା କହିଛନ୍ତି, ଉତ୍ତମ ବ୍ୟବହାର, ଜିରୋ କାଜୁଆଲ୍‌ଟି ଓ ନିରାପତ୍ତା ଯାନଚାଳକମାନଙ୍କ ଆଦର୍ଶ ହେବା ଉଚିତ। ସେମାନେ ସଡ଼କ ସୁରକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ। ଭାଜପାର ସଙ୍କଳ୍ପ ପତ୍ରରେ ଉଲ୍ଲିଖିତ ନିଯୁକ୍ତି ପ୍ରତିଶ୍ରୁତି ପାଳନ କରିବାରେ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରଥମକରି ସଫଳତା ହାସଲ କରିଥିବାରୁ ସେ ବିଭାଗ ଓ ରାଜ୍ୟ ପରିବହନ ପ୍ରାଧିକରଣଙ୍କୁ ସାଧୁବାଦ ଜଣାଇଛନ୍ତି।

# ଜଙ୍ଗଲରେ ବର୍ଷାପାଣି ପିଉଛନ୍ତି ଯବାନ


ଯବାନମାନେ ସଂଗ୍ରହ କରୁଥିବା ବର୍ଷାପାଣି।

ମାଲକାନଗିରି, ୧୦।୭(ଦୁର୍ଯ୍ୟୋଧନ ପତ୍ର)

ଛତିଶଗଡ ଜଙ୍ଗଲ ଓ ମାଓବାଦୀ ଉପଦ୍ରବ ଅଞ୍ଚଳରୁ ଆସିଲା କିଛି ଆଶ୍ଚର୍ଯ୍ୟ କରୁଥିବା ଚିତ୍ର। ମାଓବାଦୀ ଦମନ ପାଇଁ ଯବାନମାନେ କେମିତି ନଈ ନାଳ ଦେଇ ଅପରେଶନ ସାରି କ୍ୟାମ୍ପକୁ ଫେରୁଛନ୍ତି ଓ ଜଙ୍ଗଲରେ କିପରି ଜୀବନ ଅତିବାହିତ କରୁଛନ୍ତି ତାହା ଦେଖିଲେ ଯେକେହି ବି ଆଶ୍ଚର୍ଯ୍ୟ ହେବେ। ତଲାସିରେ ନିହତ ହୋଇଥିବା ମହିଳା ମାଓବାଦୀଙ୍କ ମୃତଦେହ କାନ୍ଧେଇ ନଇ ନାଳ ଅତିକ୍ରମ କରୁଛନ୍ତି ଯବାନ। ଏହା ସହ ଅପରେଶନ ସମୟରେ ଯେତେବେଳେ ପିଇବା ପାଇଁ ପାଣି ନ ଥାଏ, ସେତିକି ବେଳେ ପଲିଥିନରେ ବର୍ଷା ପାଣି ସଂଗ୍ରହ କରି ଯବାନମାନେ ସେଇ ପାଣି ବୋତଲରେ ଭର୍ତ୍ତିକରି ପିଉଛନ୍ତି। ମଙ୍ଗଳବାର ଛତିଶଗଡ କାଂକେର ଜିଲା ଛେଟେବେଟିଆ ଥାନା ବିନାଗୁଣ୍ଡା ଜଙ୍ଗଲରେ ଡିଆରଜି ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଥିଲା। ଘଟଣାସ୍ଥଳରୁ ଜଣେ ମହିଳା ମାଓବାଦୀଙ୍କ ମୃତଦେହ ଓ ଗୁଳି ବନ୍ଧୁକ ଜବତ ହୋଇଥିଲା। ସେହି ସମୟରେ ଏହିପରି କିଛି ଚିତ୍ର ସାମନାକୁ ଆସିଛି।

# ବାହାଘର ଉତ୍ସବ ପାଲଟିଲା ଶୋକ

## ବରଯାତ୍ରୀ ବସ୍ ଚକ ତଳେ ଚାପିହୋଇ ବରପିତାଙ୍କ ମୃତ୍ୟୁ

ନରସିଂହପୁର, ୧୦।୭
(ନିରଞ୍ଜନ ଦେବକୁମାର)

ପୁଅର ବିବାହ କରିବାକୁ କନ୍ୟା ଘରକୁ ବାହାରିଥିଲେ ବାପା। ବାଜା, ବାଣ ଫୁଟାଇ ଆରମ୍ଭ ହୋଇଥିଲା ରୋଶଣି। ହେଲେ ନିୟତି କିଛି ଅଲଗା ଥିଲା। ଯେଉଁ ବସ୍‌ରେ ବରଯାତ୍ରୀଙ୍କୁ ନିଆଯାଉଥିଲା, ସେହି ବସ୍ ତଳେ ଚାପି ହୋଇ ବର ପିତାଙ୍କ ମୃତ୍ୟୁ ଘଟିଛି। ଏଭଳି ଏକ ହୃଦୟବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି କଟକ ଜିଲା ନରସିଂହପୁର ବ୍ଲକ ଅନ୍ତର୍ଗତ ଚତରାପଦା ଗ୍ରାମରେ। ମୃତକ ହେଲେ ଚତରାପଦା ଗ୍ରାମର ବିମ୍ବାଧର ନାୟକ। ବିମ୍ବାଧରଙ୍କ ପୁଅ ବବୁଲଙ୍କ ବିବାହ କାନପୁର ଥାନା ଅଧୀନ ତଗିଲ ଗ୍ରାମରେ ବୁଧବାର ହେବାକୁ ଥିବାବେଳେ ଏଭଳି ଅଭାବନୀୟ ଘଟଣା ସମସ୍ତଙ୍କୁ ଚକିତ କରିଦେଇଛି।

ମଧ୍ୟାହ୍ନ ୧୨ଟାରେ ଚତରପଦା ଗାଁରୁ ବର ଓ ବରଯାତ୍ରୀ ବାହାରି ରାସ୍ତା ଉପରେ ରୋଶଣିରେ ବାଜାବାଣ ଫୁଟାଇ ନାଚଗୀତରେ ମସ୍‌ଗୁଲ ହୋଇ ଆଗକୁ ଯାଉଥିଲେ। ଏହି ସମୟରେ ଅସାବଧାନତା କାରଣରୁ ବରଯାତ୍ରୀ ବସ୍‌ଟି ବିମ୍ବାଧରଙ୍କୁ ଧକ୍କା ଦେଇଥିଲା। ବିମ୍ବାଧର ବସ୍ ଚକାତଳେ ପଡ଼ିଯିବାରୁ ଗାଡ଼ିର ଚକା ତାଙ୍କ ଉପରେ ଚଢ଼ି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଓ ଆତ୍ମୀୟସ୍ୱଜନଙ୍କ ବୁକୁଫଟା କ୍ରନ୍ଦନ ସ୍ୱାସ୍ଥ୍ୟକେନ୍ଦ୍ର ପରିସରକୁ ସ୍ତବ୍ଧ କରି ଦେଇଥିଲା। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ଏ ସମ୍ପର୍କରେ ଖବରପାଇ ବଡ଼ମ୍ବା-ନରସିଂପୁର ବିଧାୟକ ବିଜୟ କୁମାର ଦଳବେହେରା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ଆତ୍ମୀୟସ୍ୱଜନଙ୍କୁ ସାନ୍ତ୍ୱନା ଦେବାସହ ତୁରନ୍ତ ମୃତଦେହ ବ୍ୟବଚ୍ଛେଦ କରାଇବାକୁ ସ୍ଥାନୀୟ ପୋଲିସ, ଡାକ୍ତରଙ୍କ ସହିତ ଆଲୋଚନା କରିଥିଲେ। ମୃତ ବିମ୍ବାଧରଙ୍କ ପରିବାରକୁ କ୍ଷତିପୂରଣ ଦେବା ଦାବିରେ ସ୍ଥାନୀୟ ଗ୍ରାମବାସୀ ନରସିଂହପୁର-ହିନ୍ଦୋଳ ମୁଖ୍ୟ ରାସ୍ତାର ଚତରାପଦା ଗ୍ରାମ ନିକଟରେ ଅବରୋଧ କରିଥିଲେ। ବିଧାୟକ ଦଳବେହେରା ଆନ୍ଦୋଳନସ୍ଥଳକୁ ଯାଇ ଗ୍ରାମବାସୀଙ୍କୁ ବୁଝାଶୁଝା କରି ସରକାରୀ ସହାୟତା ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେବାରେ ଅବରୋଧ ହଟିଥିଲା। ଏ ସମ୍ପର୍କରେ ନରସିଂହପୁର ଥାନା ଆଇଆଇସି ବିକ୍ରମ କେଶରୀ ଜେନାଙ୍କୁ ପଚାରିବାରେ ସ୍ୱାସ୍ଥ୍ୟକେନ୍ଦ୍ରରୁ ମୃତଦେହକୁ ଜବତ ପରେ ନଂ.୧୩୮/୨୪ରେ ମାମଲା ରୁଜୁ ହୋଇଛି। ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିମ୍ବାଧରଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଶୋକାକୁଳ ପରିବେଶରେ ଗାଁ ଶ୍ମଶାନରେ ବିମ୍ବାଧରଙ୍କ ମୃତଦେହକୁ ସଂସ୍କାର କରାଯାଇଛି। ଦୁର୍ଘଟଣାର ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି। ଅପରପକ୍ଷରେ ତଗିଲୋ ଗ୍ରାମ କନ୍ୟାଘରେ ମଧ୍ୟ କାନ୍ଦ ବୋବାଳି ପଡ଼ିଥିଲା। ଭୋଜିଭାତଠାରୁ ଆରମ୍ଭ କରି ଝିଅ ବିବାହ ପାଇଁ ସମସ୍ତ ପ୍ରସ୍ତୁତି ସରିଥିଲା। ବର ଓ ବରଯାତ୍ରୀଙ୍କ ଆଗମନକୁ ଅପେକ୍ଷା କରିଥିବା ବେଳେ ଏଭଳି ଦୁଃଖଦ ଘଟଣା ପରେ ବିବାହ କାର୍ଯ୍ୟ ବନ୍ଦ ରହିଥିଲା।

# ରେଳଧାରଣାରେ ମାଓବାଦୀ ବ୍ୟାନର

## ୪ ଘଣ୍ଟା ରେଳ ଚଳାଚଳ ବ୍ୟାହତ

ରାଉରକେଲା, ୧୦।୭(ସଙ୍ଗୀତା ଜେନା)

ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ କୋଲହାନ୍‌ରେ ଶହୀଦ ଦିବସ ପାଳନ ଅବସରରେ ମାଓବାଦୀମାନେ ମଙ୍ଗଳବାର ବିଳମ୍ବିତ ରାତିରେ ଏକଦିବସୀୟ ବନ୍ଦ ଡାକରା ଦେଇଛନ୍ତି। ଲୋକଙ୍କୁ ଆତଙ୍କିତ କରିବା ପାଇଁ ରେଳଧାରଣାରେ ମାଓବାଦୀ ବ୍ୟାନର୍ ଲଗାଇ ଚେତାବନୀ ଦେଇଛନ୍ତି। ଦକ୍ଷିଣ ପୂର୍ବ ରେଳପଥର ତୃତୀୟ ଲାଇନ୍‌ରେ ମନୋହରପୁର- ଜରେଇକେଲା ମଧ୍ୟରେ ୨ରୁ ଊର୍ଦ୍ଧ୍ୱ ମାଓବାଦୀ ବ୍ୟାନର ଜବତ କରିଛି ରେଳବାଇ ସୁରକ୍ଷା ବଳ। ଫଳରେ ହାୱଡା-ମୁମ୍ବାଇ ରୁଟ୍‌ରେ ଥିବା ଟ୍ରେନଗୁଡ଼ିକ ଅଟକି ରହିଥିଲା। ଆର୍‌ପିଏଫ ପକ୍ଷରୁ ପାଟ୍ରୋଲିଂ ଓ ଯାଞ୍ଚ ପରେ ପ୍ରାୟ ୪ ଘଣ୍ଟା ପରେ ଟ୍ରେନ ଚଳାଚଳ ସ୍ୱାଭାବିକ ହୋଇଥିଲା। ମଙ୍ଗଳବାର ବିଳମ୍ବିତ ରାତି ପ୍ରାୟ ୨ଟାରେ ଡାଉନଲାଇନ୍‌ରେ ଆସୁଥିବା ଏକ ଟ୍ରେନର ଲୋକୋ ପାଇଲଟ୍ ମନୋହରପୁର- ଜରେଇକେଲା ୩ୟ ଲାଇନସ୍ଥିତ ୩୭୮/୩୫ଏ (ରାଂଗ୍ରା ଓ କରମପଡ଼ା ସେକ୍ସନ) ମଧ୍ୟରେ ବ୍ୟାନର୍‌ଗୁଡ଼ିକ ଲଗାଯାଇଥିବା ଦେଖିବାକୁ ପାଇଥିଲେ। ରେଲୱେ ଉଚ୍ଚ ଅଧିକାରୀଙ୍କୁ ସୂଚନା ଦେବା ପରେ ଘଟଣାସ୍ଥଳରେ ଆର୍‌ପିଏଫ୍ କର୍ମୀ, କୋରାସ କମାଣ୍ଡାଣ୍ଟ ଓ ମନୋହରପୁର ପୋଲିସ ପହଞ୍ଚି ଯାଞ୍ଚ କାର୍ଯ୍ୟ କରିଥିଲେ। ସକାଳ ୬ଟାରେ ଟ୍ରେନ ଚଳାଚଳ ପାଇଁ ଅନୁମତି ମିଳିଥିଲା। ଦକ୍ଷିଣ ଜୋନାଲ କମିଟି ମାକପା ପକ୍ଷରୁ ଏହି ବ୍ୟାନର ଲଗାଯାଇଥିବା ଉଲ୍ଲେଖ ରହିଛି। ତେବେ ମାଓବାଦୀମାନେ ନିଜ ଉପସ୍ଥିତି ଦର୍ଶାଇବା ପାଇଁ ଏପରି କାଣ୍ଡ ଭିଆଇଥିବା ସୁରକ୍ଷାବଳ ପକ୍ଷରୁ କୁହାଯାଇଛି।


ରେଳଧାରଣାରେ ଲାଗିଥିବା ମାଓବାଦୀ ବ୍ୟାନର।

# ଶୋଭାଯାତ୍ରା ହେବ, ଅସ୍ତ୍ରଶସ୍ତ୍ର ସାମିଲକୁ ବାରଣ

## ମହରମ ପାଳନ ପାଇଁ ଶାନ୍ତି ଓ ସମନ୍ୱୟ କମିଟି ବୈଠକ


ଆୟୋଜିତ ମହରମ ଶାନ୍ତି ଓ ସମନ୍ୱୟ କମିଟି ବୈଠକରେ ମଞ୍ଚାସୀନ ଅଧିକାରୀମାନେ।

ସମ୍ବଲପୁର,୧୦।୭(ବି.ଶଙ୍କର)

ଆଗାମୀ ୧୭ତାରିଖରେ ମହରମ ପାଳନ ଅବସରରେ ଧାର୍ମିକ ଶୋଭାଯାତ୍ରାକୁ ସମ୍ବଲପୁର ଜିଲା ପ୍ରଶାସନ ଅନୁମତି ଦେଇଛି। ହେଲେ ମହରମ କମିଟି କିମ୍ବା ବ୍ୟକ୍ତିବିଶେଷ ଶୋଭାଯାତ୍ରାରେ କୌଣସି ପ୍ରକାର ଅସ୍ତ୍ରଶସ୍ତ୍ର ସାମିଲ କରିବା ନେଇ ବାରଣ କରାଯାଇଛି। ବୁଧବାର ସମ୍ବଲପୁର ଜିଲା ପ୍ରଶାସନ ପକ୍ଷରୁ ସହରରେ ମହରମ ପାଳନ ପାଇଁ ଅନୁଷ୍ଠିତ ଶାନ୍ତି ଓ ସମନ୍ୱୟ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଦୀର୍ଘଦିନ ପରେ ଜିଲା ପ୍ରଶାସନ ଧାର୍ମିକ ଶୋଭାଯାତ୍ରକୁ ସବୁଜ ସଙ୍କେତ ଦେଇଥିବାରୁ ସହରବାସୀଙ୍କ ମନରେ ଖୁସି ପରିଲକ୍ଷିତ ହୋଇଛି। ସମ୍ବଲପୁର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଅଧ୍ୟକ୍ଷତା କରିଥିଲେ। ବୈଠକରେ ସହରର ସମସ୍ତ ୮ଟି ମହରମ କମିଟି କର୍ମକର୍ତ୍ତାଙ୍କ ସହ ସମ୍ବଲପୁର ମହାନଗର ନିଗମ କମିଶନର ବେଦ ଭୂଷଣ, ଅତିରିକ୍ତ ଜିଲାପାଳ ସୁଚାରୁ କୁମାର ବଳ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ଅତିରିକ୍ତ ଏସ୍‌ପି ହରେଶ ଚନ୍ଦ୍ର ପାଣ୍ଡେ, ସଦର ଉପଜିଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା ଉପସ୍ଥିତ ଥିଲେ। ଶାନ୍ତି ଓ ଭାଇଚାରା ରକ୍ଷା ନିମନ୍ତେ ଜିଲା ପ୍ରଶାସନକୁ ସହଯୋଗ କରିବା ପାଇଁ କମିଟିଗୁଡ଼ିକୁ ପରାମର୍ଶ ଦିଆଯାଇଛି। ଏହି ଭାଇଚାରା ପର୍ବକୁ ଶୃଙ୍ଖଳିତ ପାଳନ ନିମନ୍ତେ ଜିଲାପାଳ ଅଗ୍ରୱାଲ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

ସେହିପରି ରାସ୍ତା ମରାମତି, ଡ୍ରେନ୍ ସଫେଇ, ପାନୀୟ ଜଳ, ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗେଇବା ସହ ଓହଳିପଡିଥିବା ବିଦ୍ୟୁତ୍ ତାରଗୁଡ଼ିକୁ ତୁରନ୍ତ ସଜାଡ଼ିବା ନିମନ୍ତେ ମହରମ କମିଟିଗୁଡ଼ିକ ଅନୁରୋଧ କରିଥିଲେ। ଦଳେଇପଡ଼ା କମିଟି ମହରମ ପାଳନ ନିମନ୍ତେ ସରକାରଙ୍କ ପକ୍ଷରୁ ସହଯୋଗ ଯୋଗାଇଦେବା ନିମନ୍ତେ ପ୍ରସ୍ତାବ ଦେଇଥିଲେ। ଶୋଭାଯାତ୍ରା ରୁଟ୍ ନିମନ୍ତେ ପୋଲିସ ପ୍ରଶାସନ ସହିତ ବୈଠକ କରି ଚୂଡ଼ାନ୍ତ କରିବାକୁ ଜିଲାପାଳ କମିଟି ଏବଂ ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରାଥମିକ ଚିକିତ୍ସା କେନ୍ଦ୍ର ଖୋଲିବା ସହିତ ଆମ୍ବୁଲାନ୍ସ ପ୍ରସ୍ତୁତ ରଖିବାକୁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମହରମ ଦିନ ସମସ୍ତ ମଦଦୋକାନ ବନ୍ଦ ରହିବ। ସୂଚନାଯୋଗ୍ୟ, ସମ୍ବଲପୁର ସହରରେ ୨୦୨୩ ଏପ୍ରିଲ ୧୪ରେ ହନୁମାନ ଜୟନ୍ତୀ ଅବସରରେ ଆୟୋଜିତ ବାଇକ୍ ଶୋଭାଯାତ୍ରା ସମୟରେ ବିଶୃଙ୍ଖଳା ଘଟି ପରବର୍ତ୍ତୀ ସମୟରେ ସମ୍ପ୍ରଦାୟିକ ଦଙ୍ଗା ରୂପ ନେଇଥିଲା। ଏହାକୁ ଲକ୍ଷ୍ୟକରି ଜିଲା ପ୍ରଶାସନ ଓ ପୋଲିସ ସମ୍ବଲପୁରରେ ଧାର୍ମିକ ଶୋଭାଯାତ୍ରାକୁ ସମ୍ପୂର୍ଣ୍ଣ ଭାବେ ବାରଣ କରିଥିଲା।



ଅତୀତ ଜୀବନକୁ ଦୃଷ୍ଟିପାତ କରିବାର କୌଣସି ଆବଶ୍ୟକତା ନାହିଁ। ବରଂ ଉଜ୍ଜ୍ୱଳ ଆନନ୍ଦମୟ ଦିବ୍ୟ ଭବିଷ୍ୟତକୁ ଦୃଷ୍ଟି ସମ୍ମୁଖରେ ରଖି ଦ୍ରୁତ ଗତିରେ ସେ ଦିଗରେ ଅଗ୍ରସର ହେବା ହିଁ ବୁଦ୍ଧିମାନର କାର୍ଯ୍ୟ। ଏବଂ ପ୍ରଗତିଶୀଳ ଆତ୍ମାର ଲକ୍ଷଣ। -ଶ୍ରୀମା

-ହେରା ପଞ୍ଚମୀ ଓ ଗୁରୁ ପଞ୍ଚମୀ ବ୍ରତ



# ଜୈନଧର୍ମରେ ମହିଳାଙ୍କ ଭୂମିକା



ଦେବଦତ୍ତ ପଟ୍ଟନାୟକ

ତୀର୍ଥଙ୍କର ଭାବେ ଜଣାଶୁଣା ୨୪ ସନ୍ନ୍ୟାସୀଙ୍କ ପ୍ରଦର୍ଶିତ ପଥ ଜୈନଧର୍ମ ଅନୁସରଣ କରେ। ଜୈନଧର୍ମର ଶ୍ୱେତାମ୍ବର ବିଚାରଧାରାରେ ପଶ୍ଚିମ ଭାରତରେ ପାର୍ଶ୍ୱନାଥ ଏବଂ ମହାବୀର ଯଥାକ୍ରମେ ୨୩ ଓ ୨୪ ତମ ତୀର୍ଥଙ୍କର ସନ୍ନ୍ୟାସୀ ହେବା ପୂର୍ବରୁ ବିବାହ କରିଥିଲେ। କିନ୍ତୁ ଗାଙ୍ଗେୟ ସମତଳ ତଥା ଦକ୍ଷିଣ ଭାରତରେ ଲୋକପ୍ରିୟ ଦିଗମ୍ବର ପରମ୍ପରାରେ କୌଣସି ତୀର୍ଥଙ୍କର ବିବାହ କରି ନ ଥିଲେ। ଉଭୟ ପରମ୍ପରା ଏକମତ ଯେ, ୨୨ତମ ତୀର୍ଥଙ୍କର ନେମିନାଥ ତାଙ୍କ ବାହାଘର ଦିନ ବିବାହ କରିବାକୁ ମନା କରିଦେଇଥିଲେ ଏବଂ ବିବାହ ଭୋଜି ଲାଗି କଟାଯିବାକୁ ଅଣାଯାଇଥିବା ପଶୁମାନଙ୍କର ଚିତ୍କାର ଶୁଣି ସେ ସନ୍ନ୍ୟାସୀ ହେବାକୁ ପସନ୍ଦ କରିଥିଲେ। ନେମିନାଥଙ୍କ ସ୍ତ୍ରୀ ରାଜୁଲ କିମ୍ବା ରାଜମତି ତାଙ୍କ ସ୍ୱାମୀଙ୍କ ନିଷ୍ପତ୍ତି ହୃଦୟଙ୍ଗମ କରି ଅବିବାହିତ ରହିବାକୁ ନିଷ୍ପତ୍ତି ନେଇଥିଲେ। ଦିନେ ବର୍ଷାରେ ରାଜମତି ଭିଜିବା ପରେ ଏକ ଗୁମ୍ଫାରେ ଆଶ୍ରୟ ନେଇଥିଲେ। ସନ୍ନ୍ୟାସୀ ହେବାକୁ ଇଚ୍ଛା କରୁଥିବା ରାଜମତିଙ୍କ ଦିଅର ରଥନେମି ତାଙ୍କୁ ସେହି ଅବସ୍ଥାରେ ସେଠାରେ ଦେଖିଥିଲେ। ରାଜମତିଙ୍କ ସୁନ୍ଦର ଶରୀର ଦେଖି ସେ ଇନ୍ଦ୍ରିୟ ଉପରୁ ନିୟନ୍ତ୍ରଣ ହରାଇଲେ ଓ ଶପଥ ଭଙ୍ଗକରି ବିବାହ କରିବା ପାଇଁ ମନାଇବାକୁ ଚେଷ୍ଟା କରିଥିଲେ। ରାଜମତି ମନାକରି ତାଙ୍କୁ ଭୁଲ୍ ସମ୍ପର୍କରେ ଚେତାଇଦେବା ସହ ଜୈନ ପଥରେ ଅଟଳ ରହିବାକୁ ବୁଝାଇଲେ।

ସନ୍ନ୍ୟାସୀ ହେବା ପାଇଁ ବିବାହ ନ କରିବାକୁ ଚାହୁଁଥିବା କିମ୍ବା ଭିକ୍ଷୁ ହେବା ପାଇଁ ବିବାହଠାରୁ ଦୂରେଇଯାଉଥିବା ପୁରୁଷମାନଙ୍କ କାହାଣୀ ଜୈନ ଲୋକକଥାରେ ପୁନରାବୃତ୍ତି ହୋଇଛି। କିନ୍ତୁ ଏ କ୍ଷେତ୍ରରେ ମହିଳାଙ୍କ ପ୍ରତିକ୍ରିୟା କ'ଣ ରହିଛି? କେତେକ କ୍ଷେତ୍ରରେ ମହିଳାମାନେ ସହଯୋଗ କରନ୍ତି ଏବଂ ରାଜମତିଙ୍କ ପରି ଅବିବାହିତ ରୁହନ୍ତି। ଅନ୍ୟ କ୍ଷେତ୍ରରେ ସେମାନେ ଏହାକୁ ନାପସନ୍ଦ ବା ପ୍ରତିରୋଧ କରନ୍ତି। ତେବେ ଜଣେ ସହାୟକ ସ୍ତ୍ରୀଙ୍କ କାହାଣୀ ଏଠାରେ ଦେଖିବା। ଜଣେ କୃଷକ ଏବଂ ତାଙ୍କ ସ୍ତ୍ରୀ ଜୈନଧର୍ମରେ ଅଧିକ ପ୍ରଭାବିତ ହୋଇ ସଂସାର ତ୍ୟାଗ କରିବାକୁ ନିଷ୍ପତ୍ତି ନେଇ ସନ୍ନ୍ୟାସୀ ଓ ସନ୍ନ୍ୟାସିନୀ ହୋଇଗଲେ। ବହୁ ବର୍ଷ ପରେ ସେମାନଙ୍କର ଭ୍ରମଣ ସମୟରେ ପରସ୍ପର ସାକ୍ଷାତ ହେଲା। ସନ୍ନ୍ୟାସୀ ତାଙ୍କ ପ୍ରତି ଥିବା ଆଗ୍ରହକୁ ମନେପକାଇଲେ ଏବଂ ଅନ୍ୟ ଜଣେ ସନ୍ନ୍ୟାସିନୀଙ୍କ ମାଧ୍ୟମରେ ସ୍ତ୍ରୀଙ୍କୁ ତାଙ୍କର ଇଚ୍ଛା ବିଷୟରେ ଜଣାଇଲେ। ସନ୍ନ୍ୟାସୀ ତାଙ୍କ ଇନ୍ଦ୍ରିୟ ଉପରେ ନିୟନ୍ତ୍ରଣ ହରାଇ ସନ୍ନ୍ୟାସ ଜୀବନ ଭଙ୍ଗ କରିବାକୁ ଇଚ୍ଛା କରୁଥିବା ଜାଣି ସ୍ତ୍ରୀ ଦୁଃଖିତ ହେଲେ। ଏପରି ଘଟଣାକୁ ରୋକିବା ପାଇଁ ସେ ଖାଦ୍ୟ ତ୍ୟାଗକରି ନିଜକୁ ଭୋକରେ ମରିବାକୁ ସ୍ଥିରକଲେ। ଯେତେବେଳେ କୃଷକ(ସନ୍ନ୍ୟାସୀ) ତାଙ୍କ ସ୍ତ୍ରୀଙ୍କ ଏଭଳି କାର୍ଯ୍ୟ ସମ୍ପର୍କରେ ଶୁଣିଲେ, ସେତେବେଳେ



ସେ ଅତି ଲଜ୍ଜିତ ହେଲେ ଏବଂ ନିଜେ ଖାଦ୍ୟ ଛାଡ଼ିଦେଇ ଭୋକରେ ମୃତ୍ୟୁବରଣ କଲେ। ଏହି କାହାଣୀ ଏକାଦଶ ଶତାବ୍ଦୀର ପ୍ରଦ୍ୟୁମ୍ନ ସୁରିଙ୍କ ମୂଳଶୁଦ୍ଧି ପ୍ରକରଣରୁ ଆସିଛି।

ଆଉ ଜଣେ ଅସହମତ ସ୍ତ୍ରୀଙ୍କ କାହାଣୀ ରହିଛି। ଜଣେ ରାଜକୁମାର ତାଙ୍କ ସ୍ତ୍ରୀଙ୍କଠାରୁ ଦୂରେଇଯାଇ ସନ୍ନ୍ୟାସୀ ହେବାକୁ ସ୍ଥିରକଲେ। ଏଥିରେ ତାଙ୍କ ସ୍ତ୍ରୀ ଭୀଷଣ ରାଗିଯାଇଥିଲେ। ମରିଗଲା ପରେ ସେ ଜଣେ ଅନିଷ୍ଟକାରୀ ଦେବୀ ହୋଇଗଲେ। ସେ ତାଙ୍କ ଅତୀତ ଜୀବନକୁ ମନେପକାଇ ବରିଷ୍ଠ ଭିକ୍ଷୁ ହୋଇଥିବା ତାଙ୍କ ସ୍ୱାମୀଙ୍କୁ ଶିକ୍ଷାଦେବାକୁ ନିଷ୍ପତ୍ତି ନେଲେ। ସେଲାନା ନାମ୍ନୀ ଜଣେ ମହିଳାଙ୍କଠାରୁ ଭିକ୍ଷା ମାଗୁଥିବାବେଳେ ତାଙ୍କ ସ୍ୱାମୀଙ୍କ ଶରୀରରେ ସେ ଯୌନ ଉଦ୍ଦୀପନା ଲକ୍ଷଣ ସୃଷ୍ଟି କରିଥିଲେ। ସେଲାନା ସନ୍ନ୍ୟାସୀଙ୍କର ଏଭଳି ସ୍ଥିତି ଦେଖିଥିଲେ, କିନ୍ତୁ ଜାଣିଥିଲେ ଯେ ସେ ଜଣେ ଶୁଦ୍ଧ ଏବଂ କାମନା ମୁକ୍ତ ପୁରୁଷ। ତେଣୁ ସେ ତାଙ୍କ ଯୌନ ଉଦ୍ଦୀପନାକୁ ଅଣଦେଖା କଲେ ଏବଂ ସନ୍ନ୍ୟାସୀଙ୍କର ସେହି ଶାରୀରିକ ଲକ୍ଷଣକୁ ଅନ୍ୟମାନଙ୍କ ନଜରରୁ ଲୁଚାଇବା ପାଇଁ ତାଙ୍କ ପୋଷାକରେ ଢାଙ୍କି ଦେଇଥିଲେ। ସନ୍ନ୍ୟାସୀ ଶେଷରେ ଆତ୍ମୋପଲବ୍ଧିର ସର୍ବୋଚ୍ଚ ସ୍ତର ହାସଲକଲେ ଏବଂ ସେଲାନାଙ୍କୁ ତାଙ୍କ ଶୁଦ୍ଧ ବିଚାର ପାଇଁ ଧନ୍ୟବାଦ ଦେଲେ। ତେବେ ତାଙ୍କୁ ତାଙ୍କ କର୍ମର ଏକ ଅଂଶ ଭାବରେ ସେହି ଅପମାନର ସମ୍ମୁଖୀନ ହେବାକୁ ପଡ଼ିଲା। ଏହି କାହାଣୀ ଦଶମ ଶତାବ୍ଦୀର ହରିସେନାର ବୃହତ୍ କଥାକୋଷରୁ ଆସିଛି।

ହେମଚନ୍ଦ୍ରଙ୍କ ଦ୍ୱାଦଶ ଶତାବ୍ଦୀର ପରିଶିଷ୍ଟ ପର୍ବଣରେ ଉଲ୍ଲେଖ ରହିଛି ଯେ, ସୁନନ୍ଦାଙ୍କ ଭାଇ, ସ୍ୱାମୀ ଓ ପୁଅ ଜୈନ ସନ୍ନ୍ୟାସୀ ହୋଇଥିଲେ। ଏଥିରେ ସେ ଭାଙ୍ଗିପଡ଼ି ନିଜେ ସନ୍ନ୍ୟାସିନୀ ହେବାକୁ ସ୍ଥିରକଲେ ଏବଂ ତ୍ୟାଗରୁ ଶାନ୍ତି ପାଇଥିଲେ। କିନ୍ତୁ ରବିସେଣଙ୍କ ସପ୍ତମ ଶତାବ୍ଦୀର ପଦ୍ମ ପୁରାଣରେ ବର୍ଣ୍ଣନା ରହିଛି , ସହଦେବୀଙ୍କ ସ୍ୱାମୀଙ୍କ ପରେ ପୁଅ ସନ୍ନ୍ୟାସୀ ହୋଇଯିବାବେଳେ ସେ ଏତେ ତ୍ୟାଗ କରି ନ ଥିଲେ। ସେ ମୃତ୍ୟୁବରଣ କଲେ ଏବଂ ବାଘୁଣୀ ଭାବେ ପୁନର୍ଜନ୍ମ ଲାଭକରି ତାଙ୍କ ପୁଅକୁ ଖାଇଥିଲେ। ତାଙ୍କ ସ୍ୱାମୀ କିନ୍ତୁ ବାଘୁଣୀ ଉପରେ ରାଗି ନ ଥିଲେ। ତାଙ୍କ ଶାନ୍ତ ସ୍ୱଭାବ ଦେଖି ବାଘୁଣୀ ଅନୁତାପକଲା ଏବଂ ଭବିଷ୍ୟତ ଜୀବନରେ (ସହଦେବୀ) ମଣିଷ ଜୀବନ ପାଇବା ପରେ ଜୈନ ପଥ ଅନୁସରଣ କରିବାକୁ ସ୍ଥିରକଲେ।

ଏହି ସମସ୍ତ କାହାଣୀରେ ପୁରୁଷ ହିଁ ପଦକ୍ଷେପ ନେଇଛନ୍ତି ଓ ମହିଳା ପ୍ରତିକ୍ରିୟା ସାମ୍ନାକୁ ଆସିଛି। କିନ୍ତୁ ଏମିତି ଏକ କାହାଣୀ ଅଛି ଯେଉଁଠାରେ ମହିଳା ପଦକ୍ଷେପ ନେଇଛନ୍ତି ଏବଂ ପୁରୁଷମାନଙ୍କୁ ବିବାହ ପରିବର୍ତ୍ତେ ସନ୍ନ୍ୟାସ ଜୀବନ ପାଇଁ ପ୍ରବର୍ତ୍ତାଇଛନ୍ତି। ଏହା ଶ୍ୱେତାମ୍ବର ପରମ୍ପରାରୁ ଆସିଛି ଏବଂ ଏହା ହେଉଛି ଊନବଂଶ ତୀର୍ଥଙ୍କର ମଲ୍ଲିନାଥଙ୍କ କାହାଣୀ। ମଲ୍ଲୀ ବହୁ ସୁନ୍ଦରୀ ଥିଲେ। ତାଙ୍କୁ ବିବାହ କରିବା ପାଇଁ ୬ ଜଣ ରାଜକୁମାର ତାଙ୍କ ପିତାଙ୍କ ରାଜ୍ୟ ଏବଂ ପରସ୍ପର ବିରୋଧରେ ଯୁଦ୍ଧ ଘୋଷଣା କରିଥିଲେ। ମଲ୍ଲୀ ସେମାନଙ୍କୁ ନିଜ ଉଆସକୁ ନିମନ୍ତ୍ରଣକଲେ। ସେଠାରେ ରାଜକୁମାରମାନେ ମଲ୍ଲୀଙ୍କ ପରି ଦେଖାଯାଉଥିବା ଏକ ପ୍ରତିମୂର୍ତ୍ତି ଦେଖିଲେ। ସେମାନେ ତାହାର ନିକଟତର ହେଲା ପରେ ସେଥିରୁ ଦୁର୍ଗନ୍ଧ ବାହାରୁଥିବା ଜାଣିଲେ ଓ ଘୃଣାରେ ପଛକୁ ହଟିଆସିଲେ। ରାଜକୁମାରୀ କହିଲେ, ମୂର୍ତ୍ତିଟି ଶଢ଼ା ଖାଦ୍ୟରେ ପରିପୂର୍ଣ୍ଣ ଥିଲା ଓ ସେ ସେହି ପ୍ରକାର ଖାଦ୍ୟ ଖାଉଥିଲେ ଏବଂ ତାହାକୁ ହଜମ କରିବାରେ ସକ୍ଷମ ହେଉଥିଲେ, କାରଣ ତାଙ୍କ ଶରୀରରେ ଆତ୍ମା ରହିଥିଲା। ଜୀବନର ଲକ୍ଷ୍ୟ ହେଉଛି, ମାଂସକୁ ଲୋଭ କରିବା ନୁହେଁ ବରଂ ଏହାର ପ୍ରକୃତ ବାସିନ୍ଦା ଆତ୍ମାକୁ ଆବିଷ୍କାର କରିବା। ତେଣୁ ତାଙ୍କ ଶରୀର ପାଇବା ଲାଗି ଯୁଦ୍ଧ କରିବା ପରିବର୍ତ୍ତେ ସେମାନେ ଜୈନ ପଥ ଅନୁସରଣ କରିବା ଉଚିତ ବୋଲି ସେ ରାଜକୁମାରଙ୍କୁ କହିଥିଲେ। ତା'ପରେ ରାଜକୁମାରୀ ମଲ୍ଲୀ ସଂସାର ଛାଡ଼ି ସନ୍ନ୍ୟାସ ପଥରେ ଚାଲିଲେ। ସେହିପରି ତାଙ୍କୁ ବିବାହ କରିବାକୁ ଚାହୁଁଥିବା ୬ଜଣ ରାଜକୁମାର ମଧ୍ୟ ସନ୍ନ୍ୟାସୀ ହୋଇଗଲେ। ହେଲେ ଦିଗମ୍ବର ପରମ୍ପରାରେ ମଲ୍ଲିନାଥ ଜଣେ ପୁରୁଷ ଥିଲେ, କାରଣ ବିଶ୍ୱାସ ଥିଲା ଯେ ମହିଳା ଶରୀରଧାରୀ ଆତ୍ମାନୁଭବ ଲାଭ କରିପାରିବ ନାହିଁ।

ସପ୍ତମ ଶତାବ୍ଦୀରେ ରବିସେଣଙ୍କ ଲିଖିତ ପଦ୍ମ ପୁରାଣରେ ନାଘୁଶା ରାଜାଙ୍କ ରାଣୀ ସିଂହିକା ସମ୍ପର୍କରେ ବର୍ଣ୍ଣନା ରହିଛି। ରାଜା ଉତ୍ତରରେ ଶତ୍ରୁମାନଙ୍କ ସହ ଲଢ଼େଇରେ ବ୍ୟସ୍ତ ଥିବାବେଳେ ଦକ୍ଷିଣ ପଟୁ ତାଙ୍କ ଉପରେ ଆକ୍ରମଣ କରାଯାଇଥିଲା। ତେଣୁ ସିଂହିକା ସହରରେ ରହିଯାଇଥିବା ସୈନିକମାନଙ୍କୁ ନେଇ ଦକ୍ଷିଣପଟୁ ଆକ୍ରମଣ କରୁଥିବା ଶତ୍ରୁଙ୍କୁ ପଛକୁ ହଟାଇଦେଇଥିଲେ। ସମସ୍ତେ ରାଣୀଙ୍କୁ ପ୍ରଶଂସା କରିଥିଲେ। କିନ୍ତୁ ବିଜୟୀ ରାଜା ଅସନ୍ତୁଷ୍ଟ ଥିଲେ। କାରଣ ସେ ଅନୁଭବ କରୁଥିଲେ ଯେ, ଯୁଦ୍ଧକୁ ଯାଉଥିବା ଜଣେ ମହିଳା ଶୁଦ୍ଧ ନାରୀ ହୋଇପାରିବେ ନାହିଁ। ସେ ରାଣୀଙ୍କଠାରୁ ଦୂରେଇଗଲେ ଓ ଅଣଦେଖା କଲେ। ବହୁ ବର୍ଷ ପରେ ରାଜା ଅସୁସ୍ଥ ହୋଇପଡ଼ିଥିଲେ ଏବଂ ଡାକ୍ତରମାନେ କହିଲେ, କେବଳ ଜଣେ ଶୁଦ୍ଧ ମହିଳା ଦେଇଥିବା ଜଳ ହିଁ ତାଙ୍କୁ ଭଲ କରିପାରେ। ଯେତେବେଳେ ସିଂହିକା ତାଙ୍କୁ ପାଣି ଦେଇଥିଲେ ସେତେବେଳେ ସେ ଆରୋଗ୍ୟ ଲାଭକଲେ। ସେ ଅନୁଭବକଲେ ଯେ, ସେ କେତେ ତୁଚ୍ଛ ଓ ସଂକୀର୍ଣ୍ଣମନା। ରାଣୀଙ୍କୁ ରାଜା କ୍ଷମା ମାଗିଲେ ଓ ତାଙ୍କ ପୁଅକୁ ସିଂହାସନରେ ବସାଇ ଜଣେ ସନ୍ନ୍ୟାସୀ ହୋଇଗଲେ।

-devduttofficial@gmail.com

# କୂପ ମଣ୍ଡୁକ



ଡ. ସୀତାକାନ୍ତ ତ୍ରିପାଠୀ

ମହାମନୀଷୀମାନେ ଦ୍ୱିଅର୍ଥବୋଧକ ଭାବେ ସଂସାରକୁ କୂଅ ସହ ତୁଳନା କରିଛନ୍ତି। ପ୍ରଥମ ଅର୍ଥରେ କିଛି ଲୋକ କୂଅରେ ବାସ କରୁଥିବା ବେଙ୍ଗ ପରି ନିଜର ଚିନ୍ତା, ଚେତନାକୁ ସଙ୍କୁଚିତ କରି ବଞ୍ଚିଥାଆନ୍ତି। ସେମାନଙ୍କ ପାଇଁ ସାରା ବିଶ୍ୱ ସତେଯେପରି କୂଅ ମଧ୍ୟରେ ସୀମିତ। ସେମାନେ ସହଜରେ କାହାରିକୁ ଗ୍ରହଣ କରିପାରନ୍ତି ନାହିଁ ଏବଂ ସେମାନେ ମଧ୍ୟ କାହା ଦ୍ୱାରା ସହଜରେ ଗ୍ରହଣୀୟ ହୋଇପାରନ୍ତି ନାହିଁ। ତଥାପି ଉକ୍ତ ଲୋକମାନେ ନିଜକୁ ଅନ୍ୟମାନଙ୍କ ଆଗରେ ସର୍ବଶକ୍ତିମାନ୍ ତଥା ସର୍ବଜ୍ଞାତା ବୋଲି ପ୍ରମାଣ କରିବାକୁ ଭୁଲନ୍ତି ନାହିଁ। ନିଜର ପିଲାଛୁଆ, ସାହିଭାଇ ଯେତେବେଳେ ବାହାର ଦୁନିଆଁ ସହ ମିଶି ପରିବର୍ତ୍ତିତ, ପରିମାର୍ଜିତ ତଥା ପରିକଳ୍ପିତ ଦୁନିଆଁ ସମ୍ପର୍କରେ ବଖାଣନ୍ତି ସେତେବେଳେ ସେମାନଙ୍କୁ ସବୁକଥା ବିଷ ପିତା ଭଳି ଲାଗିଥାଏ, ଯେଉଁଥିପାଇଁ ସେମାନଙ୍କୁ ''ମା' ବେଙ୍ଗର ପେଟ ଫାଟିଲା'' କାହାଣୀ ଅନୁସାରେ ଫଳାଫଳ ଭୋଗିବାକୁ ପଡ଼ିଥାଏ। ବେଙ୍ଗ ପିଲାମାନଙ୍କର ମା'ଙ୍କ ଆଗରେ ହାତୀର ରୂପ ବର୍ଣ୍ଣନା ମା' ବେଙ୍ଗକୁ ଅସହ୍ୟ ହୋଇଛି ଏବଂ ସିଏ ପିଲାମାନଙ୍କ ଆଗରେ ନିଜକୁ ହାତୀଠାରୁ ବଡ଼ ବୋଲି ପ୍ରମାଣ କରିବାକୁ ଚେଷ୍ଟା କରୁକରୁ ପ୍ରାଣତ୍ୟାଗ କରିଛି। ଏଥିରୁ ଶିକ୍ଷା ମିଳେ କାହାକୁ ନ ଦେଖି କିମ୍ବା ତାଙ୍କ ସମ୍ପର୍କିତ କୌଣସି ତଥ୍ୟ ସଂଗ୍ରହ ନ କରି ତାଙ୍କୁ ବିରୋଧ କରିବା ମଣିଷକୁ ବିପଥଗାମୀ କରିଥାଏ। କାରଣ ମଣିଷର ଦୁଇ ଆଖି ସିନା କେବଳ ସାମ୍ନାକୁ ଦେଖିପାରେ କିନ୍ତୁ ଆଉ ତିନୋଟି ପାର୍ଶ୍ୱ ତା'ପାଇଁ ଅଦେଖା। ଏହି ଅଦେଖାକୁ ଦେଖିବା ପାଇଁ ସମସ୍ତେ ପ୍ରୟାସ କରିବା ଜରୁରୀ।

ବିଭିନ୍ନ ଶୋଭାଯାତ୍ରା, ବିକ୍ଷୋଭ, ଆନ୍ଦୋଳନ ଆଦିରେ ଅଂଶଗ୍ରହଣ କରୁଥିବା ଲୋକମାନଙ୍କର ଅବସ୍ଥା ମଧ୍ୟ ତଦ୍ରୂପ। ସେମାନଙ୍କ ମଧ୍ୟରୁ ଅଧିକାଂଶ ସେମାନଙ୍କ ଯୋଗଦାନର କାରଣ, ଉଦ୍ଦେଶ୍ୟ ଏବଂ ଫଳାଫଳ ସମ୍ପର୍କରେ ପ୍ରାୟତଃ ଅଜ୍ଞ। ଆଉ କିଛି ଲୋକ ଦେଶର ଭାଗ୍ୟବିଧାତାମାନଙ୍କୁ ନିର୍ବାଚିତ କରିବା ବେଳେ ସବ୍‌ସିଡି, ଭତ୍ତା, ମାଗଣା ଘର ଆଦି ପାଇଗଲେ ସେମାନେ ଖୁସିରେ ମସ୍‌ଗୁଲ ହୋଇଯାଆନ୍ତି, ତେଣିକି ଦେଶର ଅର୍ଥନୀତି ଚୁଲିକୁ ଯାଉ। କାରଣ ସେମାନଙ୍କର ଆଶା, ଆକାଂକ୍ଷା ଓ ସ୍ୱପ୍ନଗୁଡ଼ିକ ସେଇ ମାଗଣା ଜିନିଷ ହାତେଇବା ମଧ୍ୟରେ ସୀମିତ କିନ୍ତୁ ସ୍ୱାବଲମ୍ବୀ ହେବାର ବୃହତ୍ ଇଚ୍ଛାକୁ ପାଥେୟକରି ଚାଲିବା କଷ୍ଟକର। ଯଦି ଆମେ ଭଗବାନ୍‌ଙ୍କର ମତ୍ସ୍ୟାବତାର କଥା ବିଚାର କରିବା ତା'ହେଲେ ଉକ୍ତ ମତ୍ସ୍ୟ ଛୋଟିଆ ପାତ୍ରରୁ ବିଶାଳ ସମୁଦ୍ର ପର୍ଯ୍ୟନ୍ତ ନିଜର କାୟା ବିସ୍ତାର କରିଛନ୍ତି, ଯାହାଫଳରେ ସିଏ ଶଙ୍ଖାସୁରକୁ ମାରିବାରେ ସଫଳ ହୋଇଥିଲେ। ଠିକ୍ ସେହି ନ୍ୟାୟରେ ଆମେ ସମସ୍ତେ ନିଜ ଚିନ୍ତା ଓ ଚେତନାକୁ ସମୟକ୍ରମେ ମୁକ୍ତ ଏବଂ ପ୍ରସାରିତ କରିପାରିଲେ ଅସମ୍ଭବକୁ ସମ୍ଭବରେ ପରିଣତ କରିବାର ସାମର୍ଥ୍ୟ ଲାଭ କରିପାରିବା।

ପୂର୍ବରୁ ଲୋକମାନେ କେବଳ ନିଜ ଅଞ୍ଚଳ, ରାଜ୍ୟ ତଥା ଦେଶ ମଧ୍ୟରେ ସୀମିତ ରହୁଥିଲେ କିନ୍ତୁ ବର୍ତ୍ତମାନ ଜଗତୀକରଣ ଫଳରେ ଆମେ ବାହାର ଦୁନିଆଁ ସହ ମିଶିଲେ, ଜାଣିଲେ ଠିକ୍ ସେହିଭଳି ସେମାନେ ମଧ୍ୟ ଆମମାନଙ୍କ ବିଷୟରେ ଜାଣିଲେ। ଏହି ଜାଣିବା ଏବଂ ଜଣାଇବା ମଧ୍ୟରେ ବିଶ୍ୱ ଭ୍ରାତୃତ୍ୱ ବୃଦ୍ଧି ପାଉଛି। ସମୟକ୍ରମେ ଗ୍ଲୋବାଲାଇଜେଶନ କଥା ଉଠିଲାଣି। ଯାହାଫଳରେ ବିଦେଶୀ ସହ ଦେଶୀ ସଂସ୍କୃତି ଓ ବିଚାରଧାରାର ଉନ୍ମେଷ ସାଧନ ହୋଇପାରିବ। ତେଣୁ ଅନ୍ୟମାନଙ୍କୁ ଉଦାର ହୃଦୟରେ ଗ୍ରହଣ କରିବାର ପ୍ରୟାସ ତଥା ଆସକ୍ତିରୁ ମୁକ୍ତି ହିଁ ବ୍ୟକ୍ତିଗତ ତଥା ସାମାଜିକ ଉନ୍ନତିର ଯେ ପରିଚାୟକ ତଥା ଅନ୍ଧକୂପ ମଧ୍ୟରୁ ମୁକ୍ତ ହେବାର ଉତ୍କୃଷ୍ଟ ପନ୍ଥା ଏହା କହିବା ବାହୁଲ୍ୟମାତ୍ର।

ଦ୍ୱିତୀୟ ଦୃଷ୍ଟିକୋଣରୁ ସଂସାରକୁ ମାୟାମୋହରେ ପରିପୂର୍ଣ୍ଣ ଅନ୍ଧକୂପ ଭାବେ ତୁଳନା କରାଯାଇଛି, ଯେଉଁଠାରୁ ମୁକୁଳିବା ଏକ ଦୁରୂହ ବ୍ୟାପାର। ସନ୍ଥ ବିଲ୍ୱମଙ୍ଗଳଙ୍କ ଭାଷାରେ, 'ସଂସାର କୂପେ ପତିତତ୍ୟୋ ଗାଧେ, ମୋହାନ୍ଧ ପୂର୍ଣ୍ଣେ ବିଷୟାଭି ତପ୍ତେ କରାବ ଲମ୍ବଂ ମମଦେହି ବିଷ୍ଣୁ'। ଅର୍ଥାତ୍ ସଂସାରରୂପକ କୂଅ ମଧ୍ୟରେ ଲୋଭ, ମୋହ ଏବଂ ବିଷୟାସକ୍ତିରେ ଘାଣ୍ଟିଗୋଳେଇ ହେଉଥିବା ସମୟରେ ଆଧ୍ୟାତ୍ମିକ ଭାବନା ଓ ଚେତନା, ଭକ୍ତି ତଥା ବିଷ୍ଣୁକୃପା ହିଁ ସାହା ଭରସା। ଭାଗବତରେ ବର୍ଣ୍ଣିତ କୃକଳାସ ଚରିତ୍ର ସାଙ୍କେତିକ ଭାବେ ଉକ୍ତ କଥା ପରିପ୍ରକାଶ କରିଥାଏ। କୃକଳାସ ଅଭିଶପ୍ତ ଜୀବନ କଟାଇ ଏକ କୂଅ ମଧ୍ୟରେ ଅବସ୍ଥାନ କରୁଥିଲେ ଏବଂ ତାଙ୍କ ଉପରେ ଶ୍ରୀକୃଷ୍ଣଙ୍କର କୃପାଦୃଷ୍ଟି ପଡ଼ିବାରୁ ସିଏ ମୁକ୍ତିଲାଭ କଲେ।

'ବନ ଗହନ ଅନ୍ଧ କୂପେ, ଅନେକ
କାଳ ଥାଉ ପାପେ।
ଜନ୍ମ ମରଣ ଦୁଃଖ ସହି, ଏ ଅନ୍ଧ କୂପେ ପଡ଼ିଲଇଁ।
ପାଇଲି ତବ ଦରଶନ, ଭୋ ନାଥ ରଖ ଭଗବାନ୍।'

ସେହି ହିସାବରେ ଯେତେବେଳେ ମଣିଷମାନେ କୌଣସି କାରଣରୁ ଅଜ୍ଞାନତା, କାମନା, ବାସନା ତଥା ବିଷୟବିଜଡ଼ିତ ଓ କର୍ମଚ୍ୟୁତ ହୋଇ ବିଭିନ୍ନ ଅକର୍ମ ଏବଂ କୁକର୍ମରେ ମାତିଯାଆନ୍ତି ସେତେବେଳେ ସେମାନଙ୍କୁ ଉଦ୍ଧାର କରିବା ପାଇଁ ମହାପୁରୁଷମାନଙ୍କର ଆବିର୍ଭାବ ହୋଇଥାଏ। ଯେଉଁମାନେ ଆଲୋକବର୍ତ୍ତିକା ସଦୃଶ ସଂସାରରୂପକ ଅନ୍ଧକାର କୂଅ ମଧ୍ୟରୁ ଲୋକମାନଙ୍କୁ ଉଦ୍ଧାର କରିପାରନ୍ତି।

ଭଦ୍ରକ, ମୋ:୯୭୭୮୭୬୪୩୯୪

## ଏଇ ଭାରତରେ

ପଶ୍ଚିମବଙ୍ଗ ପୂର୍ବ ବର୍ଦ୍ଧମାନ ଜିଲା ବସନ୍ତପୁର ଗାଁରେ ଥିବା ସ୍କୁଲରେ ପ୍ରାୟ ୧୦ ବର୍ଷ ହେବ ଦ୍ୱିଜେନ୍ଦ୍ର ନାଥ ଘୋଷ ମାଗଣାରେ ପଢାଉଛନ୍ତି। ତାଙ୍କୁ ଏବେ ବୟସ ୭୬। ସେ ଶିକ୍ଷକ ଭାବେ ଅବସର ନେବା ପରେ ଏବେ ବସନ୍ତପୁର ଜୁନିୟର ହାଇସ୍କୁଲକୁ ବଞ୍ଚାଇ ରଖିବା ଲାଗି ପଢାଉଛନ୍ତି। ଘୋଷଙ୍କ ଜନ୍ମ ଏକ ଗରିବ ପରିବାରରେ। ପିଲାଦିନେ ତାଙ୍କୁ ଖାଦ୍ୟ ପାଇଁ ସଂଗ୍ରାମ କରିବାକୁ ପଡ଼ିଥିଲା। ସେହି ପରିସ୍ଥିତିରେ ସେ ପଢିଥିଲେ ଓ ଶିକ୍ଷକ ହୋଇପାରିଥିଲେ। ୧୯୭୫ରେ ଚାକିରିରେ ଯୋଗଦେଇ ୨୦୦୮ରେ ଜମାଲପୁର ହାଇସ୍କୁଲରୁ ଅବସର ନେବାପରେ ଗାଁକୁ ଫେରି ହାଇସ୍କୁଲ ଖୋଲିଥିଲେ । ପ୍ରଥମେ ୪୦ ଜଣ ପିଲାଙ୍କୁ ନେଇ ଏହା ଆରମ୍ଭ କରାଯାଇଥିଲା। ୨୦୧୦ରେ ଏହା ସରକାରୀ ସ୍ୱୀକୃତି ପାଇଥିଲା। ହେଲେ ସ୍ଥାୟୀ ଶିକ୍ଷକ ନିଯୁକ୍ତି ଅଭାବ ରହିଥିବାରୁ ସ୍କୁଲ ବନ୍ଦ ହୋଇଯିବାର ସମ୍ଭାବନାକୁ ଲକ୍ଷ୍ୟ କରି ଘୋଷ ପଢ଼ାଇବା ଜାରି ରଖିଛନ୍ତି। ଏବେ ସ୍କୁଲରେ ଘୋଷଙ୍କୁ ଛାଡ଼ିଦେଲେ ୪ ଜଣ ଅସ୍ଥାୟୀ ଶିକ୍ଷକ ରହିଛନ୍ତି ଓ ମୋଟ ୧୪୦ ପିଲା ପଢୁଛନ୍ତି। ବର୍ଷକୁ ମାତ୍ର ୨୫ ହଜାର ଟଙ୍କା ଅନୁଦାନ ମିଳୁଛି। ଶିକ୍ଷକଙ୍କୁ ଦରମା ଦେଇ ସ୍କୁଲ ପରିଚାଳନା କରିବା କଷ୍ଟକର ହୋଇପଡୁଛି।

## ଚିରନ୍ତନୀ

ମୁହୂର୍ତ୍ତର ବିରହ କଳ୍ପନା
ଜଗାଏ ସେ ହାହୁତାସ ବିରାଟ ବେଦନା।
ବିରହେ ଉଜ୍ଜ୍ୱଳ ହୁଏ ମିଳନ ସମ୍ଭୋଗ
ଏ ନୀତି ମାନିବ କେହୁ
ଲୋଡ଼ଇ ଯେ ଚିରନ୍ତନ ଯୋଗ!
ତଥାପି ଅନ୍ତରେ ଯାର ବଢ଼ଇ ପିପାସା
ହୃଦୟର ଯୋଗ କିବା ଅଙ୍ଗେ ଅଙ୍ଗ
ମିଶିବାକୁ ଉଚ୍ଛୁଳଇ ଆଶା! -(ଯୁଗଳ ପ୍ରୟାଣେ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | 5 | |
| | 7 | | | | | | | 9 |
| 5 | | | | 8 | | 4 | | |
| | 6 | | | | | | | 5 |
| 4 | | | | | | | 2 | 8 |
| | | | 2 | | 6 | 9 | 7 | |
| 6 | | | | | 1 | | | 2 |
| | 9 | | 5 | | | | 4 | 1 |
| | 8 | | | | 9 | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 2 | 8 | 5 | 3 | 9 | 6 | 4 | 1 |
| 5 | 3 | 6 | 4 | 1 | 8 | 9 | 7 | 2 |
| 4 | 1 | 9 | 6 | 7 | 2 | 5 | 8 | 3 |
| 8 | 7 | 3 | 2 | 6 | 1 | 4 | 5 | 9 |
| 6 | 4 | 1 | 9 | 5 | 7 | 3 | 2 | 8 |
| 9 | 5 | 2 | 8 | 4 | 3 | 1 | 6 | 7 |
| 1 | 8 | 4 | 3 | 2 | 6 | 7 | 9 | 5 |
| 2 | 6 | 7 | 1 | 9 | 5 | 8 | 3 | 4 |
| 3 | 9 | 5 | 7 | 8 | 4 | 2 | 1 | 6 |

ଗତକାଲିର ଉତ୍ତର

# ଆଦିବାସୀଙ୍କ ସାଥୀ ଅଣଚାଷ ଖାଦ୍ୟ



ବିଚିତ୍ର ବିଶ୍ୱାଳ

ଖାଦ୍ୟ କଥା ଉଠିବା ମାତ୍ରେ ଆମେ ସାଧାରଣତଃ ଚାଷ ଦ୍ୱାରା ଉତ୍ପାଦନ ହେଉଥିବା ଖାଦ୍ୟ କଥା ହିଁ ବିଚାର କରିଥାଉ। କିନ୍ତୁ କେବେ ଭାବିଛେ କି ବିନା ଚାଷରେ ପ୍ରକୃତିରୁ ଆମକୁ କେତେ ପ୍ରକାର ଖାଦ୍ୟ ମିଳିଥାଏ! ଜଙ୍ଗଲ, ଜଳାଶୟ, ଜମି ଆଦିରୁ ବହୁତ ପ୍ରକାର ଅଣଚାଷ ଖାଦ୍ୟ ମିଳେ, ଯାହା ଖାଦ୍ୟ ଓ ପୁଷ୍ଟି ସୁରକ୍ଷା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଆଦିବାସୀମାନଙ୍କ ଖାଦ୍ୟ ଓ ପୁଷ୍ଟି ସୁରକ୍ଷାରେ ଅଣଚାଷ ଖାଦ୍ୟର ଅବଦାନ ସର୍ବାଧିକ। ଏକ ଅଧ୍ୟୟନରୁ ଜଣାଯାଏ, ରାୟଗଡ଼ା ଜିଲାର ବିଷମ କଟକ ଓ ମୁନିଗୁଡ଼ା ଅଞ୍ଚଳର କନ୍ଧ ଆଦିବାସୀମାନେ ଜଙ୍ଗଲ ଓ ଜଳାଶୟରୁ ପ୍ରାୟ ୨୫୦ରୁ ଅଧିକ ପ୍ରକାରର ଅଣଚାଷ ଖାଦ୍ୟ ସଂଗ୍ରହ କରି ଖାଇଥାନ୍ତି। ଏହି ଖାଦ୍ୟଗୁଡ଼ିକ ମଧ୍ୟରେ ରହିଛି କନ୍ଦା, ଶାଗ, ଫଳ, ମଞ୍ଜି , ଛତୁ, ମାଛ ଓ କଙ୍କଡ଼ା ଜାତୀୟ ସମେତ ଅନ୍ୟାନ୍ୟ ପ୍ରାଣୀଜ ଖାଦ୍ୟ। ଏହିସବୁ ଖାଦ୍ୟ ଆଦିବାସୀମାନଙ୍କୁ ପ୍ରକୃତିର କୋଳରୁ ମିଳିଥାଏ।

ଜଙ୍ଗଲ ଆଦିବାସୀଙ୍କ ଜୀବନର ଏକ ଅଭିନ୍ନ ଅଂଶ। ଆଦିବାସୀ ପିଲାଠାରୁ ବୁଢ଼ା ଯାଏ ସମସ୍ତେ ଜଙ୍ଗଲକୁ ଯାଆନ୍ତି ଓ ବିଭିନ୍ନ ପ୍ରକାର ଖାଦ୍ୟ ସଂଗ୍ରହ କରନ୍ତି। ଆଦିବାସୀଙ୍କ ପାଖରେ ଥିବା ଅଣଚାଷ ଖାଦ୍ୟର ଭଣ୍ଡାରକୁ ଦେଖିଲେ ସେମାନଙ୍କ ପାଖରେ କେତେ କମ୍ ବିବିଧତାର ଖାଦ୍ୟ ଅଛି ତାହା ଭଲ ଭାବେ ବୁଝିହେବ। ଅଣଆଦିବାସୀମାନେ ମୁଖ୍ୟତଃ ଗୋଟିଏ ପ୍ରକାର ଆଳୁ ଖାଉଥିବା ବେଳେ ଆଦିବାସୀଙ୍କ ପାଖରେ ପ୍ରାୟ ୨୦ରୁ ଅଧିକ ପ୍ରକାର ଆଳୁ ଅଛି। ପିତା କନ୍ଦା, ଡାବି କନ୍ଦା, ଚେରେଙ୍ଗା କନ୍ଦା, ଶୀତଳ କନ୍ଦା, ଲଙ୍ଗଳ କନ୍ଦା ଆଦି ଅନେକ ପ୍ରକାର ଆଳୁ ଆଦିବାସୀ ଖାଦ୍ୟ ବ୍ୟବସ୍ଥାର ଅଂଶ। ସେହିପରି ତଥାକଥିତ ସଭ୍ୟ ଲୋକଙ୍କ ପାଖରେ ଅତି କଷ୍ଟରେ ଗୋଟିଏ କିମ୍ବା ଦୁଇ ପ୍ରକାର ଶାଗ ଥିବା ବେଳେ ଆଦିବାସୀ ଜଙ୍ଗଲରୁ ପ୍ରାୟ ୩୦ରୁ ଅଧିକ ପ୍ରକାର ଶାଗ ସଂଗ୍ରହ କରି ଖାଇଥାନ୍ତି। ବର ଶାଗ, ଗନ୍ଦିରୀ ଶାଗ, ପଟିଲି ଶାଗ, ମୂଷାକାନି ଶାଗ, ଜବ ଶାଗ ଆଦି ଜଙ୍ଗଲରୁ ସଂଗ୍ରହ ହୋଇଥାଏ। ଏତଦ୍‌ବ୍ୟତୀତ ସରଗୀ ଛତୁ, ଆମ୍ବ ଛତୁ, ଜାମ୍ବ ଛତୁ, ଶ୍ରାବଣ ଛତୁ, ଉଇ ଛତୁ ଆଦି ବିଭିନ୍ନ ପ୍ରକାର ଛତୁ ଆଦିବାସୀଙ୍କୁ ବର୍ଷାଦିନେ ଜଙ୍ଗଲରୁ ମିଳେ। ଜଙ୍ଗଲ ବ୍ୟତୀତ ଜଳାଶୟରୁ ମାଛ, କଙ୍କଡ଼ା, ଗେଣ୍ଡା ଆଦି ବିଭିନ୍ନ ପ୍ରକାର ମାଛ ଜାତୀୟ ଖାଦ୍ୟ ମିଳିଥାଏ। ଏସବୁ ଖାଦ୍ୟକୁ ବାଦ୍ ଦେଲେ ଆଦିବାସୀଙ୍କ ଖାଦ୍ୟ ଓ ପୁଷ୍ଟି ସୁରକ୍ଷା କଥା ଭାବିହେବ ନାହିଁ। ଅନେକ ସମୟରେ ଦେଖାଯାଏ , ସଭ୍ୟ ବୋଲାଉଥିବା ଲୋକମାନେ ଆଦିବାସୀଙ୍କ ଅଣଚାଷ ଖାଦ୍ୟକୁ ଘୃଣା ଦୃଷ୍ଟିରେ ଦେଖିଥାଆନ୍ତି। କିନ୍ତୁ ଏହା ସେମାନଙ୍କ ନିର୍ବୋଧତା। ଅଣଚାଷ ଖାଦ୍ୟଗୁଡ଼ିକରେ ପ୍ରଚୁର ପରିମାଣରେ ପୋଷକ ତତ୍ତ୍ୱ ଅଛି ବୋଲି ପ୍ରମାଣିତ ହେଲାଣି। ଏହି ସବୁ ଖାଦ୍ୟ ଆଦିବାସୀଙ୍କୁ ସୁସ୍ଥ ରହିବାରେ ସାହାଯ୍ୟ କରୁଛି। ଗଣମାଧ୍ୟମଗୁଡ଼ିକ ଆଦିବାସୀଙ୍କ ଖାଦ୍ୟକୁ ବିଷାକ୍ତ କହିବାର ଅନେକ ନଜିର ଅଛି। କିନ୍ତୁ ଅସଲରେ ସେ ଖାଦ୍ୟ ବିଷାକ୍ତ ହୋଇ ନ ଥାଏ।



କିଛି ଦିନ ତଳେ ଆଦିବାସୀଙ୍କ ଚାକୁଣ୍ଡା ଶାଗ ଖିଆକୁ ନେଇ ଆମ ରାଜ୍ୟରେ ବହୁତ ନକାରାତ୍ମକ ଚର୍ଚ୍ଚା ହୋଇଥିଲା। କିନ୍ତୁ ଅସଲରେ ଚାକୁଣ୍ଡା ଶାଗରେ ପ୍ରଚୁର ପରିମାଣରେ ଲୌହସାର ଅଛି, ଯାହା ଆଦିବାସୀଙ୍କୁ ରକ୍ତହୀନତାରୁ ମୁକ୍ତ ରଖିବାରେ ସାହାଯ୍ୟ କରେ। ସେହିପରି ଗନ୍ଦିରୀ ଶାଗରେ ଲୌହ ଥିବାର ପ୍ରମାଣ ମିଳିଛି। ଅନେକ ସମୟରେ ଖାଦ୍ୟର ରକ୍ଷଣାବେକ୍ଷଣ ହିଁ ବିଷକ୍ରିୟାର କାରଣ ହୋଇଥାଏ, ଯାହାକୁ ଖାଦ୍ୟର ଦୋଷ ଦିଆଯାଏ। ଏତଦ୍‌ବ୍ୟତୀତ ଅଣଚାଶ ଖାଦ୍ୟର ସଂଗ୍ରହ ଓ ପ୍ରକ୍ରିୟାକରଣର ଜ୍ଞାନ ଆଦିବାସୀଙ୍କ ପାଖରେ ଥାଏ। ପିତା କନ୍ଦାକୁ ସେମାନେ ଗୋଟେ କନାରେ ବାନ୍ଧି ଦୁଇଦିନ ଯାଏ ଝରଣାରେ ବୁଡ଼ାଇ ରଖନ୍ତି। ଯେତେବେଳେ ସେହି କନ୍ଦା ପାଖକୁ ଛୋଟ ଛୋଟ ମାଛ ଆସିବାକୁ ଆରମ୍ଭ କରନ୍ତି, ସେମାନେ ବୁଝିଯାଆନ୍ତି ଯେ, ତାହା ଖାଦ୍ୟ ଉପଯୋଗୀ ହୋଇଯାଇଛି। ସେହିପରି ଏକ ନିର୍ଦ୍ଦିଷ୍ଟ ଅବସ୍ଥାରେ ଥିବା ସିନ୍ଧିକୋଳିଗଛକୁ ଦେଖି ସେମାନେ ଜାଣିପାରନ୍ତି ତା' ଭିତରେ ସିନ୍ଧି ପୋକ ଅଛି ଓ ତାକୁ ସଂଗ୍ରହ କରି ଖାଇଥାଆନ୍ତି। କନ୍ଦା ଖୋଳିବା ବେଳେ ଆଦିବାସୀ ମହିଳାମାନେ ସେହି ଗାତରେ ଖଣ୍ଡେ ଛାଡ଼ନ୍ତି, ଯାହା ଫଳରେ ବର୍ଷା ପଡ଼ିଲେ ସେହି କନ୍ଦା ଖଣ୍ଡରୁ ପୁଣି ଗଛ ହୁଏ ଓ ପରବର୍ଷକୁ ସେଥିରୁ କନ୍ଦା ବାହାରେ।

ଜଙ୍ଗଲ ଆଦିବାସୀଙ୍କ ପାଇଁ ଜଙ୍ଗଲ ଖାଦ୍ୟର ଏକ ପ୍ରମୁଖ ଉତ୍ସ। ଜଙ୍ଗଲ ଆଦିବାସୀର ଭାତ ହାଣ୍ଡି। ତେଣୁ ଆଦିବାସୀଙ୍କ ଖାଦ୍ୟ ଓ ପୁଷ୍ଟି ସୁରକ୍ଷା ଯୋଜନାରେ ଯଦି ଜଙ୍ଗଲକୁ ବାଦ୍ ଦିଆଯାଏ, ତେବେ ତାହା କେବେ ପୂର୍ଣ୍ଣାଙ୍ଗ ହେବ ନାହିଁ। ସେମାନଙ୍କଠାରୁ ଜଙ୍ଗଲ ଛଡ଼ାଇ ନେଇ ତାଙ୍କ ପାଇଁ ଯେତେ ଖାଦ୍ୟ ସୁରକ୍ଷାର ଯୋଜନା କରିଲେ, ତାହା କେବେ ବି ଫଳବତୀ ହେବ ନାହିଁ। ସେହିପରି ଜଙ୍ଗଲକୁ କେବଳ ରାଜସ୍ୱ ଆୟର ମାଧ୍ୟମ ଭାବି ଜଙ୍ଗଲ ବିଭାଗ ଦ୍ୱାରା ସେଠାରେ ଶାଗୁଆନ କିମ୍ବା ଅନ୍ୟ କୌଣସି ଏକକ ବୃକ୍ଷରୋପଣ କରିଲେ ତାହାକୁ ସରକାରୀ ଭାଷାରେ ସିନା ଜଙ୍ଗଲ କୁହାଯିବ, କିନ୍ତୁ ତାହା ଆଦିବାସୀଙ୍କ ପ୍ରାକୃତିକ ଜଙ୍ଗଲ ପରି ହେବ ନାହିଁ। ଆଦିବାସୀଙ୍କୁ ସେଠାରୁ କୌଣସି ପ୍ରକାର ଖାଦ୍ୟ ମିଳିବ ନାହିଁ। ତା'ହେଲେ ସେ ଜଙ୍ଗଲ ଆଦିବାସୀର କେଉଁ କାମକୁ? ତେଣୁ ଆଦିବାସୀଙ୍କ ବାସ୍ତବିକ ଖାଦ୍ୟ ସୁରକ୍ଷା ନିଶ୍ଚିତ କରିବାକୁ ହେଲେ ଆଦିବାସୀଙ୍କ ହାତରେ ତାଙ୍କ ଜଙ୍ଗଲର ଅଧିକାର ରଖିବାକୁ ହେବ।

କେବଳ ଆଦିବାସୀ ନୁହନ୍ତି, ଅଣଆଦିବାସୀ ସମାଜରେ ଅଣଚାଷ ଖାଦ୍ୟର ବହୁତ ଭୂମିକା ଅଛି। ଉପକୂଳ ଓ ଧାନ ଅମଳ ପରେ ଚାଷ ଜମିରୁ ମୋଟି ଶାଗ, ମଦରଙ୍ଗା ଶାଗ, ପିତା ଶାଗ ଆଦି ମିଳୁଥିବା ବେଳେ ଆର୍ଦ୍ରଭୂମିରୁ ସୁନୁସୁନିଆ ଶାଗ, କନିସିରି ଶାଗ ଆଦି ମିଳିଥାଏ। ଧାନ ଜମିରେ ପାଣି ଥିବା ବେଳେ ଦୁଇ ମାସ ଯାଏ ଚୂନାମାଛ, ଚିଙ୍ଗୁଡ଼ି ଓ କଙ୍କଡ଼ା ଆଦି ମଧ୍ୟ ମିଳୁଥିଲା। ଏସବୁ ଅଣଚାଷ ଖାଦ୍ୟ ଘରେ ଆହାର ଭାବେ ବ୍ୟବହାର ହେଉଥିଲା। କିନ୍ତୁ ବର୍ତ୍ତମାନ ଏସବୁ ପ୍ରାୟ ମିଳିବା କମିଗଲାଣି, କାରଣ ହେଉଛି ଚାଷରେ ଅତ୍ୟଧିକ ରାସାୟନିକର ବ୍ୟବହାର। ଏସବୁ ଖାଦ୍ୟ ଆଉ ମିଳୁ ନ ଥିବାରୁ ଖାଦ୍ୟ କିଣିବା ପାଇଁ ଏବେ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଏହାର ପ୍ରଭାବ ପରିବାରର ଆର୍ଥିକ ଅବସ୍ଥା ଉପରେ ପଡୁଛି। ତେଣୁ ଆମ ଖାଦ୍ୟ ବ୍ୟବସ୍ଥାରେ ଅଣଚାଷ ଖାଦ୍ୟକୁ ପୁନଃ ସଂଶ୍ଲିଷ୍ଟ କରିବାକୁ ପଡ଼ିବ ଓ ସେହି ହିସାବରେ ଆମକୁ ଚାଷବାସ ଓ ଜଙ୍ଗଲ ପରିଚାଳନା କରିବାର ଆବଶ୍ୟକତା ରହିଛି।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର
ମୋ:୯୪୩୮୪୬୮୪୭୪

## ପାଠକ ଶ୍ରେଷ୍ଠ ବିଚାରକ

### ସମସ୍ୟାରେ ଗ୍ରାମ୍ୟବ୍ୟାଙ୍କ

ମହାଶୟ,

ରାଜ୍ୟର ୧୭ ଜିଲାରେ ଓଡ଼ିଶା ଗ୍ରାମ୍ୟବ୍ୟାଙ୍କ ଥିବାବେଳେ ୧୩ ଜିଲାରେ ଉତ୍କଳ ଗ୍ରାମ୍ୟବ୍ୟାଙ୍କ ରହିଛି। ତେବେ ଗ୍ରାମ୍ୟବ୍ୟାଙ୍କର ହେଡ୍ ଅଫିସ ଭୁବନେଶ୍ୱରରେ ଥିବାବେଳେ ତା' ଅଧୀନରେ ବିଭିନ୍ନ ରିଜିଓନାଲ ଓ ଶାଖା ଗ୍ରାମ୍ୟବ୍ୟାଙ୍କ କେନ୍ଦ୍ରଗୁଡ଼ିକ ଅଛି। ସେଥିମଧ୍ୟରୁ ଅନେକ ଗ୍ରାମ୍ୟବ୍ୟାଙ୍କରେ ସର୍ବନିମ୍ନ ବିଜୁଳି ସେବା ଏକ ପ୍ରକାର ଅପହଞ୍ଚ। ମୁଖ୍ୟ ଓ ଶାଖା କାର୍ଯ୍ୟାଳୟରେ ବାତାନୁକୂଳ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା ଥିବାବେଳେ ଶାଖା ବ୍ରାଞ୍ଚରେ ସେହି ସୁବିଧା ନାହିଁ। ଭାତହାଣ୍ଡିରୁ ଗୋଟିଏ ଚିପିଲା ପରି ଚିନ୍ତାଇଲୋ ଶାଖା କଥା ଆମେ ଉଲ୍ଲେଖ କରୁଛୁ। ଆମ ପରିବାରର ୪ଜଣ ସେଠାରେ ପାସ୍‌ବୁକ୍‌ଧାରୀ। ଏହି ଶାଖାରେ ଏବଂ ଆମ ଜିଲାର ସମସ୍ତ ଶାଖା କେନ୍ଦ୍ରରେ ପାସ୍‌ବୁକ୍‌ର ଘୋର ଅଭାବ ରହିଛି। ଚେକ୍‌ବୁକ୍ ମଧ୍ୟ ଦିଆଯାଉନାହିଁ। କେନ୍ଦ୍ର ସରକାର ଡିଜିଟାଲ ଇଣ୍ଡିଆ ଓ ଡିଜିଟାଲ ବ୍ୟାଙ୍କିଙ୍ଗ୍ ସେବାକୁ ତ୍ୱରାନ୍ୱିତ କରୁଥିବା ଘୋଷଣା କରୁଥିଲେ ମଧ୍ୟ ଓଡ଼ିଶା ଗ୍ରାମ୍ୟବ୍ୟାଙ୍କ ଏ କ୍ଷେତ୍ରରେ ବିଫଳ। ପାସ୍‌ବୁକ୍ ଅପ୍‌ଡେଟ୍ ହୋଇପାରୁ ନାହିଁ । ନୂଆ ପାସ୍‌ବୁକ୍ ଓ ଚେକ୍‌ବୁକ୍ ଦେବାରେ ବିଳମ୍ବ ହେଉଛି। ଜିଲାର ଅନ୍ୟ ଶାଖାରେ ସମାନ ଅବସ୍ଥା। କିଛି ମାସ ତଳେ ଗ୍ରାମ୍ୟବ୍ୟାଙ୍କ ଚେୟାରମ୍ୟାନ ଏଠାକୁ ଗସ୍ତକରି ଏସବୁର ତ୍ରୁଟି ସୁଧାରିଯିବ ବୋଲି ଆଶ୍ୱାସନା ଦେଇଥିଲେ। ବଡ଼ କଥା ହେଉଛି ବ୍ୟାଙ୍କ ଶାଖା ପାଇଁ ଆବଶ୍ୟକ କାଗଜପତ୍ର, ଲେଜର ବୁକ୍ ଓ ଅନ୍ୟାନ୍ୟ କାଗଜପତ୍ର ସବୁ ହେଡ୍ ଅଫିସ୍ ଯୋଗାଇପାରୁନାହିଁ।

-ଦିଲିଶ୍ୟାମ ମହାମଲ, ଧର୍ମଗଡ଼, ଭବାନୀପାଟଣା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସତ୍ୟ ଉନ୍ମୋଚନ କରାଯାଉ: କଂଗ୍ରେସ



ଖବରଦାତା ସମ୍ମିଳନୀରେ କଂଗ୍ରେସ ଉପସଭାପତି ଶିବାନନ୍ଦ ରାୟ ଓ ଦଳୀୟ ନେତୃବୃନ୍ଦ।

## ବଡ଼ଠାକୁର ଚାରମାଳ ଉପରେ ପଡ଼ିବା ଘଟଣା

ଭୁବନେଶ୍ୱର, ୧୦।୭(ସୁନିତ୍ ମିଶ୍ର)

ଚଳିତ ରଥଯାତ୍ରାର ପ୍ରଥମ ଦିନରେ ଜଣେ ଭକ୍ତଙ୍କ ମୃତ୍ୟୁ ଓ ଶତାଧିକ ଆହତ ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସେହିପରି ୨ୟ ଦିନରେ ବଳଭଦ୍ର ଚାରମାଳ ଉପରେ ହାମୁଡ଼େଇ ପଡ଼ିବା କୋଟି କୋଟି ଜଗନ୍ନାଥପ୍ରେମୀ ଭକ୍ତଙ୍କୁ ଗଭୀର ମାନସିକ ଆଘାତ ଦେଇଛି, ଯାହାକି ଦୁର୍ଭାଗ୍ୟଜନକ। ଏହି ଘଟଣାକୁ ସାମାନ୍ୟ ବା ମାମୁଲି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମରେ କହିବା ଆହୁରି ଦୁର୍ଭାଗ୍ୟଜନକ ବୋଲି କଂଗ୍ରେସ ଉପସଭାପତି ଶିବାନନ୍ଦ ରାୟ କହିଛନ୍ତି।

ମଙ୍ଗଳବାର କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଶିବାନନ୍ଦ କହିଛନ୍ତି, ଏହି ଘଟଣାରେ ତଦନ୍ତ କମିଶନ ବସାଇ ଦୁର୍ଘଟଣା ପଛର ପ୍ରକୃତ ରହସ୍ୟକୁ ଲୋକଙ୍କ ସାମ୍ନାକୁ ଆଣିବା ଦରକାର। ରଥଯାତ୍ରାର ପ୍ରଥମ ଦିନରେ ଜଣେ ଭକ୍ତଙ୍କ ମୃତ୍ୟୁହେବା ଓ ଶତାଧିକ ଆହତ ହେବା ଏକ ଅଶୁଭ ଲକ୍ଷଣ। କାହିଁକି ଏହା ଘଟିଲା, କିଏ ଏଥିପାଇଁ ଦାୟୀ, କାହାର ଅବହେଳା ଏଠାରେ ରହିଛି–ଏ ସବୁର ତଦନ୍ତ ହେବା ଆବଶ୍ୟକ। ତଦନ୍ତ କମିଶନ ବସାଇ ପ୍ରକୃତ ସତ୍ୟ ଲୋକଲୋଚନକୁ ଆଣିବାକୁ କଂଗ୍ରେସ ଦାବି କରୁଛ। ପହଣ୍ଡି ସମୟରେ ବଡ଼ଠାକୁର ହାମୁଡ଼େଇ ପଡ଼ିବା ଏକ ଅତି ସମ୍ବେଦନଶୀଳ ଘଟଣା , ଯାହାକି ଦେଶ ଏବଂ ଦେଶ ବାହାରେ ଥିବା କୋଟି କୋଟି ଭକ୍ତଙ୍କୁ ଗଭୀର ମାନସିକ ଆଘାତ ଦେଇଛି। ଏହା ଏକ ବିରଳ ଘଟଣା, ଯାହା ଅତୀତରେ କେବେ ଦେଖାଯାଇ ନ ଥିଲା। ମାତ୍ର ଉପମୁଖ୍ୟମନ୍ତ୍ରୀ ଓ ଆଇନ ମନ୍ତ୍ରୀ ଏହାକୁ ସାମାନ୍ୟ ଘଟଣା ବୋଲି କହିବା ଅତି ଦୁର୍ଭାଗ୍ୟଜନକ। ଏଥିପାଇଁ ଦୁଃଖ ପ୍ରକାଶ ବା କ୍ଷମା ମାଗିବା ପରିବର୍ତ୍ତେ ଏହା ସାମାନ୍ୟ ଘଟଣା, ଏହା ମହାପ୍ରଭୁଙ୍କ ଏକ ଲୀଳା ଇତ୍ୟାଦି କହି ଘଟଣାର ଗୁରୁତ୍ୱକୁ କେବଳ ଅବମାନନା କରିନାହାନ୍ତି, ନିଜ ଭିତରେ ଥିବା ଅହଂକାରକୁ ମଧ୍ୟ ପ୍ରକାଶ କରିଛନ୍ତି। ଏହାକୁ ଜଗନ୍ନାଥପ୍ରେମୀମାନେ କେବେହେଲେ ବରଦାସ୍ତ କରିବେ ନାହିଁ ବୋଲି ସେ କହିଛନ୍ତି।

# ବିଭାଗୀୟ ସହଯୋଗୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ: ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର

## ସହରାଞ୍ଚଳରେ ଜୀବନଧାରଣର ମାନବୃଦ୍ଧି

ଭୁବନେଶ୍ୱର, ୧୦।୭(ସୁନିତ୍ ମିଶ୍ର)

ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମଙ୍ଗଳବାର ଭୁବନେଶ୍ୱର ସୁଡା ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନାଚକ୍ର ଡାକିଥିଲେ। ଏଥିରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜି. ମାଥିଭାଥାନନ୍ ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସମ୍ମାନିତ ଉନ୍ନୟନ ସହଯୋଗୀମାନଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଏକାଠି ହୋଇଥିଲେ। ବୈଠକରେ ବିଭାଗ ଏବଂ ଏହାର ଅଂଶୀଦାରମାନଙ୍କ ମଧ୍ୟରେ ମିଳିତ ପ୍ରୟାସରୁ ମିଳିଥିବା ସଫଳତାକୁ ପାଳନ ଓ ପ୍ରତିଫଳିତ କରିବା ପାଇଁ ଏକ ମଞ୍ଚ ଭାବେ କାର୍ଯ୍ୟ କରିଥିଲା। ବିଭାଗ ଭିତରେ ଏକ ଅଭିନବ ଇକୋସିଷ୍ଟମ୍‌କୁ ପୋଷଣ କରିବାରେ ଅଂଶୀଦାରମାନଙ୍କ ଅବିଚ୍ଛେଦ୍ୟ ଭୂମିକା ପାଇଁ ସ୍ୱୀକୃତି ମିଳିଥିଲା, ଯାହା ସହରାଞ୍ଚଳ ବିକାଶର କ୍ରମାଗତ ବିକଶିତ ଆହ୍ୱାନର ମୁକାବିଲା ପାଇଁ ଗୁରୁତ୍ୱପୂର୍ଣ୍ଣ। ମାଥିଭାଥନନ୍ ତାଙ୍କ ଅଭିଭାଷଣରେ ଅଂଶୀଦାରମାନଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ସହଯୋଗ ଉପରେ ଆଲୋକପାତ କରିବା ସହ ଜ୍ଞାନ, ବୈଷୟିକ ଦକ୍ଷତା ଏବଂ ସମ୍ବଳ ଦୃଷ୍ଟିରୁ ସେମାନଙ୍କ ଅବଦାନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଓଡ଼ିଶାରେ ସହରାଞ୍ଚଳ ବିକାଶ ଲକ୍ଷ୍ୟକୁ ଆଗେଇ ନେବାରେ ନିରନ୍ତର ଶିକ୍ଷା ଓ ଉଦ୍ଭାବନର ଗୁରୁତ୍ୱ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବିଭାଗୀୟ ସହଯୋଗୀଙ୍କ ନିଷ୍ଠା ଓ ଅବଦାନକୁ ମନ୍ତ୍ରୀ ମହାପାତ୍ର ପ୍ରଶଂସା କରିବା ସହ ଓଡ଼ିଶାର ସହରାଞ୍ଚଳରେ ଜୀବନଧାରଣର ମାନ ବୃଦ୍ଧି ଦିଗରେ ବିଭାଗୀୟ ସହଯୋଗୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଛନ୍ତି। ନଗର ଉନ୍ନୟନ କ୍ଷେତ୍ରରେ ଓଡ଼ିଶାକୁ ବିଶ୍ୱସ୍ତରରେ ଅଗ୍ରଣୀ କରିବା, ନିରନ୍ତର ଓ ଅନ୍ତର୍ଭୁକ୍ତ ଅଭିବୃଦ୍ଧି ହାସଲ ପାଇଁ ଦୃଢ଼ ଭାଗୀଦାରିକୁ ଉପଯୋଗ କରିବାର ମହତ୍ତ୍ୱାକାଂକ୍ଷୀ ଲକ୍ଷ୍ୟ ରଖିଥିଲେ। ସମଗ୍ର ରାଜ୍ୟରେ ସହରାଞ୍ଚଳ ଭିତ୍ତିଭୂମି ଏବଂ ଜୀବନଶୈଳୀରେ ଉନ୍ନତି ଆଣିବା ଲକ୍ଷ୍ୟରେ ଭାଗୀଦାରିକୁ ଆହୁରି ସୁଦୃଢ଼ କରିବା ପାଇଁ ଆଶାବାଦୀ ଏବଂ ପ୍ରତିବଦ୍ଧତା ଉପରେ ଏହି ଅଧିବେଶନ ଶେଷ ହୋଇଛି।

# କପିପେଷ୍ଟ ବନ୍ଦ କରନ୍ତୁ ସରକାର: ବିଜେଡି

ଭୁବନେଶ୍ୱର,୧୦।୭
(ଅନିଲ ଦାସ)

ଶ୍ରମିକମାନଙ୍କ ମଜୁରି ବଢ଼ାଇବା ପ୍ରସ୍ତାବ ୨୦୨୪ ମାର୍ଚ୍ଚ ୧୩ ତାରିଖ କ୍ୟାବିନେଟ୍‌ରେ ପାରିତ ହୋଇଥିଲା। ମାର୍ଚ୍ଚ ୧୫ରେ ବର୍ଦ୍ଧିତ ମଜୁରିକୁ କାର୍ଯ୍ୟକାରୀ କରିବାକୁ ଶ୍ରମ ସଚିବ ନିର୍ଦ୍ଦେଶନାମା ଜାରି କରିଥିଲେ। ଅଣକୁଶଳୀ, ଅର୍ଦ୍ଧକୁଶଳୀ, କୁଶଳୀ ଏବଂ ଉଚ୍ଚକୁଶଳୀ ଶ୍ରମିକଙ୍କ ପାଇଁ ନବୀନ ପଟ୍ଟନାୟକ ୩ ମାସ ତଳେ ଯାହା ଘୋଷଣା କରି କାର୍ଯ୍ୟକାରୀ କରିଥିଲେ, ତାକୁ ସମାନ ଢଙ୍ଗରେ ଭାଜପା ସରକାର ଆଣିଛନ୍ତି । ଭାଜପା ସରକାର କପିପେଷ୍ଟ ବନ୍ଦ କରନ୍ତୁ ବୋଲି କଟକ ମେୟର ତଥା ବିଜେଡିର ବରିଷ୍ଠ ନେତା ସୁବାସ ସିଂ କହିଛନ୍ତି। ବୁଧବାର ଶଙ୍ଖ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଆଶ୍ଚର୍ଯ୍ୟର କଥା, ନୂଆ ସରକାର ଆସିବା ପରେ ବସିଥିବା ଦ୍ୱିତୀୟ କ୍ୟାବିନେଟ୍‌ରେ ସମାନ ପ୍ରସ୍ତାବକୁ ଆଣି ପୁଣି ପାରିତ କରାଯାଇଛି ଓ ମୁଖ୍ୟମନ୍ତ୍ରୀ ନିଜେ ଗଣମାଧ୍ୟମକୁ ଏନେଇ ସୂଚନା ଦେଇଛନ୍ତି। ବିଡ଼ମ୍ବନାର କଥା ଯେ ପୂର୍ବ ସରକାର ସମୟରେ ଏଭଳି ନିଷ୍ପତ୍ତି କାର୍ଯ୍ୟକାରୀ ହୋଇ ସାରିଛି, ତାହା ନୂଆ ସରକାରଙ୍କୁ ଜଣାନାହିଁ। ଲାଗୁଛି ଆଡ଼ପପହଣ୍ଡି ବିଜେ ବେଳେ ହୋଇଥିବା ବିଭ୍ରାଟରୁ ନଜର ହଟାଇବାକୁ ଏଭଳି ତରବରିଆ ଭାବେ କ୍ୟାବିନେଟ୍‌ରେ ପୁରୁଣା ନିଷ୍ପତ୍ତିକୁ ଆଣିଛନ୍ତି। ବିଜେଡି ସଭାପତି ନବୀନ ପଟ୍ଟନାୟକ ସବୁବେଳେ ଶ୍ରମିକଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିଆସିଛନ୍ତି। ସେହି କ୍ରମରେ ଗତ ମାର୍ଚ୍ଚରେ ଶ୍ରମିକଙ୍କ ସର୍ବନିମ୍ନ ମଜୁରି ଏକକାଳୀନ ୧୦୦ ଟଙ୍କା ବୃଦ୍ଧି କରିଥିଲେ, ଯାହା ସାରା ଦେଶରେ ବିରଳ ଥିଲା। ତେଣୁ ନବୀନବାବୁଙ୍କ ସମୟର ନିଷ୍ପତ୍ତିକୁ ପୁଣିଥରେ ମିଡିଆ ଆଗରେ ଆସି ଘୋଷଣା କରି ଯେଉଁ ବାହାବା ନେବାକୁ ନୂଆ ସରକାର ଉଦ୍ୟମ କରୁଛନ୍ତି, ଏଥିରେ ସେମାନେ ସଫଳ ହେବେ ନାହିଁ ବୋଲି ସୁବାସ ସିଂ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି ଉପସ୍ଥିତ ଥିଲେ ।


**TPCODL**
TP CENTRAL ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha,
1st Floor, Anuj Building, Plot No.29, Satya Nagar,
Bhubaneswar, Odisha - 751007

**NOTICE INVITING TENDER: NIT No: TPCODL/P&S/NIT/24-25/09**

Bids are invited from eligible bidders for the following tenders of **TPCODL**:

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/P&S/1000000787/2024-25 | One Year Rate contract for supply of Aluminium Crimping Socket |
| 2 | TPCODL/P&S/1000000809/2024-25 | One-Year Rate Contract for Supply of Silica Gel |
| 3 | TPCODL/P&S/1000000815/2024-25 | One Year Rate Contract for Supply of Distribution Transformer Spares Items |
| 4 | TPCODL/P&S/1000000827/2024-25 | One-Year Rate Contract for Power Transformer (PTR) Replacement Work. |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website **https://www.tpcentralodisha.com**. All tenders will be available on TPCODL website w.e.f. from **Dtd.11.07.2024**. Future communication / corrigendum to tender documents, if any, shall be available on TPCODL website.


# ରାଜ୍ୟର ବିକାଶ ପାଇଁ କାର୍ଯ୍ୟ କରନ୍ତୁ ବୈଜ୍ଞାନିକ: ମନ୍ତ୍ରୀ କୃଷ୍ଣଚନ୍ଦ୍ର



ଓର୍‌ସାକ ପରିଦର୍ଶନ ଅବସରରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସହ ଅନ୍ୟମାନେ।

## ବିଜ୍ଞାନ ଓ କାରିଗରି ମନ୍ତ୍ରୀଙ୍କ ଓର୍‌ସାକ ପରିଦର୍ଶନ

ଭୁବନେଶ୍ୱର, ୧୦।୭(ଅସମାପିକା ସାହୁ)

ବିଜ୍ଞାନ ଓ କାରିଗରି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବୁଧବାର ଓଡ଼ିଶା ମହାକାଶ ଉପଯୋଗ କେନ୍ଦ୍ର(ଓରସାକ) ପରିଦର୍ଶନ କରିଛନ୍ତି। ମନ୍ତ୍ରୀ ଓରସାକର ସାଟେଲାଇଟ ସେଣ୍ଟର, ଏଡୁସାଟ୍ ଷ୍ଟୁଡିଓ, ଗ୍ରାଫିକ୍ସ ସେଣ୍ଟର, ଅତ୍ୟାଧୁନିକ ସର୍ଭର, ଲାବରେଟୋରି ଆଦି ବୁଲି ଦେଖିବା ସହ ଏଡୁସାଟ୍ ଦ୍ୱାରା ପ୍ରସାରଣ ହେଉଥିବ କାର୍ଯ୍ୟକ୍ରମ ଉପରେ ଖୁସିବ୍ୟକ୍ତ କରିଥିଲେ। ଓରସାକର ମୁଖ୍ୟ କାର୍ଯ୍ୟନିର୍ବାହୀ ଲିଙ୍ଗରାଜ ପଣ୍ଡା କେନ୍ଦ୍ରର କାର୍ଯ୍ୟାବଳୀ ଓ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ମନ୍ତ୍ରୀ ବୈଜ୍ଞାନିକମାନଙ୍କୁ ମହାକାଶ ବିଜ୍ଞାନର ଉପଯୋଗ କରି ରାଜ୍ୟର ବିକାଶ ନିମନ୍ତେ କାର୍ଯ୍ୟ ଜାରି ରଖିବାକୁ ପରାମର୍ଶ ଦେଇଛନ୍ତି। ମନ୍ତ୍ରୀଙ୍କ ହି ଗସ୍ତ ସମୟରେ ବିଭାଗର ଅତିରିକ୍ତ ଶାସନ ସଚିବ ଶିବାନୀ ମହାନ୍ତି, ଉପ ଶାସନ ସଚିବ ଉର୍ମିପ୍ରଭା ମହାରଣା, ଓରସାକର ପ୍ରଶାସନିକ ଅଧିକାରୀ ସୋଫି ସାଇନିକାଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଖାଉଟି ସାମଗ୍ରୀ ବଣ୍ଟନକୁ ନେଇ ଭାଜପା–ବିଜେଡି ବିବାଦ

ବାଲୁଗାଁ,୧୦।୭(ସଂଗ୍ରାମ ପାଇକରାୟ)

ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ଅଧୀନ ଆଙ୍ଗୁଲା ପଞ୍ଚାୟତରେ ଚାଉଳ ବଣ୍ଟନରେ ଅନିୟମିତତା ଅଭିଯୋଗ ଆଣି ଭାଜପା ସମର୍ଥକମାନେ ଗତ ୪ ତାରିଖରେ କାର୍ଯ୍ୟାଳୟ ଗୋଦାମରେ ତାଲା ପକାଇଛନ୍ତି। ଫଳରେ ଖାଉଟି ସାମଗ୍ରୀ ବଣ୍ଟନ ସମ୍ପୂର୍ଣ୍ଣଭାବେ ବ୍ୟାହତ ହୋଇଛି। ଏହାର ପ୍ରତିବାଦରେ ବୁଧବାର ଅପରାହ୍ନ ୧ଟାରୁ ବିଜେଡି ସମର୍ଥିତ ଆଙ୍ଗୁଲା ସରପଞ୍ଚଙ୍କ ନେତୃତ୍ୱରେ ବ୍ରାହ୍ମଣକୁଶଡ଼ିହ ଛକଠାରେ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ଫଳରେ ଉଭୟ ପଟୁ ଆସୁଥିବା ଯାନବାହନ ଅଟକି ରହିଥିଲା। ଗୁରୁବାର କାର୍ଯ୍ୟାଳୟ ଗୋଦାମରୁ ତାଲା ଫିଟାଯିବା ସହ ଖାଉଟିଙ୍କୁ ଚାଉଳ ବଣ୍ଟନ ନିମନ୍ତେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୫ଟାରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

ସୂଚନାଥାଉ କି, ବିଜେଡି ସମର୍ଥିତ ଆଙ୍ଗୁଲା ସରପଞ୍ଚଙ୍କ ତତ୍ତ୍ୱାବଧାନରେ ଖାଉଟିଙ୍କୁ ରାଶନ ସାମଗ୍ରୀ ବଣ୍ଟନ କାର୍ଯ୍ୟ ହୋଇଆସୁଥିଲା। ତେବେ ଖାଉଟି ସାମଗ୍ରୀ ବଣ୍ଟନରେ ଅନିୟମିତତା ଓ ହେରଫେର ହେଉଥିବା ଭାଜପା ସମର୍ଥକମାନେ ଅଭିଯୋଗ ଆଣିଥିଲେ। ଗତ ୨ତାରିଖରେ କୌଣସି କାରଣ ପାଇଁ ରାଶନ ସାମଗ୍ରୀ ବଣ୍ଟନ ହୋଇପାରି ନ ଥିଲା। ରାଶନ ସାମଗ୍ରୀ ହଡ଼ପ ହୋଇଥିବା ସନ୍ଦେହରେ ଭାଜପା ସମର୍ଥକମାନେ ୪ ତାରିଖରେ କାର୍ଯ୍ୟାଳୟ ଗୋଦାମରେ ତାଲା ପକାଇଦେଇଥିଲେ। ଘଟଣା ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସରପଞ୍ଚ ଅବଗତ କରାଇଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଏନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ୫ତାରିଖରେ ତାଲା ଫିଟାଯାଇ ଚାଉଳ ବଣ୍ଟନ କରାଯିବ ବୋଲି ସ୍ଥାନୀୟ ବିଡିଓ ପହଞ୍ଚି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଭାଜପା ଆଣିଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ସରପଞ୍ଚ ପ୍ରକାଶ କରିଥିଲେ।


भाकृअनुप-केन्द्रीय मीठाजल जीवपालन अनुसंधान संस्थान
**ICAR - CENTRAL INSTITUTE OF FRESHWATER AQUACULTURE**
कौशल्यागंग, भुवनेश्वर–751002, ओड़िशा
Kausalyaganga, Bhubaneswar-751002, Odisha

**Advertisement No. 11/2024-25** **Date of Insertion- 11.07.2024**

**वॉक–इन–इन्टरव्यू**

भा.कृ.अनु.प– केन्द्रीय मीठाजल जीवपालन अनुसंधान संस्थान सीफा कौशल्यागंग, भुवनेश्वर, ओडिशा में अनुबंधन के आधार पर काम करने के लिए **02(दो) यंग प्रोफेशनल-I** पद की भर्ती हेतु **दिनांक 26.07.2024** को **पू. 10.00 बजे** चल–साक्षात्कार आयोजित किया जायेगा। अधिक जानकारी के लिए कृपया संस्थान की वेबसाइट **http://www.cifa.nic.in** पर जाएं।

**WALK-IN INTERVIEW**

A Walk-in-Interview will be held on **26.07.2024 at ICAR-CIFA, Bhubaneswar** at 10.00 A.M. for **02(two) nos. of Young professionals-I, at ICAR-CIFA, Bhubaneswar**, purely on contractual basis to work under research project titled "ICAR-All India Network project on Animicrobial Resistance (AINP-AMR)". For further details please visit to ICAR-CIFA website: **http://www.cifa.nic.in**.

मुख्य जाँचकर्ता / **Principal Investigator**



**STEEL AUTHORITY OF INDIA LIMITED**
Rourkela Steel Plant
Rourkela - 769 011, Odisha, India

Great Place To Work Certified

**NOTICE**

**Ref. No.: CSR/2024-25/137** **Date:24.06.2024**

In order to provide a dignified, healthy, secure and good quality life to the separated employees of SAIL/Rourkela Steel Plant and their spouses Rourkela Steel Plant has set up a Senior Citizen Care home in Rourkela. Applications are invited from senior citizens having the following eligibility criteria:

**1. The applicant must be:**

i. An ex-employee or spouse of ex-employee of RSP or other units of SAIL.
ii. Must have completed 60 years of age. Widows of ex-employees must have completed 55 years of age.
iii. The applicant(s) must have physical/mental self-sufficiency.
iv. The applicant must not be suffering from any contagious/ communicable/infectious disease.
v. If selected, the applicant shall not occupy any alternate place of residence (rented, owned, leased, as licensee etc.) in & around Rourkela. In case the applicants have alternate residence at present (i.e before the occupation of the rooms at Sakhyam, they shall submit the required declaration as per existing rules.

**2. Documents to be submitted:**

A. Application Form duly signed by applicant.
B. Undertaking to be signed (provided with application form set).
C. Self-attested copies of service certificate/Superannuation Order.
D. Self-attested copies of Valid Medical Cards. Aadhaar Card & Mediclaim Policy of self and spouse along with the application form.
E. Two nos. of passport size photo of the applicant.
G. Affidavit (containing Point No. 11, 12 & 14 of Rules and Regulations)
H. Declaration for point 'V' above to be given along with application.

Application form, Guidelines, Rules & Regulations shall be available at office of GM (CSR), IPD Building, Sector-20, Rourkela-769005/ RSP Portal/Sampark Portal/ SAIL website. Contact No:8895500038 & 8895503414.

E Mail ID: adityanayaran.pati@sail.in & debendra.khatua@sail.in

The applications should reach to the office of GM(CSR), IPD Building, Sector-20, Rourkela-769005 on or before 24.08.2024 (Saturday).

*GM(CSR)*

CBC 40109/12/0004/2425

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in

*There's a little bit of SAIL in everybody's life*



Your classified advertisement published in Dharitri will be listed free in Dharitri online edition :
**www.dharitri.com**



**HDFC BANK**
We understand your world

# AUCTION NOTICE FOR GOLD ORNAMENTS

The borrower (s) (whose details are provided in the table herein below), in particular, and the public, in general, are hereby informed that the below mentioned Loan account is overdue, and the borrower account holder has not responded to/ complied with the communications and notices send by HDFC Bank Limited (the "Bank") requesting the Borrower to clear his/her/their dues as per the documents in respect of the below mentioned Loan signed/accepted by the borrower (such documents, collectively " Loan Agreement") and therefore defaulted in terms thereof. The bank has in exercise of its rights as a pledge, decided to enforce the pledge and therefore hold a public auction of the gold ornaments pledged to the Bank as security for the loan for the purpose of selling the same and realizing / recovering the dues owed by the borrower to the Bank. **Kindly refer the below auctions schedule. In the event the auction of any pledged security cannot be conducted or concluded on the date mentioned below. Bank reserves the right to conduct or proceed with the said auction on any subsequent date.**

| AUCTIONS DATE | LOAN NO. | BORROWER'S NAME | LOAN AMOUNT | PLACE OF AUCTION |
|---|---|---|---|---|
| 19.07.2024 | 73683502 | ASHOK KUMAR MODI | 627700 | HDFC BANK LTD , 0236-BAJRAKABATI ROAD-CUTTACK-PRIME , BAJRAKABATI ROAD CUTTACK-753001 |
| 19.07.2024 | 74493852 | CHANDRA NARAYAN NANDI | 88700 | |
| 19.07.2024 | 74103899 | SARAT KUMAR SAMAL | 45000 | |
| 19.07.2024 | 73634513 | PIYUSH RANJAN NAYAK | 110000 | HDFC BANK LTD, 0366-BALASORE-BALASORE-PRIME , F M CIRCLE, BALASORE-756001 |
| 19.07.2024 | 74890969 | LINGARAJ MISHRA | 551000 | HDFC BANK LTD , 0630-JHARPHADA-BHUBANESWAR-PRIME , No 7 & 8, Cuttack Puri Road Jharpada Bhubaneswar - 751006 |
| 19.07.2024 | 74108387 | AYESHA FIRDAUS | 159100 | |
| 19.07.2024 | 74133810 | GANESH NAYAK | 43200 | |
| 20.07.2024 | 74139887 | RAJVIKASH PRASAD | 39700 | HDFC BANK LTD , 0664-BARBIL-ODISHA-PRI , BARBIL JODA HIGHWAY, KEONJHAR, BARBIL-758035 |
| 20.07.2024 | 74796391 | GOBINDA CHANDRA PUJARI | 92000 | HDFC BANK LTD, JEYPORE MAIN ROAD, NEAR NH INSPECTION BUNGALOW, KORAPUT, JEYPORE-764001 |
| 20.07.2024 | 74890615 | GAYATRI BEHERA | 48000 | |
| 20.07.2024 | 74035165 | MANASH PRIYADARSHAN PATTNAYAK | 259700 | HDFC BANK LTD, BUSINESS PARK, FIRST FLOOR, C111-SAHEEDNAGAR, BHUBANESWAR-751007 |
| 20.07.2024 | 73012715 | MOHAMMED ARMAAN | 191700 | |
| 20.07.2024 | 74853121 | DILLIP ROUT | 36900 | |
| 20.07.2024 | 75144898 | GIRIDHAR TURUK | 585000 | HDFC BANK LTD, 1096-DAMANJODI-KORAPUT-PBGL , NALCO, BIJU PATTNAIK CHOWK, DAMANJODI, KORAPUT-763008 |
| 20.07.2024 | 74311700 | KAMALA KHOSLA | 105000 | |
| 20.07.2024 | 75143545 | BASANTA KUMAR KHARA | 90200 | |
| 20.07.2024 | 74431251 | PADU BARIKA | 69700 | |
| 20.07.2024 | 74151345 | KARTIKA BEHERA | 104000 | HDFC BANK LTD, VIP PLAZA, VIP ROAD, PURI-752001 |
| 20.07.2024 | 74573832 | AJIT PRASAD BHUKTA | 102000 | HDFC BANK LTD , 1816-TALCHER-TALCHER-PRIME , Hatatota |
| 20.07.2024 | 74083249 | BHAKTA SHANKAR MOHANTA | 51700 | HDFC BANK LTD , 1818-PARADEEP-PARADIP-PRIME , Plot No 447, GF, Bhagwan Trade Center, Paradeep Atharbanki Jagatsinghapur - 754142 |
| 20.07.2024 | 74129378 | CHANDRAKANTA SAHOO | 60000 | HDFC BANK LTD , 1819-KEONJHAR-KEONJHAR-PRIME , Sahu Niwas, Kashipur Road |
| 20.07.2024 | 73934842 | HEMANTA KUMAR JENA | 207600 | HDFC BANK LTD, 1821-SALEPUR-SALEPUR-PRIME , SALEPUR MAIN ROAD, SALEPUR, CUTTACK-754202 |
| 20.07.2024 | 74168266 | RAJKISHORE MALLIK | 80700 | |
| 20.07.2024 | 73587212 | SASMITA SAHOO | 49000 | |
| 20.07.2024 | 73922583 | PRAKASH CHANDRA MALLICK | 171000 | HDFC BANK LTD , 1956-BHADRAK-PRIME , PURNA GOURI MARKET COMPLEX, MATHA SAHI, DAHANI GADIA, BHADRAK-756100 |
| 20.07.2024 | 74102769 | ARJUN CHARAN NAYAK | 150000 | |
| 20.07.2024 | 74869751 | NIRAL ENEM HORO | 92000 | HDFC BANK LTD , 1958-BHAWANIPATNA-PRIME , MANIKESWARI CHOWK, BHAWANIPATNA, KALAHANDI-766001 |
| 20.07.2024 | 74298705 | BIJAYA KUMAR SAHU | 88000 | |
| 20.07.2024 | 74755136 | BIJAYA KUMAR SAHU | 46000 | |
| 20.07.2024 | 74656086 | GNYANESH SAHOO | 134800 | HDFC BANK LTD , 2257-KENDRAPARA-PRIME HDFC BANK LTD, MAHIPAL, KENDRAPARA-754211 |
| 20.07.2024 | 74145366 | BIBHU PRASAD SINGH | 81800 | |
| 20.07.2024 | 74125859 | NILAMBAR SAMAL | 24000 | |
| 20.07.2024 | 74160592 | HARAPRIYA DAS | 19400 | |
| 19.07.2024 | 74160235 | MANORANJAN BEHERA | 214000 | HDFC BANK LTD , 2314-KHURDA-KHORDHA-PBGL |
| 19.07.2024 | 74098280 | NILESH KUMAR SAHOO | 183000 | |
| 19.07.2024 | 73932892 | UPENDRA KHATEI | 100050 | |
| 19.07.2024 | 74453858 | PRASHANTA KHUNTIA | 29400 | |
| 19.07.2024 | 72991011 | DIBYA RANJAN SAHOO | 60500 | HDFC BANK LTD , 2396-SAMANTARAPUR-BHUBANESWAR-PRIME , Unit No 36, Ground Floor, Plot No 191, 204 to 206, Samantarapur |
| 19.07.2024 | 74652740 | RANJIT KUMAR JENA | 379000 | HDFC BANK LTD , 2542-PATIA-BHUBANESWAR-PRIME , Patia Square, Opp - Axis Bank |
| 19.07.2024 | 74855535 | SUJIT MOHANTY | 131700 | |
| 19.07.2024 | 74892601 | SANJAY PATRA | 114700 | |
| 19.07.2024 | 74101052 | NIBAS BHOI | 90600 | HDFC BANK LTD , 2586-RASULGARH-BHUBANESWAR-PB , Plot No 3565, Palasuni. District, Bhubaneswar - 751010 |
| 19.07.2024 | 74158260 | HEMANANDA BAG | 78500 | HDFC BANK LTD , 2693-BOLANGIR-BOLANGIR-PRIME |
| 19.07.2024 | 74752638 | PRASANT KUMAR NAYK | 26920 | HDFC BANK LTD , 2694-CHANDINI CHOWK-CUTTACK-PBGL , Ground Floor, Chandini Chowk, Near Tehsil. District, Cuttack - 753002 |
| 19.07.2024 | 74553081 | MANOJ NAYAK | 19500 | HDFC BANK LTD , 2925-NIMAPARA-PBGL , Nimapara Bazar, Nimapara, Near Ganesh Talkies Square. District, Puri - 752106 |
| 19.07.2024 | 74104593 | SABITRI SAMANTARAY | 27000 | HDFC BANK LTD , 2980-BALUGAON-PBGL , Main Road, Balugaon, Near Reliance Trends Balugaon. District, Khorda - 752030 |
| 19.07.2024 | 74157136 | BAPI PADHI | 18000 | |
| 19.07.2024 | 74060567 | BINAYA PRADHAN | 94700 | HDFC BANK LTD , 3418-DUBURI-PBGL , Kalinga Nagar, Duburi Chakk. District, Jajpur - 755019 |
| 19.07.2024 | 74160892 | SANTOSH KUMAR GURU | 50000 | HDFC BANK LTD , 3797-KOEL NAGAR ROURKELA-PBGL , Plot No E/11, Koel Nagar. District, Sundergarh - 769014 |
| 19.07.2024 | 74098223 | M UMAMAHESWAR RAO | 1000000 | HDFC BANK LTD , 4229-ASKA ROAD BRAHMAPUR-PBGL , Sarguna Street |
| 20.07.2024 | 74149114 | ARVIND KUMAR | 583500 | HDFC BANK LTD 4281-PATRAPRA-BHUBANESWAR-PRIME , Utkal Prime, Near IMFA Park, Chennai Kolkata Highway, Patrapada, Bhubaneswar - 751007 |
| 20.07.2024 | 75042831 | KALPANA PRADHAN | 297900 | |
| 20.07.2024 | 73124159 | THAN SINGH | 119500 | |
| 20.07.2024 | 74305791 | SOUBHAGYA MOHANTY | 95800 | |
| 20.07.2024 | 75038852 | RAKESH KUMAR PATI | 85700 | |
| 20.07.2024 | 74542845 | NROSINGH NAYAK | 132000 | HDFC BANK LTD , 4781-KUNJURI-PBGL , Tangi, Chandeswar, Kunjuri, Near Indian Oil Petrol Pump |
| 20.07.2024 | 74151225 | TIRSHA PODH | 48700 | HDFC BANK LTD , 4899-TITLAGARH-PB , TITLAGARH,DI. ST-BOLANGIR-. 767014 |
| 20.07.2024 | 74142366 | ANIL KUMAR DEEP | 43000 | |
| 20.07.2024 | 74095070 | BHISMA PRADHANI | 41900 | |
| 20.07.2024 | 74142600 | DILIP KUMBHAR | 34400 | |
| 20.07.2024 | 74131759 | ASHOK AGRAWAL | 217600 | HDFC BANK LTD , 5105-SHANTI PARA-PBGL |
| 20.07.2024 | 74095801 | RAMAKANTA SATHPATHY | 30500 | |
| 20.07.2024 | 74551507 | RAJENDRA PATRA | 68300 | HDFC BANK LTD , 6688-POLASARA-PBGL , Ground Floor, Ranipada Square, Polasara Main Road, Polasara. |
| 20.07.2024 | 75146048 | BASANTA KUMAR BISWAL | 656000 | HDFC BANK LTD , 8946-BRAHMAPUR TOWN-PBGL |
| 20.07.2024 | 74405844 | BALAKRUSHNA BISOI | 153300 | HDFC BANK LTD , 9485-GOSANINUAGAON-BRAHMAPUR-PBGL , MAIN ROAD, GOSANINUAGAON, BERHAMPUR-760003 |
| 20.07.2024 | 74168798 | B SRINIVAS RAO | 150300 | |
| 20.07.2024 | 74168978 | SANTOSH KUMAR PATRO | 106600 | |
| 20.07.2024 | 74515586 | ARUN KUMAR NAYAK | 57800 | |

The auction shall be conducted on an "AS IS WHERE IS" and the "AS IS WHAT IS" basis and the Bank is not making and shall not make any representations or warranties as regards the quality, purity, caratage, weight or valuation of the said gold ornaments. It shall be the sole and absolute responsibility of the potential purchasers to verify, examine and satisfy themselves about the quality, purity, caratage, weight or valuation of the said gold ornaments prior to placing their bids and for such purpose it shall be open to potential purchasers to examine, at their sole cost and expense, and at the address set out hereinabove, the gold ornaments whether with or without expert advice 45 minutes prior to the time stipulated for the conduct of the auction. All bids shall be subject to such minimum reserve price as the Bank may deem fit to fix in this regard. The auction process and the sale (if any) pursuant to such auction shall be subject to such further terms and conditions as the Bank may at its sole discretion deem fit to impose. If the borrower(s) mentioned above pays the amount due to the bank in terms of the Loan agreement in his individual loan account in full before the auction as mentioned above, the pledged ornaments securing the said loan may be withdrawn by the bank from the said auction without any further notice. Please note that it is the absolute discretionary power of the undersigned authorized officer of the Bank, either to postpone or to cancel the auction proceedings without prior notice and without assigning any reason therefore and to reject any or all the bids or offers without assigning any reason for the same.

**Date : 11-07-2024,**
**Place : ORISSA**

**Sd/- Authorised Officer,**
**HDFC BANK LTD.**

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଭାଗାର ବାପ ମରେ ଭାଦ୍ର ମାସେ**
**ଭାଗ୍ୟବାନର ବାପ ମରେ ପୌଷ ମାସେ।**

ବାର ମାସ ମଧ୍ୟରୁ ଭାଦ୍ରବ ମାସଟି ହେଉଛି ମେଘ ଓ ବନ୍ୟା ଜଳରେ ପରିପୂର୍ଣ୍ଣର ମାସ। ଏହି ସମୟରେ ପ୍ରବଳ ବର୍ଷା ହେଉଥିବାରୁ ଯାତାୟାତଠାରୁ ଆରମ୍ଭ କରି ମେଳା ମହୋତ୍ସବ ବା ଶୁଦ୍ଧିକ୍ରିୟା କରିବାରେ ବାଧା ଉପୁଜିଥାଏ। ସେହିପରି ପୌଷ ମାସଟି ଜଳବାୟୁ ଦୃଷ୍ଟିରୁ ନିର୍ମଳ ଓ ସୁଗମ ହୋଇଥିବାରୁ ଏହି ସମୟରେ ସମସ୍ତ କାର୍ଯ୍ୟ ସମାହିତ କରିବା ପାଇଁ ଉତ୍ସାହ ଜନ୍ମୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଖାଇ ଖାଇବା ମନ କଲା**
**ସବୁ ଜିନିଷର ଦର ବଢ଼ିଲା।**

ଖାଇବା ପ୍ରତି ଆଗ୍ରହାନ୍ୱିତ ଲୋକଙ୍କ ବ୍ୟତୀତ ଅନ୍ୟମାନେ ଯଦି କୌଣସି ପଦାର୍ଥ ପ୍ରତି ଅହେତୁକ ଆଗ୍ରହ ବା ପ୍ରୀତି ପ୍ରଦର୍ଶନ କରନ୍ତି, ତା'ର ପରବର୍ତ୍ତୀ କ୍ଷଣରେ ଆର୍ଥିକ ପ୍ରଭାବରେ ଘୋର ବିବର୍ତ୍ତନ ପରିଲକ୍ଷିତ ହୁଏ। ଫଳରେ ବଜାର ମୂଲ୍ୟ ଗ୍ରାହକର ମାନସିକତା ଉପରେ ଗଭୀର ରେଖାପାତ କରିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ବୈତରଣୀରୁ ପ୍ରାଚୀନ ଜୈନ ମୂର୍ତ୍ତି ଉଦ୍ଧାର

ଭଣ୍ଡାରିପୋଖରୀ,୧୦।୭
(ରାଜେନ୍ଦ୍ର ଶତପଥୀ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ମୁଡ଼ାପଦାସ୍ଥିତ ବୈତରଣୀ ନଦୀଶଯ୍ୟାରୁ ମଙ୍ଗଳବାର ଦେଢ଼ଫୁଟ ଉଚ୍ଚତା ଓ ୧ ଫୁଟ ଚଉଡ଼ାର ଖାଣ୍ଡେଲାଇଟ ପ୍ରସ୍ତରରେ ନିର୍ମିତ ଜୈନ ମୂର୍ତ୍ତି ଉଦ୍ଧାର କରାଯାଇଛି। ସପ୍ତମ ବା ଅଷ୍ଟମ ଶତାବ୍ଦିରେ ନିର୍ମିତ ଏହି ପ୍ରସ୍ତରରେ ୪ ଧାଡ଼ିରେ ୬ଟି ଲେଖାଏ ମୂର୍ତ୍ତି ଖୋଦିତ ହୋଇଛି। ଜୈନ ଧର୍ମର ସ୍ରଷ୍ଟା ଋଷଭନାଥ, ଅଜିତ, ସମ୍ଭବ, ଅଭିନନ୍ଦନ, ସୁମତୀ, ପ୍ରଦ୍ମପ୍ରଭ, ସୁପାର୍ଶ୍ୱ, ଚନ୍ଦ୍ରପ୍ରଭ, ସୁବିଧୁ, ଶୀତଳ, ଶ୍ରେୟାଂଶୁ, ବାସୁପୂଜ୍ୟ, ବିମଳ, ଅନନ୍ତ, ଧର୍ମନାଥ, ଶାନ୍ତନାଥ, କୁନ୍ଥନାଥ, ଅରନାଥ, ମଲ୍ଲୀ, ମୁନିସୁବ୍ରତ, ନମି, ନେମୀ, ପାର୍ଶ୍ୱନାଥ, ବର୍ଦ୍ଧମାନ ମହାବୀର ଆଦି ୨୪ ଜଣ ଅହରତ ବା ତୀର୍ଥଙ୍କର ମୂର୍ତ୍ତି ଗୋଟିଏ ପ୍ରସ୍ତରରେ ଖୋଦିତ ହୋଇଛି ବୋଲି ପ୍ରତ୍ନତତ୍ତ୍ୱବିତ୍ ଡ. ସୁନୀଲ ପଟ୍ଟନାୟକ କହିଛନ୍ତି। ଏହି ଖୋଦିତ ପ୍ରସ୍ତରରୁ କିଛି ଅଂଶ ଭାଙ୍ଗିଯାଇଛି ଓ ମୂର୍ତ୍ତିଗୁଡ଼ିକର ମୁଖମଣ୍ଡଳ ଅସ୍ପଷ୍ଟ ହୋଇପଡ଼ିଛି। ତୀର୍ଥଙ୍କର ପାର୍ଶ୍ୱନାଥ ଭଦ୍ରକ ଅଞ୍ଚଳକୁ ଜୈନଧର୍ମ ପ୍ରଚାର ପାଇଁ ଆସିଥିବା ବେଳେ ବୌଦ୍ଧପୀଠ ଭାବେ ପ୍ରସିଦ୍ଧି ଲାଭ କରିଥିବା ସମ୍ଭବତଃ ଷୋଳମପୁର ଆସି ସଂଲଗ୍ନ ଅଞ୍ଚଳରେ ଜୈନଧର୍ମ ପ୍ରତିଷ୍ଠା କରିଥିବାରୁ ଏହି ମୂର୍ତ୍ତି ଉପଲବ୍ଧ ହୋଇଛି ବୋଲି ଐତିହାସିକମାନେ ମତପ୍ରକାଶ କରିଛନ୍ତି। ନଦୀ ଅତଡ଼ା ଖସିବା ଫଳରେ ମୂର୍ତ୍ତି ଦୃଶ୍ୟମାନ ହୋଇଥିଲା। ଗ୍ରାମର ରମେଶ ଚନ୍ଦ୍ର ଜେନା, ଗଜେନ୍ଦ୍ର କୁମାର ମହାନ୍ତି, ଶ୍ରୀଧର ଜେନା, ଅନିଲ ମୁଦୁଲି, ମଣ୍ଟୁ ଶଙ୍ଖୁଆ ପ୍ରମୁଖ ମୂର୍ତ୍ତି ଉଦ୍ଧାର କରି ଇନ୍‌ଟାକ ସଦସ୍ୟ ବିଶ୍ୱମ୍ଭର ରାଉତଙ୍କୁ ହସ୍ତାନ୍ତର କରିଥିଲେ। ଏହି ବିରଳ ଜୈନ ମୂର୍ତ୍ତିକୁ ଷୋଳମପୁର ବୌଦ୍ଧବିହାର ସଂଗ୍ରହାଳୟକୁ ଗୁରୁଜୀ ଶରତ କୁମାର ବେହୁରିଆଙ୍କ ସହଯୋଗରେ ଅଣାଯାଇ ବୌଦ୍ଧବିହାର ଟ୍ରଷ୍ଟି କମଳାକାନ୍ତ ନାୟକଙ୍କ ଉପସ୍ଥିତିରେ ରଖାଯାଇଛି। ପୂର୍ବରୁ ସଂଗ୍ରହ ହୋଇଥିବା ବହୁ ପ୍ରାଚୀନ ମୂର୍ତ୍ତି ଏହି ସଂଗ୍ରହାଳୟରେ ଥିବାରୁ ଜଣେ ଜଗୁଆଳି ବ୍ୟବସ୍ଥା କରିବାକୁ ରାଜ୍ୟ ସଂସ୍କୃତି ବିଭାଗ ପଦକ୍ଷେପ ଗ୍ରହଣ କରୁ ବୋଲି ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ଷୋଳମପୁର ବୌଦ୍ଧ ସଂଗ୍ରହାଳୟରେ ସ୍ଥାନିତ



| Sl. No. | PPSAN No. | Roll No. Allotted | Date | Time of Verification | Time of Interview | BOARD |
|---|---|---|---|---|---|---|
| 483. | P230170326 | 1234 | 24.07.2024 | 12.30 P.M. | 2.45 P.M. | BOARD-II |
| 484. | P230170329 | 2119 | | | | |
| 485. | P230170332 | 1142 | | | | |
| 486. | P230170372 | 1278 | | | | |
| 487. | P230170379 | 2078 | | | | |
| 488. | P230170386 | 2018 | | | | |
| 489. | P230170392 | 1958 | | | | |
| 490. | P230170398 | 2228 | | | | |
| 491. | P230170402 | 2050 | | | | |
| 492. | P230170403 | 2205 | | | | |
| 493. | P230170409 | 1828 | | | | |
| 494. | P230170412 | 1119 | 24.07.2024 | 12.30 P.M. | 2.45 P.M. | BOARD-III |
| 495. | P230170413 | 1433 | | | | |
| 496. | P230170428 | 2149 | | | | |
| 497. | P230170429 | 1092 | | | | |
| 498. | P230170435 | 1440 | | | | |
| 499. | P230170455 | 1071 | | | | |
| 500. | P230170468 | 2100 | | | | |
| 501. | P230170470 | 1024 | | | | |
| 502. | P230170474 | 2131 | | | | |
| 503. | P230170482 | 1554 | | | | |
| 504. | P230170494 | 2053 | | | | |
| 505. | P230170499 | 1396 | 25.07.2024 | 8.30 A.M | 10.45 A.M | BOARD-I |
| 506. | P230170501 | 1448 | | | | |
| 507. | P230170506 | 1346 | | | | |
| 508. | P230170511 | 1594 | | | | |
| 509. | P230170526 | 1690 | | | | |
| 510. | P230170529 | 1112 | | | | |
| 511. | P230170533 | 1548 | | | | |
| 512. | P230170535 | 1620 | | | | |
| 513. | P230170545 | 1399 | | | | |
| 514. | P230170569 | 1062 | | | | |
| 515. | P230170574 | 1322 | | | | |
| 516. | P230170583 | 1345 | | | | |
| 517. | P230170587 | 1174 | | | | |
| 518. | P230170624 | 1046 | 25.07.2024 | 8.30 A.M | 10.45 A.M | BOARD-II |
| 519. | P230170629 | 1295 | | | | |
| 520. | P230170638 | 1145 | | | | |
| 521. | P230170648 | 1124 | | | | |
| 522. | P230170650 | 2054 | | | | |
| 523. | P230170657 | 1078 | | | | |
| 524. | P230170658 | 1872 | | | | |
| 525. | P230170672 | 1726 | | | | |
| 526. | P230170679 | 1692 | | | | |
| 527. | P230170713 | 1704 | | | | |
| 528. | P230170726 | 2007 | | | | |
| 529. | P230170738 | 1582 | | | | |
| 530. | P230170741 | 2062 | | | | |
| 531. | P230170746 | 1383 | 25.07.2024 | 8.30 A.M | 10.45 A.M | BOARD-III |
| 532. | P230170756 | 1077 | | | | |
| 533. | P230170762 | 1059 | | | | |
| 534. | P230170768 | 1055 | | | | |
| 535. | P230170781 | 1841 | | | | |
| 536. | P230170784 | 1369 | | | | |
| 537. | P230170799 | 1647 | | | | |
| 538. | P230170808 | 1761 | | | | |
| 539. | P230170813 | 1504 | | | | |
| 540. | P230170823 | 1798 | | | | |
| 541. | P230170835 | 1449 | | | | |
| 542. | P230170839 | 1823 | | | | |
| 543. | P230170847 | 1949 | | | | |
| 544. | P230170855 | 1818 | 25.07.2024 | 12.30 P.M. | 2.45 P.M. | BOARD-I |
| 545. | P230170861 | 1871 | | | | |
| 546. | P230170866 | 1840 | | | | |
| 547. | P230170893 | 1302 | | | | |
| 548. | P230170897 | 1229 | | | | |
| 549. | P230170916 | 1227 | | | | |
| 550. | P230170958 | 2139 | | | | |
| 551. | P230170962 | 1311 | | | | |
| 552. | P230170968 | 1583 | | | | |
| 553. | P230170982 | 1189 | | | | |
| 554. | P230170986 | 2009 | | | | |
| 555. | P230170990 | 2206 | 25.07.2024 | 12.30 P.M. | 2.45 P.M. | BOARD-II |
| 556. | P230171050 | 1031 | | | | |
| 557. | P230171064 | 1171 | | | | |
| 558. | P230171069 | 1105 | | | | |
| 559. | P230171082 | 1074 | | | | |
| 560. | P230171090 | 2094 | | | | |
| 561. | P230171093 | 1085 | | | | |
| 562. | P230171115 | 1330 | | | | |
| 563. | P230171133 | 2170 | | | | |
| 564. | P230171143 | 1910 | | | | |
| 565. | P230171168 | 1899 | | | | |
| 566. | P230171171 | 1865 | 25.07.2024 | 12.30 P.M. | 2.45 P.M. | BOARD-III |
| 567. | P230171173 | 1349 | | | | |
| 568. | P230171205 | 2171 | | | | |
| 569. | P230171212 | 2111 | | | | |
| 570. | P230171221 | 1095 | | | | |
| 571. | P230171240 | 1101 | | | | |
| 572. | P230171261 | 1458 | | | | |
| 573. | P230171306 | 1968 | | | | |
| 574. | P230171326 | 1969 | | | | |
| 575. | P230171347 | 1334 | | | | |
| 576. | P230171358 | 1292 | | | | |
| 577. | P230171373 | 2048 | 26.07.2024 | 8.30 A.M | 10.45 A.M | BOARD-I |
| 578. | P230171385 | 1878 | | | | |
| 579. | P230171393 | 1413 | | | | |
| 580. | P230171400 | 1601 | | | | |
| 581. | P230171418 | 1734 | | | | |
| 582. | P230171419 | 1652 | | | | |
| 583. | P230171430 | 2042 | | | | |
| 584. | P230171447 | 1247 | | | | |
| 585. | P230171456 | 1896 | | | | |
| 586. | P230171468 | 1002 | | | | |
| 587. | P230171504 | 1225 | | | | |
| 588. | P230171511 | 1013 | | | | |
| 589. | P230171524 | 1710 | | | | |
| 590. | P230171527 | 1980 | 26.07.2024 | 8.30 A.M | 10.45 A.M | BOARD-II |
| 591. | P230171538 | 2148 | | | | |
| 592. | P230171564 | 1545 | | | | |
| 593. | P230171589 | 2085 | | | | |
| 594. | P230171590 | 1902 | | | | |
| 595. | P230171602 | 1164 | | | | |
| 596. | P230171603 | 2070 | | | | |
| 597. | P230171608 | 1510 | | | | |
| 598. | P230171610 | 1231 | | | | |
| 599. | P230171613 | 1196 | | | | |
| 600. | P230171614 | 1375 | | | | |
| 601. | P230171620 | 1965 | | | | |
| 602. | P230171646 | 2006 | | | | |
| 603. | P230171648 | 1573 | 26.07.2024 | 8.30 A.M | 10.45 A.M | BOARD-III |
| 604. | P230171692 | 1738 | | | | |
| 605. | P230171699 | 2144 | | | | |
| 606. | P230171713 | 2083 | | | | |
| 607. | P230171721 | 2103 | | | | |
| 608. | P230171737 | 1610 | | | | |
| 609. | P230171739 | 1502 | | | | |
| 610. | P230171743 | 1057 | | | | |
| 611. | P230171755 | 1190 | | | | |
| 612. | P230171761 | 1901 | | | | |
| 613. | P230171767 | 2229 | | | | |
| 614. | P230171768 | 1336 | | | | |
| 615. | P230171786 | 1762 | | | | |

| Sl. No. | PPSAN No. | Roll No. Allotted | Date | Time of Verification | Time of Interview | BOARD |
|---|---|---|---|---|---|---|
| 616. | P230171793 | 2163 | 26.07.2024 | 12.30 P.M. | 2.45 P.M. | BOARD-I |
| 617. | P230171803 | 1297 | | | | |
| 618. | P230171840 | 1158 | | | | |
| 619. | P230171871 | 1226 | | | | |
| 620. | P230171886 | 1204 | | | | |
| 621. | P230171887 | 1126 | | | | |
| 622. | P230171894 | 1917 | | | | |
| 623. | P230171933 | 1892 | | | | |
| 624. | P230171935 | 1009 | | | | |
| 625. | P230171940 | 1924 | | | | |
| 626. | P230171945 | 1215 | | | | |
| 627. | P230171952 | 1093 | 26.07.2024 | 12.30 P.M. | 2.45 P.M. | BOARD-II |
| 628. | P230171958 | 1270 | | | | |
| 629. | P230171977 | 2098 | | | | |
| 630. | P230171986 | 2129 | | | | |
| 631. | P230171999 | 1043 | | | | |
| 632. | P230172001 | 1353 | | | | |
| 633. | P230172017 | 1139 | | | | |
| 634. | P230172022 | 1534 | | | | |
| 635. | P230172029 | 2113 | | | | |
| 636. | P230172033 | 1833 | | | | |
| 637. | P230172034 | 1730 | | | | |
| 638. | P230172061 | 1123 | 26.07.2024 | 12.30 P.M. | 2.45 P.M. | BOARD-III |
| 639. | P230172063 | 1605 | | | | |
| 640. | P230172069 | 1121 | | | | |
| 641. | P230172073 | 1099 | | | | |
| 642. | P230172077 | 1552 | | | | |
| 643. | P230172082 | 1040 | | | | |
| 644. | P230172085 | 1593 | | | | |
| 645. | P230172107 | 2132 | | | | |
| 646. | P230172162 | 1503 | | | | |
| 647. | P230172164 | 1684 | | | | |
| 648. | P230172166 | 2196 | | | | |
| 649. | P230172167 | 2168 | 29.07.2024 | 8.30 A.M | 10.45 A.M | BOARD-I |
| 650. | P230172185 | 1641 | | | | |
| 651. | P230172186 | 1264 | | | | |
| 652. | P230172189 | 1988 | | | | |
| 653. | P230172195 | 2195 | | | | |
| 654. | P230172199 | 2088 | | | | |
| 655. | P230172216 | 1035 | | | | |
| 656. | P230172224 | 1843 | | | | |
| 657. | P230172242 | 1829 | | | | |
| 658. | P230172249 | 1937 | | | | |
| 659. | P230172255 | 1729 | | | | |
| 660. | P230172284 | 1478 | | | | |
| 661. | P230172316 | 1268 | | | | |
| 662. | P230172318 | 1137 | 29.07.2024 | 8.30 A.M | 10.45 A.M | BOARD-II |
| 663. | P230172342 | 1470 | | | | |
| 664. | P230172345 | 1277 | | | | |
| 665. | P230172348 | 1248 | | | | |
| 666. | P230172351 | 2089 | | | | |
| 667. | P230172360 | 1501 | | | | |
| 668. | P230172364 | 1481 | | | | |
| 669. | P230172380 | 1919 | | | | |
| 670. | P230172395 | 1995 | | | | |
| 671. | P230172414 | 1683 | | | | |
| 672. | P230172445 | 1604 | | | | |
| 673. | P230172458 | 1243 | | | | |
| 674. | P230172514 | 1087 | | | | |
| 675. | P230172516 | 1938 | 29.07.2024 | 8.30 A.M | 10.45 A.M | BOARD-III |
| 676. | P230172520 | 1822 | | | | |
| 677. | P230172554 | 1358 | | | | |
| 678. | P230172557 | 1557 | | | | |
| 679. | P230172586 | 1544 | | | | |
| 680. | P230172614 | 2000 | | | | |
| 681. | P230172673 | 1903 | | | | |
| 682. | P230172684 | 1253 | | | | |
| 683. | P230172716 | 1749 | | | | |
| 684. | P230172720 | 1681 | | | | |
| 685. | P230172774 | 1176 | | | | |
| 686. | P230172803 | 1637 | | | | |
| 687. | P230172825 | 1835 | | | | |
| 688. | P230172867 | 1505 | 29.07.2024 | 12.30 P.M. | 2.45 P.M. | BOARD-I |
| 689. | P230172902 | 1030 | | | | |
| 690. | P230172923 | 1060 | | | | |
| 691. | P230172954 | 2066 | | | | |
| 692. | P230172963 | 2004 | | | | |
| 693. | P230173055 | 1447 | | | | |
| 694. | P230173080 | 1853 | | | | |
| 695. | P230173086 | 1845 | | | | |
| 696. | P230173089 | 1474 | | | | |
| 697. | P230173093 | 1982 | | | | |
| 698. | P230173100 | 1271 | | | | |
| 699. | P230173131 | 1135 | 29.07.2024 | 12.30 P.M. | 2.45 P.M. | BOARD-II |
| 700. | P230173172 | 1680 | | | | |
| 701. | P230173173 | 1434 | | | | |
| 702. | P230173237 | 1283 | | | | |
| 703. | P230173247 | 1201 | | | | |
| 704. | P230173284 | 1936 | | | | |
| 705. | P230173311 | 2037 | | | | |
| 706. | P230173319 | 1063 | | | | |
| 707. | P230173331 | 1500 | | | | |
| 708. | P230173368 | 1739 | | | | |
| 709. | P230173443 | 1169 | | | | |
| 710. | P230173452 | 2093 | 29.07.2024 | 12.30 P.M. | 2.45 P.M. | BOARD-III |
| 711. | P230173468 | 1452 | | | | |
| 712. | P230173482 | 1406 | | | | |
| 713. | P230173519 | 1180 | | | | |
| 714. | P230173556 | 2146 | | | | |
| 715. | P230173589 | 1596 | | | | |
| 716. | P230173611 | 1471 | | | | |
| 717. | P230173968 | 1766 | | | | |
| 718. | P230174088 | 1421 | | | | |
| 719. | P230174295 | 1351 | | | | |
| 720. | P230174371 | 2213 | | | | |
| 721. | P230174392 | 1520 | 30.07.2024 | 8.30 A.M | 10.45 A.M | BOARD-I |
| 722. | P230174441 | 1133 | | | | |
| 723. | P230174453 | 1677 | | | | |
| 724. | P230174463 | 1561 | | | | |
| 725. | P230174486 | 1856 | | | | |
| 726. | P230175031 | 2234 | | | | |
| 727. | P230175125 | 1168 | | | | |
| 728. | P230175413 | 1800 | | | | |
| 729. | P230179589 | 2046 | | | | |
| 730. | P230182421 | 1756 | | | | |
| 731. | P230184009 | 1209 | | | | |
| 732. | P230186908 | 2074 | | | | |
| 733. | P230187345 | 1069 | | | | |
| 734. | P230187436 | 2185 | | | | |

| Sl. No. | PPSAN No. | Roll No. Allotted | Date | Time of Verification | Time of Interview | BOARD |
|---|---|---|---|---|---|---|
| 735. | P230208169 | 2167 | 30.07.2024 | 8.30 A.M | 10.45 A.M | BOARD-II |
| 736. | P230234133 | 1716 | | | | |
| 737. | P230234386 | 1167 | | | | |
| 738. | P240236184 | 1986 | | | | |
| 739. | P240236443 | 1837 | | | | |
| 740. | P240237047 | 1904 | | | | |
| 741. | P240237054 | 1891 | | | | |
| 742. | P240237243 | 1147 | | | | |
| 743. | P240237270 | 1116 | | | | |
| 744. | P240237272 | 2191 | | | | |
| 745. | P240237324 | 1417 | | | | |
| 746. | P240237393 | 1489 | | | | |
| 747. | P240237395 | 1536 | | | | |
| 748. | P240237715 | 1498 | | | | |
| 749. | P240238146 | 1360 | 30.07.2024 | 8.30 A.M | 10.45 A.M | BOARD-III |
| 750. | P240240216 | 1801 | | | | |
| 751. | P240242136 | 1708 | | | | |
| 752. | P240242339 | 1187 | | | | |
| 753. | P240242578 | 1653 | | | | |
| 754. | P240242640 | 1760 | | | | |
| 755. | P240242652 | 2072 | | | | |
| 756. | P240243639 | 1963 | | | | |
| 757. | P240243817 | 1931 | | | | |
| 758. | P240244132 | 1821 | | | | |
| 759. | P240244155 | 1037 | | | | |
| 760. | P240244305 | 1731 | | | | |
| 761. | P240245093 | 1039 | | | | |
| 762. | P240245559 | 1111 | | | | |
| 763. | P240246049 | 1083 | 30.07.2024 | 12.30 P.M. | 2.45 P.M. | BOARD-I |
| 764. | P240246777 | 1492 | | | | |
| 765. | P240248579 | 1249 | | | | |
| 766. | P240248989 | 1086 | | | | |
| 767. | P240250618 | 1422 | | | | |
| 768. | P240251738 | 1585 | | | | |
| 769. | P240252152 | 1210 | | | | |
| 770. | P240253009 | 2056 | | | | |
| 771. | P240253063 | 1589 | | | | |
| 772. | P240258381 | 2127 | | | | |
| 773. | P240260991 | 1893 | | | | |
| 774. | P240261274 | 1391 | 30.07.2024 | 12.30 P.M. | 2.45 P.M. | BOARD-II |
| 775. | P240262046 | 1906 | | | | |
| 776. | P240262910 | 1192 | | | | |
| 777. | P240262961 | 1772 | | | | |
| 778. | P240263602 | 1979 | | | | |
| 779. | P240264357 | 1490 | | | | |
| 780. | P240268564 | 1635 | | | | |
| 781. | P240269238 | 2238 | | | | |
| 782. | P240269357 | 1820 | | | | |
| 783. | P240274718 | 1466 | | | | |
| 784. | P240276883 | 1427 | | | | |
| 785. | P240279052 | 1750 | 30.07.2024 | 12.30 P.M. | 2.45 P.M. | BOARD-III |
| 786. | P240279767 | 1115 | | | | |
| 787. | P240280124 | 1576 | | | | |
| 788. | P240281304 | 1876 | | | | |
| 789. | P240281555 | 1382 | | | | |
| 790. | P240281649 | 2057 | | | | |
| 791. | P240283805 | 1662 | | | | |
| 792. | P240285263 | 2153 | | | | |
| 793. | P240288209 | 1985 | | | | |
| 794. | P240288633 | 1104 | | | | |

**N.B.: The concerned candidates are advised to report at the office of the Commission half an hour before the commencement of verification of original certificates & documents on their scheduled dates & time as mentioned against each.**

It is also made clear that the candidature of these candidates for the recruitment is **purely provisional**. The candidature is liable to rejection in the event of inadequacy/ deficiency found at any stage before or after the verification of original certificate/ documents and is subject to fulfillment of terms and conditions laid down in the advertisement.

**Mere participation in the document verification does not reserve any right to appear the Interview.** The candidates shall be allowed to the interview on the scheduled date & time mentioned above subject to fulfillment of their eligibility in all respect as per verification of original certificate/documents. The decision of the Commission thereon shall be final

## THE CANDIDATES IS REQUIRED TO SUBMIT FOLLOWING ORIGINAL CERTIFICATES ALONG WITH SELF ATTESTED PHOTO COPIES AT THE TIME OF VERIFICATION

1. Hard copy of online application form **mentioning Roll No. at the Top Right Hand Corner**. Application forms are available in the website of the Commission. The candidates are requied to download the same using their respective USERNAME and PASSWORD/ OTP etc. through OPSC e-Chayan Portal via **www.opscechayan.in**.
2. Three (03) Passport Size Photographs tagged with the Application Form and one (01) pasted at space provided in the CIF (Bio-data form/Candidate Information Form).
3. H.S.C. or Equivalent Certificate in support of declaration of age issued by the concerned Board/Council.
4. Required Odia Test Pass Certificate issued within 26.02.2024.
5. Diploma in Engineering (Civil) pass certificate wherever applicable.
6. Degree in Civil Engineering pass certificate issued by the recognized University/ Institution recognized by the Government.
7. Mark lists of all semesters in support of Degree/Diploma in Civil Engineering passed including fail marks, if any, issued by the concerned Council/University.
8. Certificate showing valid GATE score in Civil Engineering.
9. "No Objection Certificate" from the Head of Office/Head of the Department in case of Government servant wherever applicable.
10. Service Certificate in case of candidates claiming age relaxation as Jr. Engineers wherever applicable.
11. Caste Certificate by birth in support of claim as SC/ST, wherever applicable (Please see and refer NOTE-2 of Para-9 of the advertisement) issued within 26.02.2024;
12. SEBC Certificate issued within 27.02.2021 to 26.02.2024 wherever applicable.
13. Permanent Disability Certificate (indicating percentage of permanent disability) issued by the concerned Medical Board within 26.02.2024, wherever applicable.
14. Release certificate of Ex-servicemen issued within 26.02.2024 as per Orissa Ex-servicemen (Recruitment to State Civil Services and Posts) Rules, 1985 vide G.A. Department Notification No. 22856-Gen., Dt.16.10.1985 wherever applicable.
15. Sports Identity Card issued by Director of Sports, Odisha within 26.02.2024.
16. Any proof of Identity.
17. Attestation form duly filled-in by the candidate and signed by a Gazetted Officer with seal (to be downloaded from the website of the Commission).
18. Bio-data Form (CIF) (to be downloaded and pasted/affixed with passport size photograph) duly filled in.
19. Any other relevant documents as per Para - 09 of the Advertisement.

OIPR-12002/11/0052/2425 Sd./ - Secretary (I/C)

## ସଂକ୍ଷେପରେ

### ଓଡ଼ିଆ ବିଭାଗ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା

ଲୋଇସିଂହା,୧୦।୭(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ମହାବିଦ୍ୟାଳୟ ପକ୍ଷରୁ ଓଡିଆ ଭାଷା ଓ ସାହିତ୍ୟ ବିଭାଗର ଷଷ୍ଠ ପର୍ଯ୍ୟାୟ ଛାତ୍ରୀଛାତ୍ରଙ୍କୁ ବୁଧବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ବିଭାଗର ମୁଖ୍ୟ ଅଧ୍ୟାପକ ଜଗମୋହନ ଦର୍ଜୀ ଅଧ୍ୟକ୍ଷତା କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ଇତିହାସ ବିଭାଗ ମୁଖ୍ୟ ପ୍ରଧ୍ୟାପକ ସନ୍ତୋଷ ଦାଶ ,ଅଧ୍ୟାପକ ହିମାଂଶ ମହାକୁର, ଡ.ଜଳଧର ମାଝୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥି ବିଦାୟୀ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ସ୍ୱାଗତିକା ମିଶ୍ର, ନିବେଦିତା ପଧାନ ଓ ସୋନାଲି ଥନାପତି ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ସେବତୀ ନାଏକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୁନୀତା କରଣ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଅମିତ ଭୂଏ ଧନ୍ୟବାଦ ଅର୍ପଣ କରିଥିଲେ।

### ଗଛ ଲଗାଇବା ସହ ଜଙ୍ଗଲ ସୁରକ୍ଷା ପାଇଁ ବାର୍ତ୍ତା

ଖପ୍ରାଖୋଲ,୧୦।୭(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଘୁନସର ପ୍ରଗତି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏହି ଅବସରରେ ପ୍ରଥମେ ସଚେତନତା ସଭା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଐଶ୍ୱର୍ଯ୍ୟ ଶେଖର ଦେବତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ମୁଖ୍ୟବକ୍ତା ଭାବେ ଏଫଇଏସ ମାଷ୍ଟର ଟ୍ରେନର ଅଭୟ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ହରିଶଙ୍କର ବନାଞ୍ଚଳ ଅଧିକାରୀ ଅରବିନ୍ଦ ନାଏକ, ବ୍ଲକ ସହ ଶିକ୍ଷା ଅଧିକାରୀ ରୁଦ୍ରଦେବ ଷଡ଼ଙ୍ଗୀ, ସରପଞ୍ଚ ଅନୁସୂୟା ସାହୁ, ଖପ୍ରାଖୋଲ ବନପାଳ ସୁଧୀର କୁମାର ଜେନା, ବିଦ୍ୟାଳୟ ସଭାପତି ବିକାଶ ଦାଶ, ପରିବେଶ କର୍ମୀ ଟେକେନ୍ଦ୍ର ଜାଲ, ତାପସ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପ୍ରତ୍ୟେକ ମଣିଷ ଗଛ ଲଗାଇବା ସହ ଜଙ୍ଗଲ ସୁରକ୍ଷା କରିବାକୁ ଆହ୍ୱାନ ଦେବା ସହ ସାର, କୀଟନାଶକ ବ୍ୟବହାର ବନ୍ଦ କରି ପରିବେଶ ସୁରକ୍ଷା କରିବାକୁ ବକ୍ତାମାନେ ସଚେତନ କରିଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷକ କୃଷ୍ଣଧର ପାତ୍ର ପରିଚାଳନା କରିଥିବା ବେଳେ ଶିକ୍ଷୟତ୍ରୀ ଝରଣା କର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ଏକ ସଚେତନତା ଶୋଭାଯାତ୍ରାରେ ବାହାରି ଗାଁ ପରିକ୍ରମା କରିଥିବା ବେଳେ ପରେ ସ୍କୁଲ ପଡିଆ ପାଖରେ ବୃକ୍ଷରୋପଣ କରିଥିଲେ। ଏହି ଅବସରରେ ବିକାଶ ଦାଶ, କାହ୍ନୁ ଚରଣ ସାହୁ , ନିରୁପମା ମିଶ୍ରଙ୍କ ସମେତ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ଛାତ୍ରୀଛାତ୍ର ଓ ବନ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।

### ୟୁଥ ଆକ୍ସନ କମିଟି ପକ୍ଷରୁ ଦାବିପତ୍ର ପ୍ରଦାନ

ଦେଓଗାଁ,୧୦।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ସ୍ଥାନୀୟ ୟୁଥ ଆକ୍ସନ କମିଟିର କର୍ମକର୍ତ୍ତାମାନେ ବିଧାୟକ କଳିକେଶ ନାରାୟଣ ସିଂଦେଓଙ୍କୁ ବଲାଙ୍ଗୀର ଶୈଳଶ୍ରୀ ପ୍ୟାଲେସ ଠାରେ ଭେଟି ଦେଓଗାଁ ବ୍ଲକର କେତେକ ପ୍ରମୁଖ ଦାବି ଉପସ୍ଥାପନ କରିଛନ୍ତି। ମଙ୍ଗଳବାର କମିଟି ସଭାପତି ସେବକ ବାରିକଙ୍କ ନେତୃତ୍ୱରେ କମିଟିର କର୍ମକର୍ତ୍ତାଙ୍କ ସମେତ ଦେଓଗାଁ ୧୩ନଂ ଜୋନ ଜିଲା ପରିଷଦ ସଭ୍ୟ ସୁମତି ସେଠ, ଦେଓଗାଁ ସରପଞ୍ଚ ନୀନା ଛତ୍ରିଆ, ସମିତିସଭ୍ୟ ମୀନା କୁମାରୀ ସା, ଜରାସିଂହା ସରପଞ୍ଚ କୁଶମଣି ମେହେର, ଗାଇବାହାଲ ସରପଞ୍ଚ ତ୍ରିଲୋଚନ ଛତ୍ରିଆ ପ୍ରମୁଖ ଯାଇଥିଲେ । ଏହି ଅବସରରେ କମିଟିର କର୍ମକର୍ତ୍ତା ବିଧାୟକ ସିଂଦେଓଙ୍କୁ ଦେଓଗାଁ ରେଲୱେ ଷ୍ଟେଶନଠାରେ ଏକ୍ସପ୍ରେସ ଟ୍ରେନ ରହଣି, ବନ୍ଦ ପଡିଥିବା ଟିମ୍ବିକଲର ପୁନରୁଦ୍ଧାର, ଦେଓଗାଁକୁ ଏନଏସି ମାନ୍ୟତା, ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ବିଶେଷଜ୍ଞ ଡାକ୍ତର ଓ ଷ୍ଟାଫ୍ ନର୍ସ ପଦବୀ ପୂରଣ, ଦେଓଗାଁରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ଷ୍ଟ୍ରିଟଲାଇଟ ଲଗାଇବା ତଥା ଦେଓଗାଁରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ନେଇ ଦାବି ଉପସ୍ଥାପନ କରିଥିଲେ। ସମସ୍ତ ଦାବି ଯୁକ୍ତିଯୁକ୍ତ ରହିଥିବାରୁ ଅଗ୍ରାଧିକାର ଭିତ୍ତିରେ ପଦକ୍ଷେପ ନିଆଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିବା କମିଟି ସଭାପତି ବାରିକ ପ୍ରକାଶ କରିଛନ୍ତି ।

# ଦିନକୁ ଦିନ ବଢୁଛି ଡେଙ୍ଗୁ ରୋଗୀଙ୍କ ସଂଖ୍ୟା

ସଇଁତଲା,୧୦।୭(ରାଖାଲ ପ୍ରସାଦ ଶତପଥୀ)


ଗୋପବନ୍ଧୁ ପଡ଼ା ରାମମନ୍ଦିର ସମ୍ମୁଖରେ ପଡ଼ିରହିଥିବା ଅଳିଆ ଆବର୍ଜନା ।

- ଡେଙ୍ଗୁ ରୋକିବାରେ ପ୍ରଶାସନ ବିଫଳ
- ଗୋପବନ୍ଧୁ ପଡ଼ାରେ ପଡ଼ି ରହିଛି ଅଳିଆ ଆବର୍ଜନା
- ସଫେଇ କାମ ଲୋକ ଦେଖାଣିଆ

ବଲାଙ୍ଗୀର ଜିଲା ସଇଁତଲା ବ୍ଲକର ଗୋପବନ୍ଧୁ ପଡ଼ାରେ ଡେଙ୍ଗୁ ରୋଗ ଥମିବାର ନାଁ ନେଉନି। ଏଠାରେ ଦିନକୁ ଦିନ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢିବାରେ ଲାଗିଛି। ଅଦ୍ୟାବଧି ଏହି ପଡ଼ାର ୪୫ ଜଣ ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇ ସାରିଲେଣି। ବଲାଙ୍ଗୀର ଭୀମଭୋଇ ମେଡ଼ିକାଲରେ ୧୧ ଜଣ ଚିକିତ୍ସାଧୀନ ଥିବା ବେଳେ ଅନ୍ୟମାନେ ଘରେ ଚିକିତ୍ସିତ ହେଉଛନ୍ତି। କିଛିଦିନ ତଳେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଦୁଇ ଜଣିଆ ଟିମ୍ ଆସି ଗୋପବନ୍ଧୁପଡ଼ା ପରିଦର୍ଶନ କରିବା ସହ ଡ୍ରେନରେ ଜମୁଥିବା ପାଣିର ନମୂନା ସଂଗ୍ରହ କରିଥିଲେ। ଉକ୍ତ ଦିନ ସଇଁତଲା ବ୍ଲକ ପ୍ରଶାସନ ତରଫରୁ ଜେସିବି ଲଗାଇ ଅଳିଆ ଆବର୍ଜନା ସଫା କରାଯାଇଥିବା ବେଳେ ବର୍ତ୍ତମାନ ମଧ୍ୟ ଉକ୍ତ ପଡ଼ାରେ କୁଢ଼ କୁଢ଼ ଅଳିଆ ଆବର୍ଜନା ପଡ଼ି ରହିଛି। ପଡ଼ାରେ ଥିବା ଡ୍ରେନ ସଫା କରାଯାଉ ନ ଥିବାରୁ ସେଥିରେ ପାଣି ଜମି ଦୁର୍ଗନ୍ଧ ବାହାରିବା ସହ ମଶାମାଛି ବଂଶ ବିସ୍ତାର କରି ଚାଲିଛନ୍ତି। ଏ ଦିଗରେ ବ୍ଲକ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ପଡ଼ାବାସୀ ଦାବି କରିଛନ୍ତି। ସଇଁତଲାର କେବଳ ଗୋପବନ୍ଧୁ ପଡ଼ାରେ ଡେଙ୍ଗୁରୋଗ ବ୍ୟାପିବାରେ ଲାଗିଛି। ଏ ସମ୍ପର୍କରେ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼. ସମରେନ୍ଦ୍ର ମହାପାତ୍ରଙ୍କୁ ପଚାରିବାରେ ପଡ଼ାରେ ସଚେତନତା କାର୍ଯ୍ୟକ୍ରମମାନ କରାଯିବା ସହ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଡେଙ୍ଗୁ ନିବାରଣ ପାଇଁ ଧୂଆଁ ଦିଆଯାଉଛି। ଏହାଛଡା ପଡ଼ାବାସୀଙ୍କୁ ଘର ବାହାରେ କିମ୍ବା ଛାତ ଉପରେ ପାଣି ଜମା ନ କରିବାକୁ ସଚେତନ କରାଯାଉଥିବା କହିଥିଲେ।

# ନବବିବାହିତା ସ୍ତ୍ରୀଙ୍କୁ ଧୋକା ଦେଲେ ସ୍ୱାମୀ

## ବିବାହିତା ମହିଳାଙ୍କୁ ଧରି ଚମ୍ପଟ

ଲୋଇସିଂହା,୧୦।୭(ସୁଶାନ୍ତ ବାରିକ)

ଅଗ୍ନିକୁ ସାକ୍ଷୀ ରଖି ବିବାହ କରିଥିଲେ। ବାହା ହେବା ପରେ କିଛି ଦିନ ବେଶ ହସଖୁସିରେ ଦାମ୍ପତ୍ୟ ଜୀବନ ବିତାଇଥିଲେ। ଏପରି କି ସ୍ତ୍ରୀଙ୍କୁ ଅନେକ ସ୍ୱପ୍ନ ଦେଖାଇ ଥିଲେ ସ୍ୱାମୀ । ହେଲେ ବିବାହର ଦୁଇମାସ ନ ପୂରୁଣୁ ଯୁବକ ଜଣକ ସ୍ତ୍ରୀଙ୍କୁ ବାପ ଘରେ ଛାଡି ଅନ୍ୟ ଜଣେ ବିବାହିତା ମହିଳାଙ୍କୁ ଧରି ଚମ୍ପଟ ମାରିଛନ୍ତି। ଏପରି ଅଭିଯୋଗ ଆଣିଛନ୍ତି ବଲାଙ୍ଗୀର ଜିଲା ଲୋଇସିଂହା ଥାନା ପଟୁଆପାଲି ଗ୍ରାମର ନବବିବାହିତା ଯୁବତୀ ପ୍ରମିଳା କର୍ମୀ( ୨୪) । ଅଭିଯୋଗ କରିବାର ୩ ଦିନ ବିତି ଯାଇଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ନ୍ୟାୟ ପାଇଁ ସେ ଜିଲା ଆରକ୍ଷୀ ଅଧୀକ୍ଷକ ଋଷିକେଶ ଖିଲାରିଙ୍କ ଦ୍ୱାରସ୍ଥ ହୋଇଛନ୍ତି ।

ଅଭିଯୋଗରୁ ପ୍ରକାଶ ଯେ, ଗତ ମେ ମାସରେ ବରଗଡ ଜିଲା ଭେଡେନ ଥାନା ଅନ୍ତର୍ଗତ ଭବାନିପାଲି ଗ୍ରାମର ନିର୍ମଳ କର୍ମୀଙ୍କୁ ପ୍ରମିଳା ବୈଦିକ ରୀତିରେ ବିବାହ କରିଥିଲେ। କିଛି ଦିନ ତଳେ ନବ ବିବାହିତା ଯୁବତୀ ଜଣକ ସ୍ୱାମୀଙ୍କ ସହ ବାପ ଘର ପଟୁଆପାଲି ଆସିଥିଲେ। ସେଠାରେ ପ୍ରାୟ ୧୦ ଦିନ ରହିଥିଲେ ନବଦମ୍ପତି। କିନ୍ତୁ ଗତ ୨୮ ତାରିଖରେ ନିର୍ମଳ ସ୍ତ୍ରୀଙ୍କୁ ପୁଇଁତଳା ଥାନା ଅନ୍ତର୍ଗତ ଉମରିଆ ଗ୍ରାମର ଜଣେ ସମ୍ପର୍କୀୟଙ୍କ ଘରକୁ ଯାଉଥିବା କହି କି ଆସିଥିଲେ । ସେ ଯୌତୁକ ପାଇଥିବା ବାଇକ୍ (ନଂ ଓଡି୦୩ଏବି ୭୧୧୬)ନେଇ ଯାଇଥିଲେ। ୩ ଦିନ ବିତିଥିଲେ ମଧ୍ୟ ନିର୍ମଳ ପଟୁଆପାଲିକୁ ଫେରି ନ ଥିବା ବେଳେ ତାଙ୍କ ସହ ଯୋଗାଯୋଗ ହୋଇ ପାରି ନ ଥିଲା। ଏହାପରେ ସଂପୃକ୍ତ ଯୁବତୀ ତାଙ୍କ ଶାଶୁ ଘର ଲୋକଙ୍କୁ ସ୍ୱାମୀ ନିର୍ମଳଙ୍କ ସମ୍ପର୍କରେ ପଚାରିବାରୁ ସେମାନେ ଘରକୁ ଆସି ନ ଥିବା କହିଥିଲେ। ଫଳରେ ପରିବାର ଲୋକେ ଚିନ୍ତିତ ହୋଇ ପଡିଥିଲେ। ଖୋଜାଖୋଜି କରି ନ ପାଇବାରୁ ବରଗଡ ଜିଲା ଭେଡେନ ଥାନାକୁ ଯାଇ ନିଖୋଜ ନେଇ ଅଭିଯୋଗ କରିଥିଲେ। ପରବର୍ତ୍ତୀ ସମୟରେ ପ୍ରମିଳା ଏବଂ ତାଙ୍କ ବାପ ଘର ଲୋକେ ଜାଣିବାକୁ ପାଇଥିଲେ ଯେ ନିର୍ମଳ ପୁଇଁତଳା ଥାନା ଉମରିଆ ଗ୍ରାମର ସମ୍ପର୍କୀୟଙ୍କ ଘରକୁ ଯାଇଥିବା ବେଳେ ସେଠାକାର ଜଣେ ବିବାହିତା ମହିଳାଙ୍କୁ ଧରି ଚମ୍ପଟ ମାରିଛନ୍ତି। ନିର୍ମଳ ସହ ଚମ୍ପଟ ମାରିଥିବା ମହିଳା ଜଣକ ତାଙ୍କ ଶିଶୁପୁତ୍ରକୁ ଛାଡି ଚାଲି ଯାଇଛନ୍ତି। ଉମରିଆ ଗ୍ରାମକୁ ଯାଇ ପଚରାଉଚରା କରିବା ପରେ ଘଟଣା ସତ୍ୟ ବୋଲି ସେମାନେ ଜାଣିବାକୁ ପାଇଥିଲେ। ଏହାପରେ ପ୍ରମିଳା ଲୋଇସିଂହା ଥାନାକୁ ଯାଇ ଏତଲା ଦେଇଥିଲେ। ପୋଲିସ ଅଭିଯୋଗ ପାଇ ନଂ ୨୦।୨୪ରେ ଏକ ମାମଲା ରୁଜୁ କରିଛି। ତଦନ୍ତ ଚାଲିଛି। ଅଭିଯୁକ୍ତ ଜଣକ ରାଜ୍ୟ ବାହାରକୁ ଚାଲି ଯାଇଥିବା ଆଇଆଇସି ଯାଜ୍ଞସିନୀ ନାୟକ କହିଛନ୍ତି।

# କଣ୍ଟାବାଞ୍ଜିର ବିକାଶ ଲାଗି ସମସ୍ତଙ୍କ ସହଯୋଗ ଆବଶ୍ୟକ



ମଞ୍ଚାସୀନ ଉପ ଉପମୁଖ୍ୟମନ୍ତ୍ରୀ, ଏମ୍‌ପି , ବିଧାୟକ ଓ ଅନ୍ୟମାନେ ।

କଣ୍ଟାବାଞ୍ଜି,୧୦।୭(ଗୁରୁଦୟାଲ ହଂସ)

ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ବଲାଙ୍ଗୀର ଜିଲା ଗସ୍ତ ଅବସରରେ ମଙ୍ଗଳବାର ସନ୍ଧ୍ୟାରେ କଣ୍ଟାବାଞ୍ଜି ହେମାଲ ସଂଘ ଭବନରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ହେମାଲ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ସଭାରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନଙ୍କ ସହ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ଅନ୍ୟମାନଙ୍କ ମଧ୍ୟରେ କନକବର୍ଦ୍ଧନ ସିଂଦେଓଙ୍କ ଝିଅ ନିଭ୍ରିତି, ହେମାଲ ସଂଘ ଉପସଭାପତି ବିଦେଶୀ ବେହେରା,ଜିଲା ଭାଜପା ସଭାପତି ଶିବାଜି ମହାନ୍ତି , ନଗର ସଭାପତି ବେଦବ୍ୟାସ ନାଗ, ଜିଲା ସମ୍ପାଦକ ଶ୍ରୀବତ୍ସ ବେହେରା, ମୁରିବାହାଲ ବ୍ଲକ ଅଧ୍ୟକ୍ଷ ହରିବନ୍ଧୁ ମେହେର, ଡିଆରୟୁସିସି ମେମ୍ବର ଅଜୟ କୁମାର ଅଗ୍ରୱାଲ ମଞ୍ଚାସୀନ ଥିଲେ। ସମ୍ବର୍ଦ୍ଧନା ସଭାରେ କଣ୍ଟାବାଞ୍ଜି ଅଞ୍ଚଳର ବିକାଶ ଲାଗି ଗୁରୁତ୍ୱ ଦିଆଯିବ ବୋଲି ଏମ୍‌ପି ଶ୍ରୀମତୀ ସିଂଦେଓ କହିଥିଲେ। ଏହାଛଡା ରେଳ ମରାମତି କାରଖାନା ଅଞ୍ଚଳର ଦାଦନ ଶ୍ରମିକମାନଙ୍କ ପାଇଁ ରୋଜଗାରର ମାଧ୍ୟମ ହୋଇପାରିବ ବୋଲି ସେ କହିଥିଲେ। ସେହିପରି ନିର୍ବାଚନ ସମୟରେ ଦେଇଥିବା ପ୍ରତଶ୍ରୁତି ପାଳନ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ । ବିଧାୟକ ବାଗ ମଧ୍ୟ ଅଞ୍ଚଳର ବିକାଶ ପାଇଁ କାମ କରିବା ସହିତ ଜନସାଧାରଣଙ୍କ ସହଭାଗିତାରେ ହିଁ ଅଞ୍ଚଳର ବିକାଶ ହେବ ବୋଲି କହିଥିଲେ। ଉପ ମୁଖ୍ୟମନ୍ତ୍ରୀ ସିଂଦେଓ ଅଞ୍ଚଳର ବିକାଶ ତଥା ସରକାରଙ୍କ କ୍ୟାବିନେଟ ନିଷ୍ପତ୍ତି ଉପରେ ଅଧିକ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ କଣ୍ଟାବାଞ୍ଜି ଜିଲା ସଂଘର୍ଷ ସମିତି ପକ୍ଷରୁ କଣ୍ଟାବାଞ୍ଜିକୁ ରାଜସ୍ୱ ଜିଲା ମାନ୍ୟତା ଦେବା ନେଇ ଏକ ଦାବିପତ୍ର ଉପମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଥିଲା ।ଏହାଛଡା ଯାଦବ ସମାଜ, କରଣ ସମାଜ, ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ପୁଞ୍ଜିପଥର ମନ୍ଦିରର ଉନ୍ନତୀକରଣ ନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଦାବିପତ୍ର ଉପମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଥିଲା। ହେମାଲ ସଂଘର ସଭାପତି ଶେଷଦେବ ପୁଟେଲ ସଭା ପରିଚାଳନା କରିଥିଲେ।

# ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗ: ସ୍ୱାମୀଙ୍କୁ କୋର୍ଟ ଚାଲାଣ

ଲାଠୋର,୧୦।୭(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଲାଠୋର ଥାନା ଅଧୀନ ଝାଙ୍କିରିପାଲି ଗ୍ରାମର ଶୋଭାଗିନୀ ସାହୁଙ୍କୁ ଯୌତୁକ ନିର୍ଯାତନା ଦେବା ଅଭିଯୋଗରେ ତାଙ୍କ ସ୍ୱାମୀ ମନୋଜ ଭୋଇଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି ।

ପ୍ରକାଶ ଯେ, ୨୦୨୨ ମେ ୧୧ ତାରିଖରେ ଝାଙ୍କିରିପାଲି ଗ୍ରାମର ଛବିଲାଲ ସାହୁଙ୍କ ଝିଅ ଶୋଭାଗିନୀ ବୈଦିକ ରୀତିନୀତି ଅନୁଯାୟୀ ସୋନପୁର ଜିଲା ତରଭା ଥାନା ଅନ୍ତର୍ଗତ ପୁଆ ଗ୍ରାମର ଦେବେନ୍ଦ୍ର ଭୋଇଙ୍କ ପୁଅ ମନୋଜଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଝିଅକୁ ଏକ କାର୍ ସହ ଅନ୍ୟାନ୍ୟ ଜାନି ଯୌତୁକ ଦିଆଯାଇଥିଲା। କିନ୍ତୁ ବିବାହର ୮ ଦିନ ପରେ ଶାଶୁ ଘର ପକ୍ଷରୁ ଏକ ଏସ୍‌ସି, ସୁନା ଚେନ ଏବଂ ୧୦ ଲକ୍ଷ ଟଙ୍କା ଯୌତୁକ ଆକାରରେ ଦେବାକୁ ଦାବି କରାଯାଇଥିଲା। କନ୍ୟା ଘର ପରିବାର ଏହା ଦେଇ ନ ପାରିବାରୁ ସ୍ୱାମୀ ମନୋଜ, ଶାଶୁ ସାରଙ୍ଗ ଭୋଇ, ଦିଅର ବଡ଼ମୁନୁ , ସାନମୁନୁ, ନଣନ୍ଦ, ସ୍ୱାମୀଙ୍କ ପ୍ରେମିକା କୁହାଯାଉଥିବା ଜଣେ ଯୁବତୀ ଏବଂ ସମ୍ପର୍କୀୟ ଶୋଭାଗିନୀଙ୍କୁ ଉଭୟ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଇଥିଲେ। ଏଥିରେ ଅତିଷ୍ଠ ହୋଇ ସେ ଝାଙ୍କିରିପାଲିସ୍ଥିତ ତାଙ୍କ ବାପ ଘରକୁ ଆସି ରହୁଥିଲେ। କାଳେ ଶାଶୁ ଘର ଲୋକ ସୁଧୁରି ଯିବେ ବୋଲି ଆଶା ବାନ୍ଧିଥିଲେ। ହେଲେ କୌଣସି ସୁଫଳ ନ ମିଳିବାରୁ ଶୋଭାଗିନୀ ଲାଠୋର ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ଅଭିଯୁକ୍ତମାନଙ୍କ ନାମରେ ଲାଠୋର ଥାନାରେ ନଂ ୧୫୯/୨୪ ରେ ଦଫା ୪୯୮(ଏ), ୪୪୧, ୨୯୪, ୩୨୩, ୩୦୭, ୫୦୬, ୩୪ ଏବଂ ୪ ଯୌତୁକ ନିରୋଧ ଆଇନରେ ଏକ ମାମଲା ରୁଜୁ କରିଛି। ଏହାଛଡା ସ୍ୱାମୀ ମନୋଜଙ୍କୁ ଗିରଫ କରି ପାଟଣାଗଡ଼ କୋର୍ଟକୁ ଚାଲାଣ କରିଥିବା ବେଳେ ଅନ୍ୟମାନଙ୍କୁ ନୋଟିସ କରାଯିବ ବୋଲି ଥାନା ଅଧିକାରୀ ରାକେଶ ବେହେରା ପ୍ରକାଶ କରିଛନ୍ତି।

# ବଲାଙ୍ଗୀରରୁ ଭିଡିଓ କନ୍‌ଫରେନ୍ସରେ କ୍ୟାବିନେଟ୍ ବୈଠକରେ ଯୋଗଦେଲେ କନକ ବର୍ଦ୍ଧନ


ବୈଠକରେ ଯୋଗଦେବା ପରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଫେରୁଛନ୍ତି।

ବଲାଙ୍ଗୀର,୧୦।୭(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଗସ୍ତରେ ଥିବା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ବୁଧବାର ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ ଯୋଗଦେଇଛନ୍ତି। ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟସ୍ଥିତ ଓସ୍ୱାନ ହଲ୍‌ରୁ ସେ ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ ଯୋଗଦେଇଥିଲେ। ଭୁବନେଶ୍ୱର ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପ୍ରାୟ ୩ ଘଣ୍ଟା ଧରି ଆଲୋଚନା କରିବା ପରେ ଉପମୁଖ୍ୟମନ୍ତ୍ରୀ ସିଂଦେଓ ଓସ୍ୱାନ ହଲ୍‌ରୁ ବାହାରି ଗଣମାଧ୍ୟମ ସମ୍ମୁଖରେ କହିଥିଲେ, ଏହା ଦ୍ୱିତୀୟ କ୍ୟାବିନେଟ୍ ବୈଠକ ହୋଇଥିବାରୁ ଅନେକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ଭାଜପା ନିର୍ବାଚନୀ ଇସ୍ତାହାରରେ ଯେଉଁ ସବୁ ପ୍ରତିଶ୍ରୁତି ଦେଇଛି ତାକୁ ଆସନ୍ତା ୫ ବର୍ଷ ମଧ୍ୟରେ ଗୋଟି ଗୋଟି କରି ପାଳନ କରାଯିବ ବୋଲି ସେ ସୂଚନା ଦେଇଥିଲେ। ନୂଆ ସରକାର ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମ କ୍ୟାବିନେଟ୍‌ରୁ ହିଁ ରାଜ୍ୟ ସରକାର ଏ ଦିଗରେ ପଦକ୍ଷେପ ନେଇଛନ୍ତି। ପ୍ରଥମ କ୍ୟାବିନେଟ୍‌ରେ ପୁରୀ ଶ୍ରୀମନ୍ଦିରର ଚାରି ଦ୍ୱାରା ଖୋଲାଯିବା, ପୁରୀ ଶ୍ରୀମନ୍ଦିର ପାଇଁ ୫ ଶହ କୋଟି ଟଙ୍କାର କର୍ପସ ପାଣ୍ଠି, ୧୭ ସେପ୍ଟେମ୍ବରରୁ ସୁଭଦ୍ରା ଯୋଜନା ଓ ଧାନ ଦର କୁଇଣ୍ଟାଲ ପିଛା ୩୧ ଶହ ଟଙ୍କା କରିବା ଦିଗରେ ନିଷ୍ପତ୍ତି ହୋଇଥିଲା। ଦ୍ୱିତୀୟ କ୍ୟାବିନେଟ୍ ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଓ ନିଷ୍ପତ୍ତି ହୋଇଥିବା ସିଂଦେଓ ସୂଚନା ଦେଇଥିଲେ। ମଙ୍ଗଳବାରଠାରୁ ୩ଦିନିଆ ବଲାଙ୍ଗୀର ଜିଲା ଗସ୍ତରେ ଉପମୁଖ୍ୟମନ୍ତ୍ରୀ ସିଂଦେଓ ଅଛନ୍ତି। ମଙ୍ଗଳବାର ସେ ତାଙ୍କ ବିଧାନସଭା କ୍ଷେତ୍ର ପାଟଣାଗଡ଼ ଗସ୍ତକରି ବିଭିନ୍ନ ସ୍ଥାନରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ନିର୍ବାଚନ ପରେ ରାଜ୍ୟରେ ନୂଆ ଭାଜପା ସରକାର ଗଠନ ହୋଇଥିଲା। ଉପମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମକରି ସେ ଏବେ ନିଜ ଜିଲା ତଥା ବିଧାନସଭା ନିର୍ବାଚନମଣ୍ଡଳୀ ଗସ୍ତ କରିଛନ୍ତି। ଏହି ଅବସରରେ ବିଭିନ୍ନ ସ୍ଥାନରେ ତାଙ୍କ ସମର୍ଥକ ଓ ଜନସାଧାରଣ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଉଛନ୍ତି।

# ଉପ ମୁଖ୍ୟମନ୍ତ୍ରୀ, ବଲାଙ୍ଗୀର ଏମପିଙ୍କୁ ସମ୍ବର୍ଦ୍ଧନା


ଆଗଲପୁର ବ୍ଲକର ଭରସୁଜାରେ ଏମ୍‌ପି ବକ୍ତବ୍ୟ ଦେଉଛନ୍ତି ।

ଲୋଇସିଂହା,୧୦।୭(ସୁଶାନ୍ତ ବାରିକ)

ପାଟଣାଗଡ଼ ବିଧାୟକ ତଥା ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ବୁଧବାର ଲୋଇସିଂହା ଓ ଆଗଲପୁର ଗସ୍ତ କରିଥିଲେ। ଏହି ଅବସରରେ ଉଭୟଙ୍କୁ ବିଭିନ୍ନ ସ୍ଥାନରେ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ତେବେ ଲୋଇସିଂହାରେ ଦୀର୍ଘ ୩ ଘଣ୍ଟା ବିଳମ୍ବରେ ଉପମୁଖ୍ୟମନ୍ତ୍ରୀ ସିଂଦେଓ ପହଞ୍ଚିଥିଲେ। ଅପରାହ୍ନ ସାଢ଼େ ୩ଟାରେ ବ୍ଲକ ଛକରେ ବ୍ଲକ ପ୍ରଶାସନ, ଦଳୀୟ କର୍ମୀ ଏବଂ ଜନସାଧାରଣଙ୍କ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହାପରେ ଆଗଲପୁର ବ୍ଲକ ଗସ୍ତରେ ଯାଇଥିଲେ। ଭରସୁଜାରେ ଅଶୋକ ସାହୁ ଏବଂ ଦଳୀୟ କର୍ମୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମ୍ବର୍ଦ୍ଧନା ଅବସରରେ ଉପମୁଖ୍ୟମନ୍ତ୍ରୀ ସିଂଦେଓ ଭାଜପା ଦେଇଥିବା ପ୍ରତିଶ୍ରୁତି ପାଳନ କରାଯିବା ବୋଲି କହିଥିଲେ ।

# ନିର୍ବାଚନୀ ଇସ୍ତାହାର ପୂରଣକୁ ପ୍ରାଥମିକତା ଦିଆଯିବ: କନକ ବର୍ଦ୍ଧନ

ବଲାଙ୍ଗୀର,୧୦।୭(ବୀରେନ୍ଦ୍ର କୁମାର ଝାଙ୍କର)


ବଲାଙ୍ଗୀର ଜଗନ୍ନାଥପଡାଠାରେ ଅଘରିଆ ସମାଜ ପକ୍ଷରୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବଲାଙ୍ଗୀର ଜଗନ୍ନାଥପଡା ଠାରେ ଜିଲା ଅଖିଳ ଭାରତୀୟ ୮୪ ଘର ଅଘରିଆ ସମାଜ ଆଞ୍ଚଳିକ କମିଟି ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓ ଲୋକସଭା ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ସମ୍ବର୍ଦ୍ଧନା ସଭାରେ ଉପମୁଖ୍ୟମନ୍ତ୍ରୀ ସିଂଦେଓ କହିଛନ୍ତି ଯେ, ନିର୍ବାଚନ ସମୟରେ ଭାଜପା ପକ୍ଷରୁ ଯେଉଁ ଇସ୍ତାହାର ଜାରି କରାଯାଇଥିଲା ତାକୁ ଗୋଟି ଗୋଟି କରି ପୂରଣ କରାଯିବ। ଏହା ହେଉଛି ଲୋକଙ୍କ ସରକାର। ପୂର୍ବ ୨୪ ବର୍ଷର ସରକାରରେ ମୁଖ୍ୟମନ୍ତ୍ରୀଙ୍କୁ ଲୋକେ ଭେଟି ପାରୁ ନ ଥିଲେ। ଏବେ କିନ୍ତୁ ଯେ କୌଣସି ଲୋକ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଚାହୁଁଛନ୍ତି ସେମାନେ ଭେଟୁଛନ୍ତି। ସମସ୍ତ ମନ୍ତ୍ରୀ ମଧ୍ୟ ଲୋକଙ୍କ ସହ ଭେଟ ହେଉଛନ୍ତି ବୋଲି କହିଥିଲେ। ଓଡିଶାକୁ ଏକ ବିକଶିତ ରାଜ୍ୟ ଭାବେ ପ୍ରତିଷ୍ଠିତ କରିବା ଆମର ଲକ୍ଷ୍ୟ ବୋଲି ସେ କହିଥିଲେ। ଭଲ ଚାଷ କରନ୍ତି ବୋଲି ଅଘରିଆ ସମାଜ ପରିଚିତ। ସୌଭାଗ୍ୟବଶତଃ ମୋତେ କୃଷିବିଭାଗ ମନ୍ତ୍ରୀ ଦାୟିତ୍ୱ ମିଳିଛି। ଏଣୁ ଓଡିଶାର ଚାଷୀଭାଇଙ୍କ ବିକାଶ କରିବାକୁ ଚେଷ୍ଟା କରିବି ବୋଲି ସିଂଦେଓ କହିଥିଲେ। କ୍ୟାବିନେଟ୍ ନିଷ୍ପତ୍ତି ମୁତାବକ ଚାଷୀଙ୍କୁ ନିର୍ବାଚନୀ ଇସ୍ତାହାରରେ ଘୋଷିତ ଏମଏସ୍‌ପି ୩୧ ଶହ ଟଙ୍କା ପ୍ରଦାନ କରିବା ଏବଂ କଟନୀ ଛଟନୀ ବନ୍ଦ କରିବା ଦିଗରେ ସରକାର ପଦକ୍ଷେପ ନେବେ ବୋଲି ସେ କହିଥିଲେ। ଏହି ସଭାରେ ସିଂଦେଓ ଦମ୍ପତିଙ୍କ ଝିଅ ନିଭ୍ରିତି ଉପସ୍ଥିତ ଥିଲେ। ଅଘରିଆ ସମାଜ ସଭାପତି ଶୁଭ୍ରାଂଶୁ ଶେଖର ପଟେଲଙ୍କ ସଭାପତିତ୍ୱରେ ଉପମୁଖ୍ୟମନ୍ତ୍ରୀ ଓ ଏମ୍‌ପିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଘରିଆ ଉପଦେଷ୍ଟା ମଣ୍ଡଳୀ, ୪ ମଣ୍ଡଳ ସଭାପତି ଓ କର୍ମକର୍ତ୍ତା, ୧୮ଗୁଡ଼ି ସଭାପତି ଓ କର୍ମକର୍ତ୍ତା, କେନ୍ଦ୍ର କମିଟି, ମହିଳା ମଞ୍ଚ, ଯୁବା ମଞ୍ଚ, କୃଷକ ମଞ୍ଚ, ପୁସ୍ତକ, ଶିକ୍ଷା ଓ ନିର୍ମାଣ କମିଟିର କର୍ମକର୍ତ୍ତା ଓ ଗ୍ରାମ୍ୟ କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ। ସଭାକୁ ସାଧାରଣ ସମ୍ପାଦକ ଦିଗାମ୍ବର ନାଏକ ପରିଚାଳନା କରିଥିଲେ।

### ବଲାଙ୍ଗୀରରେ ଉପମୁଖ୍ୟମନ୍ତ୍ରୀ, ଏମ୍‌ପିଙ୍କୁ ସମ୍ବର୍ଦ୍ଧନା, ରୋଡ୍ ଶୋ

ବୁଧବାର ପୂର୍ବାହ୍ନରେ ସହର ଉପକଣ୍ଠ ପଥରଚେପାସ୍ଥିତ ଜିଲା ଭାଜପା କାର୍ଯ୍ୟାଳୟ ସମ୍ମୁଖରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ଓ ଏମ୍‌ପି ସଙ୍ଗୀତା ଦେବୀଙ୍କୁ ଜିଲା ଭାଜପା ପକ୍ଷରୁ ସ୍ୱାଗତ କରାଯାଇଥିଲା। ଭାଜପା ନେତା ଗୋପାଲଜୀ ପାଣିଗ୍ରାହୀ ସେଠାରେ ଉପମୁଖ୍ୟମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସେଠାରୁ ରୋଡ ଶୋ ଏବଂ ବିଶାଳ ବାଇକ୍ ରାଲି ହୋଇଥିଲା। କଚେରୀ ଛକରୁ ଭାଗିରଥି ଛକ ଦେଇ ସ୍ୱାଗତ ଶୋଭାଯାତ୍ରା ଶୈଳଶ୍ରୀ ପ୍ୟାଲେସରେ ପହଞ୍ଚିଥିଲା। ପ୍ୟାଲେସ ଭିତର ମନ୍ଦିର ଦର୍ଶନ କରିବା ପରେ ଅନ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଅପରାହ୍ଣରେ ରାଜେନ୍ଦ୍ର ପାର୍କ ଠାରେ ମ୍ୟୁନିସିପାଲିଟି କର୍ମଚାରୀଙ୍କ ପକ୍ଷରୁ ଉପମୁଖ୍ୟମନ୍ତ୍ରୀ ଓ ଏମପିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିଶ୍ୱମ୍ବର ମିଶ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବ୍ଲକସ୍ତରୀୟ ପଠାଣି ସାମନ୍ତ ଗଣିତ ମେଧା ବୃତ୍ତି ପରୀକ୍ଷା

**ପାଇକମାଲ,୧୦।୭(ବଡ ଶତପଥୀ)**

ବରଗଡ ଜିଲା ପାଇକମାଲ ବ୍ଲକସ୍ତରୀୟ ପଠାଣି ସାମନ୍ତ ଗଣିତ ମେଧା ବୃତ୍ତି ପରୀକ୍ଷା ନୃସିଂହନାଥ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୋହିନୀ ଦଳପତି କେନ୍ଦ୍ର ପରିଚାଳକ ହିସାବରେ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ। ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ସିନିୟର ଓ ଜୁନିୟର ବର୍ଗର ୧୦୨ଜଣ ପରୀକ୍ଷାର୍ଥୀ ଅଂଶ ଗ୍ରହଣ କରିଥିଲେ।

### ଅଙ୍ଗଦାନ ଉପରେ ସଚେତନତା

ବରଗଡ଼,୧୦।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଭଟଲି ଭଟଲିସ୍ଥିତ ଶାନ୍ତି ସରକାରୀ ବାଳିକା ହାଇସ୍କୁଲରେ ଅଙ୍ଗଦାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ୟୁଥ୍ ରେଡ଼କ୍ରସ ଶାଖା ପକ୍ଷରୁ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ଜୟଶ୍ରୀ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ନୂଆଦିଲ୍ଲୀସ୍ଥିତ ଭାରତୀ ଯୋଦ୍ଧା କ୍ଲବର ସଭାନେତ୍ରୀ ରୋଜାଲିନ ଦାଶ ସାଧନକର୍ମୀ ଭାବେ ଯୋଗଦେଇ ଅଙ୍ଗଦାନର ମହତ୍ତ୍ୱ ଉପରେ ଆଲୋକପାତ କରି ବିଭିନ୍ନ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ୧୮୩ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ପାର୍ବତୀ ପ୍ରଧାନ, ରୀତାରାଣୀ ବେହେରା, ଇନ୍ଦିରା ଖମାରୀ, ସୌଦାମିନୀ ପ୍ରଧାନ, ଜ୍ୟୋତ୍ସ୍ନାମୟୀ ପ୍ରଧାନ, ଶିକ୍ଷକ ସଞ୍ଜୀବ କୁମାର ଷଡ଼ଙ୍ଗୀ, ଗୋବିନ୍ଦ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଲୋକଙ୍କ ସମସ୍ୟା ବୁଝିଲେ ବିଧାୟକ

**ବରଗଡ଼,୧୦।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ବୁଧବାର କଲାପାଣି ଗ୍ରାମକୁ ପରିଦର୍ଶନରେ ଯାଇଥିଲେ। ସେ ଗ୍ରାମର ବିଭିନ୍ନ ଗଳିକନ୍ଦି ବୁଲି ଦେଖି ଲୋକଙ୍କ ସମସ୍ୟା ବୁଝିଥିଲେ। ଗ୍ରାମରେ ଦୀର୍ଘଦିନରୁ ଲାଗି ରହିଥିବା ଡ୍ରେନେଜ ସମସ୍ୟା ଉପରେ ମୁଖ୍ୟତଃ ଗ୍ରାମବାସୀ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ବିଧାୟକ ଉକ୍ତ ଗ୍ରାମରେ ରହିଥିବା ଜଳାଶୟଗୁଡ଼ିକୁ ବୁଲି ଦେଖିଥିଲେ। ବିଧାୟକଙ୍କ ଏହି ଗସ୍ତ ସମୟରେ ଅନେକ ଗ୍ରାମବାସୀ ସେମାନଙ୍କ ବିଭିନ୍ନ ସମସ୍ୟା ତାଙ୍କ ଦୃଷ୍ଟିକୁ ଆଣିଥିଲେ। ସମସ୍ୟାଗୁଡ଼ିକର ସମାଧାନ ଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି ବିଧାୟକ ଷଡ଼ଙ୍ଗୀ ଗ୍ରାମବାସୀଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ।

### ନବ ବିବାହିତାଙ୍କୁ ବୃକ୍ଷ ଚାରା ଦେଇ ପୁଅ ପରି ଯତ୍ନ ନେବାକୁ ଉପଦେଶ

**ପାଇକମାଲ,୧୦।୭(ବଡ ଶତପଥୀ)**

ବିଶ୍ୱତାପ ନିୟନ୍ତ୍ରଣରେ ବୃକ୍ଷର ପ୍ରମୁଖ ଭୂମିକା ଥିବାରୁ ପାଇକମାଲର ପ୍ରକୃତି ବନ୍ଧୁମାନେ ଏକ ନିଆରା ପ୍ରୟାସ କରୁଛନ୍ତି। ବରଗଡ ଜିଲା ନୃସିଂହନାଥରେ ବିବାହ କରୁଥିବା ନବ ଦମ୍ପତିଙ୍କୁ ବୃକ୍ଷ ଚାରା ଉପହାର ପ୍ରଦାନ କରିବା ପାଇଁ ନିଷ୍ପତି ନେଇଛନ୍ତି। ବୁଧବାର ନୃସିଂହନାଥରେ ବିବାହ ହୋଇଥିବା ନବ ଦମ୍ପତିଙ୍କୁ ବଉଳ, ଅଶୋକ ଚାରା ପ୍ରଦାନ କରି ପୁଅ ପରି ଯତ୍ନ ନେବାକୁ ଉପଦେଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ବଡ ଶତପଥି, ବିଭୁତି ଭୂଷଣ ମୁଣ୍ଡ, ଧିରେନ ମହାନ୍ତି, ନନ୍ଦଲାଲ ନାୟକ ପ୍ରମୁଖ ପ୍ରକୃତି ବନ୍ଧୁବୃନ୍ଦ ବିବାହ ବେଦିରେ ନବ ଦମ୍ପତିଙ୍କୁ ଚାରା ଉପହାର ଦେଇଥିଲେ। ପ୍ରକୃତି ବନ୍ଧୁମାନଙ୍କ ଏତାଦୃଶ୍ୟ କାର୍ଯ୍ୟକ୍ରମ ବରପକ୍ଷ ଓ କନ୍ୟାପକ୍ଷ ପ୍ରଶଂସା କରି ସ୍ମୃତି ଚିହ୍ନ ସ୍ୱରୂପ ଆନନ୍ଦରେ ଗ୍ରହଣ କରିଛନ୍ତି।

# ଅନ୍ୟାୟକୁ ବରଦାସ୍ତ କରାଯିବ ନାହିଁ



ଷଷ୍ଠତମ ପଞ୍ଚାୟତ ସମିତି ସାଧାରଣ ଅଧିବେଶନରେ ମଞ୍ଚାସୀନ ଅତିଥି।

**ଷଷ୍ଠତମ ପଞ୍ଚାୟତ ସମିତି ସାଧାରଣ ଅଧିବେଶନ**

- ବୈଠକରେ ପଡ଼ିଲା ଧରିତ୍ରୀ ଖବରର ପ୍ରଭାବ
- ଚଳିତବର୍ଷ ପାଇଁ ୧ କୋଟି ଟଙ୍କାର ବ୍ୟୟ ଅଟକଳ
- ରୋକଠୋକ ଶୁଣାଇଲେ ନବ ନିର୍ବାଚିତ ବିଧାୟକ
- ଲୋକଙ୍କ ହିତ ପାଇଁ କାମ କରିବାକୁ ନିର୍ଦ୍ଦେଶ

**ସରଣ୍ଡା,୧୦।୭(ଯୁଧିଷ୍ଠିର ମହାପାତ୍ର)**

ବରଗଡ ଜିଲା ଅତାବିରା ବ୍ଲକ ସଭାଗୃହଠାରେ ବୁଧବାର ଷଷ୍ଠତମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଛି। ବିଡିଓ ସୂର୍ଯ୍ୟ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ନବ ନିର୍ବାଚିତ ଭାଜପା ବିଧାୟକ ନିହାର ରଞ୍ଜନ ମହାନନ୍ଦ ନୂତନ ଭାବେ ପ୍ରଥମ କରି ଯୋଗଦେଇଥିଲେ। ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ନାଏକ, ବ୍ଲକ ଉପାଧ୍ୟକ୍ଷ ଅନନ୍ତ ମେହେର, ତହସିଲଦାର ବ୍ରଜ କିଶୋର ସାହୁ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗିରିନ୍ଦ୍ର ସାହୁ ଓ ପଞ୍ଚାୟତ ଅଧିକାରୀ ମହମ୍ମଦ ଆକବର୍ ମଞ୍ଚାସୀନ ଥିଲେ। ବୈଠକରେ ୨୪ ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟ ଏବଂ ବ୍ଲକର ସମସ୍ତ ସରକାରୀ ବେସରକାରୀ ଅଧିକାରୀ ତଥା କର୍ମଚାରୀ ଉପସ୍ଥିତ ରହି ନିଜର ମତାମତ ରଖିଥିଲେ। ମୁଖ୍ୟତଃ ସ୍ୱାସ୍ଥ୍ୟ, ଶିକ୍ଷା, ବିଦ୍ୟୁତ୍, ଯୋଗାଣ, ଗ୍ରାମ୍ୟ ଜଳ ଯୋଗାଣ, ସମନ୍ୱିତ ଶିଶୁ ବିକାଶ (ଆଇସିଡିଏସ) ବିଭାଗରେ ଥିବା ସମସ୍ୟା ସମାଧାନ ଉପରେ ଆଲୋଚନା ହୋଇଥିଲା। ଅତାବିରା ବ୍ଲକ ଅଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ସମସ୍ତେ ମିଳିମିଶି କାମ କରିବା ହେଲେ ଅନ୍ୟାୟକୁ ବରଦାସ୍ତ କରାଯିବ ନାହିଁ ବୋଲି ପ୍ରଶାସନିକ ଅଧିକାରୀ, ନିର୍ବାଚିତ ସରପଞ୍ଚ, ଜିଲା ପରିଷଦ ସଭ୍ୟ ଓ ସମିତି ସଭ୍ୟଙ୍କୁ ବୈଠକରେ ତାଗିଦ କରିଥିଲେ ବିଧାୟକ ମହାନନ୍ଦ। ଦୀର୍ଘ ସମୟ ଧରି ଉପସ୍ଥିତ ରହିଥିବା ସରପଞ୍ଚ, ସମିତି ସଭ୍ୟମାନେ ନିଜ ଅଞ୍ଚଳର ବହୁ ବିଧ ସମସ୍ୟାଗୁଡ଼ିକୁ ନେଇ ଅଧିକାରୀମାନଙ୍କ ସହ କଥା କଟାକଟି ମଧ୍ୟ ହୋଇଥିଲେ। ଅଧିକାରୀମାନେ ନିଜସ୍ତରରେ ସେହି ସବୁ ସମସ୍ୟାର କିଭଳି ସମାଧାନ ହୋଇପାରିବ ସେ ନେଇ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଥିଲେ। ପଞ୍ଚାୟତ ଅଧିକାରୀ ମହମ୍ମଦ ଆକବର୍ ଚଳିତ ବର୍ଷ ପାଇଁ ୧ କୋଟି ଟଙ୍କାର ବ୍ୟୟ ଅଟକଳ ଉପସ୍ଥାପନ କରିଥିଲେ। ବୁଧବାର 'ଧରିତ୍ରୀ' ଖବରକାଗଜରେ ପ୍ରକାଶିତ 'ନିଲେଇପାଲି ସ୍କୁଲରେ ହଠାତ୍ ପହଞ୍ଚିଲେ ବିଧାୟକ' ଶୀର୍ଷକ ଖବର ଉପରେ ୨ ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ରଣଜିତ ସାହୁ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ସ୍କୁଲରେ ଥିବା ସମସ୍ୟା ସମାଧାନ ପାଇଁ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଇନ୍ଦ୍ରାଣୀ କୁମ୍ଭାର ସ୍କୁଲ ପରିଦର୍ଶନ କରିବାକୁ ନିଷ୍ପତ୍ତି ହୋଇଥିଲେ ଏବଂ ଏହି କାର୍ଯ୍ୟ ନିଜେ ବିଡ଼ିଓ ତଦାରଖ କରିବେ ବୋଲି କହିଥିଲେ। ଏଠାରେ ଧରିତ୍ରୀ ଖବରକାଗଜରେ ପ୍ରକାଶିତ ଖବର ପ୍ରଭାବ ପଡିଛି। ବ୍ଲକକୁ ପ୍ରବେଶ ସମୟରେ ପ୍ରବେଶ ଦ୍ୱାରରେ ଅପେକ୍ଷା କରିଥିବା ୬ବର୍ଷର ଏକ ଅସହାୟ ପୀଡିତ ଶିଶୁ ପୁତ୍ରକୁ ଏବଂ ତାଙ୍କ ବାପାମା'ଙ୍କୁ ଭେଟିଥିଲେ ବିଧାୟକ। ଜନ୍ମଦିନରୁ ଗଳାରେ ଖାଦ୍ୟ ନଳୀ ଛୋଟ ହୋଇଯିବା ଏବଂ ମୁଣ୍ଡରେ ପାଣି ଜମିଯିବାରୁ ସ୍ୱାସ୍ଥ୍ୟଗତ ସମସ୍ୟାରେ ଛନ୍ଦି ହୋଇପଡିଛନ୍ତି ଏହି ଶିଶୁ ପରିବାର। ଅତାବିରା ବ୍ଲକ ସୋର୍ଣ୍ଣା ଗ୍ରାମର ଗୌରାଙ୍ଗ କୁମ୍ଭାରଙ୍କ ଅବହେଳିତ ଏକ ଛଅବର୍ଷର ଶିଶୁ ସ୍ୱାଧୀନ ଗଳା ରୋଗରେ ପୀଡିତ ହୋଇ ଚିକିତ୍ସା ପାଇଁ ବିଧାୟକଙ୍କୁ ନେହୁରା ହୋଇଥିଲେ। ବିଧାୟକ ସେଠାରେ ଥିବା ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ରବିନାରାୟଣ ମିଶ୍ରଙ୍କୁ ଡକାଇ ଏହି ଅବହେଳା କ'ଣ ପାଇଁ ବୋଲି ପଚାରିବା ସହ ତୁରନ୍ତ ଏହାର ବିହିତ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଣି କି ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟ ତଥା ପଞ୍ଚାୟତରେ ନିର୍ବାଚିତ ପ୍ରତିନିଧିମାନଙ୍କ ସମ୍ପୂର୍ଣ୍ଣ ଅଧିକାର ରହିବ ବୋଲି ମହାନନ୍ଦ ପ୍ରକାଶ କରିଥିଲେ। ଶେଷରେ ଉପାଧ୍ୟକ୍ଷ ଅନନ୍ତ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ଶୋଭାଯାତ୍ରାରେ ଚାରାରୋପଣ ସଚେତନତା




ବିକାଶ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ସୋସିଆଲ ୱେଲଫେୟାର ସ୍କୁଲ ଛାତ୍ରୀଛାତ୍ରଙ୍କ ସଚେତନତା ଶୋଭାଯାତ୍ରା।

**ବରଗଡ଼,୧୦।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ବନ ମହୋତ୍ସବ ଅବସରରେ ମା' ନାମରେ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ମୂରଲୀ କ୍ରୀଷ୍ଣା ଫାଉଣ୍ଡେଶନ ଦ୍ୱାରା ପ୍ରତିଷ୍ଠିତ ବିକାଶ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ସୋସିଆଲ ୱେଲଫେୟାର ସ୍କୁଲରେ ମା' ନାମରେ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ଅଧ୍ୟକ୍ଷ ଡ. ଡୋଲାମଣି ଶତପଥୀଙ୍କ ସଭାପତିତ୍ୱରେ ପ୍ରବୀଣ କୁମାର ଦୋରା ମୁଖ୍ୟଅତିଥି, ବିକାଶ ଆଇଟିଆଇର ପ୍ରଶିକ୍ଷକ ଦିପକ କୁମାର ହୋତା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ ବନ ସୁରକ୍ଷା ଶୀର୍ଷକରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଅତିଥିବୃନ୍ଦ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସେହିପରି ଛାତ୍ରୀଛାତ୍ର ଏକ ସଚେତନତା ଶୋଭାଯାତ୍ରାରେ ବାହାରି ଚାରାରୋପଣ, ପରିବେଶ ସୁରକ୍ଷା ଉପରେ ସଚେତନତା ସୃଷ୍ଟି କରିଥିଲେ। କଳ୍ପନା ପାଢ଼ୀ, ଅମିତ କୁମାର ଦାଶ, ଗୀତା ପଟେଲ, ଚାନ୍ଦିନୀ କହଁର, ସୁନେଲି ସୁନା, ନିଲା ପାଣ୍ଡେ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରକାଶ ଚନ୍ଦ୍ର ଅଦାବର ଧନ୍ୟବାଦ ଅର୍ପଣ କରିଥିଲେ।

ବରଗଡ଼ ମହିଳା ସମିତି ପକ୍ଷରୁ ବରଗଡ଼ ସରକାରୀ ବାଳିକା ହାଇସ୍କୁଲରେ ସମିତି ସଭାନେତ୍ରୀ ହରଜୀନ୍ଦର କୌରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ସୁନା, ମହିଳା ସମିତି ଉପସଭାନେତ୍ରୀ ମନ୍ଦାକିନୀ ପତି, ସମ୍ପାଦିକା ଇନ୍ଦ୍ରାଣୀ ଶତପଥୀ, ସହସମ୍ପାଦକ ସୁଧାଂଶୁବାଲା ଦାଶ, କୋଷାଧ୍ୟକ୍ଷା ଦେବକୀ ମେହେର, ବରିଷ୍ଠ ସଦସ୍ୟା ଗୀତା ମିଶ୍ର, ଉପଦେଷ୍ଟା ସର୍ଦ୍ଦାର ପ୍ରୀତମ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଦ୍ୱାରୀ ଗ୍ରାମର ଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ବନ ମହୋତ୍ସବ ପାଳିତ ହୋଇଛି। ମନ୍ଦିର ଟ୍ରଷ୍ଟ ବୋର୍ଡ଼ ସଭାପତି କୈଳାସ ମହାପାତ୍ର, ଫରେଷ୍ଟର ବିଷ୍ଣୁଚରଣ ବିଶ୍ୱାଳ, ଫରେଷ୍ଟ ଗାର୍ଡ଼ ପଦ୍ମନ ପ୍ରଧାନ, ମିଶନ ଶକ୍ତି ବିପିଏମ ମୂରଲୀଧର ଗଡ଼ତିଆଙ୍କ ସମେତ ସିଆରପି, ବ୍ୟାଙ୍କ ମିତ୍ର, ପ୍ରାଣୀ ମିତ୍ର, ସ୍ୱୟଂ ସହାୟକ ଗୋଷ୍ଠି ସଦସ୍ୟା ଉପସ୍ଥିତ ଥିଲେ। ମନ୍ଦିର ପ୍ରାଙ୍ଗଣରେ ଅଁଳା, ପଣସ, ଡାଳିମ୍ବ, ଜାମୁ, କରଞ୍ଜ ଆଦି ଚାରାରୋପଣ କରାଯାଇଥିଲା।

## ଦେବାହାଲରେ ବନ ମହୋତ୍ସବ ପାଳନ

**ସରଣ୍ଡା,୧୦।୭(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଦେବାହାଲସ୍ଥିତ ବୀର ସୁରେନ୍ଦ୍ର ସାଏ ହାଇସ୍କୁଲରେ ବନ ମହୋତ୍ସବ ପାଳନ କରାଯାଇଛି। ପ୍ରଧାନ ଶିକ୍ଷକ ସଦାଶିବ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ପରିବେଶବିତ୍ ଜେଠୁ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ପ୍ରିୟଦର୍ଶିନୀ ଅର୍ଚ୍ଚନା ବାଗ, ସତ୍ୟାନନ୍ଦ ପ୍ରଧାନ, ମାନସ ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରକୃତିବନ୍ଧୁ ଅମୃତ କୁମାର ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟଅତିଥି ବୃକ୍ଷଗୁଡ଼ିକର ଔଷଧୀୟ ଗୁଣ ଉପରେ ସୂଚନା ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଡ୍ରଇଂରେ ସୃଷ୍ଟି ସାହୁ, ରୋମିରାଣୀ ସରାଫ, ତ୍ରିଷ୍ଣା ସେଠ, ପ୍ରକଳ୍ପରେ ବିଷ୍ଣୁପ୍ରିୟା ସରାଫ, ମାନସ କଠାର, ମୁସ୍କାନ ସରାଫ, ରଚନାରେ ବିଷ୍ଣୁପ୍ରିୟା ସରାଫ, ରୋମିରାଣୀ ସରାଫ, ଘନଶ୍ୟାମ ପ୍ରଧାନ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ହୋଇଥିଲେ। ଅତିଥିବୃନ୍ଦ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସେହିପରି ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ଗୋଟିଏ ଲେଖାଏଁ ଚାରା ପ୍ରଦାନ କରାଯାଇଥିଲା। ରବିନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ବୈଠକରେ ବିକାଶମୂଳକ କାର୍ଯ୍ୟକୁ ଗୁରୁତ୍ୱ



ବୈଠକରେ ଭଟଲି ବିଧାୟକ ଏବଂ ଅନ୍ୟମାନେ।

**ବରଗଡ଼,୧୦।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଭଟଲି ବ୍ଲକ ଅଫିସ ସଭାକକ୍ଷରେ ମଙ୍ଗଳବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ନିତ୍ୟାନନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକ ଇରାଶିଷ୍ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଡିଓ ସରୋଜା ବେହେରା ବୈଠକ ପରିଚାଳନା କରିଥିଲେ। ତହସିଲଦାର ଜି. ରଶ୍ମିରେଖା, ଥାନା ଅଧିକାରୀ ବିଭୁତି ଭୂଷଣ ଦଲାଇ, ଅତିରିକ୍ତ ବିଡିଓ ଜ୍ୟୋତ୍ସ୍ନାରାଣୀ ଗଡ଼ତିଆ, ଅତିରିକ୍ତ ସହକାରୀ ଯନ୍ତ୍ରୀ ରାମଜୀତ୍ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ମହିମା ସାହୁ ବିବରଣୀ ପାଠ କରିଥିଲେ। ଉକ୍ତ ବ୍ଲକରେ ଚାଲିଥିବା ଏବଂ ହେବାକୁ ଥିବା ଲୋକାଭିମୁଖୀ ଯୋଜନା ଉପରେ ବିଧାୟକ ଆଲୋଚନା କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, ପାନୀୟଜଳ, କୃଷି, ପ୍ରାଣୀ ସମ୍ପଦ ଏବଂ ଅନ୍ୟାନ୍ୟ ବିଭାଗର ବିକାଶମୂଳକ କାର୍ଯ୍ୟ ଉପରେ ବିଧାୟକ ଆଚାର୍ଯ୍ୟ ସମୀକ୍ଷା କରିଥିଲେ। ବିକାଶମୂଳକ କାର୍ଯ୍ୟ ପାଇଁ ଆସୁଥିବା ସରକାରୀ ଅନୁଦାନର ସୁବିନିଯୋଗ କରିବାକୁ ବିଧାୟକ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ଦୁର୍ନୀତି ଏବଂ କୌଣସି ଅନିୟମିତତାରୁ ଦୂରେଇ ରହିବା ପାଇଁ ସେ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଗୋଷ୍ଠି ଶିକ୍ଷା ଅଧିକାରୀ ସରୋଜ ଭୁଏ, ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଝସକେତନ ଧରେଇ, ଗୋଷ୍ଠି କୃଷି ଅଧିକାରୀ ରାଜୀବ ଲୋଚନ ମିଶ୍ରଙ୍କ ସମେତ ସରପଞ୍ଚ, ସମିତିସଭ୍ୟ ବୃନ୍ଦ ଉପସ୍ଥିତ ଥିଲେ। ଅତିରିକ୍ତ ବିଡିଓ ଗଡ଼ତିଆ ଧନ୍ୟବାଦ ଅର୍ପଣ କରିଥିଲେ।

## 'ମୁହୁରୀ ଉତ୍ସବ ଆଗାମୀ ଯୁବପିଢ଼ିଙ୍କୁ ଆକୃଷ୍ଟ କରିବ'



ମୁହୁରୀ କଳାକାରମାନେ ଶୋଭାଯାତ୍ରାରେ ଯାଉଛନ୍ତି।

**ପଦ୍ମପୁର,୧୦।୭(ପ୍ରଦୀପ୍ତ ଦାଶ)**

ପଦ୍ମପୁର ସଙ୍ଗୀତ ସମିତି ଦ୍ୱାରା ବୁଧବାର ଆୟୋଜିତ ମୁହୁରୀ ଉତ୍ସବ ଆଗାମୀ ମୁହୁରୀ କଳାକାର ମାନଙ୍କୁ ଆକୃଷ୍ଟ କରିବ। କଳାକାରମାନଙ୍କ ଗାଁରେ ଏହା ପ୍ରଦର୍ଶିତ ହେଲେ ଏହା ସମ୍ପ୍ରସାରିତ ହେବ ବୋଲି ଅତିରିକ୍ତ ଜିଲାପାଳ କୁନାଲ ଚଭନ ମୋତିରାମ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି। ଅତିରିକ୍ତ ଜିଲାପାଳ ପ୍ରଥମେ ମା' ସମଲେଶ୍ୱରୀଙ୍କୁ ପୂଜାର୍ଚ୍ଚନା କରି ଏହି ଦିନିକିଆ ଉତ୍ସବ ଉଦ୍‌ଘାଟନ କରିଥିଲେ। ସଙ୍ଗୀତ ସମିତି ଆୟୋଜକ ରମେଶ ଗୁର୍ଲା ଉପସ୍ଥିତ ଅତିଥି ଓ କଳାକାରଙ୍କୁ ସ୍ୱାଗତ ଜଣାଇଥିଲେ। ପ୍ରଥମେ ଏହି କଳାକାରମାନେ ନିଜର ପାରମ୍ପାରିକ ବାଦ୍ୟ ବଜାଇ ଭେଡ଼ଁରିଆ ଛକ ପର୍ଯ୍ୟନ୍ତ ପରିକ୍ରମା କରିଥିଲେ। ଉତ୍ସବରେ ଅଞ୍ଚଳର ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ମୁହୁରୀଆ ଯୋଗଦେଇଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ନାଟ୍ୟକାର କେଶ ରଞ୍ଜନ ପ୍ରଧାନ, ଅଶୋକ କୁମାର ବହିଦାର, ନିରୋଜ ଦୋରା, ଚଳଚ୍ଚିତ୍ର ଅଭିନେତା ଜଗନ୍ନାଥ ସେଠ, ମିତା ତିୱାରୀ, ରମେଶ ଗୁର୍ଲା ପ୍ରମୁଖ ଉପସ୍ଥିତ ଥିଲେ।

## ଗାଇସିଲେଟରେ ଏମ୍‌ପି, ବିଧାୟକଙ୍କୁ ସମ୍ବର୍ଦ୍ଧନା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

**ଗାଇସିଲେଟ,୧୦।୭ (ଦୁର୍ଗା ପ୍ରସାଦ ତ୍ରିବେଦୀ)**

ବରଗଡ଼ ଜିଲା ଗାଇସିଲେଟ ବସ୍‌ଷ୍ଟାଣ୍ଡଠାରେ ଗାଇସିଲେଟ ୟୁଥ କ୍ଲବ ଦ୍ୱାରା ନବ ନିର୍ବାଚିତ ବରଗଡ ଏମ୍‌ପି ପ୍ରଦିପ କୁମାର ପୁରୋହିତ ଓ ବିଜେପୁର ବିଧାୟକ ସନତ କୁମାର ଗଡତିଆଙ୍କୁ ଦୁଲଦୁଲି ବାଜା ସହିତ ସ୍ୱାଗତ କରିଥିଲେ। ବରିଷ୍ଠ ନାଗରିକ ଡ. ସୁନିଲ କୁମାର ପଣ୍ଡା ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଏମ୍‌ପି ପ୍ରଦିପ ପୁରୋହିତ, ବିଶିଷ୍ଟ ଅତିଥି ଭାବେ ବିଧାୟକ ସନତ କୁମାର ଗଡତିଆ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ, ଜିଲା ପରିଷଦ ସଭ୍ୟା ଝରଣା ପାଣଗ୍ରାହୀ, ସରପଞ୍ଚ ଶରତ କାଲୋ, ସମିତି ସଭ୍ୟା ଅଞ୍ଜନା ସେଠ ପ୍ରମୁଖ ମଞ୍ଚାସୀନ ଥିଲେ। ସାମାଜିକ କର୍ମୀ ରଞ୍ଜନ କୁମାର ପଣ୍ଡା ସଭା ପରିଚଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ। ଗାଇସିଲେଟ ୟୁଥ କ୍ଲବ, ବରିଷ୍ଠ ନାଗରିକ କମିଟି, ନାଗରିକ କମିଟି, ବଣିକ ସଂଘ, ଗ୍ରାମ୍ୟ ଉନ୍ନୟନ କମିଟି, ବ୍ରାହ୍ମଣ ସମାଜ, ଶିକ୍ଷକ ସଂଘ, କୃଷକ ସଂଘ, ଶ୍ରମିକ ସଂଘ ଏମ୍‌ପି ଓ ବିଧାୟକଙ୍କୁ ଉପଢୌକନ ପୁଷ୍ପ ଗୁଛଗୁଛ ଦେଇ ସମ୍ମାନିତ କରିଥିଲେ। ସେହିପରି ବ୍ଲକରେ ସମିତି ମିଟିଙ୍ଗରେ ଯୋଗଦେଇଥିଲେ। ପରେ କଲଙ୍ଗାପାଲି ସାହୁ କଲ୍ୟାଣ ମଣ୍ଡପରେ କର୍ମୀ ସମ୍ମିଳନୀରେ ଯୋଗଦେଇ କର୍ମୀମାନଙ୍କ ସମସ୍ୟା ବୁଝିଥିଲେ।

## ଯୁବକଙ୍କୁ ହତ୍ୟା ଘଟଣାରେ ପୋଲିସର ତଦନ୍ତ ଜାରି

**ପାଇକମାଲ,୧୦।୭(ବଡ ଶତପଥୀ)**

ବରଗଡ ଜିଲା ପାଇକମାଲ ବ୍ଲକ ମାଣ୍ଡୋସିଲ ଗ୍ରାମର ପିଙ୍କୁ ସାହୁ (୩୪)ଙ୍କୁ ମଙ୍ଗଳବାର ରାତିରେ ମାଣ୍ଡୋସିଲ ଭୁତମୁଣ୍ଡା ରାସ୍ତା ଏକ ଖଳାରେ ହତ୍ୟା କରାଯିବା ଘଟଣା ଅଞ୍ଚଳରେ ଭୟର ବାତାବରଣ ଦେଖାଯାଇଛି। ବୁଧବାର ପାଇକମାଲ ପୋଲିସ ଓ ଅନୁସନ୍ଧାନି କୁକୁର ଓ ସାଇଣ୍ଟିଫିକ ଦଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ଏ ନେଇ ପାଇକମାଲ ଥାନାରେ ଦଫା ୧୯୧(୨) ୧୦୩(୧) ୧୯୦ ବିଏନଏସରେ ଏକ ମାମଲା (ନଂ. ୧୬୭/୨୪) ରୁଜୁ କରି ଆଇଆଇସି ତଦନ୍ତ ଚଳାଇଛି। ଏହି ଘଟଣାରରେ ପୋଲିସ ୩ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଖୁବଶୀଘ୍ର ହତ୍ୟାକାରୀଙ୍କୁ ଧରାଯିବ ବୋଲି ପାଇକମାଲ ଥାନା ଆଇଆଇସି ସୁଶାନ୍ତ କୁମାର ବଢେଇ କହିଛନ୍ତି। ଗତ ରାତିରେ କିଛି ଯୁବକ ପିଙ୍କୁଙ୍କୁ ମାର୍‌ପିଟ କରିବା ସହ ଭୁଜାଲିରେ ବେକ କାଟିଦେଇଥିଲେ। ପରିବାର ଲୋକ ରାତିରେ ଖବର ପାଇ ପିଙ୍କୁଙ୍କୁ ନୂଆପଡା ସରକାରୀ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣ କରିଥିଲେ।

## କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କଲା ଭାଜପା ଟିମ୍

**ପଦ୍ମପୁର,୧୦।୭(ପ୍ରଦୀପ୍ତ ଦାଶ)**

ପଦ୍ମପୁର ଏନ୍‌ଏସିରେ ଥିବା ବିଭିନ୍ନ ସମସ୍ୟା, ଖେଳାଳି ଓ ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ସ୍ଥାନରେ ଜବରଦଖଲ, ବର୍ଷା ସମୟରେ ଦେଖାଦେଉଥିବା ଡ୍ରେନେଜ ସମସ୍ୟାଗୁଡ଼ିକ ଯଥାଶୀଘ୍ର ସମାଧାନ ନିମନ୍ତେ ଭାଜପା ଯୁବନେତା ପ୍ରିତେଶ ବହିଦାରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଟିମ ପଦ୍ମପୁର ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝିଙ୍କ ସହ ଆଲୋଚନା କରିଛନ୍ତି। ସମସ୍ୟାଗୁଡିକର ଜରୁରୀକାଳୀନ ପ୍ରତିକାର ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ପଦ୍ମପୁର ଏନଏସିର ସମସ୍ତ ଅଞ୍ଚଳରେ ବିକାଶ ନାମରେ ହୋଇଥିବା କାର୍ଯ୍ୟଗୁଡିକରେ ବହୁ ଦୁର୍ନୀତିର ଆଭାଷ ମିଳୁଛି, ଯାହାକୁ ନେଇ ଜନସାଧାରଣରେ ଅସନ୍ତୋଷ ରହିଛି। ସେ ସବୁ କାର୍ଯ୍ୟଗୁଡିକର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଟିମ ଦାବି କରିଛି। ଆସନ୍ତା ଦିନରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନାଗୁଡିକ କିଭଳି କାର୍ଯ୍ୟକାରୀ ହୋଇ ସାଧାରଣ ଜନତାଙ୍କ ପାଖରେ ପହଞ୍ଚି ପାରିବ ଓ କିଭଳି ଲୋକମାନେ ଉପକୃତ ହୋଇ ପାରିବେ ସେ ବିଷୟରେ ଆଲୋଚନା କରିଛନ୍ତି। ଏହି ପ୍ରତିନିଧି ଟିମରେ ପଦ୍ମପୁର ନଗର ବରିଷ୍ଠ ଭାଜପା ନେତା ଅଶୋକ ମିଶ୍ର, ସୁବାଷ ପାତ୍ର, ଡ. ନାରାୟଣ ପୁରୋହିତ, କାଉନସିଲର କୁନାଲ ପାଣିଗ୍ରାହୀ, ହରି ସିଂ, ଆଦିତ୍ୟ ରଥ, ଜୋତ୍ସ୍ନାରାଣୀ କର, ସରୋଜ ମିଶ୍ର, ନରୋତ୍ତମ ପ୍ରଧାନ, ପ୍ରତାପ ନାଥ, ପ୍ରହ୍ଲାଦ ମେହେର, ରାଜେଶ ଗୁର୍ଲା, ନରେଶ ସୁନ୍ଦର ସାହୁ, ଅମିତ ଗର୍ଗ, ସୁରେଶ ସାହୁ, ଦୀନେଶ ବାରିକ, ସୁରଜ ସୁନା, ରବି ସାହୁ, ଅନିଲ ଗୁର୍ଲା ପ୍ରମୁଖ ଆଲୋଚନାରେ ଅଶଗ୍ରହଣ କରି ମତ ଉପସ୍ଥାପନ କରିଥିଲେ।



ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କ ସହିତ ଭାଜପା ପ୍ରତିନିଧି ଆଲୋଚନା କରୁଛନ୍ତି।

## ମଦ, କଂସେଇ ଦୋକାନ ସ୍ଥାନାନ୍ତର କରାଯାଉ

**ବରଗଡ଼,୧୦।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହରର ବ୍ୟସ୍ତବହୁଳ ତଥା ଶିକ୍ଷାନୁଷ୍ଠାନ ପାଖରେ ରହିଥିବା ବିଦେଶୀ ମଦ ଦୋକାନ ଏବଂ କଂସେଇ ଦୋକାନ ଗୁଡ଼ିକୁ ସ୍ଥାନାନ୍ତର ଦାବି ଜୋର୍ ଧରିଛି। ଏହି ଦାବି ନେଇ ବୁଧବାର ସହରର ଯୁବକମାନେ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଫେରାଦ ହୋଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜନବସତି ଏବଂ ଶିକ୍ଷାନୁଷ୍ଠାନ ନିକଟରେ ରହିଥିବା ବିଦେଶୀ ମଦ ଦୋକାନ ଏବଂ କଂସେଇ ଦୋକାନଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଦାବିପତ୍ରରେ ନିବେଦନ କରାଯାଇଛି।

ଦାବିପତ୍ରରେ ଉଲ୍ଲେଖ ରହିଛି, ବରଗଡ଼ ସହର କେନାଲ ଛକସ୍ଥିତ ବିକାଶ ଫାଷ୍ଟଷ୍ଟେପ୍ ସ୍କୁଲ ନିକଟରେ ଏକ ବିଦେଶୀ ମଦ ଦୋକାନ ରହିଛି। ଉକ୍ତ ସ୍କୁଲ ଛାତ୍ରୀଛାତ୍ରଙ୍କ ଉପରେ ଏହାର କୁପ୍ରଭାବ ପଡୁଛି। ମଦ ଦୋକାନ ସମ୍ମୁଖରେ ଭିଡ଼ ଜମି ରହୁଥିବାବେଳେ ବିଭିନ୍ନ ସମୟରେ ମଦ କିଣାବିକାକୁ ନେଇ କଳିଗୋଳ ଉପୁଜୁଥିବା ପରିଲକ୍ଷିତ ହେଉଛି। ନିକଟରେ ଏଭଳି ଏକ ଘଟଣା ସେଠାରେ ଘଟିଥିଲା। ସେହିପରି ଘରୋଇ ବସଷ୍ଟାଣ୍ଡ୍ ନିକଟ ତଥା ବରଗଡ଼-ଭେଡ଼େନ




ମଦ, କଂସେଇ ଦୋକାନ ସ୍ଥାନାନ୍ତର ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଯୁବକମାନେ।

**ଜିଲାପାଳଙ୍କଠାରେ ଦାବି**

ରାସ୍ତାପାର୍ଶ୍ୱରେ କଂସେଇ ଦୋକାନଗୁଡ଼ିକ ରହିଛି। ସେଠାରେ ଛେଳି, ମେଣ୍ଢା, କୁକୁଡ଼ା ଆଦି କଟାଯାଉଛି। ରାସ୍ତାପାର୍ଶ୍ୱ ରକ୍ତରଞ୍ଜିତ ହୋଇ ପଡୁଛି। ଅନ୍ୟପଟେ ଉକ୍ତ କଂସେଇ ଦୋକାନ ନିକଟରେ ସରକାରୀ ଆଇଟିଆଇ ଏବଂ ଘରୋଇ ବସଷ୍ଟାଣ୍ଡ ରହିଥିବାବେଳେ ସମ୍ମୁଖରେ ବରଗଡ଼-ଭେଡ଼େନ ରାସ୍ତା ଯାଇଛି। ଫଳରେ ଉକ୍ତ କଂସେଇ ଦୋକାନର ସେଭଳି ପାରିପାର୍ଶ୍ୱିକ ସ୍ଥିତି ଛାତ୍ରୀଛାତ୍ର ଏବଂ ଲୋକଙ୍କ ଉପରେ ଖରାପ ପ୍ରଭାବ ପକାଉଛି। ଏହି ଦୃଷ୍ଟିରୁ ସମ୍ପୃକ୍ତ ବିଦେଶୀ ମଦ ଦୋକାନ ଏବଂ କଂସେଇଖାନାକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଦାବି ହୋଇଛି। ଦାବିପତ୍ର ପ୍ରଦାନ ସମୟରେ ସହରର ବିଭିନ୍ନ ସଙ୍ଗଠନ ଯୁବକମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମୋବାଇଲ ଚୋରି ଅଭିଯୋଗରେ ଜଣେ ଗିରଫ

**ସମ୍ପୃକ୍ତି ଅଭିଯୋଗରେ ଧରାପଡ଼ିଲେ ନାବାଳକ**

କୁଚିଣ୍ଡା,୧୦।୭(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା କୁଚିଣ୍ଡା ସହର ୱାର୍ଡ ନଂ.୫ର ଜଣଙ୍କ ଘରୁ ମୋବାଇଲ ଓ ପୂଜା ସାମଗ୍ରୀ ଚୋରି ଅଭିଯୋଗରେ ସ୍ଥାନୀୟ ପୋଲିସ ବୁଧବାର ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଯୁଯୁମୁରା ଥାନାର ରୋହିତ ତୁପାକି(୨୨)। ତାଙ୍କ ସହ କୁଚିଣ୍ଡାର ଜଣେ ନାବାଳକଙ୍କୁ ପୋଲିସ ସମ୍ପୃକ୍ତି ଅଭିଯୋଗରେ ଧରିଛି। ବେଣୁଧର ସାହୁଙ୍କ ରିପୋର୍ଟ କ୍ରମେ ପୋଲିସ ଥାନାରେ ଦଫା ୩୮୦, ୩୪ରେ ଏକ ମାମଲା (୨୫୭/୨୪)ରୁଜୁ କରିଛି। ପୋଲିସ ତାଙ୍କଠାରୁ ୫ଟି ମୋବାଇଲ ଓ ପୂଜା ସାମଗ୍ରୀ ଜବତ କରିଛି। ସୂଚନା ଅନୁଯାୟୀ ଗତ ୭ତାରିଖ ବେଣୁଧର ସାହୁଙ୍କ ଘରୁ ୨ଟି ମୋବାଇଲ ସହ କିଛି ପୂଜା ସାମଗ୍ରୀ ଚୋରି ହୋଇଥିଲା। ଏ ନେଇ ସେ ଜୁନ ୮ରେ କୁଚିଣ୍ଡା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଗିରଫ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟଚାଲାଣ କରିଛି। ଅପରପକ୍ଷେ ଧରାପଡିଥିବା ନାବାଳକଙ୍କୁ ଜୁଭେନାଇଲ କୋର୍ଟରେ ହାଜର କରାଯାଇଛି।

### ଶିଶୁ ମନ୍ଦିରରେ ମାତୃ ଭାରତୀ କମିଟି ଗଠିତ

ନାକଟିଦେଉଳ,୧୦।୭(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟୀଦେଉଳ ବ୍ଲକ ଅନ୍ତର୍ଗତ ଜଗନ୍ନାଥ ପ୍ରସାଦ ସରସ୍ୱତୀ ଶିଶୁ ମନ୍ଦିରରେ ଅଭିଭାବିକାମାନଙ୍କୁ ନେଇ ଏକ ମାତୃ କମିଟି ଗଠନ କରାଯାଇଛି। ବୁଧବାର ଅପରାହ୍ନରେ ବିଦ୍ୟାଳୟ ପରିସରରେ ଏହି ଅବସରରେ ଅନୁଷ୍ଠିତ ବୈଠକରେ ସମୁଦାୟ ୨୫ ଜଣ ଅଭିଭାବିକା ଯୋଗ ଦେଇଥିଲେ । ଶିଶୁ ମନ୍ଦିର ପରିଚାଳନା କମିଟି ସଭାପତି ବିରଞ୍ଚି ଶଙ୍କର ସାହୁ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଚଳିତ ବର୍ଷ ପାଇଁ ମାତୃ ଭାରତୀ କମିଟି ସଭାପତି ଭାବେ ସାଗରିକା ସାହୁ, ଉପସଭାପତି ତାପସ୍ୱିନୀ ବେହେରା, ସମ୍ପାଦକ ଭାବେ ସଂଯୁକ୍ତା ସାହୁଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ସାହୁ ମାତୃ ଭାରତୀର ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ଶୃଙ୍ଖଳା, ସ୍ୱଚ୍ଛତା, ପ୍ରଚାର ପ୍ରସାର, ସାଜସଜ୍ଜା ଏବଂ ଜନ ସମ୍ପର୍କ ଆଦି କାର୍ଯ୍ୟ ସମ୍ପର୍କରେ ମାତୃ ଭାରତୀର ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଏହି ଅବସରରେ ନୂତନ ମାତୃ ଭାରତୀ ଦ୍ୱାରା ବିଦ୍ୟାଳୟ ପରିସରରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ବନ ଉନ୍ନୟନ ନିଗମ କାର୍ଯ୍ୟାଳୟରେ ଫଳ ଚାରାରୋପଣ



ସମ୍ବଲପୁର,୧୦।୭(ବି.ଶଙ୍କର)

ଓଡ଼ିଶା ବନ ଉନ୍ନୟନ ନିଗମ ସମ୍ବଲପୁର ଶାଖା ଆନୁକୂଲ୍ୟରେ ରେମେଡ଼ ସ୍ଥିତ କାର୍ଯ୍ୟାଳୟଠାରେ ମା' ପାଇଁ ଗଛଟିଏ ଅଭିଯାନରେ ବୁଧବାର ଫଳ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବନବିଭାଗ ଆରସିସିଏଫ ଟି . ଅଶୋକ କୁମାର ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ବନ ଉନ୍ନୟନ ନିଗମ ସମ୍ବଲପୁର ରେମେଡ଼ ଶାଖା କାର୍ଯ୍ୟାଳୟର ପରିଚାଳକ ଦିଲିପ କୁମାର ରାଉତ, ଉପ ପରିଚାଳକ ଶିଶିର ବେହେରା, କିଶୋର ବେହେରା, କଅଞ୍ଚଳବାସିନ୍ଦା ସଞ୍ଜୟ ଷଡ଼ଙ୍ଗୀ, ଦିଲିପ ଚୌବେ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ମା' ପାଇଁ ଗଛ ଟିଏ ଅଭିଯାନରେ କାର୍ଯ୍ୟାଳୟ ପରିସରରେ ଶତାଧିକ ଫଳ ଚାରା ରୋପଣ କରାଯାଇଥିଲା। ତେବେ ଆଗକୁ ମଧ୍ୟ ସହରର ବିଭିନ୍ନ ସ୍ଥାନ ଚିହ୍ନଟ କରି ପର୍ଯ୍ୟାୟକ୍ରମେ ଚାରା ରୋପଣ କରାଯିବ ବୋଲି ଓଡ଼ିଶା ବନ ଉନ୍ନୟନ ନିଗମ ସମ୍ବଲପୁର ରେମେଡ଼ ସ୍ଥିତ କାର୍ଯ୍ୟାଳୟର ପରିଚାଳକ ସୂଚନା ଦେଇଛନ୍ତି।

# ରାସ୍ତାରେ ଭାସୁଛି ଡ୍ରେନ୍ ପାଣି

ସମ୍ବଲପୁର,୧୦।୭(ଭବାନୀ ଶଙ୍କର ଭୋଇ)

**ସମ୍ବଲପୁର ସହରରେ ବିପର୍ଯ୍ୟସ୍ତ ଡ୍ରେନେଜ ବ୍ୟବସ୍ଥା**

■ଡ୍ରେନଗୁଡ଼ିକୁ ବ୍ୟବସ୍ଥିତ କରିବାକୁ ସର୍ବେକ୍ଷଣ କରାଯିବ: ମହାନଗର କମିଶନର

ମୌସୁମୀ ଆସିବା ପରେ ସମ୍ବଲପୁର ସହରରେ ସାମାନ୍ୟ ବର୍ଷା ହେଲେ ଡ୍ରେନ ପାଣି ନିଷ୍କାସିତ ହୋଇ ନ ପାରି ରାସ୍ତାରେ ଭାସୁଛି। ସଫେଇ କାମ ଶେଷ ହୋଇ ନ ଥିବା ଯୋଗୁ ଏହି ସମସ୍ୟା ଦେଖାଦେଇଛି। ଠେଲକୋପଡା ସାମନା ମୁଖ୍ୟରାସ୍ତାରେ ଡ୍ରେନ କେବେଠୁ ସଫା ହୋଇନାହିଁ। ଲୋକେ ଡ୍ରେନ ଉପରେ ଖୋଲା ପାଇଖାନା କରିଛନ୍ତି। ପୁଣି ସେହି ଡ୍ରେନର ଆବର୍ଜନା ପାଣି ଦିନ ରାତି ରାସ୍ତାରେ ପ୍ରବାହିତ ହେଉଛି। ପ୍ରତିଦିନ ଲୋକେ ସେହି ପାଣି ମାଡି ଯାଆସ କରୁଛନ୍ତି। ସେହିପରି ମୁଦିପଡା ଛକରୁ ସାହୁ କଲୋନୀ ଦେଇ ଲକ୍ଷ୍ମୀ ଟକିଜ ଛକ ପର୍ଯ୍ୟନ୍ତ ରହିଥିବା ଡ୍ରେନ ବହୁ ବର୍ଷ ହେବ ସଫା କରାଯାଇ ନ ଥିବାରୁ ପାଣି ରାସ୍ତାରେ ପ୍ରବାହିତ ହେଉଛି। ଜେଲଛକରୁ ଧନୁପାଲି ରାସ୍ତାର ଡ୍ରେନ ନିର୍ମାଣ ବର୍ଷାଧିକ ହେଲା ସମ୍ପୂର୍ଣ୍ଣ ହୋଇନାହିଁ।



ଚାରଭାଟି ଛକରେ ପମ୍ପ ଲଗାଇ ଡ୍ରେନ ପାଣି ରାସ୍ତାକୁ ଛଡାଯାଉଛି।

ଚାରଭାଟି ପାଖରେ ଗୋଟିଏ ପଟେ ନାଳନର୍ଦ୍ଦମା ପାଣି ଦୀର୍ଘ ଦିନହେଲା ଜମି ରହିଛି। ସେହି ପାଣିକୁ ମୋଟର ଲଗାଇ ରାସ୍ତା ଉପରେ ଛଡାଯାଉଛି। ସେହିପରି ସାରସ୍ୱତ କଲୋନୀ, କ୍ଷେତରାଜପୁର, ଗୋବିନ୍ଦତୋଲା ଆଦି ଅଞ୍ଚଳରେ ବର୍ତ୍ତମାନ ଯାଏ ଡ୍ରେନ ସଫେଇ ହୋଇ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଡ୍ରେନଗୁଡିକରେ ବର୍ଷା ପାଣି ନିଷ୍କାସନ ଠିକ୍‌ଭାବେ ହେଉ ନ ଥିବାରୁ ମଶାମାଛିଙ୍କ ପ୍ରଭାବ ବୃଦ୍ଧି ପାଉଛି। ତେଣୁ ବିଭିନ୍ନ ସ୍ଥାନରେ ମଶାତେଲ ସ୍ପ୍ରେ କରିବା ପାଇଁ ଦାବି ହେଉଛି। ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ କହିଛନ୍ତି, ଯୁଦ୍ଧକାଳୀନ ଭିତ୍ତିରେ ସହରରେ ଡ୍ରେନ ସଫେଇ କାମ କରାଯାଉଛି। ଅଧିକାଂଶ ଡ୍ରେନ ସଫା କାମ ଶେଷ ହୋଇସାରିଛି। ତେବେ ସହରରେ ଡ୍ରେନର ସଠିକ୍ ବ୍ୟବସ୍ଥା ନ ଥିବାରୁ ବର୍ଷା ପାଣି ନିଷ୍କାସନରେ ସମସ୍ୟା ସୃଷ୍ଟି ହେଉଛି। ମହାନଗର ଅଞ୍ଚଳର ସମସ୍ତ ଡ୍ରେନଗୁଡ଼ିକୁ ବ୍ୟବସ୍ଥିତ କରିବା ପାଇଁ ସର୍ବେକ୍ଷଣ କରାଯିବା ପାଇଁ ଯୋଜନା କରାଯାଇଛି। ଏ ନେଇ ଖୁବ୍‌ଶୀଘ୍ର ଟେଣ୍ଡର ହୋଇ ଏକ ସର୍ବେକ୍ଷଣ ସଂସ୍ଥାକୁ ଦାୟିତ୍ୱ ଦିଆଯିବ। ଏହାଦ୍ୱାରା ସହରର ସମସ୍ତ ଡ୍ରେନ ଏବଂ ରାସ୍ତା ନିର୍ମାଣ କାମ ବ୍ୟବସ୍ଥିତ ହୋଇପାରିବ ବୋଲି କମିଶନର କହିଛନ୍ତି।

## ଟିଉଶନ ଶିକ୍ଷକଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡ

ସମ୍ବଲପୁର,୧୦।୬(ପ୍ରମୋଦ ବହିଦାର)

**ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ ମାମଲା**

ନାବାଳିକା ଛାତ୍ରୀ ଅସଦାଚରଣ ମାମଲାର ବିଚାର କରି ବୁଧବାର ସମ୍ବଲପୁର ପୋକ୍‌ସୋ ଅଦାଲତ ଅଭିଯୁକ୍ତ ଜଣେ ଟିଉସନ ଶିକ୍ଷକଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସ୍ୱତନ୍ତ୍ର ବିଚାରପତି ଅଭିଲାସ ସେନାପତି ଅଭିଯୁକ୍ତ ଶିକ୍ଷକ ଚୈତନ୍ୟ ବିଶ୍ୱାଳଙ୍କୁ ଦୁଇଟି ଦଫାରେ ୫ ବର୍ଷ କାରାଦଣ୍ଡ ସହ ୧ ଲକ୍ଷ ୨୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ, ସମ୍ବଲପୁର ଜିଲା ଅଇଁଠାପାଲି ଥାନା ଅନ୍ତର୍ଗତ ଅନୁଗୁଳିଆପଡ଼ାର ଚୈତନ୍ୟ ବିଶ୍ୱାଳ(୪୦) ନିଜ ଘରେ ପିଲାଙ୍କୁ ଟିଉସନ କରୁଥିଲେ। ୨୦୨୨ ଜୁନ ୩ରେ ସବୁଦିନ ଭଳି ପିଲାମାନେ ତାଙ୍କ ଘରକୁ ଟିଉସନ ଯାଇଥିଲେ। ଟିଉସନ ପରେ ସମସ୍ତେ ଘରକୁ ଯାଇଥିବାବେଳେ ସମ୍ପୃକ୍ତା ୭ମ ଶ୍ରେଣୀର ଛାତ୍ରୀଙ୍କୁ କୌଣସି କାରଣରୁ ସେ ଅଟକାଇଥିଲେ। ଏକାକୀ ଥିବାର ସୁଯୋଗରେ ଶିକ୍ଷକ ବିଶ୍ୱାଳ ତାଙ୍କୁ ଅସଦାଚରଣ କରିଥିଲେ। ଏଭଳି ଆଚରଣକୁ ଛାତ୍ରୀ ଜଣକ ବିରୋଧ କରିବାରୁ ଅଭିଯୁକ୍ତ ଶିକ୍ଷକ ତାଙ୍କୁ ଘରେ କହିଲେ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ଘରକୁ ଫେରିବା ପରେ ପୀଡିତା ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପରେ ତାଙ୍କ ବାପା ପୀଡ଼ିତାଙ୍କୁ ନେଇ ଅଇଁଠାପାଲି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଦଫା ୩୫୪, ୫୦୬ ଓ ୧୦ ପୋକ୍‌ସୋ ଆଇନରେ ଏକ ମାମଲା (୩୨୬/୨୨)ରୁଜୁ କରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲାର ବିଚାର ପୂର୍ବକ ସମ୍ବଲପୁର ପୋକ୍‌ସୋ ଅଦାତଲ ସ୍ୱତନ୍ତ୍ର ବିଚାରପତି ସେନାପତି ୧୧ଜଣ ସାକ୍ଷ୍ୟ ଓ ଅନ୍ୟାନ୍ୟ ତଥ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତ ଶିକ୍ଷକଙ୍କୁ ଦଫା ୩୫୪ରେ ୫ ବର୍ଷ ସଶ୍ରମ କାରାଦଣ୍ଡ ଓ ୧ ଲକ୍ଷ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ସେହିପରି ଦଫା ୫୦୬ରେ ଅଭିଯୁକ୍ତଙ୍କୁ ୧ ବର୍ଷ ସଶ୍ରମ କାରାଦଣ୍ଡ ଓ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ଅଭିଯୁକ୍ତଙ୍କୁ ଉଭୟ ଦଣ୍ଡ ବିଧାନ ଏକ ସଙ୍ଗେ ଭୋଗିବାକୁ ତାଙ୍କ ରାୟରେ ନିର୍ଦ୍ଦେଶ ଦିଆଯାଇଛି। ଏହି ମାମଲାକୁ ସ୍ୱତନ୍ତ୍ର ସରକାରୀ ଓକିଲ ସନ୍ତୋଷ ପଣ୍ଡା ପରିଚାଳନା କରୁଥିଲେ।



ବୁଧବାର ସମ୍ବଲପୁର ଅମୃତ ବିହାର ପରିସରସ୍ଥ ସାଧନ କେନ୍ଦ୍ରଠାରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଚିତ୍ରକଳା ଓ ହସ୍ତକଳା ପ୍ରଦର୍ଶନୀକୁ ଛାତ୍ରୀଛାତ୍ର, ଚିତ୍ରଶିଳ୍ପୀମାନେ ବୁଲି ଦେଖୁଛନ୍ତି ।

## ନିୟନ୍ତ୍ରିତ ବଜାର ପ୍ରାଙ୍ଗଣରେ ଚାଷୀଙ୍କ ବୈଠକ

ପଡିଆବାହାଲ,୧୦।୭(ରାଧାମୋହନ ଷଡଙ୍ଗୀ)

ସମ୍ବଲପୁର ଜିଲା ଯୁଜୁମୁରା ବ୍ଲକ ଖଳିଆପାଲି ନିୟନ୍ତ୍ରିତ ବଜାର ପ୍ରାଙ୍ଗଣରେ ଜୟଦୁର୍ଗା କୃଷକ କ୍ଲବ ସକ୍ରିୟ ସଦସ୍ୟମାନଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ବୁଧବାର ମତ୍ସ୍ୟ ଦିବସ ଥିବାରୁ ସଭାରେ ମାଛ ଚାଷର ବିଭିନ୍ନ ସମସ୍ୟା ଓ ସମ୍ଭାବନା ଉପରେ ଆଲୋଚନା ହୋଇଥିଲା। ଅଳ୍ପବୃଷ୍ଟି ସ୍ଥିତିରେ ଆସନ୍ନ ମରୁଡିର ମୁକାବିଲା ଉପରେ ଆଲୋଚନା ହୋଇଥିଲା। ଠିକ୍ ମାନର ବିହନ, ସାର, କୀଟନାଶକ କିପରି ଉପଲବ୍ଧ ହେବ ସେଥି ନିମନ୍ତେ ପ୍ରଶାସନର ଦୃଷ୍ଟି ଆକର୍ଷଣ ପୂର୍ବକ ବିହିତ ପଦକ୍ଷେପ ପାଇଁ ଅବଗତ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ମୃତ୍ୟୁଞ୍ଜୟ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜ୍ୟୋତିଷ ମିଶ୍ର, ନନ୍ଦିକେଶ ସାହୁ, ରୁଦ୍ରପ୍ରସନ୍ନ ବଡ଼ପଣ୍ଡା, ପ୍ରମୁଖ ବହୁ ଚାଷୀ ଅଂଶଗ୍ରହଣ କରିଥିଲେ। ସୌମ୍ୟରଞ୍ଜନ ବଡ଼ପଣ୍ଡା ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ ।

## ୨ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧିତ ହେଉଛନ୍ତି ଅବସର ଗ୍ରହଣ କରିଥିବା ଦୁଇ ଶିକ୍ଷକ।

ସମ୍ବଲପୁର, ୮।୬(ପ୍ରମୋଦ ବହିଦାର)

ଅବସର ଗ୍ରହଣ କରିଥିବା ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ହରି ନାରାୟଣ ପଣ୍ଡା ଓ ବଡସାହି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯୁଗଳ କିଶୋର ନାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସମ୍ବଲପୁର ଜୟନ୍ତପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ଆୟୋଜିତ ଏକ ସମ୍ବର୍ଦ୍ଧନା ଉତ୍ସବରେ ପ୍ରଧାନଶିକ୍ଷକ ବିନାୟକ ମହାପାତ୍ର ଅବସର ଗ୍ରହଣ କରିଥିବା ଉଭୟ ବରିଷ୍ଠ ଶିକ୍ଷକଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ସହାୟକ ଶିକ୍ଷୟିତ୍ରୀ ଶ୍ରୀରୂପା ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏଥିରେ ଉଭୟ ଅବସରପ୍ରାପ୍ତ ଶିକ୍ଷକ ଅତିଥିଭାବେ ଯୋଗଦେଇ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତରେ ସଫଳତା ହାସଲ ପାଇଁ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜୟନ୍ତପୁର ଗ୍ରାମପଞ୍ଚାୟତର ସରପଞ୍ଚ ଆରତୀ ତାଣ୍ଡିଆ, ମୋ ସ୍କୁଲ ଅଭିଯାନ ସଭାପତି ଗଣେଶ ତାଣ୍ଡିଆ, ସ୍କୁଲ ପରିଚାଳନା କମିଟର ସଦସ୍ଯ ଉଦ୍ଧବ ଚରଣ ସାହୁଙ୍କ ସହିତ ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଉପସ୍ଥିତ ଥିଲେ। ଶେଷରେ ସୁନୀତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

## ମହାନଦୀରୁ ମିଳିଲା ବିରାଟକାୟ ବୁଢ଼ିଆ ମାଛ

ସମ୍ବଲପୁର,୧୦।୭(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ହୀରାକୁଦ ଡ୍ୟାମ ତଳେ ଥିବା ବୁର୍ଲା ସାଇଫନରେ ମତ୍ସ୍ୟଜୀବୀଙ୍କ ଜାଲରେ ବିରାଟ କାୟ ବୁଢ଼ିଆ ମାଛ (ସ୍ଥାନୀୟ ଭାଷାରେ କଣାଁ ବୁଧ ମାଛ)ଲାଗିବା ଘଟଣା ସମ୍ବଲପୁରରେ ଚର୍ଚ୍ଚାର ବିଷୟ ପାଲଟିଛି। ମତ୍ସ୍ୟଜୀବୀଙ୍କୁ ମିଳିଥିବା ଏହି ବୁଢ଼ିଆ ମାଛର ଓଜନ ୬୦କେଜି ବୋଲି ଜଣାପଡିଛି। ମଙ୍ଗଳବାର ସ୍ଥାନୀୟ ମତ୍ସ୍ୟଜୀବୀମାନେ ଜଳଭଣ୍ଡାର ଡାହାଣପାର୍ଶ୍ୱରେ ଥିବା ବୁର୍ଲା ସାଇଫନରେ ମାଛ ଧରିବାକୁ ଯାଇଥିଲେ। ଜଣେ ମତ୍ସ୍ୟଜୀବୀ ଜାଲ ପକାଇ ଟାଣିବାରୁ ଅସମର୍ଥ ହୋଇଥିଲେ। ସାଥୀ ମତ୍ସ୍ୟଜୀବୀଙ୍କୁ ଡାକି ଜାଲ ଟାଣିବା ବେଳେ ଏହି ମାଛ ଜାଲରେ ଲାଗିଥିବା ଦେଖିବାକୁ ପାଇଥିଲେ। ବହୁଦିନ ପରେ ଏମିତି ବିରାଟକାୟ ମାଛ



ହୀରାକୁଦରୁ ଉଦ୍ଧାର ବୁଢ଼ିଆ ମାଛ।

ମହାନଦୀରୁ ମିଳିବା ନେଇ ଅଞ୍ଚଳରେ ଚର୍ଚ୍ଚା ହେଉଛି। ତେବେ ପୂର୍ବରୁ ମଧ୍ୟ ହୀରାକୁଦ ନଦୀବନ୍ଧରୁ ଏହି ପ୍ରକାରର ମାଛ ମିଳୁଥିବା ମତ୍ସ୍ୟଜୀବୀମାନେ କହିଛନ୍ତି। ବିରାଟ ବୁଢ଼ିଆ ମାଛ ସହ ହୀରାକୁଦ ନଦୀବନ୍ଧରେ ଭିନ୍ନଭିନ୍ନ କିସମର ମାଛ ଦେଖାଦେଉଥିଲେ। ତେବେ ପ୍ରଦୂଷଣ ଏବଂ ଅନ୍ୟ କାରଣରୁ ଅନେକ କିସମର ମାଛବଂଶ ହଜିଗଲେଣି ବୋଲି ମତ୍ସ୍ୟଜୀବୀମାନେ କହିଛନ୍ତି।

# ଠିକ୍ ସମୟରେ ମିଳିପାରୁନି ବିଭିନ୍ନ ପ୍ରମାଣପତ୍ର

ସମ୍ବଲପୁର,୧୦।୭(ଭବାନୀ ଶଙ୍କର ଭୋଇ)

**ତହସିଲ ଅଫିସ ସରଭର ଡାଉନ**

■ଲକ୍ଷ ଲକ୍ଷ ଅନଲାଇନ ଆବେଦନ ପଡି ରହିଥିବା ଅଭିଯୋଗ

ଅଧିକାଂଶ ସରକାରୀ କାମ ଅନ୍‌ଲାଇନ ଜରିଆର କରାଯାଉଛି। ଜନସାଧାରଣ ଅନ୍‌ଲାଇନରେ ନିଜର ବିଲ ପୈଠଠାରୁ ଆରମ୍ଭ କରି ବିଭିନ୍ନ ଆବେଦନ କରିପାରୁଛନ୍ତି। ହେଲେ ସମ୍ବଲପୁର ତହସିଲ ଅଫିସର ସର୍ଭିସପ୍ଲସ ୱେବ୍‌ସାଇଟ କିଛିଦିନ ହେବ ଅଫିସ ସମୟରେ ସର୍ଭର ଜାମ ହେବା ଯୋଗୁ ଖୋଲୁ ନ ଥିବା ଅଭିଯୋଗ ହେଉଛି । ସେଥିପାଇଁ ଲୋକେ ତହସିଲ କାର୍ଯ୍ୟାଳୟ ପହଞ୍ଚି ଆବେଦନ ବିଷୟରେ ପଚାରି ନିରାଶ ହୋଇ ଫେରୁଛନ୍ତି। ତହସିଲର କର୍ମଚାରୀମାନେ ୱେବ୍‌ସାଇଟ ଠିକଭାବେ ଖୋଲୁ ନ ଥିବା କହୁଛନ୍ତି। ହେଲେ ତହସିଲର ୱେବ୍‌ସାଇଟ କେବେ ଠିକ୍ ହେବ ସେ ନେଇ କାହାରି ପାଖରେ କୌଣସି ଉତ୍ତର ନାହିଁ। ସରକାରୀ ଭାବେ ଏନେଇ କୌଣସି ଅଧିକାରୀ କିଛି ବି ତଥ୍ୟ ଦେବାକୁ ମନା କରୁଛନ୍ତି। ତେବେ ତହସିଲର ଜଣେ କର୍ମଚାରୀ ନିଜର ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ସମ୍ବଲପୁରରେ ଏବେ ୱେବସାଇଟ ଠିକ୍ ଭାବେ କାମ କରୁ ନ ଥିବାର କାରଣରୁ ୮ ହଜାର ଆବେଦନ ପଡିରହିଛି। ଲୋକେ ନିଜ ପିଲାଙ୍କ ନାମ ଲେଖା, ଚାକିରି ଆବେଦନ ପାଇଁ ଜାତି ପ୍ରମାଣପତ୍ରଠାରୁ ଆରମ୍ଭ କରି ବାସିନ୍ଦା ପ୍ରମାଣପତ୍ର, ଆର୍ଥିକ ପ୍ରମାଣପତ୍ର ଅନଲାଇନରେ ଆବେଦନ କରି ହଇରାଣ ହେଉଛନ୍ତି। ପୁଣି ରାଜ୍ୟ ସରକାର ସୁଭଦ୍ରା ଯୋଜନାରେ ମହିଳାମାନଙ୍କ ପାଇଁ ଆର୍ଥିକ ସହଯୋଗ ଘୋଷଣା କରିବା ପରେ ହଜାର ହଜାର ସଂଖ୍ୟାରେ ମହିଳା ବିଭିନ୍ନ ପ୍ରମାଣ ପତ୍ର ଅନଲାଇନରେ ଆବେଦନ କରି ଅପେକ୍ଷାରେ ରହିଛନ୍ତି।

ତେବେ ୱେବ୍‌ସାଇଟ ଜାମ ରହିବା ସମସ୍ୟା କେବଳ ସମ୍ବଲପୁର ପାଇଁ ନୁହଁ ବରଂ ଓଡିଶାର ବିଭିନ୍ନ ସ୍ଥାନରେ ରହିଥିବା ନେଇ ଅଭିଯୋଗ ହେଉଛି। ରାଜ୍ୟରେ ଗତ ୧ ଜାନୁଆରୀରୁ ୯ ଜୁଲାଇ ମଧ୍ୟରେ ବିଭିନ୍ନ ପ୍ରମାଣପତ୍ର ପାଇଁ ୬୪ ଲକ୍ଷ ୭୦ହଜାର ୭୮୩ ଆବେଦନ କରାଯାଇଥିବା ବେଳେ ୪୩ ଲକ୍ଷ ୭୨୫ଟି ଆବେଦନ ଗ୍ରହଣ କରାଯାଇଛି। ୪ଲକ୍ଷ ୭୧ ହଜାର ୫୫୩ଟି ଆବେଦନ ନାକଚ ହୋଇଥିବା ବେଳେ ୧୬ଲକ୍ଷ ୯୮ ହାଜାର ୫୦୫ଟି ଆବେଦନ ପ୍ରୋସେସିଂ ହୋଇ ନ ପାରି ପଡିରହିଛି। ଏ ନେଇ ସମ୍ବଲପୁର ତହସିଲଦାର ମନୋଜ ପ୍ରଭାକର କୁଜୁରଙ୍କୁ ପଚାରିବାରୁ ସେ କହିଛନ୍ତି, ଗତ ୧୫ରୁ ୨୦ ଦିନ ହେବ ଅତ୍ୟଧିକ ମାତ୍ରାରେ ପ୍ରମାଣପତ୍ର ଆବେଦନ କରାଯାଉଥିବା ଯୋଗୁ ୱେବସାଇଟ ହ୍ୟାଙ୍ଗ ହୋଇଯାଉଛି। ଦୀର୍ଘ ସମୟ ୱେବସାଇଟ ନଖୋଲିବା ଯୋଗୁ ଆବେଦନ ଗୁଡିକ ଠିକ ଭାବେ ଯାଞ୍ଚ କରାଯାଇ ପାରୁନାହିଁ। ଏହାର ତଥ୍ୟ ଯାଞ୍ଚ କରିବାରୁ ଗତ ଦୁଇ ମାସରେ ଅହେତୁକ ଭାବେ ଆବେଦନ ସଂଖ୍ୟା ବଢିଥିବା ଦେଖିବାକୁ ମିଳିଛି। ଗତ ଜୁନରେ ୧୯ଲକ୍ଷ ୮୧୪୪ଟି ପ୍ରମାଣପତ୍ର ଆବେଦନ ହୋଇଥିବା ବେଳେ ଚଳିତ ଜୁଲାଇ ମାସରେ ୧୦ ଲକ୍ଷ ୪୭ ହଜାର ୪୩୩ ପ୍ରମାଣପତ୍ର ଆବେଦନ ହୋଇସାରିଛି। ତେବେ ରାଜ୍ୟରେ ସରକାର ପରିବର୍ତ୍ତନ ହେବା ପରେ ସୁଭଦ୍ରା ଯୋଜନାରେ ଲାଭ ପାଇବା ପାଇଁ ବହୁ ସଂଖ୍ୟାରେ ପ୍ରମାଣପତ୍ରର ଆବେଦନ କରୁଥିବା ଯୋଗୁ ଏଭଳି ସମସ୍ୟା ଉପୁଜି ପାରିଥାଏ ବୋଲି ଆଶଙ୍କା କରାଯାଉଛି। ୱେବ୍‌ସାଇଟ ଜାମ ହେବା ଦ୍ୱାରା ସରକାଙ୍କ ଯୋଜନା ଫଳପ୍ରଦ ହେବା ନେଇ ଆଶଙ୍କା ଦେଖାଦେଇଛି।



ବୁଧବାର ରାତିରେ ସମ୍ବଲପୁର ଝାଡୁଆପଡା ବ୍ରହ୍ମପୁରା ଠାକୁରଙ୍କ ବାମନ ଓ ପର୍ଶୁରାମ ବେଶ ।



ବୁଧବାର ରାତିରେ ସମ୍ବଲପୁର ଗୁଞ୍ଜେଇପଡା ଠାକୁରଙ୍କ ବାମନ ଓ ପର୍ଶୁରାମ ବେଶ ।



ସୁନ୍ଦରଗଡ଼ ରଙ୍ଗାଢିପା ମାଉସୀ ମା' ଆଡ଼ପ ମଣ୍ଡପରେ ଶ୍ରୀଜୀଉଙ୍କ ବାମନ ଅବତାର।



ସୁନ୍ଦରଗଡ଼ ରାଜବାଟୀ ଜଗନ୍ନାଥ ମନ୍ଦିରସ୍ଥିତ ମାଉସୀ ମା' ଆଡ଼ପ ମଣ୍ଡପରେ ଶ୍ରୀଜୀଉଙ୍କ ପର୍ଶୁରାମ ଅବତାର।

## ନୂଆଗାଁରେ ଚାରାରୋପଣ

ନୂଆଗାଁ,୧୦।୭(ବିଜୟ ତ୍ରିପାଠୀ)

ନୂଆଗାଁ ବ୍ଲକ୍ ବିଜୁ ଜନତା ଦଳ ତରଫରୁ ସଭାପତି ଦିଗାମ୍ବର ଦାସଙ୍କ ନେତୃତ୍ୱରେ ହାତୀବାରୀଠାରେ ବୃକ୍ଷରୋପଣ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ସଭାପତି ହାଲୁ ମୁଣ୍ଡାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ବୃକ୍ଷରୋପଣ ଯୋଗୁ ତାପମାତ୍ରା ନିୟନ୍ତ୍ରଣ ହେବା ସହ ମୃତ୍ତିକା କ୍ଷୟ ହେବ ନାହିଁ ବୋଲି କହିଥିଲେ। ଆଗକୁ ସମସ୍ତ ପଞ୍ଚାୟତରେ ମଧ୍ୟ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି କହି ସମସ୍ତଙ୍କୁ ଅତି କମ୍‌ରେ ୨ଟି ଗଛ ଲଗାଇ ପରିବେଶକୁ ସୁରକ୍ଷିତ ରଖିବା ପାଇଁ ବାର୍ତ୍ତା ଦେଇଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ୍ ଅଧ୍ୟକ୍ଷା ବିଶ୍ୱାସୀ ଟୋପ୍ପ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ଏମ୍ମା ଏକ୍କା, ହାତିବାରୀ ସରପଞ୍ଚ ଆଶ୍ରିତା ଏକ୍କା, ଯୁବ ନେତା ହିମାଂଶୁ ପଣ୍ଡା, ମୁବାରକ ଆନ୍‌ସାରୀ, ହିମାଂଶୁ ତ୍ରିପାଠୀ, ସମିତି ସଭ୍ୟ ଇନ୍ଦ୍ରଜିତ ପ୍ରଧାନ, ଆକାଶ ଶେଖର ଦେଓ,ଅମ୍ବର ଶେଖର ଦେଓ, ନୀଳୟ ସାହୁ, ଗଣପତି ଦାସ, ପିଣ୍ଟୁ, ବଣ୍ଟି ଆନ୍‌ସାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆନ୍ଦୋଳନ ଯୋଗୁ ଖଣି, ଶିଳ୍ପାୟନ ପ୍ରତି ବିମୁଖତା ଆଶଙ୍କା

### ସ୍ଥାନୀୟ ଅର୍ଥନୀତି ପ୍ରଭାବିତ

ସୁନ୍ଦରଗଡ,୧୦।୭
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ଜିଲା ହେମଗିର ବ୍ଲକରେ ଥିବା କୋଇଲା ସମ୍ପଦକୁ ଆଖି ଆଗରେ ରଖି ମହାନଦୀ କୋଇଲା ଖଣି ଲିମିଟେଡ ପରେ ଏବେ ବିଭିନ୍ନ କମ୍ପାନୀ ଗୁଡିକ ପକ୍ଷରୁ କୋଇଲା ଖଣି ଆରମ୍ଭ ହୋଇଛି। ହେଲେ ଖଣି ଯୋଗୁ ବିସ୍ଥାପିତ ହେଉଥିବା ପରିବାର ସେମାନଙ୍କ ଦାବି ନେଇ ବିଭିନ୍ନ ସମୟରେ ଅର୍ଥ ନୈତିକ ଅବରୋଧ ଓ ଆନ୍ଦୋଳନ ଯୋଗୁ ଏବେ ସ୍ଥାନୀୟ ଅର୍ଥନୀତି ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଜିଲାର ଖଣି ସମୃଦ୍ଧ ହେମଗିର ଅଞ୍ଚଳରେ କୋଇଲା ପରିବହନ କ୍ଷେତ୍ରରେ ଏଭଳି ଅବରୋଧ ଲାଗି ରହିଲେ ପରିବହନ କାର୍ଯ୍ୟରେ ଯାନବାହାନ ନିୟୋଜିତ କରିଥିବା ମାଲିକଙ୍କ ସହ ପ୍ରତ୍ୟକ୍ଷ ଭାବେ ନିୟୋଜିତ ଶ୍ରମିକ କର୍ମଚାରୀ ଓ ପରୋକ୍ଷ ଭାବେ ନିର୍ଭର ଶ୍ରମିକ କର୍ମଚାରୀ ସମସ୍ୟାର ସମ୍ମୁଖୀନ ହେବେ। ଏହି ଅଞ୍ଚଳରେ ଖଣି ଖନନ, କୋଇଲା ଭିତ୍ତିକ ଶିଳ୍ପାୟନ ଓ ବ୍ୟବସାୟ ପ୍ରତି ପୁଞ୍ଜି ନିବେଶ କରିଥିବା କମ୍ପାନୀ ଓ ସଂସ୍ଥା ଗୁଡିକ ମଧ୍ୟରେ ବିମୁଖତା ବଢ଼ିବାର ସମ୍ଭାବନା ଦେଖାଦେଇଛି। ଗତ ଜୁନ୧୪ତାରିଖରୁ ବିସ୍ଥାପନର ଶୀକାର ହୋଇ ଜାମକାନୀ, ଗୀରିସୀମା, ଝାରଫଲମ, ମେଣ୍ଡ୍ରା ଆଦି ଗ୍ରାମର କେତେକ ପରିବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଜାମକାନୀ ଖଣି ବିସ୍ଥାପିତ ପରିବାର ଅର୍ଥନୈତିକ ଅବରୋଧ କରିବା ସହ ଖଣିରୁ କୋଇଲା ପରିବହନକୁ ବନ୍ଦ କରି ଦେଇଛନ୍ତି। ପ୍ରଥମେ ଭୂଷଣ କମ୍ପାନୀକୁ ଏହି ଜାମକାନୀ କୋଇଲା ଖଣି ଆବଣ୍ଟିତ ହୋଇଥିଲା। ସେତେବେଳେ ଖଣି କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ବିସ୍ଥାପିତ ପରିବାରକୁ ଜମି କ୍ଷତି ପୂରଣ ସହ ପୁର୍ନବାସ ଓ ପୁନଃ ଥଇଥାନ ବାବଦକୁ କ୍ଷତି ବାବଦ ଅର୍ଥ ମଧ୍ୟ ପ୍ରଦାନ ସରିଥିଲା। ୨୦୧୧ରୁ ଏହି ଖଣି ଖନନ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ଥିବାବେଳେ ପରବର୍ତ୍ତୀ ସମୟରେ ଭୂଷଣ କମ୍ପାନୀକୁ ଏହି ଖଣି ଲିଜ ବାତିଲ ହୋଇଥିଲା। ପରବର୍ତ୍ତୀ ସମୟରେ ଏହି ଖଣିକୁ ନିଲାମରେ ବେଦାନ୍ତ କମ୍ପାନୀକୁ ଆବଣ୍ଟିତ ହୋଇଥିଲା। ବେଦାନ୍ତ କମ୍ପାନୀ ଏହି ଖଣି ପାଇବା ପରେ ଖଣି ଖନନ କାର୍ଯ୍ୟ ଆରମ୍ଭ କରିବାସହ କମ୍ପାନୀ ତରଫରୁ ବିସ୍ଥାପିତଙ୍କ ଦାବି ମୁତାବକ ବିସ୍ଥାପିତ ପରିବାର ଗୁଡିକୁ ଏକ୍ସଗ୍ରାସିଆ ପୈଠ କରାଯାଇଥିଲା। ମାତ୍ର ଏହା ସତ୍ତ୍ୱେ ପୁଣିଥରେ ଅଧିକୃତ ଜମିକୁ ନେଇ ଅର୍ଥନୈତିକ ଲାଭ ଆଶା ରଖି କିଛି ବିସ୍ଥାପିତ ପରିବାର ଆନ୍ଦୋଳନ ଜାରି ରଖିଛନ୍ତି। ବନ୍ଦ ଥିବା ଖଣିକୁ ଉତ୍ପାଦନକ୍ଷମ କରିବାପରେ ସେହି ଅଞ୍ଚଳରେ ଅର୍ଥନୈତିକ ଗତିଶୀଳ ହୋଇଥିଲା। ମାତ୍ର ରାଜନୈତିକ ଛକାପଞ୍ଝା ମଧ୍ୟରେ ଏବେ ଏହି ଖଣି କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଜିଲା ପ୍ରଶାସନ ଓ କମ୍ପାନୀ ଅଧିକାରୀଙ୍କ ଉପସ୍ଥିତିରେ ବିସ୍ଥାପିତ ପରିବାରଙ୍କ ସହ ଆଲୋଚନା ହୋଇଥିଲା। ଏହାପରେ ମଧ୍ୟ ଆନ୍ଦୋଳନ କାରୀମାନେ ଖଣିରୁ କୋଇଲା ପରିବହନ କାର୍ଯ୍ୟ ବନ୍ଦ କରି ରଖିଛନ୍ତି। ଏହିଭଳି ଆନ୍ଦୋଳନ ଚାଲୁ ରହିଲେ ସରକାରଙ୍କୁ କୋଇଲାରୁ ମିଳୁଥିବା ରାଜସ୍ୱହିନୀ ହେବା ନିଶ୍ଚିତ ବୋଲି ଅନେକ ମତ ରଖିଛନ୍ତି। ତେଣୁ ପ୍ରଶାସନ ଆନ୍ଦୋଳନ କାରୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ପନ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

# ସଫେଇ ପରେ ମୁକୁଳା ପଡ଼ିଛି ଡ୍ରେନ୍



ସୁନ୍ଦରଗଡ ,୧୦।୭
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ପୌରପାଳିକା ତରଫରୁ ବର୍ଷା ଦିନ ପୂର୍ବରୁ ସହରର ବିଭିନ୍ନ ଡ୍ରେନ ଗୁଡିକ ସଫେଇ କାର୍ଯ୍ୟ କରାଯାଉଛି। ହେଲେ ସଫେଇ ପରେ ଡ୍ରେନ ଗୁଡିକ ଉପରେ ପଡିଥିବା ଢାଙ୍କୁଣୀ ପକାଉ ନାହାଁନ୍ତି। ସହରର ହସ୍ପିଟାଲ ଛକରୁ ମିଶନଛକ ଛକ ପର୍ଯ୍ୟନ୍ତ ଏଭଳି ଅବସ୍ଥାରେ ଡ୍ରେନେଜ ଗୁଡିକ ମୁକୁଳା ହୋଇ ରହିଥିବାରୁ ପ୍ରତିଦିନ ଅନେକ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଡ୍ରେନ ଗୁଡିକ ମୁକୁଳା ରହୁଥିବାରୁ ସ୍ଥାନୀୟ ଲୋକେ ସେଥିରେ ଅଳିଆ ଆବର୍ଜନା ପକାଉଛନ୍ତି। ଡ୍ରେନରେ ତାହା ଜମି ରହୁଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ତେଣୁ ପୌରାପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ସାମଲ ଫ୍ଲାଏ ଆଶ୍ ବ୍ରିକ୍ସ ପକ୍ଷରୁ ବନ ମହୋତ୍ସବ



ଅତିଥିମାନେ ଚାରା ରୋପଣ କରୁଛନ୍ତି।

ବଡ଼ଗାଁ,୧୦।୭(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ୍ ଦାଣ୍ଡଜମରା ଗ୍ରାମସ୍ଥିତ ସାମଲ ଫ୍ଲାଏ ଆଶ୍ ବ୍ରିକ୍ସ ପକ୍ଷରୁ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ସରପଞ୍ଚ ଗୋବର୍ଦ୍ଧନ ହାହା, ଆଶ୍ ବ୍ରିକ୍ସର ମାଲିକ ନିରଞ୍ଜନ ସାମଲ, ଦୀପକ କୁମାର ସାମଲ, ଭାଜପା ପାମରା ମଣ୍ଡଳ ସଭାପତି ଚିନ୍ମୟ ବାରିକ, ଲକ୍ଷ୍ମଣ ପୁରୋହିତ, ଲଳିତ ମୋହନ ବେହେରା, ଗୋବିନ୍ଦ ବେହେରା, ଲିଙ୍ଗରାଜ ବେହେରା, ରମେଶ ଚନ୍ଦ୍ର ମାଝି, ରମେଶ ଲାକ୍ରା, ବିପିନ ଧାନ, ଦୁଷ୍ମନ୍ତ ଡନ୍‌ସନା ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ସାମଲ ଫ୍ଲାଏ ଆଶ୍ ବ୍ରିକ୍ସ କେନ୍ଦ୍ର ପରିସରରେ ୧୫୦ଟି ବିଭିନ୍ନ ଚାରା ରୋପଣ କରିଥିଲେ।

# ଲୋକଙ୍କ ସମସ୍ୟା ସମାଧାନ କରିବାକୁ ନିର୍ଦ୍ଦେଶ

### କୋକସରା ପଞ୍ଚାୟତ ସମିତି ବୈଠକ

କୋକସରା,୧୦।୭
(ଦୁଷ୍ମନ୍ତ କୁମାର ପାଟଯୋଷୀ)



ବୈଠକରେ ଉପସ୍ଥିତ ଲୋକପ୍ରତିନିଧି ଓ ଅଧିକାରୀ।

କୋକସରା ପଞ୍ଚାୟତ ସମିତି ବୈଠକ ବୁଧବାର କନଫରେନ୍ସ ହଲରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ରିତା ଅଗ୍ରୱାଲ ଏଥିରେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଯୋଗଦେଇଥିବା କଳାହାଣ୍ଡି ସାଂସଦ ମାଳବିକା ଦେଓ ଓ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଟଯୋଷୀଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ବିଡ଼ିଓ ସ୍ନେହାପ୍ରଭା ମାଝି, ତହସିଲଦାର ନବୀନ କିଶୋର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା ଅତିଥି ପରିଚୟ ସହ ମଞ୍ଚ ପରିଚାଳନା କରିଥିଲେ। ସାଂସଦ ଓ ବିଧାୟକ ଜନ ପ୍ରତିନିଧି ଓ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଉନ୍ନୟନ ପ୍ରକଳ୍ପ ବିଷୟରେ ସମୀକ୍ଷା କରିଥିଲେ। ଜନ ପ୍ରତିନିଧି ମଧ୍ୟ ନିଜ ପଞ୍ଚାୟତ ଅଞ୍ଚଳରେ ରହିଥିବା ସମସ୍ୟା ଉପସ୍ଥାପନ କରିଥିଲେ। ସମୀକ୍ଷା ପରେ ସାଂସଦ ଓ ବିଧାୟକ ଉପସ୍ଥିତ ବିଭିନ୍ନ ଅଧିକାରୀଙ୍କୁ ଲୋକଙ୍କ ମୌଳିକ ସମସ୍ୟା ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ମୃତ୍ତିକା ଓ ବିଦ୍ୟୁତ୍ ବିଭାଗର ଅଧିକାରୀଙ୍କ ଅନୁପସ୍ଥିତିକୁ ନେଇ ସାଂସଦ ଓ ବିଧାୟକ ପ୍ରଶାସନ କାରଣ ଦର୍ଶାଇବାକୁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ କର୍ମଚାରୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ଚୋରି ଡମ୍ଫର, ପିକ୍‌ଅପ, ୬ ବାଇକ୍ ଜବତ: ୨ ଗିରଫ

ବନ୍ଧମୁଣ୍ଡା,୧୦।୭(ସୁବ୍ରତ ଡେ)

ଡମ୍ଫର, ପିକ୍‌ଅପ୍ ଏବଂ ବାଇକ୍ ଚୋରି କରିବା ସହ ଗୋଟିଏ ପିକ୍‌ଅପ୍ ଭ୍ୟାନ୍‌ରେ ନିଆଁ ଲଗାଇଦେବା ଅଭିଯୋଗରେ ବନ୍ଧମୁଣ୍ଡା ପୋଲିସ ୨ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଜାମିନ ନ ମିଳିବାରୁ ସେମାନଙ୍କୁ ରାଉରକେଲା ଜେଲକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବିଶ୍ରା ଅଞ୍ଚଳର କାହ୍ନୁଚରଣ ନାୟକ (୩୨) ଏବଂ ଗଣେଶ ସାହ (୩୫)। ପୋଲିସ କାହ୍ନୁଚରଣଙ୍କ ନିକଟରୁ ୬ଟି ବାଇକ୍ ଜବତ କରିଛି। କାହ୍ନୁଚରଣ ସୁନ୍ଦରଗଡ଼ ଜିଲାର ବିଭିନ୍ନ ସ୍ଥାନରୁ ବାଇକ୍ ଚୋରି କରିଥିବା ପୋଲିସ କହିଛି। ଗଣେଶ କାହ୍ନୁଚରଣଙ୍କ ସହିତ ମିଶି ବନ୍ଧମୁଣ୍ଡା ଶୀତଳନଗର ନିକଟରେ ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଏକ ପିକ୍‌ଅପ୍‌କୁ ନିଆଁ ଲଗାଇ ପୋଡ଼ିଦେଇଥିଲେ। ଏଥିସହ ବନ୍ଧମୁଣ୍ଡାର ଏକ ବୋରିଂ ଗାଡ଼ିରୁ ୧୫୦ ଲିଟର ଡିଜେଲ ଚୋରିକରି ନେଇଥିଲେ। ଏଥିସହ ରାଉରକେଲା ଅଞ୍ଚଳରୁ ଏକ ଡମ୍ଫର ମଧ୍ୟ ଚୋରି କରି ନେଇଥିଲେ। ବନ୍ଧମୁଣ୍ଡା ଥାନା ଅଧିକାରୀ ଅଶୋକ କୁମାର ଦାସ କହିଛନ୍ତି, ଦୁହେଁ ଚୋରି କରିଥିବା ସବୁ ଗାଡ଼ିକୁ ରାଉରକେଲା ବେଦବ୍ୟାସ ଅଞ୍ଚଳର ଜଣେ ବେପାରୀକୁ ବିକ୍ରି କରିବାର ଯୋଜନା କରିଥିଲେ। ସୂଚନାଯୋଗ୍ୟ, ଉଭୟ ଅଭିଯୁକ୍ତଙ୍କ ନାଁରେ ବିଶ୍ରା ଥାନାରେ ଅନେକ ଚୋରି ମାମଲା ପଞ୍ଜୀକୃତ ରହିଛି।

# ଛୁରାମାଡ଼ରେ ଜେଜେ ମା', ନାତି ଗୁରୁତର

ଭବାନୀପାଟଣା/କଲମପୁର,୧୦।୭ (ଉତ୍ତମ କୁମାର ଦାଶ/ ଗଣେଶ ରାମ ବାଗ)

କଳାହାଣ୍ଡି ଜିଲା କଲମପୁର ଥାନା ପରୁଆଗୁଡା ଗ୍ରାମ ଗଣ୍ଡିଆପଡ଼ାରେ ବୁଧବାର ପୂର୍ବ ଶତ୍ରୁତାରୁ ଛୁରାମାଡ଼ ହୋଇଛି। ଏଥିରେ ଗ୍ରାମର ବୃଦ୍ଧା କୃଷ୍ଣପ୍ରିୟା ପଟେଲ ଓ ତାଙ୍କ ୩ ମାସର ନାତି ଗୁରୁତର ହୋଇଛନ୍ତି। ସୂଚନାଯୋଗ୍ୟ, ପରୁଆଗୁଡା ଗ୍ରାମର ଦୈତାରି ପଟେଲ ପୂର୍ବ ଶତ୍ରୁତାକୁ ନେଇ କୃଷ୍ଣପ୍ରିୟାଙ୍କୁ ଛୁରାମାଡ଼ କରିଥିଲେ। ଏହି ସମୟରେ ତାଙ୍କ ସହ ଥିବା ତିନି ମାସର ଶିଶୁକୁ ମଧ୍ୟ ସେ ଛାଡି ନ ଥିଲେ। ପଡୋଶୀ ଜାଣିବା ପରେ କଲମପୁର ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଆକ୍ରମଣକାରୀଙ୍କୁ କାବୁ କରିଥିଲ। କୃଷ୍ଣପ୍ରିୟା ଓ ଶିଶୁକୁ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଅଧିକାରୀ ମନୋଜ କୁମାର ମାଝି, କଲମପୁର ଥାନା ଅଧିକାରୀ ପ୍ରଦୀପ୍ତ କୁମାର କାନୁନ୍‌ଗୋ ଓ ଅନ୍ୟ ପୋଲିସ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଆକ୍ରମଣକାରୀ ଦୈତାରୀଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚୁରା କରୁଥିବାବେଳେ ଛୁରି ଜବତ କରିଥିବା ପୋଲିସଠାରୁ ସୂଚନା ମିଳିଛି। ଏ ନେଇ କଲମପୁର ଥାନାରେ ଏକ ମାମଲା (ନଂ-୭୯/୨୦୨୪) ରୁଜୁ ହୋଇଛି।

# ସ୍କୁଲ ଛାତରୁ ଖସୁଛି କଂକ୍ରିଟ ଖଣ୍ଡ

ଖଡ଼ିଆଳ,୧୦।୭
(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ସାନମହେଶ୍ୱର ଗ୍ରାମପଞ୍ଚାୟତ ଝୋଲପଥର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତରୁ କଂକ୍ରିଟ ଖଣ୍ଡ ଖସି ବିପଦ ସୃଷ୍ଟି କରୁଛି। କିଛିଦିନ ପୂର୍ବରୁ ଛାତ୍ରୀଛାତ୍ର ପ୍ରାର୍ଥନା ସାରି କ୍ଲାସ୍‌ରୁମ୍‌କୁ ଗଲାପରେ ବାରଣ୍ଡାରେ ଏକ କଂକ୍ରିଟ ଖସିଥିଲା। ପୁନର୍ବାର ଅପରାହ୍ନ ୨ଘଟିକା ସମୟରେ ଆଉ ଏକ କଂକ୍ରିଟ ଖଣ୍ଡ ଖସିଛି। ପ୍ରଧାନ ଶିକ୍ଷକ ଏ ବିଷୟରେ ବିଇଓ ଓ ସ୍ଥାନୀୟ ସରପଞ୍ଚଙ୍କୁ ଜଣାଇଥିଲେ। ସିଆର୍‌ସିସି, ସରପଞ୍ଚ ଓ ବ୍ଲକ୍‌ର ଭାଇସ୍ ଚେୟାରମ୍ୟାନ ଆସି ଫଟୋ ଉଠାଇ ଶୀଘ୍ର ପଦକ୍ଷେପ ନେବା ପାଇଁ କହିଥିଲେ। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଫଳରେ ଛାତ୍ରୀଛାତ୍ର ବାହାରେ ବସୁଥିବା ଦେଖିବାକୁ ମିଳୁଛି। ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଅଭିଭାବକ ମହଲରେ ଦାବି ହେଉଛି।

# ଅଣସଂକ୍ରାମକ ରୋଗର ପ୍ରତିରୋଧ ଉପରେ ବୈଠକ

ଭବାନୀପାଟଣା,୧୦।୭
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ସନ୍ଧ୍ୟାରେ ଜିଲାରେ ଅଣସଂକ୍ରାମକ ରୋଗର ପ୍ରତିରୋଧ, ମାନସିକ ସ୍ୱାସ୍ଥ୍ୟର ସ୍ଥିତି ଓ ତମାଖୁ ନିୟନ୍ତ୍ରଣ ଉପରେ ଏକ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜିଲାପାଳ ରେଡ୍ଡୀ ଅଣସଂକ୍ରାମକ ରୋଗ, ମଧୁମେହ, ଉଚ୍ଚରକ୍ତଚାପ, ହୃଦରୋଗ ଓ ଅନ୍ୟାନ୍ୟ ରୋଗକୁ କିପରି ଗାଁ ସ୍ତରରୁ ଚିହ୍ନଟ କରାଯିବ ସେ ଉପରେ ଗୁରୁତ୍ୱ ଦେଇଥିଲେ। ଏହାସହ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହଯୋଗରେ ଆଶାକର୍ମୀ ଓ ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା ୩୦ବର୍ଷରୁ ଉର୍ଦ୍ଧ୍ୱ ବୟସର ସମସ୍ତଙ୍କୁ ଏହି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇ ପୋର୍ଟାଲରେ ତଥ୍ୟ ସମ୍ମିଳିତ କରି ଔଷଧ ବଣ୍ଟନ କରିବାକୁ ସମସ୍ତ ପିଏଚ୍‌ସି, ମେଡ଼ିକାଲ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ମାନସିକ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ, ମାନସିକ ରୋଗ ବିଶେଷଜ୍ଞ, ନର୍ସ, ସମାଜସେବୀଙ୍କ କାର୍ଯ୍ୟ ନିରୀକ୍ଷଣ, ଗୋଷ୍ଠୀଗତ ସହାୟତା ଓ ସଚେତନତା, କାରାଗାର ଓ ଶିଶୁଯତ୍ନ କେନ୍ଦ୍ର ପରିଦର୍ଶନ ଓ ଅନ୍ତେବାସୀଙ୍କ ମାନସିକ ସାସ୍ଥ୍ୟ ପରୀକ୍ଷା, ଔଷଧ ବଣ୍ଟନ, ଡାକ୍ତରଙ୍କ ପରାମର୍ଶ, ମୋବାଇଲ ମାନସିକ ସ୍ୱାସ୍ଥ୍ୟ ଯାନର ବ୍ୟବହାର, ସ୍କ୍ରିନିଂ କ୍ୟାମ୍ପ, ମାନସିକ ରୋଗୀଙ୍କୁ ଚିକିତ୍ସା ଉପରେ ଆଲୋଚନା ହୋଇଥିଲା। ବିଦ୍ୟାଳୟରେ କିଶୋର କିଶୋରୀଙ୍କୁ ତମାଖୁର ଅପକାରିତା ଓ ସେବନ କରିବା ହାନିକାରକର ସଚେତନତା ବାର୍ତ୍ତା, ସ୍କ୍ୱାଡ୍‌ର ଚଢ଼ାଉ, ସଚେତନତା କାର୍ଯ୍ୟକ୍ରମ, ଶିକ୍ଷକ ଓ ସରପଞ୍ଚମାନଙ୍କୁ ଟ୍ରେନିଂ, ବ୍ଲକ ସ୍ତରରେ କମିଟି ଗଠନ ଉପରେ ଆଲୋଚନା ହୋଇଥିଲା। ବୈଠକରେ ଅତିରିକ୍ତ ଏସ୍‌ପି ସେବାଷ୍ଟିନ ଡିଗା, ସିଡିଏମ୍‌ଓ ଡା. ନିହାରେନ୍ଦ୍ର ପଣ୍ଡା, ଡିପିଏଚଓ ଡା. ରାକେଶ ସାହୁ, ଡା. ରଞ୍ଜନ ମିଶ୍ର, ଡିପିଏମ୍ ଭବାନୀ ଶଙ୍କର ସାହୁ, ନିହାର ରଞ୍ଜନ, ହିମାଂଶୁ ସାହୁ, ଡିଆଇପିଆର୍‌ଓ ମନୋଜ କୁମାର ବେହେରା, ଡିଡବ୍ଲ୍ୟୁଓ ଅରବିନ୍ଦ ରାଏ, ଡିସିପିଓ ଶୈଳନ୍ଦୁ ମହାପାତ୍ର, ସମସ୍ତ ବ୍ଲକର ବିଡିଏମ୍, ବିପିଏମ୍ ଯୋଗ ଦେଇଥିଲେ।




ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

# ଖରିଫ ପାଇଁ ଇନ୍ଦ୍ରାବତୀରୁ ଜଳସେଚନ ଆରମ୍ଭ

ଭବାନୀପାଟଣା/ ଜୟପାଟଣା,୧୦।୭ (ଉତ୍ତମ କୁମାର ଦାଶ/ ଓମ୍ ପ୍ରକାଶ ବୈଠାରୁ)

ଚଳିତ ଖରିଫ ଚାଷ ପାଇଁ ବୁଧବାରଠାରୁ ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପରୁ ଜଳସେଚନ ଆରମ୍ଭ ହୋଇଛି। କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ୍ ମଙ୍ଗଳପୁର ଇନ୍ଦ୍ରାବତୀ ହାତୀ ବ୍ୟାରେଜଠାରେ ବିଭାଗୀୟ ଅଧିକାରୀ ପୂଜାର୍ଚ୍ଚନା ପରେ ଇନ୍ଦ୍ରାବତୀ ବାମ, ଦକ୍ଷିଣ ଓ ମେଗା ଲିଫ୍ଟ କେନାଲ ମାଧ୍ୟମରେ ଚାଷୀଙ୍କ ଜମିକୁ ଜଳ ଯୋଗାଣ କରାଯାଇଥିଲା। ଇନ୍ଦ୍ରାବତୀ ଜଳସେଚନ ଜିଲାର ଅର୍ଥନୀତି ଓ କର୍ମଯୋଗାଣ କ୍ଷେତ୍ରରେ ଜୀବନ ରେଖା ପାଲଟିଛି। ଚଳିତ ଖରିଫରେ ବାମ ମୁଖ୍ୟ କେନାଲରେ ୫୭,୬୭୯, ଦକ୍ଷିଣ ମୁଖ୍ୟ କେନାଲରେ ୩୪,୦୮୦, ମେଗା ଲିଫ୍ଟ କେନାଲରେ ପରିବର୍ଦ୍ଧିତ ଆୟକଟ ସହିତ ୨୬,୨୮୧ ହେକ୍ଟର ମୋଟ ୧ ଲକ୍ଷ ୧୮ ହଜାର ୪୧ ହେକ୍ଟର ଜମିରେ ଜଳସେଚନ ଲକ୍ଷ୍ୟ ରଖାଯାଇଥିବା ସୂଚନା ମିଳିଛି। ଏଥିରେ ଲାଞ୍ଜିଗଡ଼, ଜୁନାଗଡ଼, ଧର୍ମଗଡ଼, ଭବାନୀପାଟଣା ନିର୍ବାଚନମଣ୍ଡଳୀର ୩୯୩ ଗ୍ରାମର ଚାଷୀ ପାଣି ପାଇ ଉପକୃତ ହେବେ। ଗତବର୍ଷ ଏହି ସମୟରେ ୬୨୯ ମିଟର ଜଳସ୍ତର ଥିବାବେଳେ ଏଥର ୨ମିଟର କମ୍ ୬୨୭.୩୮ ରହିଛି। ଚଳିତବର୍ଷ କମ୍ ବର୍ଷା ତଥା ୨ ମିଟର କମ୍ ଜଳସ୍ତରକୁ ନେଇ କିଭଳି ଜଳସେଚନ ହେବ ତାକୁ ନେଇ ଚାଷୀ ମହଲରେ ଚିନ୍ତା ଦେଖାଦେଇଛି। ଯଦି ଆଶାନୁରୂପ ବର୍ଷା ନ ହୁଏ ତେବେ ଖରିଫ ଚାଷ ପ୍ରଭାବିତ ହେବା ସହ ରବିଋତୁରେ ଜଳସେଚନ ଓ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ପ୍ରଭାବିତ ହେବ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଚାଷୀମାନେ ଆବଶ୍ୟକ ଅନୁଯାୟୀ ପାଣି ବିନିଯୋଗ କରିବା ପାଇଁ ଇନ୍ଦ୍ରାବତୀ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଜଗନ୍ନାଥ ପାଣି ନିବେଦନ କରିଛନ୍ତି।


ହାତୀ ବ୍ୟାରେଜ୍‌ରୁ ପାଣି ଛଡ଼ାଯାଉଛି।

- ୧,୧୮,୦୪୧ ହେକ୍ଟର ଜମିରେ ଜଳସେଚନ ଲକ୍ଷ୍ୟ
- ଉପକୃତ ହେବେ ୪ ନିର୍ବାଚନମଣ୍ଡଳୀର ୩୯୩ ଗ୍ରାମବାସୀ

# ଓଏପିଏଫ୍ ଯବାନଙ୍କ ଅକାଳ ମୃତ୍ୟୁ

ନୂଆପଡ଼ା,୧୦।୭ (ମକାରୁ ବେମାଲ)

ନୂଆପଡ଼ା ଜିଲା ଖଡିଆଳ ଥାନାରେ କାର୍ଯ୍ୟରତ ଜଣେ ଓଏପିଏଫ୍ ଯବାନଙ୍କ ବୁଧବାର ଅକାଳ ମୃତ୍ୟୁ ଘଟିଛି। ସେ ହେଲେ କୋମନା ଥାନା ଦର୍ଲିପଡା ପଞ୍ଚାୟତ ଜାମବାହାଲି ଗାଁର ବେଣୁଧର ମାଝି (୩୫)। ପ୍ରାପ୍ତ ସୂଚନାମତେ ବେଣୁଧର ୨୦୧୦ରେ ଓଏପିଏଫ୍ ଯବାନ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ। ମଙ୍ଗଳବାର ସେ ଖଡିଆଳ ଥାନାରେ କାର୍ଯ୍ୟରତ ଥିବା ସମୟରେ ପୂର୍ବାହ୍ନ ପ୍ରାୟ ୧୦ଟାରେ ଅସୁସ୍ଥ ଅନୁଭବ କରିଥିଲେ। ଏହା ଜାଣିବା ପରେ ପରିବାର ଲୋକେ ତାଙ୍କୁ ଖଡିଆଳ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସକାଳ ୫ଟା ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହକୁ ପୋଲିସ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ପରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ମୃତ୍ୟୁରେ ସ୍ତ୍ରୀ ପାର୍ବତୀ, ୪ ବର୍ଷର ଏକ ଶିଶୁପୁତ୍ର ଓ ପରିବାରର ଅନ୍ୟ ସଦସ୍ୟ ଦୁଃଖରେ ଭାଙ୍ଗି ପଡିଛନ୍ତି।


ବେଣୁଧର ମାଝି

## ସଂକ୍ଷେପରେ

### ଶ୍ରୀଜଗନ୍ନାଥଙ୍କ ବରାହ ଅବତାର ବେଶ



ରିଷିଡା,୧୦।୭(ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ରିଷିଡା ମାଉସୀ ମା’ ମନ୍ଦିରରେ ବୁଧବାର ଶ୍ରୀଜଗନ୍ନାଥଙ୍କ ବରାହ ଅବତାର ବେଶ ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କ ଏହି ବେଶ ଦର୍ଶନ କରିବା ପାଇଁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଛି।

### ବ୍ରିଜ୍ ନିର୍ମାଣ ସରିଲା, ରାସ୍ତା ଅଧାପନ୍ତରିଆ

ଖଡ଼ିଆଳ,୧୦।୭ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ତୁକଲା ଓ ବଙ୍ଗୋମୁଣ୍ଡା ବ୍ଲକ୍ ପଲସଖଣ୍ଡ ଗ୍ରାମ ମଝିରେ ଥିବା ଅର୍ଜୁନୀ ନଦୀ ଉପରେ ବ୍ରିଜ୍ ନିର୍ମାଣ ସରିଥିଲେ ମଧ ରାସ୍ତା ନିର୍ମାଣ ହୋଇପାରୁନାହିଁ। ଜମି ଅଧିଗ୍ରହଣ ସମସ୍ୟା ଏବେ ଆଉ ନ ଥିବାବେଳେ ବିଭାଗୀୟ ଅବହେଳା ଯୋଗୁ ରାସ୍ତାକାମ ଆଗେଇପାରୁନାହିଁ। ସୂଚନାକ୍ରମେ ୨୦୧୩ରେ ବ୍ରିଜ୍ କାମ ଆରମ୍ଭ ହୋଇ ଗତବର୍ଷ ସମ୍ପୂର୍ଣ୍ଣ ହୋଇଥିଲା। କିଛି ମାସ ତଳେ ଏହି ରାସ୍ତାରେ ପିଚୁ କାର୍ଯ୍ୟ ଆରମ୍ଭ ହୋଇ ଅଧାରେ ବନ୍ଦ ରହିଛି। ବର୍ତ୍ତମାନ ବର୍ଷା ହେଉଥିବାରୁ ରାସ୍ତା ସାରା ପାଣି ଜମି କାଦୁଅ ହୋଇଯାଇଛି। ଏହି ରାସ୍ତା ଦେଇ ବଙ୍ଗୋମୁଣ୍ଡା ବ୍ଲକ୍‌ର ଅନେକ ଗ୍ରାମବାସୀ ତୁକଲା ଓ ଖଡ଼ିଆଳକୁ ଆସୁଥିବା ବେଳେ ଖଡ଼ିଆଳର ଲୋକେ ବଙ୍ଗୋମୁଣ୍ଡା, କଣ୍ଟାବାଞ୍ଜି ଯାଇଥାନ୍ତି। ବିଶେଷକରି କଲେଜ ଛାତ୍ରୀଛାତ୍ର ପ୍ରତିଦିନ ଯିବାଆସିବା କରିଥାନ୍ତି। କିନ୍ତୁ କାଦୁଅ ରାସ୍ତା ସେମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ଏହାକୁ ଦୃଷ୍ଟିରେ ରଖି ବୁଧବାର ଭୂଷଲାଡ ସରପଞ୍ଚ ଦୀପକ ଛୁରା ନିଜ ଖର୍ଚ୍ଚରେ ରାସ୍ତାରେ ପଥରଗୁଣ୍ଡ ପକାଇ ସମତୁଲ କରିଛନ୍ତି। ଖଡ଼ିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗ ତୁରନ୍ତ ଏହାର ସ୍ଥାୟୀ ସମାଧାନ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ଏଟିଏମ୍ ଭାଙ୍ଗି ଲୁଟ୍ ଉଦ୍ୟମ

ଖଡ଼ିଆଳ,୧୦।୭(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ଆଜାଦ୍ ଚୌକରେ ଥିବା ଏଟିଏମ୍ ଭାଙ୍ଗି ଲୁଟ୍ ଉଦ୍ୟମ ହୋଇଛି। ସୂଚନା ଅନୁସାରେ ମଙ୍ଗଳବାର ମଧ୍ୟରାତ୍ରିରେ କେହି ଦୁର୍ବୃତ୍ତ ଏଟିଏମ୍‌ରେ ଶାବଳ ମାଡ଼ କରିବା ସହ କମ୍ପ୍ୟୁଟର ଭାଙ୍ଗି ଦେଇଛନ୍ତି। ପାଟ୍ରୋଲିଂ କରୁଥିବା ଖଡ଼ିଆଳ ପୋଲିସ ଘଟଣାସ୍ଥଳରେ ପହଞ୍ଚିବାକୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଛନ୍ତି। ସିସିଟିଭି ଯାଞ୍ଚକରି ପୋଲିସ ତଦନ୍ତ କରୁଥିବା ଥାନା ଅଧିକାରୀ ପ୍ରଦୀପ କୁମାର ଧାରୁଆ ପ୍ରକାଶ କରିଛନ୍ତି।

### ପରିବେଶ ସୁରକ୍ଷା ବାର୍ତ୍ତା ଦେଲେ ଏମ୍‌ପି, ବିଧାୟକ

କୋକସରା,୧୦।୭ (ଦୁଷ୍ମନ୍ତ କୁମାର ପାଟଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ସଦର ଡିଗ୍ରୀ ମହାବିଦ୍ୟାଳୟରେ ବୁଧବାର ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳାହାଣ୍ଡି ସାଂସଦ ମାଳବିକା ଦେଓ ଓ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଟଯୋଷୀ ଅତିଥି ଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବା ପରେ ଅତିଥିମାନେ କଲେ ପରିସରରେ ୟୁଥ୍ ରେଡ୍‌କ୍ରସ ସ୍ୱେଚ୍ଛାସେବୀ ଓ ଛାତ୍ରୀଛାତ୍ରଙ୍କ ସହ ବୃକ୍ଷ ରୋପଣ କରି ପରିବେଶ ସୁରକ୍ଷା ବାର୍ତ୍ତା ଦେଇଥିଲେ। ୟୁଥ ରେଡ୍‌କ୍ରସ ପରାମର୍ଶଦାତା ଅଧ୍ୟାପକ ସୁବ୍ରତ କୁମାର ବେହେରା, ଏନ୍‌ସିସି କ୍ୟାପଟେନ ଅଶ୍ୱିନୀ କୁମାର ପଟ୍ଟନାୟକ, ଅଧ୍ୟାପକ ଐରି ନାସନ ଚିନ୍ଦା, ଜଗନ ଚନ୍ଦାନି, ଅଧ୍ୟାପିକା କନକ ମଞ୍ଜରୀ ବେହେରା, ବେଦମତି ବାରିକଙ୍କ ସମେତ ଧର୍ମଗଡ ରେଞ୍ଜର ଭବାନୀ ଶଙ୍କର କାଉର, କୋକସରା ଫରେଷ୍ଟର ରଶ୍ମି ରଞ୍ଜିତା ନାଏକ ପ୍ରମୁଖ ଉପସ୍ଥିତ ରହି ବୃକ୍ଷ ରୋପଣ କରିଥିଲେ।

# ଦିବ୍ୟାଙ୍ଗ ମଞ୍ଚ ପକ୍ଷରୁ ଭିନ୍ନକ୍ଷମ ସଚେତନତା ଶିବିର



ଶିବିରରେ ଉପସ୍ଥିତ ଲୋକପ୍ରତିନିଧି ଓ ଅଧିକାରୀ।

କର୍ଲାମୁଣ୍ଡା,୧୦।୭ (ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସରରେ ବୁଧବାର କଳାହାଣ୍ଡି ଦିବ୍ୟାଙ୍ଗ ମଞ୍ଚ ଆନୁକୂଲ୍ୟରେ ଭିନ୍ନକ୍ଷମ ସଚେତନା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବୀରେନ୍ଦ୍ର କୁମାର କୁଅଁର, ବିଡିଓ ମଣ୍ଟୁ ଖମାରୀ, ବ୍ଲକ ଅଧକ୍ଷା କୁନି ସାହୁ, ଜିଲାପରିଷଦ ସଭ୍ୟ ସୁରେଶ ଚୌଧୁରୀ, ଦିବ୍ୟାଙ୍ଗ ମଞ୍ଚ ସଭାପତି କ୍ଷୀରାବ୍ଧି ମାଝି ପ୍ରମୁଖ, ସେଲକୋ ଫାଉଣ୍ଡେଶନର ଗୋବିନ୍ଦ ପଧାନ, ବନିତା ଅଗ୍ରିଆ ଓ ନବନିର୍ମାଣ ଶ୍ରମିକ ସଂଗଠନର ସମ୍ପାଦକ ଚୈତନ୍ୟ ସାହୁ ଯୋଗଦେଇ ଭିନ୍ନକ୍ଷମଙ୍କ ପାଇଁ ଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବ୍ଲକ ପ୍ରଶାସନ ପକ୍ଷରୁ ଜଣେ ଭିନ୍ନକ୍ଷମଙ୍କୁ ତିନିଚକିଆ ସାଇକେଲ, ୫୭ ଜଣଙ୍କୁ ବସ୍ ପାସ୍, ୨୫ ଜଣଙ୍କୁ ରେଲୱେ ପାସ୍ ପ୍ରଦାନ କରାଯାଇଥିଲା। ଜଗନ୍ନାଥ ନେତ୍ରାଳୟ ଭବାନୀପାଟଣା ପକ୍ଷରୁ ଆଖି ପରୀକ୍ଷା କରାଯାଇ ୧୨ ଜଣଙ୍କୁ ଚଷମା ମାଗଣାରେ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ କଳାହାଣ୍ଡି ଭିନ୍ନକ୍ଷମ ପୁନର୍ବାସ କାର୍ଯ୍ୟାଳୟର ଡିଡିଆର୍‌ସି ରମେଶ କୁମାର ଜେନା ପରିଚାଳନା କରିଥିଲେ। ଶିବିର ରେ ଅଞ୍ଚଳର ଶତାଧିକ ଦିବ୍ୟାଙ୍ଗ ଯୋଗଦେଇଥିଲେ।

# ସିଡିଏମ୍‌ଓଙ୍କ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

କେସିଙ୍ଗା,୧୦।୭ (ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଡା. ସୁଚିତା ପାଣି ବୁଧବାର ଅଚାନକ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ସେ ପ୍ରଥମେ ପ୍ରସୂତିକାଳୀନ ଶିଶୁ ସ୍ୱାସ୍ଥ୍ୟ ବିଭାଗ, ବହିର୍ବିଭାଗ, ଅନ୍ତଃ ବିଭାଗ, ଲାବରେଟୋରି ବୁଲି ଦେଖିବା ସହ ଅନ୍ତଃ ବିଭାଗରେ ଚିକିତ୍ସାଧୀନ ରୋଗୀଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଯାହା ବି ସମସ୍ୟା ରହିଛି ତାହା ଯଥାଶୀଘ୍ର ସମାଧାନ କରିବା ପାଇଁ ମୁଖ୍ୟ ଚିକିତ୍ସା ଅଧିକାରିଣୀ ପ୍ରତିଶ୍ରୁତି ଦେଇଛନ୍ତି। ଏହି ସମୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ଉପରେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ସେ ଉତ୍ତର ରଖିଥିଲେ। ପରିଦର୍ଶନ ସମୟରେ ତାଙ୍କ ସହ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧକ୍ଷା ଡା. ପ୍ରଜ୍ଞା ପ୍ରତିଶ୍ରୁତି ମାଝିଙ୍କ ସମେତ ସମସ୍ତ ଡାକ୍ତର, ହିସାବ ରକ୍ଷକ ବି. ପ୍ରଧାନୀ, ଷ୍ଟାଫ୍‌ନର୍ସ ଉପସ୍ଥିତ ଥିଲେ।

# ଲୋକଙ୍କ ସମସ୍ୟା ସମାଧାନ କରିବାକୁ ନିର୍ଦ୍ଦେଶ


ବୈଠକରେ ଉପସ୍ଥିତ ଲୋକପ୍ରତିନିଧି ଓ ଅଧିକାରୀ।

## କୋକସରା ପଞ୍ଚାୟତ ସମିତି ବୈଠକ

କୋକସରା,୧୦।୭ (ଦୁଷ୍ମନ୍ତ କୁମାର ପାଟଯୋଷୀ)

କୋକସରା ପଞ୍ଚାୟତ ସମିତି ବୈଠକ ବୁଧବାର କନଫରେନ୍ସ ହଲରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ରିତା ଅଗ୍ରୱାଲ ଏଥିରେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଯୋଗଦେଇଥିବା କଳାହାଣ୍ଡି ସାଂସଦ ମାଳବିକା ଦେଓ ଓ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଟଯୋଷୀଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, ବିଡିଓ ସ୍ନେହପ୍ରଭା ମାଝି, ତହସିଲଦାର ନବୀନ କିଶୋର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା ଅତିଥି ପରିଚୟ ସହ ମଞ୍ଚ ପରିଚାଳନା କରିଥିଲେ। ସାଂସଦ ଓ ବିଧାୟକ ଜନ ପ୍ରତିନିଧି ଓ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଉନ୍ନୟନ ପ୍ରକଳ୍ପ ବିଷୟରେ ସମୀକ୍ଷା କରିଥିଲେ। ଜନ ପ୍ରତିନିଧି ମଧ ନିଜ ପଞ୍ଚାୟତ ଅଞ୍ଚଳରେ ରହିଥିବା ସମସ୍ୟା ଉପସ୍ଥାପନ କରିଥିଲେ। ସମୀକ୍ଷା ପରେ ସାଂସଦ ଓ ବିଧାୟକ ଉପସ୍ଥିତ ବିଭିନ୍ନ ଅଧିକାରୀଙ୍କୁ ଲୋକଙ୍କ ମୌଳିକ ସମସ୍ୟା ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ମୃତ୍ତିକା ଓ ବିଦ୍ୟୁତ୍ ବିଭାଗର ଅଧିକାରୀଙ୍କ ଅନୁପସ୍ଥିତିକୁ ନେଇ ସାଂସଦ ଓ ବିଧାୟକ ପ୍ରଶାସନ କାରଣ ଦର୍ଶାଇବାକୁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ କର୍ମଚାରୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ଛୁରାମାଡ଼ରେ ଜେଜେ ମା’, ନାତି ଗୁରୁତର

ଭବାନୀପାଟଣା/କଳମପୁର,୧୦।୭ (ଉତ୍ତମ କୁମାର ଦାଶ/ ଗଣେଶ ରାମ ବାଗ)

କଳାହାଣ୍ଡି ଜିଲା କଳମପୁର ଥାନା ପରୁଆଗୁଡା ଗ୍ରାମ ଗଣ୍ଡିଆପଡ଼ାରେ ବୁଧବାର ପୂର୍ବ ଶତ୍ରୁତାରୁ ଛୁରାମାଡ଼ ହୋଇଛି। ଏଥିରେ ଗ୍ରାମର ବୃଦ୍ଧା କୃଷ୍ଣପ୍ରିୟା ପଟେଲ ଓ ତାଙ୍କ ୩ ମାସର ନାତି ଗୁରୁତର ହୋଇଛନ୍ତି। ସୂଚନାଯୋଗ୍ୟ, ପରୁଆଗୁଡା ଗ୍ରାମର ଦୈତାରି ପଟେଲ ପୂର୍ବ ଶତ୍ରୁତାକୁ ନେଇ କୃଷ୍ଣପ୍ରିୟାଙ୍କୁ ଛୁରାମାଡ଼ କରିଥିଲେ। ଏହି ସମୟରେ ତାଙ୍କ ସହ ଥିବା ତିନି ମାସର ଶିଶୁକୁ ମଧ ସେ ଛାଡି ନ ଥିଲେ। ପଡୋଶୀ ଜାଣିବା ପରେ କଳମପୁର ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଆକ୍ରମଣକାରୀଙ୍କୁ କାବୁ କରିଥିଲ। କୃଷ୍ଣପ୍ରିୟା ଓ ଶିଶୁକୁ କଳମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଅଧିକାରୀ ମନୋଜ କୁମାର ମାଝି, କଳମପୁର ଥାନା ଅଧିକାରୀ ପ୍ରଦୀପ୍ତ କୁମାର କାନୁନ୍‌ଗୋ ଓ ଅନ୍ୟ ପୋଲିସ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଆକ୍ରମଣକାରୀ ଦୈତାରୀଙ୍କୁ ପୋଲିସ ଥାନାରେ ଅଟକ ରଖ ପଚରାଉଚୁରା କରୁଥିବାବେଳେ ଛୁରି ଜବତ କରିଥିବା ପୋଲିସଠାରୁ ସୂଚନା ମିଳିଛି। ଏ ନେଇ କଳମପୁର ଥାନାରେ ଏକ ମାମଲା (ନଂ–୭୯/୨୦୨୪) ରୁଜୁ ହୋଇଛି।

# ବାଳିକା ହାଇସ୍କୁଲରେ ଆଇନ ସଚେତନତା ଶିବିର

କେସିଙ୍ଗା,୧୦।୭(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ତାଲୁକ ଆଇନସେବା ସମିତି ପକ୍ଷରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ କିଶୋର ନ୍ୟାୟ ପ୍ରଯତ୍ନ, ଶିଶୁ ସୁରକ୍ଷା ଅଧିନିୟମ ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଉପରେ ବୁଧବାର ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମଶ୍ରେଣୀ ବିଚାରବିଭାଗୀୟ ବିଚାରପତି ତଥା ଅଧକ୍ଷ ତାଲୁକ ଆଇନ ସେବା ସମିତି କେସିଙ୍ଗା ଧନଞ୍ଜୟ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପରୋକ୍ତ ବିଷୟ ଉପରେ ଉପସ୍ଥିତ ଛାତ୍ରୀମାନଙ୍କୁ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମୁଖ କାର୍ଯ୍ୟାଳୟ ଆଇନ ପରାମର୍ଶଦାତା ସୌରରଶ୍ମି ନନ୍ଦ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଆନନ୍ଦ ଚନ୍ଦ୍ର ବେହେରା, ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ସହକାରୀ ଉପ ଆରକ୍ଷୀ ନିରୀକ୍ଷକ ଅନୁପ କୁମାର ଶତପଥୀଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ସ୍କୁଲ ଛାତରୁ ଖସୁଛି କଂକ୍ରିଟ ଖଣ୍ଡ

ଖଡ଼ିଆଳ,୧୦।୭ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ସାନମହେଶ୍ୱର ଗ୍ରାମପଞ୍ଚାୟତ ଖୋଲପଥର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତରୁ କଂକ୍ରିଟ ଖଣ୍ଡ ଖସି ବିପଦ ସୃଷ୍ଟି କରୁଛି। କିଛିଦିନ ପୂର୍ବରୁ ଛାତ୍ରୀଛାତ୍ର ପ୍ରାର୍ଥନା ସାରି କ୍ଲାସ୍‌ରୁମ୍‌କୁ ଗଲାପରେ ବାରଣ୍ଡାରେ ଏକ କଂକ୍ରିଟ ଖସିଥିଲା। ପୁନର୍ବାର ଅପରାହ୍ନ ୨ଘଟିକା ସମୟରେ ଆଉ ଏକ କଂକ୍ରିଟ ଖଣ୍ଡ ଖସିଛି। ପ୍ରଧାନ ଶିକ୍ଷକ ଏ ବିଷୟରେ ବିଇଓ ଓ ସ୍ଥାନୀୟ ସରପଞ୍ଚଙ୍କୁ ଜଣାଇଥିଲେ। ସିଆର୍‌ସିସି, ସରପଞ୍ଚ ଓ ବ୍ଲକ୍‌ର ଭାଇସ୍ ଚେୟାରମ୍ୟାନ ଆସି ଫଟୋ ଉଠାଇ ଶୀଘ୍ର ପଦକ୍ଷେପ ନେବା ପାଇଁ କହିଥିଲେ। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଫଳରେ ଛାତ୍ରୀଛାତ୍ର ବାହାରେ ବସୁଥିବା ଦେଖିବାକୁ ମିଳୁଛି। ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଅଭିଭାବକ ମହଲରେ ଦାବି ହେଉଛି।


ଛାତରୁ କଂକ୍ରିଟ ଖସି ସ୍କୁଲ ବାରଣ୍ଡାରେ ପଡ଼ିଛି।

# ପେନ୍‌ସନ ଭୋଗୀ ସଂଘର ଜରୁରିକାଳୀନ ବୈଠକ

କୋକସରା,୧୦।୭ (ଦୁଷ୍ମନ୍ତ କୁମାର ପାଟଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ପେନ୍‌ସନ ଭୋଗୀ ସଙ୍ଘ ପକ୍ଷରୁ କୋକସରା ସରସ୍ୱତୀ ଶିଶୁ ମନ୍ଦିରଠାରେ ଏକ ଜରୁରୀ ବୈଠକ ଗୁଣନିଧି ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଚାଷୀ, ମହିଳାଙ୍କ ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରସ୍ତୁତ କରୁଥିବାରୁ ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ପରେ ପ୍ରମୁଖ ଦାବି ଉପରେ ଆଲୋଚନା କରାଯାଇ ଆଗାମୀ ଦିନରେ ରାଜ୍ୟ ସରକାରଙ୍କୁ ପ୍ରଦାନ ପାଇଁ ଆଲୋଚନା ହୋଇଥିଲା। ପ୍ରମୁଖ ଦାବି ମଧ୍ୟରେ ପେନସନଭୋଗୀଙ୍କୁ ମାସିକ ଚିକିତ୍ସା ଭତ୍ତା ୩ ହଜାର ଦେବା ଓ ଆୟୁଷ୍ମାନ ଯୋଜନାରେ ସାମିଲ, ୬୫ ବର୍ଷରୁ ୭୦ ବର୍ଷ ପେନ୍‌ସନ ଭୋଗୀଙ୍କୁ ୫ରୁ ୧୦ ପ୍ରତିଶତ ଓ ୭୫ରୁ ୮୦ ବର୍ଷ ବ୍ୟକ୍ତିଙ୍କୁ ୧୦ରୁ ୨୦ ପ୍ରତିଶତ ଅତିରିକ୍ତ ପେନ୍‌ସନ ପ୍ରଦାନ କରିବା, ବସ ଓ ଟ୍ରେନରେ ବରିଷ୍ଠ ନାଗରିକଙ୍କୁ ରିହାତି ଅନ୍ୟତମ। ଏଥିରେ ବ୍ଲକ ସାଧାରଣ ସମ୍ପାଦକ ମିନିକେତନ ପ୍ରଧାନୀ, ଶ୍ରୀନିବାସ ପ୍ରଧାନୀ, ବୁରୁନାଥ ସରାବୁ, କେଶବ ଚନ୍ଦ୍ର ନାଏକ, ଶେଷଦେ ଠାକୁର, ନୃସିଂହ ଚରଣ ବାରିକ, କୀର୍ତ୍ତନ ଶବର ପ୍ରମୁଖ ଉପସ୍ଥିତ ଥିଲେ।


ପେନ୍‌ସନଭୋଗୀ ସଂଘର ବୈଠକ।

# ସ୍ୱନକ୍ଷତ୍ର ଦିବସରେ ଜିଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତା

ନୂଆପଡ଼ା,୧୦।୭ (ମକାରୁ ବେମାଲ)

ସ୍ଥାନୀୟ ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟଠାରେ ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ଅବସରରେ ମଙ୍ଗଳବାର ଜିଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲା ସଂସ୍କୃତି ଓ ଶିକ୍ଷା ବିଭାଗ ଆନୁକୂଲ୍ୟରେ ପ୍ରବନ୍ଧ, ବକ୍ତୃତା, କବିତା ପଠନ, ସାଧାରଣ ଜ୍ଞାନ ଓ ଓଡ଼ିଆ ଅନୁବାଦ ଆଦି ପ୍ରତିଯୋଗିତା ହୋଇଥିଲା। ପ୍ରଦୀପ୍ତ କୁମାର ରଥ, କିଶୋର କୁମାର ପରିଡ଼ା, ଫାଲଗୁନୀ ସାହୁ, ନନ୍ଦିଘୋଷ ଭୋଇ, ବିକ୍ରମ ପଟେଲ, ଗୋପାଳ ଭାବତୋଷ ଦାସ, ବିଜୟ କୁମାର ସାହୁ ପ୍ରମୁଖ ଶିକ୍ଷକ ବିଚାରକ ଭାବରେ ଯୋଗଦେଇଥିଲେ। ଜିଲା ସଂସ୍କୃତି ଅଧିକାରୀ କୃଷ୍ଣଚନ୍ଦ୍ର ଦାସ ମୁଖ୍ୟଅତିଥି, ଜିଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା ସମ୍ମାନିତ ଅତିଥି ଭାବରେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସିନିୟର ବିଭାଗର ପ୍ରବନ୍ଧରେ ରୁକ୍ମଣୀ ସାହୁ, ଭାଷଣରେ ଆନନ୍ଦିତା ପଟ୍ଟନାୟକ, କବିତା ପଠନରେ ରଞ୍ଜିତା ସାହୁ, ସାଧାରଣ ଜ୍ଞାନ ଓ ଓଡ଼ିଆ ଅନୁବାଦରେ ପ୍ରିୟଙ୍କା ରଥ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି ଜୁନିୟର ବିଭାଗ ପ୍ରବନ୍ଧରେ କସ୍ତୁରୀ ବରିହା, ଭାଷଣରେ ପୂରନ ସୁନାନୀ, କବିତା ପଠନରେ ଭୂମିକା ରଣା, ସାଧାରଣ ଜ୍ଞାନ ଓ ଓଡ଼ିଆ ଅନୁବାଦରେ ଭୂଭମ ରଣା ପ୍ରଥମ ହୋଇଥିଲେ। ଏମାନେ ଆସନ୍ତା ୧୪ରେ ଜୁନିୟର ଓ ୧୭ରେ ସିନିୟର ବିଭାଗର ଭୁବନେଶ୍ୱରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ।


ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

# ଅଣସଂକ୍ରାମକ ରୋଗର ପ୍ରତିରୋଧ ଉପରେ ବୈଠକ

ଭବାନୀପାଟଣା,୧୦।୭ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ସନ୍ଧ୍ୟାରେ ଜିଲାରେ ଅଣସଂକ୍ରାମକ ରୋଗର ପ୍ରତିରୋଧ, ମାନସିକ ସ୍ୱାସ୍ଥ୍ୟର ସ୍ଥିତି ଓ ତମାଖୁ ନିୟନ୍ତ୍ରଣ ଉପରେ ଏକ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଅଧକ୍ଷତା କରିଥିଲେ। ବୈଠକରେ ଜିଲାପାଳ ରେଡ୍ଡୀ ଅଣସଂକ୍ରାମକ ରୋଗ, ମଧୁମେହ, ଉଚ୍ଚରକ୍ତଚାପ, ହୃଦରୋଗ ଓ ଅନ୍ୟାନ୍ୟ ରୋଗକୁ କିପରି ଗାଁ ସ୍ତରରୁ ଚିହ୍ନଟ କରାଯିବ ସେ ଉପରେ ଗୁରୁତ୍ୱ ଦେଇଥିଲେ। ଏହାସହ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହଯୋଗରେ ଆଶାକର୍ମୀ ଓ ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା ୩୦ବର୍ଷରୁ ଉର୍ଦ୍ଧ୍ୱ ବୟସର ସମସ୍ତଙ୍କୁ ଏହି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇ ପୋର୍ଟାଲରେ ତଥ୍ୟ ସମ୍ମିଳିତ କରି ଔଷଧ ବଣ୍ଟନ କରିବାକୁ ସମସ୍ତ ପିଏଚ୍‌ସି, ମେଡ଼ିକାଲ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ମାନସିକ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ, ମାନସିକ ରୋଗ ବିଶେଷଜ୍ଞ, ନର୍ସ, ସମାଜସେବୀଙ୍କ କାର୍ଯ୍ୟ ନିରୀକ୍ଷଣ, ଗୋଷ୍ଠୀଗତ ସହାୟତା ଓ ସଚେତନତା, କାରାଗାର ଓ ଶିଶୁଯତ୍ନ କେନ୍ଦ୍ର ପରିଦର୍ଶନ ଓ ଅନ୍ତେବାସୀଙ୍କ ମାନସିକ ସ୍ୱାସ୍ଥ୍ୟ ପରୀକ୍ଷା, ଔଷଧ ବଣ୍ଟନ, ଡାକ୍ତରଙ୍କ ପରାମର୍ଶ, ମୋବାଇଲ ମାନସିକ ସ୍ୱାସ୍ଥ୍ୟ ଯାନର ବ୍ୟବହାର, ସ୍କ୍ରିନିଂ କ୍ୟାମ୍ପ, ମାନସିକ ରୋଗୀଙ୍କୁ ଚିକିତ୍ସା ଉପରେ ଆଲୋଚନା ହୋଇଥିଲା। ବିଦ୍ୟାଳୟରେ କିଶୋର କିଶୋରୀଙ୍କୁ ତମାଖୁର ଅପକାରିତା ଓ ସେବନ କରିବା ହାନିକାରକର ସଚେତନତା ବାର୍ତ୍ତା, ସ୍କ୍ୱାଡ୍‌ର ଚଢ଼ାଉ, ସଚେତନତା କାର୍ଯ୍ୟକ୍ରମ, ଶିକ୍ଷକ ଓ ସରପଞ୍ଚମାନଙ୍କୁ ଟ୍ରେନିଂ, ବ୍ଲକ ସ୍ତରରେ କମିଟି ଗଠନ ଉପରେ ଆଲୋଚନା ହୋଇଥିଲା। ବୈଠକରେ ଅତିରିକ୍ତ ଏସ୍‌ପି ସେବାଷ୍ଟିନ ଡିଗା, ସିଡିଏମ୍‌ଓ ଡା. ନିହାରେନ୍ଦ୍ର ପଣ୍ଡା, ଡିପିଏଚଓ ଡା. ରାକେଶ ସାହୁ, ଡା. ରଞ୍ଜନ ମିଶ୍ର, ଡିପିଏମ୍ ଭବାନୀ ଶଙ୍କର ସାହୁ, ନିହାର ରଞ୍ଜନ, ହିମାଂଶୁ ସାହୁ, ଡିଆଇପିଆର୍‌ଓ ମନୋଜ କୁମାର ବେହେରା, ଡିଡବ୍ଲ୍ୟୁଓ ଅରବିନ୍ଦ ରାଏ, ଡିସିପିଓ ଶୈଳେନ୍ଦୁ ମହାପାତ୍ର, ସମସ୍ତ ବ୍ଲକର ବିଡିଏମ୍, ବିପିଏମ୍ ଯୋଗ ଦେଇଥିଲେ।



ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

## ସଂକ୍ଷେପରେ

### ବୟସ୍କଙ୍କ ପାଇଁ ଡିଜିଟାଲ ସୁରକ୍ଷା ପ୍ରଶିକ୍ଷଣ ଶିବିର

ଅମରପାଲି,୧୦।୭(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଓ ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟରେ ବୟସ୍କମାନଙ୍କ ପାଇଁ ଡିଜିଟାଲ ସୁରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସାଧାରଣ ସଭାରେ ଅନୁଷ୍ଠାନ ସଭାପତି ଡ. ପ୍ରଫୁଲ୍ଲ କୁମାର ରଥ ପୌରୋହିତ୍ୟ କରିଥିଲେ। ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ପାଢୀ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ରାଜ୍ୟ ହେଲ୍ପ ଏଜ ଇଣ୍ଡିଆ ସଂଯୋଜକ ଦେବଶ୍ରୀ ବ୍ରହ୍ମା ପ୍ରଶିକ୍ଷକଭାବେ ଯୋଗଦାନ କରି ଏକ ସକ୍ରିୟ, ସୁସ୍ଥ ଓ ସମ୍ମାନଜନକ ଜୀବନ ବଞ୍ଚିବାର ଅଧିକାରପ୍ରାପ୍ତ ପାଇଁ ତଥା ଅନ୍‌ଲାଇନ ବ୍ୟାଙ୍କିଙ୍ଗର ସୁବିଧା ଅସୁବିଧା ସମ୍ପର୍କରେ ଅବଗତ କରାଇଥିଲେ। ଅନୁଷ୍ଠାନ ସମ୍ପାଦକ ସନ୍ତୋଷ କୁମାର ଷଡଙ୍ଗୀ ସ୍ୱାଗତ କରିଥିବା ବେଳେ କୋଷାଧ୍ୟକ୍ଷ ଦୟାସାଗର ହୋତା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଡ.ଦ୍ୱିତୀକୃଷ୍ଣ ପଣ୍ଡା ସଂଯୋଜନା କରିଥିଲେ। ସୁଶ୍ରୀ ଅନୁସୂୟା ଦାସ, ଭୂଷଣ କୁମାର ପାତ୍ର, ଭଗବାନ ମିଶ୍ର, ଚମରା ମହାକୁର, ବାସୁଦେବ ପଣ୍ଡା, ମହେନ୍ଦ୍ର ଜଗଦଲା, ସୌମିତ୍ରି ମେହେର ଏଥିରେ ସହଯୋଗ କରିଥିଲେ।

### ମୋ ସ୍କୁଲ ଅଭିଯାନ ବୈଠକ

ଘଣ୍ଟାପଡ଼ା,୧୦।୭(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ାସ୍ଥିତ ସମଲେଶରୀ ସରକାରୀ ଉଚ୍ଚବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ ବୈଠକ ଅଭିଯାନର ସଭାପତି ସୁଶାନ୍ତ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅଭିଯାନର ସଂପାଦକ ତଥା ପ୍ରଧାନଶିକ୍ଷକ ପୀତବାସ ପଣ୍ଡା ଆୟ ଓ ବ୍ୟୟ ଉପରେ ଆଲୋକପାତ କରିଥିଲେ। ସେହିପରି ଅନ୍ୟ ସଦସ୍ୟମାନେ ବିଦ୍ୟାଳୟର ଆବଶ୍ୟକତାକୁ ନେଇ ଏକ ସଭାଗୃହ, ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ଓ ଅଞ୍ଚଳରେ ଉଚ୍ଚ ଶିକ୍ଷା ପାଇଁ ଉକ୍ତ ବିଦ୍ୟାଳୟରେ ଏକ ଯୁକ୍ତ ଦୁଇ ବିଜ୍ଞାନ ବିଦ୍ୟାଳୟ ସ୍ଥାପନ ପାଇଁ ଶିକ୍ଷା ବିଭାଗ ଓ ସ୍ଥାନୀୟ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗଙ୍କ ଦୃଷ୍ଟି ଆକର୍ଷଣ ପାଇଁ ପଦକ୍ଷେପ ନେବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଏହାଛଡା ଚତୁର୍ଥ ଶ୍ରେଣୀ କମିଚାରୀ ନିଯୁକ୍ତି ପାଇଁ ଜିଲା ଶିକ୍ଷାଧିକାରୀଙ୍କୁ ଜଣାଇବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ବୈଠକରେ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀପତି ମଲିକ, ସୂର୍ଯ୍ୟନାରାୟଣ ସାହୁ, ପ୍ରଭାତ କୁମାର ସାହୁ,ଆରତ ବାଇ, ସୂର୍ଯ୍ୟ ଦେହୁରୀ, ବିଶାମିତ୍ର ମାଝୀ, ବିରେନ୍ଦ୍ର ଦେହୁରୀ, ଅଶୋକ ଦେହୁରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

### ବୌଦ୍ଧରେ ସମ୍ବର୍ଦ୍ଧନା ଉତ୍ସବ

ବୌଦ୍ଧ,୧୦।୭(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ଭାଜପା ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ସହରର ଟାଉନହଲଠାରେ ମତାଦାତାଙ୍କର ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ଜିଲା ଭାଜପା ସଭାପତି ବିପ୍ରଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏହି ସମାବେଶ ଅନୁଷ୍ଠିତ ହୋଇଥିବା ବେଳେ କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ, କଣ୍ଟାମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ, ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନଙ୍କୁ ଦଳ ଓ ବିଭିନ୍ନ ମୋର୍ଚ୍ଚା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାର ମତଦାତାମାନଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା ଓ ୮ ଜଣ ମତଦାତାଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ନେତା ସଚ୍ଚିଦାନନ୍ଦ ଦଲାଲ, ଶେଷ କୁମାର ମେହେର, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଅକ୍ଷୟ କୁମାର ସାହୁ, ରାକେଶ କୁମାର ତ୍ରିପାଠୀ, ରବି ପ୍ରଧାନ, ପ୍ରେମାନନ୍ଦ ମିଶ୍ର, ତାପସ କୁମାର ପଟ୍ଟନାୟକ, ସୁଶାନ୍ତ କୁମାର ବାଘ, ଶ୍ୟାମସୁନ୍ଦର ପୁରୋହିତ, ଅଟଳ କୁମାର ପ୍ରଧାନ, ମାଗୁଣୀ ଗାଇଗୌରିଆ, ମନୋରଞ୍ଜନ ଦାସଙ୍କ ସମେତ ବହୁ ନେତା ଓ କର୍ମୀ ସାମିଲ ଥିଲେ।

# ସୁବର୍ଣ୍ଣପୁରରେ ମତ୍ସ୍ୟଚାଷ ପାଇଁ ରହିଛି ଅପାର ସମ୍ଭାବନା

## ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳିତ

ସୋନପୁର,୧୦।୭(ମୃତ୍ୟୁଞ୍ଜୟ ଶତପଥୀ)

ନଦୀ, ନାଳ, ବନ୍ଧ ଓ ପୋଖରି ପରିବେଷ୍ଟିତ ଜିଲା ସୁବର୍ଣ୍ଣପୁର। ମତ୍ସ୍ୟ ସମ୍ପଦ ଦୃଷ୍ଟିରୁ ଓଡ଼ିଶାରେ ଏହା ଏକ ଉନ୍ନତ ଜିଲା। ପର୍ଯ୍ୟାପ୍ତ ଭିତ୍ତିଭୂମି ଥିବାରୁ ମଧୁର ଜଳରେ ମତ୍ସ୍ୟ ଚାଷ ପାଇଁ ଏଠାରେ ଅପାର ସମ୍ଭାବନା ରହିଛି। ସୋନପୁର ସରକାରୀ ଫିସ ଫାର୍ମ ପରିସରରେ ଆୟୋଜିତ ଜାତୀୟ ମତ୍ସ୍ୟଚାଷ ଦିବସ ପାଳନ ଅବସରରେ ଅତିଥି ଓ ମତ୍ସ୍ୟଚାଷୀମାନେ ଏହି ମତପ୍ରକାଶ କରିଛନ୍ତି। ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି କହିଥିଲେ ଜିଲାରେ ଭଗବାନଙ୍କ ବରଦାନ ସଦୃଶ ମହାନଦୀ, ତେଲ ନଦୀ, ଅଙ୍ଗ ନଦୀ, ସୁକତେଲ ନଦୀ, ନିବୃତ୍ତି ଯୋର, ହରିହରଯୋର ଡ୍ୟାମ ଓ ଶତାଧିକ ପଞ୍ଚାୟତ ପୋଖରୀ ଅଛି। ବିସ୍ତୀର୍ଣ୍ଣ ଜଳାଶୟରେ ମତ୍ସ୍ୟସମ୍ପଦ ଅଭିବୃଦ୍ଧିର ପର୍ଯ୍ୟାପ୍ତ ସୁଯୋଗ ରହିଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ହୋଇପାରିଲେ ଏହି ଜିଲା ମତ୍ସ୍ୟ ଉତ୍ପାଦନରେ ରାଜ୍ୟର ଅଗ୍ରଣୀ ଜିଲା ହୋଇପାରିବ ବୋଲି ମାଝି କହିଥିଲେ। ବଲାଙ୍ଗୀର ଏମ୍‌ପିଙ୍କ ପ୍ରତିନିଧି ଶରତ କୁମାର ଶତପଥୀ କହିଥିଲେ, ମହାନଦୀ ଓ ଅନ୍ୟ ନଦୀମାନଙ୍କରେ ପାରମ୍ପରିକ ଶୈଳୀରେ ମାଛ ଧରି ହଜାର ହଜାର ମତ୍ସ୍ୟଜୀବୀ ନିଜ ପରିବାର ପ୍ରତିପୋଷଣ କରୁଥିଲେ। ଏହି ମାଛ ଜିଲା ସମେତ ରାଜ୍ୟ ବାହାରକୁ



ମତ୍ସ୍ୟଚାଷୀ ଦିବସ ପାଳନ ଅବସରରେ ଅତିଥିମାନେ।

ରପ୍ତାନି ହେଉଥିଲା। ତେବେ ବ୍ଲାଷ୍ଟିଂ ଓ କୀଟନାଶକ ପ୍ରୟୋଗ ଫଳରେ ପାରମ୍ପରିକ ଉପାୟରେ ନଦୀରୁ ମାଛ ଧରୁଥିବା ମତ୍ସ୍ୟଜୀବୀ ପରିବାର ଏବେ ଅସୁବିଧା ଭୋଗୁଛନ୍ତି। ଏଥିପାଇଁ ନଦୀରେ ମାଛ ବଂଶ ବୃଦ୍ଧି ସକାଶେ କେନ୍ଦ୍ର ସରକାରଙ୍କ ସହାୟତାରେ ନଦୀ ଗର୍ଭରେ ମାଛ ଜାଆଁଳ ଛଡା ଯାଉଥିବା ଶତପଥୀ କହିଥିଲେ।

ଜିଲା ମତ୍ସ୍ୟ ଅଧିକାରୀ ପ୍ରସନ୍ନ କୁମାର ପଟ୍ଟନାୟକ କହିଥିଲେ ୧୯୫୭ ଜୁଲାଇ ୧୦ରେ ଅବିଭକ୍ତ ଢେଙ୍କାନାଳ ଜିଲା ଅନ୍ତର୍ଗତ ନାରାୟଣ ସାଗର ସରକାରୀ ମାଛ ଫାର୍ମରେ କାର୍ପ ମାଛର କୃତ୍ରିମ ପ୍ରଜନନ ପ୍ରକ୍ରିୟା ସଫଳତାର ସହ ସମ୍ପନ୍ନ ହୋଇଥିଲା। ଭାରତର ବିଶିଷ୍ଟ ମତ୍ସ୍ୟ ବିଜ୍ଞାନୀ ଡ. କେ. ଏଚ. ଆଲିକୁନି ଏବଂ ଡ. ହୀରାଲାଲ ଚୌଧୁରୀଙ୍କ ପ୍ରଚେଷ୍ଟା ଓ ତତ୍କାଳୀନ ମତ୍ସ୍ୟ ନିର୍ଦ୍ଦେଶକ ଡ. ଗଜେନ୍ଦ୍ର ନାଥ ମିତ୍ରଙ୍କ ସହଯୋଗରେ ଆମ ଦେଶକୁ ଏହି ଐତିହାସିକ ସଫଳତା ମିଳିଥିଲା। ଏହି ଐତିହାସିକ ସଫଳତାକୁ ମନେ ରଖିବା ପାଇଁ ଏହି ଦିନ ଟିକୁ ସାରା ଭାରତରେ ଜାତୀୟ ମତ୍ସ୍ୟଚାଷୀ ଦିବସ ଭାବେ ପାଳନ କରାଯାଇଥାଏ ବୋଲି କହିଥିଲେ। ବୀରମହାରାଜପୁର ସହକାରୀ ମତ୍ସ୍ୟ ଅଧିକାରୀ ବିଭୁତି ଭୂଷଣ ପ୍ରଧାନ କହିଥିଲେ ପ୍ରଗତି ଓ ବିକାଶରେ ମତ୍ସ୍ୟଚାଷୀ, ମତ୍ସ୍ୟଜୀବୀ, ମତ୍ସ୍ୟ ଉଦ୍ୟୋଗୀଙ୍କ ଅବଦାନ ରହିଛି। ସେମାନଙ୍କ ଅବଦାନକୁ ସ୍ମରଣ କରିବା ସହ ଏହି କ୍ଷେତ୍ରକୁ ନୂତନ ଜ୍ଞାନକୌଶଳ ଯୁକ୍ତ କରିବା ଓ ପରିବେଶ ଅନୁକୂଳଯୁକ୍ତ ସମୃଦ୍ଧି କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ପରମାନନ୍ଦ ସେଠୀ, ଜଳଛାୟା ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ଦେବରାଜ ଦାସ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ସତ୍ୟବ୍ରତ ମଙ୍ଗରାଜ, ସୋନପୁର ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ହୃଷୀକେଶ ଦାସ, ବିନିକା ସହକାରୀ ମତ୍ସ୍ୟ ଅଧିକାରୀ ସଙ୍ଗୀତା କିଷାନ, ତରଭା ସହକାରୀ ମତ୍ସ୍ୟ ଅଧିକାରୀ ପ୍ରତାପ କିଶୋର ମେହେର ଓ ଚିତ୍ତରଞ୍ଜନ ରାଉତ ପ୍ରମୁଖ ସରକାରୀ ଯୋଜନା, ମତ୍ସ୍ୟ ଚାଷର ସୁପରିଚାଳନା, ଜାଆଁଳ ଉତ୍ପାଦନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସୋନପୁରର ମତ୍ସ୍ୟ ଚାଷୀ ମଞ୍ଜୁଶ୍ରୀ ବାବୁ, ବୀରମହାରାଜପୁର ବ୍ଲକ ତେଲିପାଲିର ପ୍ରତିଭା ପ୍ରଧାନ, ସିଲାଟିର ବୁଧବାରୀ ବାଗ, ତରଭା ବ୍ଲକ ଅଙ୍ଗାପାଲିର ପଦ୍ମିନୀ ରଣା, ସିଆଲବାହାଲିର ସଚ୍ଚିଦାନନ୍ଦ ତାଣ୍ଡି ଓ ଉଲୁଣ୍ଡା ବ୍ଲକ ଲସ୍ତଲା ବଜରଙ୍ଗବାଲି ଡବ୍ଲ୍ୟୁଏସ୍‌ଏଚ୍‌ଜିକୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଜିଲାର ଆଗୁଆ ମତ୍ସ୍ୟ ଚାଷୀମାନେ ଯୋଗଦାନ କରି ନିଜର ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଉଲୁଣ୍ଡା ସହକାରୀ ମତ୍ସ୍ୟ ଅଧିକାରୀ ଶ୍ରବଣ କୁମାର କହଁର ଧନ୍ୟବାଦ ପ୍ରଦାନ କରିଥିଲେ।

## ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

**ତିଲେଶ୍ୱର ଏସବିଆଇ ଏଟିଏମ୍ ଚୋରି ଉଦ୍ୟମ ଘଟଣା**

- ନାନୋ କାର୍ ସହ ଚୋରି ପାଇଁ ବ୍ୟବହୃତ ସାମଗ୍ରୀ ଜବତ

ବୌଦ୍ଧ,୧୦।୭(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ତିଲେଶ୍ୱର ବଜାରଠାରେ ଥିବା ଏସବିଆଇ ଏଟିଏମରୁ ଗତ ସୋମବାର ରାତିରେ ଚୋରି ଉଦ୍ୟମ ପଣ୍ଡ ହୋଇଯାଇଥିଲା । ତେବେ ଏହି ଘଟଣାରେ ପୁରଣାକଟକ ପୋଲିସ ବୁଧବାର ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଚୋରି କରିବା ପାଇଁ ବ୍ୟବହୃତ ସାମଗ୍ରୀ ଜବତ କରିଛି ।

ପ୍ରକାଶ ଯେ, ତିଲେଶ୍ୱର ବଜାରରେ ଥିବା ଏସବିଆଇ ଏଟିଏମରୁ ଚୋରି କରିବାକୁ ଚୋରମାନେ ଏଟିଏମ ଭାଙ୍ଗୁଥିବା ଜଣାପଡିଥିଲା। ସ୍ଥାନୀୟ ଲୋକେ ଚୋରି ହେବା ଦେଖି ଦେବାରୁ ଚୋରମାନେ ଧରା ପଡିବା ଭୟରେ ଛାଡି ପଳାଇଥିଲେ। ଏନେଇ ଏଟିଏମ ପରିଚାଳନା କରୁଥିବା କମ୍ପାନୀ ପକ୍ଷରୁ ମଙ୍ଗଳବାର ଦିନ ପୁରୁଣାକଟକ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ ୧୦୩/୨୪ରେ ଏକ ମାମଲା ରୁଜୁ କରି ସିସିଟିଭି ଆଧାରରେ ତଦନ୍ତ ଆରମ୍ଭ କରିଥିଲା। ବୁଧବାର ପୋଲିସ ଚୋରି ଉଦ୍ୟମ ଘଟଣାରେ କଟକ ଜିଲା ମଧୁପାଟଣା ଥାନା ଖାନନଗରର ଦେବାଶିଷ ପ୍ରଧାନ (୧୮) ଓ ପୁରୀଘାଟ ଥାନା ସେମିନାରୀ ଛକର ସୁରେନ୍ଦ୍ର ସେଠୀ (୨୫) ଏବଂ ଗଞ୍ଜାମ ଜିଲା ଶେରଗଡ ଥାନାର ସାମନ୍ତ ସାହିର ରୋଶନ ରାଉତ (୧୯)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ଅଭିଯୁକ୍ତମାନଙ୍କ ପାଖରୁ ଏକ ନାନୋ କାର୍, ଗ୍ୟାସ ସିଲିଣ୍ଡର, ଅକ୍ସିଜେନ ଗ୍ୟାସ ସିଲିଣ୍ଡର, ୬ ଗୋଟି ମୋବାଇଲ ଫୋନ, ଦୁଇଗୋଟି ହେଡ୍ ଲାଇଟ, କଳା କଲର ମାସ୍କ, କଇଁଚି, ସ୍ପ୍ରେ, ଗ୍ଲୋଭସ୍, ପ୍ଲାଷ୍ଟିକ ଜାର, କ୍ଲୋରୋଫର୍ମ, ପୋଲିସ ୟୁନିଫର୍ମ, ସିକ୍ୟୁରିଟି ଗାର୍ଡ ୟୁନିଫର୍ମ, ଦଉଡି, ସୁଟକେସ, ଏୟାର ବ୍ୟାଗ, ଜୋତା ଜବତ କରିଛି। ପୋଲିସ ଏହି ଚୋରି ଘଟଣାରେ ଫେରାର ଥିବା ଚୋରଙ୍କୁ ଖୋଜୁଥିବା ବେଳେ ତଦନ୍ତ ଚଳାଇଥିବା ଜଣାପଡିଛି।

## ମେଗା ରକ୍ତଦାନ ଶିବିର, ୮୧ ୟୁନିଟ ରକ୍ତ ସଂଗ୍ରହ


ଶିବିରରେ ଜଣେ ସ୍ୱେଚ୍ଛାସେବୀ ରକ୍ତଦାନ କରୁଛନ୍ତି।

ଅମରପାଲି,୧୦।୭(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଭାଗୃହରେ ନାରାୟଣ ଲୁହା ଫ୍ୟାନ କ୍ଲବ ଆନୁକୂଲ୍ୟରେ ବୁଧବାର ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତି ଲୁହା ମୁଖ୍ୟ ଅତିଥି, ଜିଲା ପରିଷଦ ସଭ୍ୟ ଲବ କୁମାର ସାହୁ, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନନ୍ଦ, ଉଲୁଣ୍ଡା ପଞ୍ଚାତ ସମିତି ଅଧ୍ୟକ୍ଷା ପ୍ରତିନିଧି କୃତିବାସ ମିଶ୍ର, ବୀରମହାରାଜପୁର ଆମ୍ବା ଅଧ୍ୟକ୍ଷ ବିବସ୍ୱତି ପଣ୍ଡା, ଧିରେନ ପଣ୍ଡା, ରାଜ୍ୟ ମହିଳା ବିଜେଡି ସମ୍ପାଦିକା ସୁଲୋଚନା ହୋତା, ଚମ୍ପା ସମିତି ସଭ୍ୟ ଲକ୍ଷ୍ମୀନାରାୟଣ ପୁରୋହିତ, ଦୁର୍ଜନତେଲା ସରପଞ୍ଚ ବିଷ୍ଣୁପ୍ରିୟା କୁମ୍ଭାର, ପୂର୍ବତନ ସରପଞ୍ଚ ରଞ୍ଜିତ ଖେତୀ, ଧର୍ମେନ୍ଦ୍ର ମେହେର, ସୁରୁ ମହାକୁର ସମ୍ମାନୀତ ଅତିଥିଭାବେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ ଶିବିରରେ ପ୍ରାୟ ୮୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ସମସ୍ତ ରକ୍ତଦାତାମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିବିରରେ ଡ଼ା.ଅମିତ କୁମାର ମୁଦୁଲି, ଯୁଧିଷ୍ଠିର ନାଏକ, ଜଗତ ଦରୁଆନ ଓ ଟିଟୁ ଭୋଇ ରକ୍ତ ସଂଗ୍ରହ କରିଥିଲେ। ଏହି ଅବସରରେ ବୀରମହାରାଜପୁରରେ ବୃକ୍ଷ ଜ ଓ ସଙ୍ଗଠନ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ସୋନପୁର ବୃନ୍ଦାବନ ବିହାରୀ ମନ୍ଦିରରେ ଜଗନ୍ନାଥ ମହାପ୍ରଭୁଙ୍କ ବାମନ ବେଶ(ବାମ), ଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉ ବାମନ ଓ ପର୍ଶୁରାମ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି(ଡାହାଣ)।

## ଅମରପାଲି ହାଇସ୍କୁଲରେ ବୋର୍ଡ ସାର୍ଟିଫିକେଟ ବଣ୍ଟନ ଉତ୍ସବ



ଅମରପାଲି, ୧୦।୭(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲି ହାଇସ୍କୁଲରେ ବୋର୍ଡ ସାର୍ଟିଫିକେଟ ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସ୍କୁଲ ପରିଚାଳନା କମିଟି ସଭାପତି ବିମ୍ବାଧର ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବସନ୍ତ କୁମାର ସାହୁ, ପୂର୍ବତନ ସମିତି ସଭ୍ୟ ପୀତାମ୍ବର ସାହୁ, ଅଶୋକ କୁମାର ସାହୁ ଅତିଥିଭାବେ ଯୋଗଦେଇ ଦଶମ ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ବୋର୍ଡ ସାର୍ଟିଫିକେଟ ବଣ୍ଟନ କରିଥିଲେ। ଶିକ୍ଷକ ଶ୍ୟାମ ସୁନ୍ଦର ସେଠୀ, ପଦ୍ମନାଭ ପ୍ରଧାନ, ବ୍ରହ୍ମାନନ୍ଦ ପ୍ରଧାନ, ସମ୍ପିତ ପ୍ରଧାନ, କହ୍ନେଇ ଚରଣ ପ୍ରଧାନ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଭବିଷ୍ୟତରେ ଭଲ ପାଠ ପଢି ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଚଳିତ ମାଟ୍ରିକ ପରୀକ୍ଷାରେ ସ୍କୁଲର ଶତ ପ୍ରତିଶତ ସଫଳତା ଓ ସ୍କୁଲର ଛାତ୍ରୀ କୁନ୍ତୀ ସାହୁ ନବେ ପ୍ରତିଶତ ମାର୍କ ରଖି ସଫଳତା ହାସଲ କରିଥିବାରୁ ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କୁ ପରିଚାଳନା କମିଟି ଓ ଅତିଥିମାନେ ପ୍ରଶଂସା କରିଥିଲେ। ସଭା ପରେ ପାସ୍ କରିଥିବା ସମସ୍ତ ୧୧୮ ଛାତ୍ରୀଛାତ୍ରଙ୍କୁ ମାଟ୍ରିକ ବୋର୍ଡ ସାର୍ଟିଫିକେଟ ବଣ୍ଟନ କରାଯାଇଥିଲା। ନଟବର ରଣା ଧନ୍ୟବାଦ ଅର୍ପଣ କରିଥିଲେ। ନଟିଆ ଚରଣ ସାହୁ,ଜଗନ୍ନାଥ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବାଳିକା ହାଇସ୍କୁଲରେ ଆଇନ ସଚେତନତା ଶିବିର

କେସିଙ୍ଗା,୧୦।୭(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ତାଲୁକ ଆଇନସେବା ସମିତି ପକ୍ଷରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ କିଶୋର ନ୍ୟାୟ ପ୍ରଯତ୍ନ, ଶିଶୁ ସୁରକ୍ଷା ଅଧିନିୟମ ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଉପରେ ବୁଧବାର ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମଶ୍ରେଣୀ ବିଚାରବିଭାଗୀୟ ବିଚାରପତି ତଥା ଅଧ୍ୟକ୍ଷ ତାଲୁକ ଆଇନ ସେବା ସମିତି କେସିଙ୍ଗା ଧନଞ୍ଜୟ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପରୋକ୍ତ ବିଷୟ ଉପରେ ଉପସ୍ଥିତ ଛାତ୍ରୀମାନଙ୍କୁ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମୁଖ କାର୍ଯ୍ୟାଳୟ ଆଇନ ପରାମର୍ଶଦାତା ସୌରରଶ୍ମି ନନ୍ଦ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଆନନ୍ଦ ଚନ୍ଦ୍ର ବେହେରା, ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ସହକାରୀ ଉପ ଆରକ୍ଷୀ ନିରୀକ୍ଷକ ଅନୁପ କୁମାର ଶତପଥୀଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଶ୍ରୀଜଗନ୍ନାଥଙ୍କ ବରାହ ଅବତାର



ବାଉଁଶୁଣୀ,୧୦।୭(ଦେବାଶିଷ ନେପାକ)

ବୁଧବାର ସନ୍ଧ୍ୟାରେ ବୌଦ୍ଧ ବ୍ଲକ ବାଉଁଶୁଣୀ ଛକସ୍ଥିତ ଶ୍ରୀଜଗନ୍ନାଥ ମହାପ୍ରଭୁ ଆଡ଼ପ ମଣ୍ଡପରେ ବରାହ ଅବତାର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଶ୍ରୀ ଜଗନ୍ନାଥଙ୍କ ବରାହ ଅବତାର ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମ ଦେଖିବାକୁ ମିଳିଥିଲା। ରଥଯାତ୍ରା ଅବସରରେ ପ୍ରତିବର୍ଷ ଶ୍ରୀ ଜଗନ୍ନାଥ ଆଡ଼ପ ମଣ୍ଡପରେ ଦଶାବତାର ଧାରଣ କରିବାର ପରମ୍ପରା ରହିଛି। ପୂଜକ ଲିଟୁ ଆଚାର୍ଯ୍ୟଙ୍କ ସମେତ ବେଶକାରୀମାନେ ଆକର୍ଷଣୀୟ ବରାହ ଅବତାରରେ ଶ୍ରୀ ଜଗନ୍ନାଥଙ୍କୁ ସଜ୍ଜିତ କରିଥିବା ଜଣାଯାଇଛି।

## ପ୍ରସ୍ତାବିତ ଗୁରୁଜୀମୁଣ୍ଡା ଗମ୍ଭିରାଦରହ ଜଳସେଚନ ପ୍ରକଳ୍ପ ପରିଦର୍ଶନ

ବଘିଆପଡା,୧୦।୭(ଶ୍ରୀକାନ୍ତ ସାହୁ)

ବୌଦ୍ଧ ଜିଲା ଟିକରପଡା ପଞ୍ଚାୟତ ଗୁରୁଜୀମୁଣ୍ଡାର ଗମ୍ଭିରାଦରହ ଜଳସେଚନ ପ୍ରକଳ୍ପ ନିର୍ମାଣ କରିବାକୁ ଜିଲା କିଷାନ ସଂଘ ପକ୍ଷରୁ ଦାବି କରାଯାଇ ଆସୁଛି। ଏ ନେଇ ଜିଲା କିଷାନ ସଂଘ ପକ୍ଷରୁ ପୂର୍ବରୁ କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀଙ୍କୁ ମଧ୍ୟ ଅବଗତ କରାଯାଇଛି । ମଙ୍ଗଳବାର ଦିନ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ ବୌଦ୍ଧ ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଓ କର୍ମଚାରୀମାନଙ୍କ ସହିତ ଗମ୍ଭିରାଦରହ ଜଳସେଚନ ପ୍ରକଳ୍ପ ପରିଦର୍ଶନରେ ଯାଇଥିଲେ । ଗତ ୬ ତାରିଖରେ ମଧ ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ସୂର୍ଯ୍ୟ ମହାପାତ୍ର ମୁଖ୍ୟମନ୍ତ୍ରୀ ଓ କୃଷିମନ୍ତ୍ରୀଙ୍କୁ ଜଳସେଚନ ପାଇଁ ଦାବି ଜଣାଇଥିଲେ । ବିଧାୟକ ପ୍ରଧାନ ଜଳସେଚନ ପ୍ରକଳ୍ପ ପାଇଁ ଆଗାମୀ ଦିନରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ପରିଦର୍ଶନ ସମୟରେ ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ସୂର୍ଯ୍ୟ ମହାପାତ୍ର, ଶମ୍ଭୁ ପ୍ରଧାନ, ଦୁତୀବାହାନ କମ୍ପ, ଆରତ ଦଳ, ଏସ. ପ୍ରଧାନ, ରାଜା ମଲିକ, ଓ ବହୁ ଚାଷୀ ସାମିଲ ଥିଲେ ।


ବୌଦ୍ଧ ବିଧାୟକ ଚାଷୀ ନେତା ଓ ଚାଷୀଙ୍କ ସହ ଆଲୋଚନା କରୁଛନ୍ତି।

# କାର୍ଯ୍ୟକ୍ଷମ ହେଲା ସ୍ୱୟଂଚାଳିତ ଡ୍ରାଇଭିଂ ଟେଷ୍ଟିଂ ସେଣ୍ଟର

ସୋନପୁର,୧୦।୭(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାର ହରଡଖୋଲଠାରେ ଅଟୋମେଟେଡ ଡ୍ରାଇଭିଂ ଟେଷ୍ଟ ସେଣ୍ଟର(ସ୍ୱୟଂଚାଳିତ ଯାନଚାଳନା ପରୀକ୍ଷଣ କେନ୍ଦ୍ର) ବୁଧବାର କାର୍ଯ୍ୟକ୍ଷମ ହୋଇଛି। ଏହି ବ୍ୟବସ୍ଥାରେ ନୂତନଭାବେ ଡ୍ରାଇଭିଂ ଲାଇସେନ୍ସ ପାଇବାକୁ ଆବେଦନ କରିଥିବା ଲୋକେ ପରୀକ୍ଷଣ କେନ୍ଦ୍ରର ଟ୍ରାକ୍‌ରେ ଯାନଚାଳନା କରିଥିଲେ। ଏହା ରାଜ୍ୟର ୯ମ ସ୍ୱୟଂଚାଳିତ ଯାନଚାଳନା ପରୀକ୍ଷଣ କେନ୍ଦ୍ର ବୋଲି ଜଣାପଡିଛି। ଏହି ଅତ୍ୟାଧୁନିକ ସ୍ୱୟଂଚାଳିତ ପରୀକ୍ଷଣ କେନ୍ଦ୍ର କାର୍ଯ୍ୟକ୍ଷମ ହେବା ଫଳରେ ଡ୍ରାଇଭିଂ ଟେଷ୍ଟିଂରେ ଆଉ ମନୁଷ୍ୟକୃତ କୌଣସି ପ୍ରକାର ହସ୍ତକ୍ଷେପ ରହିବ ନାହିଁ। ଫଳରେ ଡ୍ରାଇଭିଂ ଲାଇସେନ୍ସ ପାଇବାରେ ଚାଲିଥିବା ହେରାଫେରି ସବୁଦିନ ପାଇଁ ବନ୍ଦ ହେବ। ଯାନଚାଳନାର ପରୀକ୍ଷା ଦେଉଥିବା



ସୁବର୍ଣ୍ଣପୁର ଜିଲା ହରଡଖୋଲଠାରେ ଥିବା ଅଟୋମେଟେଡ୍ ଡ୍ରାଇଭିଂ ଟେଷ୍ଟିଂ ସେଣ୍ଟର।

ଲୋକେ ଠିକ୍ ବା ଭୁଲ ଯାନ ଚାଳନା କରୁଛନ୍ତି ତାହାର ଠିକ୍ ତଥ୍ୟ ଆଧାରରେ କମ୍ପ୍ୟୁଟରରେ ରିପୋର୍ଟ ପ୍ରକାଶ ପାଇବ। ଏହି ରିପୋର୍ଟ ଆଧାରରେ ହିଁ ଆବେଦନକାରୀଙ୍କୁ କୃତକାର୍ଯ୍ୟ ବା ଅକୃତକାର୍ଯ୍ୟ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ଆରଟିଓ ଅକ୍ଷୟ କୁମାର ଜେନା ସୂଚନା ଦେଇଛନ୍ତି। ଏହି ସେବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ମାଧ୍ୟମରେ ସଞ୍ଚାଳିତ ହେବା ସହ ଉକ୍ତ ବ୍ୟବସ୍ଥାରେ ତଥ୍ୟ ସଂଗ୍ରହ ପାଇଁ ୧୯ଟି ସ୍ୱୟଂଚାଳିତ କ୍ୟାମେରା ସଂଯୋଗ କରାଯାଇଛି। କ୍ୟାମେରା ଗୁଡିକ ଦ୍ୱାରା ଆବେଦନକାରୀଙ୍କ ଯାନଚାଳନା ପରୀକ୍ଷା ସମ୍ପର୍କିତ ସମସ୍ତ ଫଟୋ ଚିତ୍ର ଓ ତଥ୍ୟ ଉତ୍ତୋଳିତ ହୋଇ ସିଧାସଳଖ କମ୍ପ୍ୟୁଟରରେ ରହିବ। କମ୍ପ୍ୟୁଟର ସ୍ୱୟଂଚାଳିତ ପଦ୍ଧତିରେ ସେହି ତଥ୍ୟକୁ ପରୀକ୍ଷା କରି ଆବେଦନକାରୀଙ୍କୁ ଯାନଚାଳନାର ରିପୋର୍ଟ ଦେବ। ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବା ପାଇଁ ପୁନେ ଓ ହାଇଦ୍ରାବାଦରୁ ଏକ ସ୍ୱତନ୍ତ୍ର ବୈଷୟିକ ଟିମ୍ ଏଠାରେ ରହି କାର୍ଯ୍ୟ ତଦାରଖ କରୁଥିଲେ। କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ସୁବର୍ଣ୍ଣପୁର ଆରଟିଓଙ୍କୁ ଏଠାରେ ଯାନଚାଳନା ପରୀକ୍ଷା ଆରମ୍ଭ ପାଇଁ ଅନୁମତି ଦିଆଯାଇଛି। ବୁଧବାର ଏମଭିଆଇ ବିଶ୍ୱରଞ୍ଜନ ସାହୁ ପରୀକ୍ଷାମୂଳକ ଭାବେ ଯାନ ଚାଳନା ଆରମ୍ଭ କରିଥିଲେ। ଉକ୍ତ ବ୍ୟବସ୍ଥା ପାଇଁ ଏଠାରେ ସ୍ୱତନ୍ତ୍ର ବୈଦ୍ୟୁତିକ ଟ୍ରାକ୍ ନିର୍ମାଣ କରାଯିବା ସହ ବୈଷୟିକ ତାଲିମପ୍ରାପ୍ତ କମ୍ପ୍ୟୁଟର ଚାଳକମାନଙ୍କୁ ନିଯୁକ୍ତି ଦିଆଯାଇଛି।

## ରାଉରକେଲାରେ ବଢୁଛି ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା

ରାଉରକେଲା,୧୦।୭ (ସଙ୍ଗୀତା ଜେନା)

ଇସ୍ପାତ ସହରରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ରାଉରକେଲା ସରକାରୀ ଡାକ୍ତରଖାନା ସମେତ ବିଭିନ୍ନ ହସ୍ପିଟାଲ୍‌ରେ ୫୭ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ସମସ୍ତ ରୋଗୀ ରାଉରକେଲା ଶିଳ୍ପାଞ୍ଚଳ, ରେଳବାଇ ଅଞ୍ଚଳର ବୋଲି ଜଣାପଡିଛି। ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବୃଦ୍ଧି ନେଇ ରାଉରକେଲା ମହାନଗର ନିଗମ(ଆର୍‌ଏମ୍‌ସି) ରାଉରକେଲା ଇସ୍ପାତ କାରଖାନା( ଆର୍‌ଏସପି)କୁ ନେଇ ଏକ ସମନ୍ୱୟ ବୈଠକ ଜିଲା ପ୍ରଶାସନ ପକ୍ଷରୁ କରାଯାଇଛି। ଏଥିରେ ଏଡିସ୍ନୁପିଏଚ୍ ଡା. ଶକ୍ତିପ୍ରସାଦ ପାଢ଼ୀ ଯୋଗଦେଇ କହିଥିଲେ, ଆର୍‌ଏମସି ଅଞ୍ଚଳରେ ଡେଙ୍ଗୁ ପରିଚାଳନା ସହ ଆର୍‌ଜିଏଚ୍ ଓ ଅନ୍ୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ସୁବିଧା, ଔଷଧ ଉପଲବ୍ଧ ରଖାଯାଇଛି। ରକ୍ତ ପରୀକ୍ଷା ସଂଖ୍ୟା ବୃଦ୍ଧି କରାଯାଇଛି। ସେହିପରି ପ୍ରତ୍ୟେକ ଗୁରୁବାରକୁ ଡ୍ରାଇ ଡେ ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଜାରି ହୋଇଛି ବୋଲି ସେ କହିଥିଲେ।। ବିରମିତ୍ରପୁର, ବଣେଇରୁ ମଧ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି।

# ଆର୍‌ଜିଏଚ୍‌ର ପିଛା ଛାଡୁନି ଦୁର୍ନୀତି

ରାଉରକେଲା,୧୦।୭(ଦିନେଶ ମିଶ୍ର)

**ସିକ୍ୟୁରିଟି ସଂସ୍ଥାରେ ବ୍ୟାପକ ଅନିୟମିତତା**

- ଜଗୁଥିଲେ ୬୮, ବିଲ୍ ହେଉଥିଲା ୧୦୪ ଜଣଙ୍କ ନାଁରେ
- କାହା ସ୍ୱାର୍ଥରେ ବାରମ୍ବାର ଟେଣ୍ଡର ସୁଯୋଗ ଦିଆଯାଉଥିଲା ତାହାକୁ ନେଇ ଉଠିଲା ପ୍ରଶ୍ନ
- ଅଫ୍‌ଲାଇନ୍ ଟେଣ୍ଡର ପ୍ରକ୍ରିୟା ଯୋଗୁ ହେଉଥିଲା ଦୁର୍ନୀତି: ନିର୍ଦ୍ଦେଶକ
- ପୂର୍ବରୁ ନକଲି ଡାକ୍ତର, ଫ୍ରିଜର ମେଶିନ ଗାଏବ ଦୁର୍ନୀତିର ଚାଲିଛି ତଦନ୍ତ

ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)ରେ ଗୋଟିଏ ପରେ ଗୋଟିଏ କେଲେଙ୍କାରୀ ପଦାକୁ ଆସୁଛି। ନକଲି ଡାକ୍ତରଠାରୁ ଆରମ୍ଭକରି ଶବାଗାରର ଫ୍ରିଜର ମେଶିନ ଗାଏବ ଘଟଣା ଲୋକଙ୍କ ମନରୁ ଲିଭି ନ ଥିବା ବେଳେ ବର୍ତ୍ତମାନ ଡାକ୍ତରଖାନା ସୁରକ୍ଷା ଦାୟିତ୍ୱରେ ଥିବା ସିକ୍ୟୁରିଟି ସଂସ୍ଥାରେ ଦୁର୍ନୀତି ହୋଇଥିବା ଜଣାପଡ଼ିଛି। ସହରରେ ଥିବା ଏକ ଘରୋଇ ସିକ୍ୟୁରିଟି ସଂସ୍ଥା ଅଫ୍‌ଲାଇନ ମାଧ୍ୟମରେ ଏହି ଦାୟିତ୍ୱ ନେଇଥିଲା। ଉକ୍ତ ସଂସ୍ଥା ଡାକ୍ତରଖାନା ମ୍ୟାନେଜର ଓ ଅନ୍ୟ କେତେଜଣ ନେତାଙ୍କୁ ହାତକରି ଆଜିକୁ ଦୀର୍ଘ ବର୍ଷ ଧରି ଏଠାରେ ବିଭିନ୍ନ ସ୍ଥାନରେ ସିକ୍ୟୁରିଟି ଗାର୍ଡମାନଙ୍କୁ ନିୟୋଜିତକରି ଆସୁଥିଲା। ଏହି ଡାକ୍ତରଖାନାରେ ସିକ୍ୟୁରିଟି ଗାର୍ଡର କଣ୍ଟ୍ରାକ୍ଟ ଏଗ୍ରିମେଣ୍ଟ ଅନୁଯାୟୀ ଏକାଧିକ ପୁରୁଷ ସିକ୍ୟୁରିଟି ଗାର୍ଡ ଡାକ୍ତରଖାନାରେ ନିୟୋଜିତ ହେବାକୁ ବ୍ୟବସ୍ଥା ଥିବାବେଳେ ଏହି ସିକ୍ୟୁରିଟି ସଂସ୍ଥା ଡାକ୍ତରଖାନାରେ ମାତ୍ର ୬୮ଜଣ ସିକ୍ୟୁରିଟିଙ୍କୁ ନିୟୋଜିତକରି ୧୦୪ ଜଣ ସିକ୍ୟୁରିଟି ନାମରେ ବିଲ୍ କରି ଲକ୍ଷାଧିକ ଟଙ୍କା ଆତ୍ମସାତ୍ କରିଥିବା ଅଭିଯୋଗ ହୋଇଛି। ତେବେ ୩୬ଜଣ ସିକ୍ୟୁରିଟି ଗାର୍ଡଙ୍କ ଟଙ୍କା କାହା ଆକାଉଣ୍ଟକୁ ଯାଉଥିଲା ବୋଲି ଡାକ୍ତରଖାନା ନିର୍ଦ୍ଦେଶକ ଏ ନେଇ ଯାଞ୍ଚ କରିଥିଲେ।

୨୦୨୩ ମାର୍ଚ୍ଚରେ ଡାକ୍ତରଖାନାର ବିଭିନ୍ନ ବିଭାଗର ଡାକ୍ତରମାନଙ୍କୁ ନେଇ ଏକ କୋର୍ ଟିମ୍ ଗଠନ କରିବା ପରେ ଏହି ଦୁର୍ନୀତିବିଷୟ ଲୋକଲୋଚନକୁ ଆସିଥିଲା। ଏହି ଘରୋଇ ସିକ୍ୟୁରିଟି ସଂସ୍ଥା ଅଧିକ ପୁରୁଷ ସିକ୍ୟୁରିଟିଙ୍କୁ ନିୟୋଜିତ କରିବା ପରିବର୍ତ୍ତେ ମହିଳା ଗାର୍ଡଙ୍କୁ ନିୟୋଜିତ କରୁଥିଲା। ଏଭଳିକି ବହୁ ସିକ୍ୟୁରିଟି ଗାର୍ଡଙ୍କୁ ଗୋଟିଏ ଦିନରେ ଡବଲ ଡ୍ୟୁଟି କରାଇବା ସହ ସେମାନଙ୍କର ଡେଲି ୱେଜେସ୍‌ଠାରୁ କମ୍ ଦରମା ପ୍ରଦାନ କରୁଥିଲା। ଏକ ଘରୋଇ ସିକ୍ୟୁରିଟି ସଂସ୍ଥାକୁ କାହିଁକି ବର୍ଷ ବର୍ଷ ଧରି କାହା ସ୍ୱାର୍ଥରେ ବାରମ୍ବାର ଟେଣ୍ଡର ସୁଯୋଗ ଦିଆଯାଉଥିଲା ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ଆର୍‌ଜିଏଚ୍ ନିର୍ଦ୍ଦେଶକ ଗଣେଶ ପ୍ରସାଦ ଦାଶଙ୍କୁ ପଚାରିବାରୁ,ଆର୍‌ଜିଏଚ୍‌ରେ ଯେଉଁ ଘରୋଇ ସିକ୍ୟୁରିଟ ସଂସ୍ଥା ନିୟୋଜିତ ହୋଇଥିଲା ତାହା ଅଫ୍‌ଲାଇନ କାରବାର ଯୋଗୁ ସମ୍ଭବ ହୋଇପାରିଥିଲା। ଆର୍‌ଜିଏଚ୍‌ରେ ଥିବା ମ୍ୟାନେଜର ଓ ସ୍ଥାନୀୟ ନେତାଙ୍କୁ ପିସି ଦେଇ ଏହି ସିକ୍ୟୁରିଟି ସଂସ୍ଥାକୁ ଡାକ୍ତରଖାନାର ସୁରକ୍ଷା ଦାୟିତ୍ୱ ଟେକି ଦିଆଯାଇଥିଲା। ସ୍ୱତନ୍ତ୍ର କୋର୍ ଟିମ୍ ଗଠନ ପରେ ସିକ୍ୟୁରିଟି ଗାର୍ଡର ପ୍ରକୃତ ଦୁର୍ନୀତି ବିଷୟରେ ଜଣାପଡ଼ିଥିଲା। ବର୍ତ୍ତମାନ ଏହି ଟେଣ୍ଡର ପ୍ରକ୍ରିୟାକୁ ଅଫ୍‌ଲାଇନ ପରିବର୍ତ୍ତେ ଅନ୍‌ଲାଇନ ପଦ୍ଧତି କରାଯାଇଛି। ଫଳରେ ଡାକ୍ତରଖାନାରେ ସୁରକ୍ଷା ବ୍ୟବସ୍ଥାକୁ ଅନ୍‌ଲାଇନ ମାଧ୍ୟମରେ ଓପନ ଟେଣ୍ଡର ହେବ ଓ ଏହା କେବଳ ଗୋଟିଏ ସଂସ୍ଥା ନୁହେଁ, ସମସ୍ତ ସଂସ୍ଥା ଏହାକୁ ଆବେଦନ କରିପାରିବେ। ଏଥିରେ ଆଉ କୌଣସି ଦୁର୍ନୀତି ହୋଇପାରିବ ନାହିଁ ବୋଲି ଡାକ୍ତର ଦାଶ ସୂଚନା ଦେଇଥିଲେ। ଡାକ୍ତରଖାନାର ମ୍ୟାନେଜର ମୋହିତ ଶ୍ରୀବାସ୍ତବଙ୍କୁ ପଚାରିବାରୁ, ସିକ୍ୟୁରିଟି ସଂସ୍ଥା ୨୦୧୯ରେ ଟେଣ୍ଡର ପ୍ରକ୍ରିୟାରେ ଆବେଦନକରି ୫ ବର୍ଷ ପାଇଁ କାର୍ଯ୍ୟ ପାଇଥିଲା। ଏହା ପୂର୍ବରୁ କେଉଁ ସିକ୍ୟୁରିଟି ସଂସ୍ଥା ଦାୟିତ୍ୱରେ ଥିଲା ସେ ବିଷୟରେ ଜଣା ନ ଥିବା ସେ କହିଥିଲେ।

## ଦୁର୍ନୀତି ଯାଞ୍ଚ ପାଇଁ ଆର୍‌ଜିଏଚ୍‌ରେ ଏନ୍‌ଏଚ୍‌ଏମ୍ ଟିମ୍



ରାଉରକେଲା, ୧୦।୭(ସଙ୍ଗୀତା ଜେନା)

ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)ରେ ବ୍ୟାପକ ଦୁର୍ନୀତି ହେଉଛି। କିଛି ଦିନ ପୂର୍ବେ ନିକଲି ଡାକ୍ତର ଧରାପଡିବା, ମର୍ଗ ହାଉସରେ ଥିବା ୩ଟି ଫ୍ରିଜର ଗାୟବ ହେବା ସହ ସିକ୍ୟୁରିଟି ସଂସ୍ଥା, ଲଣ୍ଡ୍ରିରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ଏନେଇ ଆର୍‌ଜିଏଚ୍ ସୁପରିଣ୍ଟେଣ୍ଡେଣ୍ଟ ଡା.ଗଣେଶ ପ୍ରସାଦ ଦାସ ଜାତୀୟ ସ୍ୱାସ୍ଥ୍ୟ ମିଶନ(ଓଡ଼ିଶା) ନିକଟରେ ଅଭିଯୋଗ କରି ଏହାର ତଦନ୍ତ ପାଇଁ ଦାବି କରିଥିଲେ। ଏନ୍‌ଏଚ୍‌ଏମ୍ ପକ୍ଷରୁ ୩ଜଣିଆ ଏକ ଟିମ୍ ଗଠନ କରାଯାଇ ତଦନ୍ତ ପାଇଁ ନିର୍ଦ୍ଦେଶ ଜାରି ହୋଇଥିଲା। ଏହିକ୍ରମରେ ବୁଧବାର ଉକ୍ତ ଟିମ୍ ଆର୍‌ଜିଏଚ୍ ପରିସରରେ ପହଞ୍ଚିଥିଲେ। ପି ଆଣ୍ଡ ଆଇଏମ୍ ସିନିଅର କନସଲ୍‌ଟେଣ୍ଟ ପ୍ରିୟଦର୍ଶୀ ଦାଶ, ଏନ୍‌ଏଚ୍‌ଏମ୍ ରାଜ୍ୟ ଆର୍ଥିକ ପରିଚାଳକ ମଳୟ ପାଣିଗ୍ରାହୀ, ଲୋକସମ୍ପର୍କ ଅଧିକାରୀ ଅଜିତ ବିଶ୍ୱାଳ ପ୍ରମୁଖ ଏହି ଟିମ୍‌ରେ ସାମିଲ ହୋଇ ତଦନ୍ତ ଆରମ୍ଭ କରିଥିଲେ। ଉକ୍ତ ତଦନ୍ତକାରୀ ଟିମ୍‌କୁ ଏ ସମ୍ପର୍କରେ ପଚାରିବାରୁ, ଯାଞ୍ଚ କରାଯାଉଛି। ତଥ୍ୟ ଓ ଅନୁସନ୍ଧାନ ରିପୋର୍ଟ ଏନ୍‌ଏଚ୍‌ଏମ୍‌କୁ ପ୍ରଦାନ କରାଯିବ। କୌଣସି ସୂଚନା ଗଣମାଧ୍ୟମକୁ ପ୍ରଦାନ କରାଯାଇ ପାରିବ ନାହିଁ ବୋଲି କହିଥିଲେ। ତେବେ ଟିମ୍ ଓ ଆର୍‌ଜିଏଚ୍ କର୍ତ୍ତୃପକ୍ଷଙ୍କ ମଧ୍ୟରେ ରୁଦ୍ଧଦ୍ୱାର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଟେଣ୍ଡର, ଆର୍ଥିକ ବ୍ୟାପାର ସମ୍ପର୍କରେ ଜରୁରୀ କାଗଜପତ୍ର ଅନୁସନ୍ଧାନ କରାଯାଇଥିବା ଜଣାପଡ଼ିଛି। ଗୁରୁବାର ମଧ ତଦନ୍ତ କରାଯିବ।



ସେକ୍ଟର-୨୦ ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କ ପଦ୍ମ ମୁଖା ବେଶ କରାଯାଇଛି।

## ଶ୍ରାବଣ ମେଳା ଆୟୋଜନ ପାଇଁ ପ୍ରସ୍ତୁତି ବୈଠକ

ରାଉରକେଲା,୧୦।୭(ବିପ୍ଳବ ରଞ୍ଜନ ଦାଶ)

ଜୁଲାଇ ୨୧ରୁ ରାଉରକେଲାର ପ୍ରସିଦ୍ଧ ବେଦବ୍ୟାସ ପୀଠରେ ଶ୍ରାବଣ ମେଳା ଅନୁଷ୍ଠିତ ହେବ। ଏହାର ସଫଳ ଆୟୋଜନ ନିମନ୍ତେ ରାଉରକେଲା ଅତିରିକ୍ତ ଜିଲାପାଳ ତଥା ଆରଏମସି ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣୀଙ୍କ ଅଧ୍ୟକ୍ଷତାରେ ଆରଏମସି ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ବୁଧବାର ଆୟୋଜିତ ହୋଇଯାଇଛି। ମେଳାକୁ ଶାନ୍ତି ଶଙ୍ଖଳା ସହିତ ଆୟୋଜନ କରିବା ପାଇଁ ସମସ୍ତ ବିଭାଗର ସହଯୋଗ ଲୋଡିଥିଲେ କୁଲକର୍ଣ୍ଣୀ। ଜୁଲାଇ ୨୧ରୁ ଆୟୋଜନ ହେବାକୁ ଥିବା ଏହି ମେଳା ଜୁଲାଇ ୨୮, ଅଗଷ୍ଟ ୪ ଓ ୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଅବସରରେ ମେଳାରେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ପୋଲିସ ମୁତୟନ ସହିତ ଅଗ୍ନି ନିରାପତା ସୁରକ୍ଷାକୁ ସୁନିଶ୍ଚିତ କରିବା, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ଟ୍ରାଫିକ ବ୍ୟବସ୍ଥା ସୁପରିଚାଳନା,ଖାଦ୍ୟସୁରକ୍ଷା ଅଧିକାରୀଙ୍କ ଦ୍ୱାରା ନିୟମିତ ଭାବେ ଷ୍ଟଲ ଗୁଡିକରେ ଖାଦ୍ୟ ଓ ପାନୀୟମାନ ପରୀକ୍ଷଣ କରିବା ଉପରେ ଅତିରିକ୍ତ ଜିଲାପାଳ ତଥା ମହାନଗର ନିଗମ ଆୟୁକ୍ତ ଗୁରୁତ୍ୱାରୋପ କରିଥିଲେ। ବହୁ ସଂଖ୍ୟାରେ ଜନସମାଗମକୁ ଦୃଷ୍ଟିରେ ରଖି ମନ୍ଦିର ବେଢା ସହ ନଦୀଘାଟ ଗୁଡିକରେ ସୁରକ୍ଷା ନିମନ୍ତେ ବ୍ୟାରିକେଡ କରିବା ପାଇଁ ସେ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏଥିସହିତ ମେଳା ପୂର୍ବରୁ ବେଦବ୍ୟାସ ପୀଠରେ ଚାଲିଥିବା ବିକାଶ ମୂଳକ କାର୍ଯ୍ୟକୁ ଶେଷ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସ୍ୱଚ୍ଛତା ଏବଂ ପରିମଳ ବ୍ୟବସ୍ଥାକୁ ଆଖି ଆଗରେ ରଖି ଆରଏମସି ତରଫରୁ ସଫେଇ କର୍ମଚାରୀଙ୍କୁ ନିୟୋଜିତ କରାଯିବ। ପ୍ରାଥମିକ ଚିକିତ୍ସା ପାଇଁ ମେଳାରେ ଡାକ୍ତରଙ୍କ ସହ ଆମ୍ବୁଲାନ୍ସ ସେବା ଉପଲବ୍ଧ ହେବ। ଏଥିସହ ମେଳାକୁ ସଫଳ ଭାବେ ପରିଚାଳନା କରିବା ପାଇଁ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯିବ। ପ୍ରସ୍ତୁତି ବୈଠକରେ ଆରଏମସି ଯୁଗ୍ମଆୟୁକ୍ତ ପଲ୍ଲବୀ ନାୟକଙ୍କ ସହିତ ବିଭିନ୍ନ ବିଭାଗ ବରିଷ୍ଠ ଅଧିକାରୀ ତଥା ବେଦବ୍ୟାସ ଟ୍ରଷ୍ଟବୋର୍ଡର ସଦସ୍ୟ ସାମିଲ ଥିଲେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀମାନେ।

## ଚିକିତ୍ସାଧୀନ ଯୁବକଙ୍କ ମୃତ୍ୟୁ

ରାଉରକେଲା,୧୦।୭(ସଙ୍ଗୀତା ଜେନା )

ରାଉରକେଲା ରେଳ ଷ୍ଟେଶନରୁ ଏକ ଟ୍ରେନ ଭିତରୁ ଉଦ୍ଧାର ହୋଇଥିବା ଅଚେତ ବ୍ୟକ୍ତିଙ୍କ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି କୋରାପୁଟ ଜିଲା ଲକ୍ଷ୍ମୀପୁର ଥାନାର ନିବାସୀ ତ୍ରିଲୋଚନ ଖଣ୍ଡନ(୫୫)। ଏ ନେଇ ପୋଲିସ ମାମଲା (ନଂ. ୧୦୬/୨୪) ରୁଜୁ କରିଛି। ସୂଚନାଯୋଗ୍ୟ, ମୃତକ ଟ୍ରେନରେ ନିଜ ସମ୍ପର୍କୀୟଙ୍କ ଅସ୍ଥି ବିସର୍ଜନ କରିବାକୁ ହାଇଦ୍ରାବାଦ ଯାଉଥିଲେ। ହଠାତ୍ ରାଉରକେଲା ଷ୍ଟେଶନରେ ସେ ଅଚେତ ହୋଇଯାଇଥିଲେ। ତାଙ୍କୁ ପ୍ରଥମେ ଆର୍‌ଜିଏଚ୍ ଓ ପରେ ଜେପି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଉଛି।

## ଯୌତୁକ ନିର୍ଯାତନା ଅଭିଯୋଗ, ଥାନାରେ ମାମଲା

ରାଉରକେଲା,୧୦।୭(ସଙ୍ଗୀତା ଜେନା)

ଉଦିତନଗର ଥାନା ଅନ୍ତର୍ଗତ ବିରଜାପାଲୀ ଅଞ୍ଚଳରେ ଜଣେ ମହିଳାଙ୍କୁ ଯୌତୁକ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଛି। ଅଭିଯୋଗକାରିଣୀ ହେଉଛନ୍ତି ଖୁସି ସାଗର(୨୬)। ଏନେଇ ପୋଲିସ ମାମଲା(ନଂ.୨୭୨/୨୪) ରୁଜୁ କରିଛି। ଖୁସିଙ୍କ ଅଭିଯୋଗ ଅନୁଯାୟୀ, ୬ ବର୍ଷ ପୂର୍ବେ ତାଙ୍କର ବିବାହ ହୋଇଥିଲା। କିଛିଦିନ ହେବ ସ୍ୱାମୀ ତାଙ୍କୁ ଶାରୀରିକ,ମାନସିକ ନିର୍ଯ୍ୟାତନା ସହ ଅଧିକ ଯୌତୁକ ଦାବି କରୁଛନ୍ତି।

## ସିଆଇଟିୟୁ ତରଫରୁ ୧୪ ଦଫା ଦାବିପତ୍ର ପ୍ରଦାନ



ସେଲ୍ ଡାଇରେକ୍ଟରଙ୍କ ସହ ସିଆଇଟିୟୁର କର୍ମକର୍ତ୍ତା।

ରାଉରକେଲା, ୧୦।୭(ସଙ୍ଗୀତା ଜେନା)

ସେଲ୍ ଡାଇରେକ୍ଟର (ପର୍ସନାଲ) ଏକେ ସିଂହ ମଙ୍ଗଳବାର ରାଉରକେଲା ଇସ୍ପାତ କାରଖାନା ପରିଦର୍ଶନ କରିଥିଲେ। ଏହି ଅବସରରେ ସିଆଇଟିୟୁର ସାଧାରଣ ସମ୍ପାଦକ ବସନ୍ତ ନାୟକ, ବିମାନ ମାଇତି ଓ ପିତାମ୍ବର ସାହୁ, ପ୍ରତ୍ୟୁଷ ପରିଡା ପ୍ରମୁଖ ସାକ୍ଷାତ କରିଥିଲେ। ସିଆଇଟିୟୁ ତରଫରୁ ୧୪ ଦଫା ଦାବି ପତ୍ର ପ୍ରଦାନ ସହ ତୁରନ୍ତ ୩୯ମାସର ଏରିଅର ପ୍ରଦାନ ସହ ସହମତିରେ ଏନଜେସିଏସ ଚୁକ୍ତିନାମା ପାଇଁ ଅନୁରୋଧ କରିଥିଲେ। ରାଉରକେଲା ଇସ୍ପାତ କାରଖାନା ଉତ୍ପାଦନ କ୍ଷମତା ୧୨ ମିଲିୟନ ଟନ କରିବା,ସ୍ଥାୟୀ ନିଯୁକ୍ତି ସହ ସ୍ଥାନୀୟ ଠିକାଦାର ଓ ଠିକା ଶ୍ରମିକଙ୍କ ନିଯୁକ୍ତି, କେନ୍ଦ୍ରସରକାରଙ୍କ ସର୍ବନିମ୍ନ ମଜୁରୀ ପ୍ରଦାନ, ଡିପ୍ଲୋମାକୁ ଏସ ୬ ଓ ଆଇଟିଆଇକୁ ଏସ ୩ରେ ନିଯୁକ୍ତି, ଖଣି ଅଞ୍ଚଳରେ ବାସସ୍ଥାନ, କ୍ୱାଟର, ସ୍କୁଲ ଓ ସୁରକ୍ଷାରେ ବିକାଶ ସହ ରାଉରକେଲା ସ୍ୱାସ୍ଥ୍ୟ ବ୍ୟବସ୍ଥାର ଉନ୍ନତି ପାଇଁ ଆଇଜିଏଚ୍‌ର ବିକାଶ ସହ ସୁପର ସ୍ପେସାଲିଟି ହସ୍ପିଟାଲକୁ ସେଲ୍ ବା ଏମ୍ସ ପରିଚାଳନାଆଦି ଦାବି ପତ୍ରରେ ଉଲ୍ଲେଖ ରହିଥିଲା। ଏହି ବୈଠକରେ ତରୁଣ ମିଶ୍ର ଇଡି (ପିଏଣ୍ଡଏ) ପ୍ରମୁଖ ଉପସ୍ଥିତ ଥିଲେ।

## ସେଲ୍ ମେଡିକ୍ଲେମ୍ ଯୋଜନା ନବୀକୃତ

ରାଉରକେଲା,୧୦।୭(ବିପ୍ଳବ ରଞ୍ଜନ ଦାଶ)

ସେଲ ମେଡିକ୍ଲେମ ଯୋଜନା ୨୦୨୪-୨୫ ବର୍ଷ ପାଇଁ ମେଷର୍ସ ନ୍ୟୁ ଇଣ୍ଡିଆ ଏସ୍ୟୁରେନ୍ସ କମ୍ପାନୀ ଲିମିଟେଡ ସହିତ ୨୦୨୪ ଜୁଲାଇ ୧୧ରୁ ୨୦୨୫ ଜୁଲାଇ ୧୦ ତାରିଖ ପର୍ଯ୍ୟନ୍ତ ଏକ ବର୍ଷ ନିମନ୍ତେ ନବୀକୃତ କରାଯାଇଛି। ଏହି ନବୀକୃତ ଯୋଜନାରେ ୭୦ବର୍ଷରୁ କମ ବୟସର ସଦସ୍ୟଙ୍କ ନବୀକରଣ କିସ୍ତି ଭାବେ ସଦସ୍ୟ ପିଛା ୯୦୭୮ଟଙ୍କା ଦେୟ ଧାର୍ଯ୍ୟ କରାଯାଇଛି। ସେହିଭଳି ୭୦ରୁ ୮୦ବର୍ଷ ବୟସ ବର୍ଗର ସଦସ୍ୟଙ୍କୁ ନବୀକରଣ ନିମନ୍ତେ ସଦସ୍ୟ ପିଛା ୬୨୫୨ଟଙ୍କା ଏବଂ ୮୦ବର୍ଷରୁ ଉର୍ଦ୍ଧ୍ୱ ବୟସର ସଦସ୍ୟଙ୍କୁ ଶହେ ଟଙ୍କା ନବୀକରଣ ଦେୟ ପୈଠ କରିବା ଧାର୍ଯ୍ୟ ହୋଇଛି। ନବୀକରଣ ଓ ସଦ୍ୟତମ ପଞ୍ଜିକରଣ ସଙ୍ଗେ ସଙ୍ଗେ ନବୀକରଣ କରାଇ ନ ଥିବା କର୍ମଚାରୀମାନେ କିମ୍ବା ସେଲରୁ ଅବସର ଗ୍ରହଣ ପରେ କେବେ ସେଲ ମେଡିକ୍ଲେମ ଯୋଜନାରେ ନାମ ପଞ୍ଜିକରଣ କରି ନ ଥିବା ପୂର୍ବତନ କର୍ମଚାରୀଙ୍କୁ ତଥା ସେଲ ମେଡିକ୍ଲେମ ଯୋଜନା ୨୦୨୪-୨୫ ପ୍ରାବଧାନ ଅନୁଯାୟୀ ସବସିଡାଇଜ କିସ୍ତି ପ୍ରଦାନ କରି ସେମାନଙ୍କ ନାମ ପଞ୍ଜିକରଣ କରିପାରିବେ। ୨୦୨୪-୨୫ବର୍ଷରେ ଅବସର ଗ୍ରହଣ କରୁଥିବା କର୍ମଚାରୀ ଓ ସେମାନଙ୍କ ଜୀବନସାଥି ସେଲ ମେଡିକ୍ଲେମ ଯୋଜନାର ପ୍ରୋ-ରାଟା ଅନୁଯାୟୀ ଦେୟ ପ୍ରଦାନ କଲେ ସେମାନଙ୍କୁ ଏହି ଯୋଜନାରେ ସମସ୍ତ ସୁବିଧା ପ୍ରଦାନ କରାଯିବ। ଏଥିସମେତ ଆଗ୍ରହ ପୂର୍ବତନ କର୍ମଚାରୀଙ୍କ ପାଇଁ ଉପଲବ୍ଧ ନିୟମ ଓ ସର୍ତାବଳୀ ଅନୁସାରେ ସମ୍ପୂର୍ଣ୍ଣ ପ୍ରିମିୟମ ପୈଠରେ ସୁପର ଟପ ଅପ ସୁବିଧା ଆରମ୍ଭ କରାଯାଇଛି। ମେଡିକ୍ଲେମ ବ୍ୟବଧାନ ମାମଲା ଗୁଡିକ ନିମନ୍ତେ ଯୋଗ୍ୟ ପୂର୍ବତନ କର୍ମଚାରୀମାନେ ସମ୍ପର୍କ ୱେବସାଇଡରୁ ଆବେଦନ ଫର୍ମ ଡାଉନଲୋଡ କରି ପୂରଣ କରିବେ ଏବଂ ଡିଡି ମାଧ୍ୟମରେ ଦେୟ ପୈଠ କରିବେ ତଥା ଦସ୍ତଖତ ସହ ସମ୍ପୂର୍ଣ୍ଣ ଆବେଦନକୁ ପ୍ରଶାସନିକ ଭବନ କାର୍ମିକ କଲ୍ୟାଣ ଏବଂ ସେକ୍ଟର-୫ ସ୍ଥିତ ଜନସ୍ୱାସ୍ଥ୍ୟ ବିଭାଗ କମ୍ପ୍ଲେକ୍ସରେ ୨୦୨୪ ଅଗଷ୍ଟ ୧୦ତାରିଖ ସୁଦ୍ଧା ଆବେଦନ କରିବେ। ବିଭିନ୍ନ ପ୍ଲାଣ୍ଟ ଓ ୟୁନିଟରେ ସେଲ ମେଡିକ୍ଲେମ ଯୋଜନାରେ ନବୀକରଣ ଓ ବ୍ୟବଧାନିକ ମାମଲାଗୁଡିକର ପଞ୍ଜିକରଣ କରାଇବା ଶେଷ ତାରିଖ ୨୦୨୪ ଅଗଷ୍ଟ ୧୦ ହୋଇଛି।

## ଓଏସ୍‌ଆର୍‌ଟିସି ପେସାଦାରଙ୍କ ପାଇଁ ପ୍ରଶିକ୍ଷଣ ଶିବିର

ରାଉରକେଲା,୧୦।୭ (ସଙ୍ଗୀତା ଜେନା)

ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆର୍‌ଟିସି)ର ପେଶାଦାରଙ୍କ ପାଇଁ ୬ ଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବୁଧବାର ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି) ରାଉରକେଲା ପରିସରରେ ଆରମ୍ଭ ହୋଇଛି। ମେକାନିକାଲ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ଦକ୍ଷତା ବିକାଶ ପାଠ୍ୟକ୍ରମ ସେମିନାର ହଲ୍‌ରେ ଏହା ଆୟୋଜିତ ହୋଇଛି। ଜୁନ୍ ୨୪ ଓଏସ୍‌ଆର୍‌ଟିସି ଇଞ୍ଜିନିୟରଙ୍କ ପାଇଁ ପ୍ରଥମ ପାଠ୍ୟକ୍ରମ ହୋଇଥିବା ବେଳେ ଦ୍ୱିତୀୟ ପାଠ୍ୟକ୍ରମ ଡିପୋ ମ୍ୟାନେଜର ପାଇଁ ଡିଜାଇନ୍ କରାଯାଇଛି। ଉଦଘାଟନୀ ଦିବସରେ ପ୍ରଫେସର ବି କେ କିରଣ ଅଂଶ ଗ୍ରହଣ କରି ୩୧ ପ୍ରତିଯୋଗୀଙ୍କୁ ସ୍ୱାଗତ କରିବା ସହ ଯାନ ପରିଚାଳନା, ଡିପୋ ପରିଚାଳନା, ପରିବହନ ନୀତି, ସ୍ଥାୟୀ ପରିବହନ ଆଦି ପ୍ରଶିକ୍ଷଣ ଖସଡାରେ ଅର୍ନ୍ତଭୁକ୍ତ ଥିବା ସୂଚନା ପ୍ରଦାନ କରିଥିଲେ। ଏହାବ୍ୟତୀତ ଉକ୍ତ ପାଠ୍ୟକ୍ରମରେ ବସ୍ ଏୟାର କଣ୍ଡିଶନିଂ ସ୍ଥାପନ ଓ ବସ ଡିପୋରେ ସିସିଟିଭି କ୍ୟାମେରା ରକ୍ଷଣାବେକ୍ଷଣ ସମ୍ପର୍କରେ ଶିକ୍ଷା ପାଇଁ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରୟୋଜିତ ଗବେଷଣା, ଶିଳ୍ପ ପରାମର୍ଶଦାତା ଓ ନିରନ୍ତର ଶିକ୍ଷାର ଡିନ୍ ପ୍ରଫେସର ଏସ୍ କେ ପ୍ରତିହାର ଏହି ବ୍ୟାପକ ପ୍ରଶିକ୍ଷଣ ଦକ୍ଷତା ବୃଦ୍ଧି, ପାରଦର୍ଶିତା ତଥା ପରିବେଶ ଦାୟିତ୍ୱକୁ ପ୍ରୋତ୍ସାହିତ କରିବ ବୋଲି କହିଥିଲେ। ମେକାନିକାଲ ଇଞ୍ଜିନିୟରିଂ ମୁଖ୍ୟ ପ୍ରଫେରସର ଏସ.କେ.ପଟେଲ ଓଡ଼ିଶା ସରକାର ଓ କେନ୍ଦ୍ର ସରକାରଙ୍କ ପ୍ରଶାସନିକ ଭୂମିକାରେ କାର୍ଯ୍ୟ କରଥିବା ଅନେକ ପ୍ରାକ୍ତନ ଛାତ୍ରୀଛାତ୍ର ଏନ୍‌ଆଇଟି ରାଉରକେଲାର ବୋଲି କହିଥିଲେ। ଓଏସ୍‌ଆର୍‌ଟିସି ଅତିରିକ୍ତ ଶାସନ ସଚିବ ଲକ୍ଷ୍ମୀକାନ୍ତ ସେଠୀ କହିଥିଲେ, ଏକଦା ରାଜ୍ୟ ପରିବହନ ଆର୍ଥିକ ଦୁରାବସ୍ଥାରେ ଥିବାବେଳେ କ୍ରମଶଃ ଏହାର ସ୍ଥିତି ସୁଧୁରୁଛି। ସମ୍ପ୍ରତି ୩ହଜାର ଗାଡ଼ି ସହିତ କାର୍ଯ୍ୟ କରାଯାଉଛି। ସେହିପରି ଅନ୍ୟତମ ଅତିଥି ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ .ଉମା ମହେଶ୍ୱର ରାଓ ଯାତ୍ରୀଙ୍କୁ ସୁରକ୍ଷା ଓ ଆରାମ ପ୍ରଦାନକୁ ସୁନିଶ୍ଚିତ କରିବାକୁ ପ୍ରାଥମିକତା ଦେବା ପାଇଁ ମତପୋଷଣ କରିଥିଲେ। ପାଠ୍ୟକ୍ରମର ସଂଯୋଜକ ପ୍ରଫେସର ଏସ୍ ମୁର୍ଗନ ୬ ଦିବସୀୟ ପାଠ୍ୟକ୍ରମର କାର୍ଯ୍ୟସୂଚୀ ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ଉକ୍ତ ପାଠ୍ୟକ୍ରମରେ ବସ ଡିପୋ ପରିଚାଳନା, ସ୍ଥାୟୀ ପରିବହନ, ଅବସାଦ ପରିଚାଳନା ଓ ପ୍ରମାଣପତ୍ର ବଣ୍ଟନ ଆଦି କରାଯିବ।



ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିବା କର୍ମଚାରୀମାନେ।

# ଟିଫିନ୍‌ବାଲାଙ୍କୁ ମିଳୁ ଆର୍ଥିକ, ସାମାଜିକ ସୁରକ୍ଷା

**ସହରରେ କମୁଛି ଟିଫିନ୍‌ବାଲାଙ୍କ ସଂଖ୍ୟା**

**କର୍ମଚାରୀମାନେ ଲୋଡୁନାହାନ୍ତି ଏହି ସେବା**

ରାଉରକେଲା, ୧୦।୭(ସଙ୍ଗୀତା ଜେନା)



ଘରୁ ଟିଫିନ୍ ସଂଗ୍ରହ କରି କର୍ମକ୍ଷେତ୍ରରେ ପହଞ୍ଚାଉଥିବା ଟିଫିନ୍ ବାଲାଙ୍କ ପରମ୍ପରା ବହୁ ପୁରୁଣା। ମୁମ୍ବାଇରେ ଡବାବାଲା ନାମରେ ପରିଚିତ ଏହି ଟିଫିନ୍ ବାଲାମାନେ ଗିନିଜବୁକ୍ ରେକର୍ଡ ସୃଷ୍ଟି କରି ଦେଶ ପାଇଁ ଜ୍ୱଳନ୍ତ ଉଦାହରଣ ସୃଷ୍ଟି କରିଛନ୍ତି। ସମୟାନୁର୍ବର୍ତ୍ତିତା, କର୍ତ୍ତବ୍ୟନିଷ୍ଠା ଯୋଗୁ ସେମାନେ ଦେଶରେ ଖ୍ୟାତି ଅର୍ଜ୍ଜନ କରିଛନ୍ତି। ସେହିପରି ପ୍ରାୟ ୫ଦଶନ୍ଧିରୁ ସେଲ୍ ପରିଚାଳିତ ରାଉରକେଲା ଇସ୍ପାତ କାରଖାନା(ଆରଏସପି)ରେ ମଧ ଏହିପରି ଟିଫିନବାଲାମାନେ ସକ୍ରିୟ ରହିଆସିଛନ୍ତି। ସେମାନେ ନିଜର କର୍ତ୍ତବ୍ୟରେ କେବେ ହେଳା କରି ନ ଥିବା ବେଳେ ସମ୍ପ୍ରତି ସାମାଜିକ ଓ ଆର୍ଥିକ ସୁରକ୍ଷାରୁ ବଞ୍ଚିତ ହେଉଥିବା ଦେଖିବାକୁ ମିଳିଛି। ପୂର୍ବରୁ କାରଖାନାରେ ୪୦ ହଜାର ଶ୍ରମିକ କର୍ମଚାରୀମାନେ ଥିବା ସମୟରେ ଏହି ଟିଫିନବାଲାମାନେ ସକ୍ରିୟ ରହିଛନ୍ତି। ଖାଦ୍ୟ ଯୋଗାଇବା ପାଇଁ ପ୍ରାୟ ୨ଶହରୁ ଉର୍ଦ୍ଧ୍ୱ ଟିଫିନବାଲା ନିୟୋଜିତ ଥିଲେ। ହେଲେ ସମୟାନୁକ୍ରମେ କାରଖାନାରେ କର୍ମଚାରୀ ସଂଖ୍ୟା ହ୍ରାସ ପାଇବାକୁ ଲାଗିଲାଣି। ସମ୍ପ୍ରତି ଏହି ପରି ଟିଫିନବାଲାଙ୍କ ସଂଖ୍ୟା ୭ରେ ପହଞ୍ଚିଛି। କାରଖାନାରେ ୩୬ ବର୍ଷରୁ ଟିଫିନ୍ ଯୋଗାଇ ଆସୁଥିବା ଚୌତନ୍ୟ ବାରିକ କହିଛନ୍ତି, ୧୯୮୮ରୁ ଟିଫିନ୍‌ଯୋଗାଣ ଚାଲିଛି। ଖରା, ବର୍ଷା, ଶୀତକୁ ଖାତିର ନ କରି ଶିଳ୍ପାଞ୍ଚଳରେ ଥିବା ଘର ଗୁଡ଼ିକରୁ ଟିଫିନ୍ ସଂଗ୍ରହ କରାଯାଇ କାରଖାନା ମଧ୍ୟକୁ ଯାଇ ବିଭିନ୍ନ ବିଭାଗ ବୁଲି ଟିଫିନ୍ ଯୋଗାଇ ଦିଆଯାଇଥାଏ କର୍ମଚାରୀଙ୍କୁ। ପରେ ଖାଲି ଟିଫିନ୍ ଗୁଡ଼ିକ ପୁନଃ ସଂଗ୍ରହ କରି ସେମାନଙ୍କ ଘରେ ପହଞ୍ଚାଇବାକୁ ପଡ଼ିଥାଏ। ଏହି ବାବଦରେ ମାସିକ ୭ ଶହ ଟଙ୍କା ମିଳିଥାଏ। ପୂର୍ବରୁ ମାସିକ ୨୦ ଟଙ୍କା ମିଳୁଥିଲା। ଏହା ଦ୍ୱାରା କର୍ମଚାରୀମାନେ ସହଜରେ ଘର ଖାଦ୍ୟ ଖାଇଥାନ୍ତି। ହେଲେ ଏତେ ସେବା ଦେବା ପରେ ମଧ ଆଜି ପର୍ଯ୍ୟନ୍ତ ମାସିକ ଦେୟ ବ୍ୟତୀତ କୌଣସି ସୁବିଧା ମିଳିପାରିନାହିଁ। ପୂର୍ବରୁ ବହୁତ କର୍ମଚାରୀ ଥିଲେ। ତେଣୁ ଏହି ପେଶାରେ ୨ଶହରୁ ଉର୍ଦ୍ଧ୍ୱ ଟିଫିନବାଲା ଖାଦ୍ୟ ଯୋଗାଣ କରୁଥିଲେ। ବର୍ତ୍ତମାନ କର୍ମଚାରୀ କମିଲେ। କାରଖାନାରେ ଅସ୍ଥାୟୀ କର୍ମଚାରୀ ମାନେ ଆମ ସେବା ଲୋଡୁ ନାହାଁନ୍ତି। ତେଣୁ ଆମ ସଂଖ୍ୟା କମୁଛି। ପ୍ରତ୍ୟକ୍ଷ ଭାବେ କାରଖାନାରେ ଆମେ ସଂଶ୍ଳିଷ୍ଟ ନ ଥିଲେ ମଧ ଆମର ପ୍ରମୁଖତା ରହିଛି। ତେଣୁ ରାଜ୍ୟ କିମ୍ବା କେନ୍ଦ୍ର ସରକାର ଆର୍ଥିକ ଓ ସାମାଜିକ ସୁରକ୍ଷା ଦିଗରେ ଦୃଷ୍ଟି ଦେଲେ ଭଲ ହୁଅନ୍ତା ବୋଲି ମଲ୍ଲିକ କହିଥିଲେ। ସେହିପରି ବୃନ୍ଦାବନ ଦୀପ କହିଛନ୍ତି, ମାସକୁ ଟିଫିନ୍ ପିଛା ୬ରୁ ୭ ଶହ ଟଙ୍କା ରୋଜଗାର ହେଉଛି। ଆମ ରୋଜଗାରରେ ଆରଏସ୍‌ପିର କୌଣସି ଭୂମିକା ନାହିଁ। ଆଗଭଳି ଏହି ପେଶାରେ ନୂତନ ପୀଢ଼ି ଆଦୌ ରୁଚି ଦେଖାଉନାହାଁନ୍ତି। ଭବିଷ୍ୟତରେ ଏହି ପେଶା ଲୋପ ପାଇବ। ତେବେ ଆମେ ସକ୍ଷମ ଥିବା ପର୍ଯ୍ୟନ୍ତ ଏହି ପେଶା ଜାରି ରହିବ। ବର୍ତ୍ତମାନ କମ୍ କର୍ମଚାରୀ ଥିବା ଯୋଗୁ ମାତ୍ର ୨୦ରୁ ୨୫ ଜଣଙ୍କ ଟିଫିନ୍ ସଂଗ୍ରହ କରିପାରୁଛୁ। ସାଇକେଲରେ ଏହାକୁ ପରିବହନ କରିବାକୁ ପଡୁଛି। ବ୍ୟାଟେରୀ ଚାଳିତ ସାଇକେଲ ଅନୁଦାନ ରାଜ୍ୟ ସରକାର ଦେଲେ ଭଲ ହୁଅନ୍ତା। କର୍ମଚାରୀମାନେ ଦେଉଥିବା ଦେୟ ବ୍ୟତୀତ ପିଏଫ୍, ସ୍ୱାସ୍ଥ୍ୟବୀମା ମଧ ମିଳୁ ନାହିଁ। ତେଣୁ ଏହାର ସୁବିଧା କରାଗଲେ ଅତ୍ୟନ୍ତ ଭଲ ହୁଅନ୍ତା ବୋଲି ବୃନ୍ଦାବନ କହିଥିଲେ। ଏ ନେଇ ଶ୍ରମିକ ନେତା ଦିଗାମ୍ବର ମହାନ୍ତିଙ୍କୁ ପଚରାଯିବାରୁ ସେ କହିଲେ, ଟିଫିନବାଲାମାନେ ରାଜ୍ୟ ସରକାରଙ୍କ ଶ୍ରମିକଙ୍କ ପାଇଁ ହୋଇଥିବା ବିଭିନ୍ନ ଯୋଜନାର ଲାଭ ଉଠାଇ ପାରିବେ। ଅସଂଗଠିତ ଶ୍ରମିକ କାର୍ଡ ମଧ ପାଇ ପାରିବେ ବୋଲି ମହାନ୍ତି ସୂଚନା ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ସାପ କାମୁଡ଼ାରେ ବାଳିକା ମୃତ

ଦେବଗଡ଼,୧୦।୭(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଅନ୍ତର୍ଗତ ଅଶୁରଖୋଳ ଗ୍ରାମରେ ବୁଧବାର ପ୍ରତ୍ୟୁଷରେ ବିଷାକ୍ତ ସାପ କାମୁଡାରେ ଜଣେ ବାଳିକାଙ୍କ ମୃତ୍ୟୁ ଘଟିଛି। ମୃତା ଅଶୁରଖୋଳ ଗ୍ରାମରେ ସୁଶିଳ ସାହୁଙ୍କ ଝିଅ ପ୍ରିୟଙ୍କା (୧୦)। ମଙ୍ଗଳବାର ରାତିରେ ଘର ଚଟାଣରେ ଶୋଇଥିବା ବେଳେ ତାଙ୍କୁ ଏକ ବିଷାକ୍ତ ସାପ କାମୁଡି ଦେଇଥିଲା। ଫଳରେ ସେ ଗୁରୁତର ଅସୁସ୍ଥ ହୋଇପଡିଥିଲେ। ଏକଥା ଜାଣିବା ପରେ ପରିବାର ଲୋକେ ବୁଧବାର ରାତି ପ୍ରାୟ ୩ଟାରେ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପରିବାର ଲୋକ ଦେବଗଡ ଥାନାରେ ସୂଚନା ଦେଇଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଲୋକଙ୍କ ସମସ୍ୟା ବୁଝିଲେ ବିଧାୟକ

ବରଗଡ଼,୧୦।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ବୁଧବାର କଳାପାଣି ଗ୍ରାମକୁ ପରିଦର୍ଶନରେ ଯାଇଥିଲେ। ସେ ଗ୍ରାମର ବିଭିନ୍ନ ଗଳିକନ୍ଦି ବୁଲି ଦେଖି ଲୋକଙ୍କ ସମସ୍ୟା ବୁଝିଥିଲେ। ଗ୍ରାମରେ ଦୀର୍ଘଦିନରୁ ଲାଗି ରହିଥିବା ଡ୍ରେନେଜ ସମସ୍ୟା ଉପରେ ମୁଖ୍ୟତଃ ଗ୍ରାମବାସୀ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ବିଧାୟକ ଉକ୍ତ ଗ୍ରାମରେ ରହିଥିବା ଜଳାଶୟଗୁଡ଼ିକୁ ବୁଲି ଦେଖିଥିଲେ। ବିଧାୟକଙ୍କ ଏହି ଗସ୍ତ ସମୟରେ ଅନେକ ଗ୍ରାମବାସୀ ସେମାନଙ୍କ ବିଭିନ୍ନ ସମସ୍ୟା ତାଙ୍କ ଦୃଷ୍ଟିକୁ ଆଣିଥିଲେ। ସମସ୍ୟାଗୁଡ଼ିକର ସମାଧାନ ଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି ବିଧାୟକ ଷଡ଼ଙ୍ଗୀ ଗ୍ରାମବାସୀଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ।

### ନବ ବିବାହିତାଙ୍କୁ ବୃକ୍ଷ ଚାରା ଦେଇ ପୁଅ ପରି ଯତ୍ନ ନେବାକୁ ଉପଦେଶ

ପାଇକମାଲ,୧୦।୭(ବଡ ଶତପଥୀ)

ବିଶ୍ୱତାପ ନିୟନ୍ତ୍ରଣରେ ବୃକ୍ଷର ପ୍ରମୁଖ ଭୂମିକା ଥିବାରୁ ପାଇକମାଲର ପ୍ରକୃତି ବନ୍ଧୁମାନେ ଏକ ନିଆରା ପ୍ରୟାସ କରୁଛନ୍ତି। ବରଗଡ ଜିଲା ନୃସିଂହନାଥରେ ବିବାହ କରୁଥିବା ନବ ଦମ୍ପତିଙ୍କୁ ବୃକ୍ଷ ଚାରା ଉପହାର ପ୍ରଦାନ କରିବା ପାଇଁ ନିଷ୍ପତି ନେଇଛନ୍ତି। ବୁଧବାର ନୃସିଂହନାଥରେ ବିବାହ ହୋଇଥିବା ନବ ଦମ୍ପତିଙ୍କୁ ବଉଳ, ଅଶୋକ ଚାରା ପ୍ରଦାନ କରି ପୁଅ ପରି ଯତ୍ନ ନେବାକୁ ଉପଦେଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ବଡ ଶତପଥି, ବିଭୁତି ଭୂଷଣ ମୁଣ୍ଡ, ଧିରେନ ମହାନ୍ତି, ନନ୍ଦଲାଲ ନାୟକ ପ୍ରମୁଖ ପ୍ରକୃତି ବନ୍ଧୁବୃନ୍ଦ ବିବାହ ବେଦିରେ ନବ ଦମ୍ପତିଙ୍କୁ ଚାରା ଉପହାର ଦେଇଥିଲେ। ପ୍ରକୃତି ବନ୍ଧୁମାନଙ୍କ ଏତାଦୃଶ୍ୟ କାର୍ଯ୍ୟକ୍ରମ ବରପକ୍ଷ ଓ କନ୍ୟାପକ୍ଷ ପ୍ରଶଂସା କରି ସ୍ମୃତି ଚିହ୍ନ ସ୍ୱରୂପ ଆନନ୍ଦରେ ଗ୍ରହଣ କରିଛନ୍ତି।

### ଥାନା ପ୍ରଭାରୀଙ୍କୁ ସମ୍ବର୍ଦ୍ଧନା କଲା ମନ୍ଦିର କମିଟି



ବ୍ରଜରାଜନଗର,୧୦।୭(ବିଜୟ ବରାଡ଼)

ବ୍ରଜରାଜନଗର ଥାନା ଅନ୍ତର୍ଗତ ଇବ୍‌କ୍ଷେତ୍ର ଜିଏମ କଲୋନୀରେ ଥିବା ଶିବ ମନ୍ଦିରରୁ ଗତ ୨ ତାରିଖରେ ଚୋରି ହୋଇଥିଲା। ଥାନା ପ୍ରଭାରୀ ଧବଳେଶ୍ୱର ସାହୁଙ୍କ ପ୍ରଚେଷ୍ଟାରେ ପୋଲିସ ଟିମ ବିଭିନ୍ନ ଜାଗାରେ ଚଢ଼ାଉ କରି ଚୋରଙ୍କୁ ଧରିବା ସହ ସମସ୍ତ ଚୋରି ସାମଗ୍ରୀ ଜବତ କରିଥିଲା। ବୁଧବାର ମନ୍ଦିର ପରିଚାଳନା କମିଟି ସଦସ୍ୟ ସଦାଶିବ ବିଶି, ବାବୁ ବନଛୋର, ଅଭୟ ସାହୁ ପୂଜକ ଚିନ୍ମୟ ତ୍ରିପାଠୀଙ୍କ ଉପସ୍ଥିତିରେ ପୋଲିସ ସମସ୍ତ ଜିନିଷ ହସ୍ତାନ୍ତର କରିଥିଲେ। ଏଥିପାଇଁ କମିଟି ସଦସ୍ୟମାନେ ଥାନା ଅଧିକାରୀଙ୍କୁ ସମ୍ମାନିତ କରିଥିଲେ।

# ସମଲେଶ୍ୱରୀ ଟ୍ରକ ମାଲିକ ସଂଘ ବିରୋଧରେ ଆନ୍ଦୋଳନ ଚେତାବନୀ

ବ୍ରଜରାଜନଗର,୧୦।୭(ବିଜୟ ବରାଡ଼)



ଝାରସୁଗୁଡା ଜିଲା ଅନ୍ତର୍ଗତ ବେଲପାହାଡ, ଗୁମାଡେରା, ବାନ୍ଧବହାଲ ଓ ଥର୍ମାଲ ଅଞ୍ଚଳରେ ବାସ କରୁଥିବା ଟ୍ରକ ମାଲିକମାନଙ୍କୁ ନେଇ ମା' ସାମଲେଶ୍ୱରୀ ଟ୍ରକ ମାଲିକ ସଂଘ ଗଠିତ ହୋଇ ଦୀର୍ଘ ବର୍ଷ ହେବ କାର୍ଯ୍ୟ କରିଆସୁଛି। ସଂଘର ନିର୍ବାଚିତ ପ୍ରତିନିଧିଙ୍କ ଦ୍ୱାରା କରାଯାଇଥିବା ନିୟମ ଅନୁଯାଇ କୋଇଲା ଖଣିରେ ପ୍ରତ୍ୟେକ ଦିନ ହଜାରରୁ ଅଧିକ ଗାଡି ଲୋଡ଼ ହୋଇ ଓଡିଶା ତଥା ଛତିଶଗଡ଼ର ବିଭିନ୍ନ କମ୍ପାନୀକୁ କୋଇଲା ଯୋଗାଇଥାଏ। ପ୍ରତ୍ୟେକ କୋଇଲା ଖଣିରେ ସଂଘ ପକ୍ଷରୁ କର୍ମଚାରୀ ନିଯୁକ୍ତି କରାଯାଇ ସିରିଏଲ ନମ୍ବର ଅନୁସାରେ କୋଇଲା ଲୋଡ଼ ଦିଆଯାଏ। ଯେଉଁ ମାଲିକମାନଙ୍କ ସଂଘରେ ସଦସ୍ୟତା ରହିଛି ଓ ସେମାନଙ୍କ ଗାଡି ନମ୍ବର ସଂଘରେ ପଞ୍ଜୀକୃତ ହୋଇଛି, ସେମାନଙ୍କୁ କୋଇଲା ଲୋଡ଼ ପାଇଁ ଅଗ୍ରାଧିକାର ଦିଆଯାଇଥାଏ। ଏହାପରେ ଯେଉଁମାନେ ସ୍ଥାନୀୟ ଲୋକ ସେମାନଙ୍କ ଗାଡିକୁ ଲୋକାଲ ହିସାବରେ ଲୋଡ଼ ଦିଆଯାଏ। ତେବେ ସଂଘ ବାହାରେ କେତେକ ମାଲିକଙ୍କ ଗାଡିର ସଦସ୍ୟତା ନ ଥିବା ହେତୁ ସେମାନଙ୍କୁ ସ୍ଥାୟୀ ସଦସ୍ୟତା

**ସ୍ଥାୟୀ ମେମ୍ବର କରିବାକୁ ମାଲିକମାନଙ୍କ ଦାବି**

ପାଇଁ ଆବେଦନ କରି ବିଫଳ ହେବାରୁ ବୁଧବାର ଏକ ସଭା କରି ଆଗାମୀ ଦିନରେ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛନ୍ତି। ଆନ୍ଦୋଳନକାରୀଙ୍କ କହିବା କଥା ସମଲେଶ୍ୱରୀ ଟ୍ରକ ମାଲିକ ସଂଘ ବିଭିନ୍ନ ବାହାନା କରି ସ୍ଥାନୀୟ ମାଲିକମାନଙ୍କୁ ନୂତନ ସଦସ୍ୟ ଭାବେ ଗ୍ରହଣ କରୁନାହାଁନ୍ତି। ଯେଉଁମାନଙ୍କ ଜନ୍ମ ଏହି ଅଞ୍ଚଳରେ ସେମାନଙ୍କୁ ସ୍ଥାୟୀ ସଦସ୍ୟ ଭାବେ କାହିଁକି ଗ୍ରହଣ କରାଯାଉନାହିଁ। ଦୀର୍ଘ ବର୍ଷ ହେବ ମାଲିକ ସଘରେ ସଦସ୍ୟ ସଂଖ୍ୟା ବଢୁନାହିଁ। ୨୦୧୮ରେ ସଦସ୍ୟ ସଂଖ୍ୟା ୩୭୫ ଥିଲା, ୨୦୨୪ ମଧ୍ୟ ସଦସ୍ୟ ସଂଖ୍ୟା ସେହି ୩୭୫ ରହିଛି। ଏହି ୬ ବର୍ଷ ଭିତରେ କେହି ମାଲିକଙ୍କ ମୃତ୍ୟୁ ହୋଇନାହିଁ। ଏହାର ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି। ଆସନ୍ତା ଜାନୁୟାରୀ ୨୦୨୫ରେ ସଂଘର ନିର୍ବାଚନ ହେବାର ଅଛି। ଏହା ପୂର୍ବରୁ ଟ୍ରକ ମାଲିକ ସଂଘକୁ ସ୍ୱଚ୍ଛ ଓ ଦୁର୍ନୀତି ମୁକ୍ତ କରିବାକୁ ମାଲିକମାନେ ଦାବି କରିଛନ୍ତି। ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ସମଲେଶ୍ୱରୀ ଟ୍ରକ ମାଲିକ ସଂଘ ସମ୍ପାଦକ ସନ୍ତୋଷ ମହାନ୍ତିଙ୍କୁ ପଚାରିବାରୁ ସେ ଉପରୋକ୍ତ ଘଟଣାରେ କୌଣସି ସତ୍ୟାସତ୍ୟ ନାହିଁ, ଯିଏ ବେଲାପାହାଡ଼, ଗୁମାଡେରା, ବନ୍ଧବହାଲ ଓ ଇବ ଥର୍ମାଲର ୨୦ବର୍ଷର ସ୍ଥାୟୀ ପ୍ରମାଣପତ୍ର ଦେବ ତାକୁ ତୁରନ୍ତ ସଂଘର ସ୍ଥାୟୀ ସଦସ୍ୟତା ପ୍ରଦାନ କରାଯିବ ବୋଲି କହିଛନ୍ତି। ବୈଠକରେ ଶତାଧିକ ମାଲିକ ସାମିଲ ଥିଲେ।

# ଏବିଭିପି ପ୍ରତିଷ୍ଠା ଦିବସରେ ଚାରା ରୋପଣ



ଭୀମଭୋଇ ତରୁଣ ବିଦ୍ୟାର୍ଥୀ ଶାଖା ସଦସ୍ୟମାନେ ଚାରା ରୋପଣ କରୁଛନ୍ତି।

ସମ୍ବଲପୁର,୧୦।୬(ପ୍ରମୋଦ ବହିଦାର)

ସମ୍ବଲପୁର ସହର କାଇଁଶିରସ୍ଥିତ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏବିଭିପିର ପ୍ରତିଷ୍ଠା ଦିବସରେ ଭୀମ ଭୋଇ ତରୁଣ ବିଦ୍ୟାର୍ଥୀ ଶାଖା ପକ୍ଷରୁ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶାଖାରେ ସ୍ୱେଚ୍ଛାସେବୀମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ମାଟି ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ କୁଲତା ସମାଜ ପକ୍ଷରୁ ବିଶ୍ୱରଞ୍ଜନ ଜେନା ନେତୃତ୍ୱରେ ହରିହର ପାଲ, ଆଶୁତୋଷ ପଣ୍ଡା, ଆକାଶ କୁମାର ପାଢ଼ୀ, ସାନ ଛତ୍ରିଆ, କୌଶିକ ସାହୁ, ରଞ୍ଜନ କୁମାର ବେହେରା, ରୁଦ୍ର କର୍ଣ୍ଣ, ହିମାଦ୍ରି କଲୋଳ ମିଶ୍ର, ଧିରେନ୍ଦ୍ର ମେହେର, ଗଗନ ଶବର, ଅଞ୍ଜଳୀ ଗୁପ୍ତା ପ୍ରମୁଖ ସ୍ୱେଚ୍ଛାସେବୀ ମନ୍ଦିର ପରିସରରେ ବିଭିନ୍ନ ପ୍ରକାରର ଚାରା ରୋପଣ କରିଥିଲେ। ସେହିପରି ଉକ୍ତ ଶାଖା ପକ୍ଷରୁ ଚାମଚଣ୍ଡି ମନ୍ଦିର ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମଣିଷ ଜୀବନ ପାଇଁ ବୃକ୍ଷର ଆବଶ୍ୟକତାକୁ ନେଇ ଏକ ଆଲୋଚନାଚକ୍ର ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ବୃକ୍ଷ ରୋପଣ ଓ ସଂରକ୍ଷଣ ଦିଗରେ ଯୁବପୀଢିଙ୍କ ମଧ୍ୟରେ ସଚେତନତା ଜାଗ୍ରତ ତଥା ବୃକ୍ଷ ରୋପଣ ଦିଗରେ ଉତ୍ସାହ କରିବାକୁ ନିଷ୍ପତ୍ତି ନିଆଯାଇଛି।

# ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର

ଦେବଗଡ଼,୧୦।୭(ଶଶାଙ୍କ ଶେଖର ଝାଙ୍କର)

**ଡିନାମାଇଟ ବିସ୍ଫୋରଣରେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ଘଟଣା**

ଦେବଗଡ଼ ଜିଲା ବାରକୋଟ ଥାନା ଅନ୍ତର୍ଗତ ଭୁଲୁକାବାହାଲ ନିକଟସ୍ଥ ରେଙ୍ଗାଲି ନଦୀବନ୍ଧ ଜଳଭଣ୍ଡାରରେ ଡିନାମାଇଟ ଫୁଟାଇ ମାଛ ମାରୁଥିବା ବେଳେ ମଙ୍ଗଳବାର ହଠାତ ଫୁଟି ଯାଇ ଅଶନନାଳି ଗ୍ରାମର କ୍ଷମାନିଧି ଧୀବରଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ଅନ୍ୟ ୨ଜଣ ସାଥୀ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏ ନେଇ ବୁଧବାର ବାରକୋଟ ଥାନା ପୋଲିସ ଦଫା-୯(ବି)ଏକ୍ସପ୍ଲୋସିଭ ଆକ୍ଟ, ୪ ଓ ୫ ଏକ୍ସପ୍ଲୋସିଭ ସବଷ୍ଟାନ୍ସ ଆକ୍ଟ ଓ ୧୦୬(ଆଇ)ବିଏନଏସ୍ରେ ଏକ ମାମଲା ରୁଜୁ କରିଛି। ମତ୍ସ୍ୟଜୀବୀ କ୍ଷମାନିଧିଙ୍କ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ ଯେ, ମଙ୍ଗଳବାର ଦେବଗଡ ଥାନା ଅନ୍ତର୍ଗତ ଅଶନନାଳି ଗ୍ରାମର କ୍ଷମାନିଧି ଧୀବର ନିକଟସ୍ଥ କାଲକାଠ ଓ ଭାଲୁମୁଣ୍ଡା ଗ୍ରାମର ଅନ୍ୟ ୨ଜଣ ସାଥୀଙ୍କ ସହିତ ଏକ ବାଇକ ଯୋଗେ ମାଛ ମାରିବାକୁ ଭୁଲକାବାହାଲ ଗ୍ରାମ ନିକଟ ରେଙ୍ଗାଲି ନଦୀବନ୍ଧ ଜଳଭଣ୍ଡାରକୁ ଯାଇଥିଲେ। ଅପରାହ୍ନରେ ୩ଜଣ ଏକ ଦେଶୀ ଡଙ୍ଗାରେ ରେଙ୍ଗାଲି ନଦୀବନ୍ଧ ଜଳଭଣ୍ଡାର ଭିତରକୁ ଯାଇଥିଲେ। କ୍ଷମାନିଧି ମାଛ ମାରିବାକୁ ଡିନାମାଇଟ୍ ଫୁଟାଉଥିବା ବେଳେ ଅସାବଧାନତାବଶତଃ ତାଙ୍କ ହାତରେ ଫୁଟିଯାଇଥିଲା। ଫଳରେ ସେମାନେ ବସିଥିବା ଡଙ୍ଗା ପାଣିରେ ବୁଡ଼ିଯାଇଥିଲା। ୩ଜଣ ପାଣି ମଧ୍ୟକୁ ଛିଟିକି ପଡିଥିବା ବେଳେ ଡିନାମଇଟ୍ ବିସ୍ଫୋରଣରେ କ୍ଷମାନିଧିଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ୨ଜଣ ସାଥୀ ପହଁରି କୂଳକୁ ଆସିଥିଲେ। ସାଥୀ ମତ୍ସ୍ୟଜୀବୀ ଓ ଗ୍ରାମବାସୀଙ୍କଠାରୁ ଖବର ପାଇ ଦେବଗଡ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ କ୍ଷମାନିଧିଙ୍କ ମୃତଦେହ ପାଣିରୁ ଉଦ୍ଧାର କରିଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି। ତେବେ ଘଟଣା ବାରକୋଟ ଥାନା ଓ କୁଣ୍ଢେଇଗୋଳା ଥାନା ସୀମାନ୍ତରେ ଥିବାରୁ ଏ ନେଇ କେଉଁ ଥାନାରେ ମାମଲା ରୁଜୁ ହେବ ସେ ନେଇ ଦ୍ୱନ୍ଦ ଉପୁଜିଥିଲା। ଫଳରେ ଥାନା ଅଞ୍ଚଳ ଚିହ୍ନଟ କରିବା ପାଇଁ ରାଜସ୍ୱ ନିରୀକ୍ଷକଙ୍କ ସହାୟତା ଲୋଡାଯାଇଥିଲା। ଥାନା ଅଞ୍ଚଳ ଚିହ୍ନଟ ହେବା ପରେ ଏ ନେଇ ବାରକୋଟ ଥାନା ପୋଲିସ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

### ନବୀନଙ୍କୁ ଭେଟିଲେ ବ୍ରଜରାଜନଗର ବିଜେଡି କର୍ମୀ

ବ୍ରଜରାଜନଗର,୧୦।୭(ବିଜୟ ବରାଡ଼)

ଝାରସୁଗୁଡା ଜିଲା ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ୨୦୦ରୁ ଊର୍ଦ୍ଧ୍ୱ ବିଜୁ ଜନତା ଦଳର କର୍ମୀ ବୁଧବାର ସନ୍ଧ୍ୟା ୬ଟାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ବ୍ରଜରାଜନଗରରେ ବିଜୁ ଜନତା ଦଳ କାହିଁକି ପରାଜୟ ବରଣ ସେ ବାବଦରେ ଦଳୀୟ ସୁପ୍ରିମୋଙ୍କ ନିକଟରେ ପ୍ରକାଶ କରିଛନ୍ତି। ଦଳ ତୃଣମୂଳସ୍ତରରେ ମଜଭୁତ ଅଛି, ଭୋଟରମାନଙ୍କ ସହିତ ଯୋଡି ହୋଇ ରୁହ ଓ ଆସନ୍ତା ୩ ମାସ ଭିତରେ ଦଳର ସାଙ୍ଗଠନିକସ୍ତରରେ ଅଦଳବଦଳ କରାଯାଇ ଯୋଗ୍ୟ ଓ କାମିକା ଲୋକଙ୍କ ହାତରେ ଦାୟିତ୍ୱ ଦିଆଯିବ ବୋଲି ସୁପ୍ରିମୋ କହିଥିଲେ। ପରେ ବର୍ତ୍ତମାନ ସାଙ୍ଗଠନିକ ଦାୟିତ୍ୱରେ ଥିବା ସଂତୃପ୍ତ ମିଶ୍ର ଓ ମନ୍ମଥ ରାଉତରାୟଙ୍କୁ ଭେଟି ଦଳର ପରାଜୟ ବାବଦରେ ଆଲୋଚନା କରିଥିଲେ। ବିଜୁ ଜନତା ଦଳରେ ଥାଇ ଦଳ ପ୍ରତି ଯେଉଁମାନେ ଆତ୍ମଘାତି କାମ କଲେ ସେମାନଙ୍କ ବାବଦରେ ଦଳୀୟ ନେତୃତ୍ୱଙ୍କୁ ଲିଖିତ ଆକାରରେ ଅବଗତ କରାଇଲେ। ବ୍ରଜରାଜନଗର ସଭାପତି ରାଧାକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ଦଳର ବରିଷ୍ଠ ନେତା କୁଳମନି ଦାସ, ନୃପ ତଣ୍ଡିଆ, ବ୍ରଜରାଜନଗର ପୌରାଧ୍ୟକ୍ଷ ଯଜ୍ଞସେନୀ ଓରାମ, ନାରୀ ନେତ୍ରୀ ନଳିନୀ ପ୍ରଧାନ, ବେଲବେଲପାହାଡର ବରିଷ୍ଠ ନେତା ଶମ୍ଭୁ ମହାନ୍ତି, ସନତ ସିଂ, ଦ୍ରୌପଦୀ ମେହେର, ରତ୍ନା ବିଶ୍ୱାସ ପ୍ରମୁଖ ସାମିଲ ଥିଲେ।

# ଅଚଳ ଏଟିଏମ୍, ସିଡିଏମ୍ ସଚଳ କରିବା ଦାବି



ଦେବଗଡ଼,୧୦।୭(ଶଶାଙ୍କ ଶେଖର ଝାଙ୍କର)

**ଦେବଗଡ ପୌରାଞ୍ଚଳ**

ଦୀର୍ଘ ଦିନ ହେଲା ଦେବଗଡ ପୌରାଞ୍ଚଳରେ ଥିବାସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କର ଅଧିକାଂଶ ଏଟିଏମ୍ ଅଚଳ ହୋଇପଡିଛି। ଏପରିକି ବ୍ୟାଙ୍କ ପରିସରରେ ଥିବା ଏଟିଏମ ଏବଂ ସିଡିଏମ୍ (କ୍ୟାଶ ଡିପୋଜିଟ୍ ମେଶିନ)ମଧ୍ୟ ଅଚଳ ରହିଛି। ଫଳରେ ଗ୍ରାହକମାନେ ଅର୍ଥ ଉଠାଣ ଏବଂ ଜମା କରିବାରେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ଅଚଳ ଥିବା ଦେବଗଡ ପୌରାଞ୍ଚଳର ସମସ୍ତ ଏଟିଏମ୍ ଏବଂ ସିଡିଏମ୍‌କୁ ଆଗାମୀ ୫ ଦିନ ମଧ୍ୟରେ ସଚଳ କରିବାକୁ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଦାବି କରାଯାଇଛି। ସନ୍ଧ୍ୟାରେ ଭାଜପା ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରୀଣୀ ସଦସ୍ୟ ସୁଧିର କୁମାର ବ୍ରହ୍ମାଙ୍କ ନେତୃତ୍ୱରେ ଯୁବମୋର୍ଚ୍ଚାର ଲିପନ ସୁହୁଳା, ବିଶ୍ୱଜିତ ବେହେରା, ଆଲୋକ କୁମାର ଦ୍ୱିବେଦୀ, ରାଜେଶ କୁମାର ପଣ୍ଡା, ପ୍ରହଲ୍ଲାଦ ପାତ୍ର, ତୁଷାର କାନ୍ତ ସାହୁ, କ୍ରିଷ୍ଣା ନାୟକ, ସୌରଭ ଗୋଏଲ ଓ ତୁଷାର କାନ୍ତ ନନ୍ଦ ଭାରତୀୟ ଷ୍ଟେଟ ବ୍ୟାଙ୍କ, ଦେବଗଡ ଶାଖାର ମୁଖ୍ୟ ପରିଚାଳକଙ୍କୁ ସାକ୍ଷାତ କରି ଏହି ମର୍ମରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏଥିସହ ଆଗାମୀ ୫ ଦିନ ମଧ୍ୟରେ ଅଚଳ ସିଡିଏମ୍ ଏବଂ ଏଟିଏମ୍ ଗୁଡିକୁ ସଚଳ କରା ନ ଗଲେ ବ୍ୟାଙ୍କ ସମ୍ମୁଖରେ ଧାରଣା ଦିଆଯାଇ ବ୍ୟାଙ୍କକୁ ଅଚଳ କରିଦିଆଯିବ ବୋଲି ଚେତାବନୀ ଦିଆଯାଇଛି।

# ସମ୍ବଲପୁର ସହରର ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ସୁଦୃଢ଼ ହେବ

ସମ୍ବଲପୁର,୧୦।୭(ବି.ଶଙ୍କର)

**ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ବିକଳ୍ପ ୩୩କେ.ଭି. ଭୂତଳ ବିଦ୍ୟୁତ୍ ଲାଇନ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ**

ସମ୍ବଲପୁର ସହରର ବଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ଅଧିକ ସୁଦୃଢ଼ ହେବ। ଏନେଇ ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ଗଣେଶ ନଗର ଗ୍ରୀଡ ସବଷ୍ଟେଶନଠାରୁ ଅଇଁଠାପାଲି ପାୱାର ସବଷ୍ଟେଶନ ପର୍ଯ୍ୟନ୍ତ ୨.୫ କିଲୋମିଟର ଦୂରତାର ଏକ ନୂତନ ବିକଳ୍ପ ୩୩ କେଭି ଭୂତଳ ଫିଡର ଲାଇନ ବିଛାଯିବାର ଯୋଜନା ପ୍ରସ୍ତୁତ କରାଯାଇଛି। ମଙ୍ଗଳବାର ଏହି ନୂତନ ବିକଳ୍ପ ବିଦ୍ୟୁତ୍ ଲାଇନ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ହୋଇଯାଇଛି। ଏହି ନୂତନ ଫିଡର ଲାଇନର ସଫଳ ସଂସ୍ଥାପନ କ୍ଷେତ୍ରରାଜପୁର, ମୁଦିପଡ଼ା, ଗଙ୍ଗାଧର ମେହେର କଲେଜ ଅଞ୍ଚଳ, ବୁଢାରାଜା, ରେମେଡ, ବରେଇପାଲି, ଭାଲୁପାଲି ଅଞ୍ଚଳ ସମେତ ସମ୍ବଲପୁର ସହରର ୯ଟି ପ୍ରମୁଖ ସପିଂ ମଲ, ୧୫ଟି ବ୍ୟାଙ୍କ, ଅନେକ ଆବାସିକ ଅଞ୍ଚଳର ପ୍ରାୟ ୨୫ହଜାର ଗ୍ରାହକଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବ।

ବର୍ତ୍ତମାନ ଅଇଁଠାପାଲି ଗ୍ରୀଡ ସବଷ୍ଟେଶନ କେବଳ ଗଣେଶନଗର ଗ୍ରୀଡରୁ ବିଦ୍ୟୁତ୍ ଯୋଗାଣ ପାଉଛି। ମାତ୍ର ଗ୍ରୀଷ୍ମଋତୁରେ ଗଣେଶ ନଗର ଗ୍ରୀଡ଼ରୁ ଅଇଁଠାପାଲି ଷ୍ଟେଶନକୁ ସଂଯୋଗ କରୁଥିବା ଫିଡର ଲାଇନଟି ଓଭରଲୋଡ ହୋଇଯାଏ। ଯାହା ଫଳରେ ଟ୍ରିପିଂ ଭଳି ସମସ୍ୟା ବାରମ୍ବାର ଉପୁଜିଥାଏ। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ଗଣେଶ ନଗର ଗ୍ରୀଡ ସବଷ୍ଟେଶନଠାରୁ ଅଇଁଠାପାଲି ପାୱାର ସବଷ୍ଟେଶନ ପର୍ଯ୍ୟନ୍ତ ଆଧୁନିକ ଜ୍ଞାନକୌଶଳ ମାଧ୍ୟମରେ ୨.୫ କିଲୋମିଟର ଦୂରତାର ଏକ ନୂତନ ବିକଳ୍ପ ୩୩ କେଭି ଭୂତଳ ଫିଡର ଲାଇନ ବିଛାଯିବାର ଯୋଜନା ପ୍ରସ୍ତୁତ କରାଯାଇଛି । ଯାହାଫଳରେ ବିଦ୍ୟମାନ ଫିଡର ଲାଇନରୁ ଲୋଡ ସ୍ଥାନାନ୍ତର ହେବା ସହ ସମ୍ବଲପୁର ସହରକୁ ସ୍ଥିର ଏବଂ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ କରାଯାଇପାରିବ। ଏହି ଅବସରରେ ଟିପିଡବ୍ଲ୍ୟୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ଖୁସି ବ୍ୟକ୍ତ କରି ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଏହି ନୂତନ ବିକଳ୍ପ ୩୩ କେଭି ଫିଡର ଲାଇନଟି ବିଦ୍ୟୁତ୍ ବିତରଣ ଭିତ୍ତିଭୂମିକୁ ସୁଦୃଢ଼ କରିବ ଏବଂ ଗ୍ରାହକମାନଙ୍କୁ ସ୍ଥିର ତଥା ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ଆମର ପ୍ରତିବଦ୍ଧତାର ଏକ ଅଂଶବିଶେଷ। ଏହି ପ୍ରକଳ୍ପ ପାଇଁ କମ୍ପାନୀ ପାଖାପାଖି ୩ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା ରଖିଛି। ଏହି ଉନ୍ନତିକରଣ କାର୍ଯ୍ୟ ଚଳିତ ବର୍ଷ ନଭେମ୍ବର ସୁଦ୍ଧା ଶେଷ ହେବ ବୋଲି ଆଶା କରାଯାଉଛି।

### ଦେବାହାଲରେ ବନ ମହୋତ୍ସବ ପାଳନ

ସରଣ୍ଡା,୧୦।୭(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଦେବାହାଲସ୍ଥିତ ବୀର ସୁରେନ୍ଦ୍ର ସାଏ ହାଇସ୍କୁଲରେ ବନ ମହୋତ୍ସବ ପାଳନ କରାଯାଇଛି। ପ୍ରଧାନ ଶିକ୍ଷକ ସଦାଶିବ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ପରିବେଶବିତ୍ ଜେଠୁ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ପ୍ରିୟଦର୍ଶିନୀ ଅର୍ଚ୍ଚନା ବାଗ, ସତ୍ୟାନନ୍ଦ ପ୍ରଧାନ, ମାନସ ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରକୃତିବନ୍ଧୁ ଅମୃତ କୁମାର ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟଅତିଥି ବୃକ୍ଷଗୁଡ଼ିକର ଔଷଧୀୟ ଗୁଣ ଉପରେ ସୂଚନା ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଡ୍ରଇଂରେ ସୃଷ୍ଟି ସାହୁ, ରୋମିରାଣୀ ସରାଫ, ତ୍ରିଷ୍ଣା ସେଠ, ପ୍ରକଳ୍ପରେ ବିଷ୍ଣୁପ୍ରିୟା ସରାଫ, ମାନସ କଠାର, ମୁସ୍କାନ ସରାଫ, ରଚନାରେ ବିଷ୍ଣୁପ୍ରିୟା ସରାଫ, ରୋମିରାଣୀ ସରାଫ, ଘନଶ୍ୟାମ ପ୍ରଧାନ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ହୋଇଥିଲେ। ଅତିଥିବୃନ୍ଦ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସେହିପରି ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ଗୋଟିଏ ଲେଖାଏଁ ଚାରା ପ୍ରଦାନ କରାଯାଇଥିଲା। ରବିନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଜନସମସ୍ୟା ସମାଧାନକୁ ପ୍ରାଥମିକତା



ବ୍ରଜରାଜନଗର,୧୦।୭(ବିଜୟ ବରାଡ଼)

**ବ୍ରଜରାଜନଗର ଭୋଟରଙ୍କୁ ଧନ୍ୟବାଦ ଦେଲେ ଏମ୍‌ପି**

ବ୍ରଜରାଜନଗର ପୌରାଞ୍ଚଳ ଅନ୍ତର୍ଗତ ଏମସିଏଲ ଜିଏମ୍ କମ୍ପ୍ଲେକ୍ସ ପରିସରରେ ଥିବା ରବୀନ୍ଦ୍ର ଭବନଠାରେ ଭାଜପା ପକ୍ଷରୁ ଏକ ଧନ୍ୟବାଦ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ପୌରାଞ୍ଚଳ ସମେତ ପଞ୍ଚାୟତସ୍ତରରୁ ଭୋଟର ଏବଂ କର୍ମୀମାନେ ଏକତ୍ରିତ ହୋଇଥିଲେ। ଓଡ଼ିଶାରେ ଭାଜପା ୨୦ଟି ଲୋକ ସଭା ଆସନ ଜିତିଛି। ସେଥି ମଧ୍ୟରୁ ବରଗଡ ଲୋକ ସଭା ଆସନ ଅଧିକ ଭୋଟ ପାଇ ଇଲେକ୍ସନ ଚାମ୍ପିୟନ ହୋଇପାରିଛି। ଲୋକ ସଭା ଅଧୀନରେ ଆସୁଥିବା ୭ଟି ବିଧାନ ସଭା କ୍ଷେତ୍ରମଧ୍ୟରୁ ବ୍ରଜରାଜନଗର ସର୍ବାଧିକ ୫୭ହଜାର ଭୋଟ ବ୍ୟବଧାନରେ ଜିତାଇଛି। ତେଣୁ ମୁଁ ଆଗାମୀ ୫ବର୍ଷ ନିଷ୍ଠା ଓ ଇମାନଦାର ଭାବେ ସେବା କରିବି। ମୋ ପାଖକୁ ପ୍ରତ୍ୟେକ ଭୋଟର ସିଧାସଳଖ କଥାବାର୍ତ୍ତା କରି ସେମାନଙ୍କ ସମସ୍ୟା କହିପାରିବେ। ଭୋଟରମାନଙ୍କ ସମସ୍ୟା ଶୁଣି ସମାଧାନ କରିବା ମୋର ପ୍ରଥମ ପ୍ରାଥମିକତା ବୋଲି ଏମ୍‌ପି ପ୍ରକାଶ କରିଥିଲେ। ଦୀର୍ଘ ୨୪ବର୍ଷ ଧରି ଅମଲାତନ୍ତ୍ର ଶାସନରୁ ମୁକୁଳିଛନ୍ତି ଓଡିଶାବାସୀ। ଆମ ସରକାର ଲୋକଙ୍କ ବିକାଶ ଉପରେ ଗୁରୁତ୍ୱ ଦେଇ କାମ କରିବ। ବିଗତ ସରକାରକୁ ଆପଣମାନେ ୨୪ବର୍ଷ ଦେଲେ। ଆମକୁ କାମ କରିବାକୁ ୫ବର୍ଷ ସମୟ ଦିଅନ୍ତୁ, କୌଣସି କାମ ହୋଇପାରିଲା ନାହିଁ ବୋଲି ଧର୍ଯ୍ୟହାରା ନ ହୋଇ ଟିକେ ସମୟ ଦେବେ ଦେଖିବେ ନିଶ୍ଚୟ ଭଲ ଫଳ ମିଳିବ ବୋଲି ଏମ୍‌ପି ପୁରୋହିତ କହିଥିଲେ। ମଣ୍ଡଳ ସଭାପତି ରୁକ୍ମଣ ଧୁରୁଆଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ମଣ୍ଡଳ ସଭାପତି ସୁନୀଲ ଦାସ, ନବୀନ ସିଂ, ଯୁବନେତା ରାଧେଶ୍ୟାମ ପ୍ରଧାନ, ରତନ ଯୌଶ୍ୱାଳ, ରାଜ୍ୟ ଯୁବ ସମ୍ପାଦକ ବିଶ୍ୱଜିତ ସରଙ୍ଗୀ, ନାରୀନେତ୍ରୀ ଉଷାରାଣୀ ଚାନ୍ଦ ମଞ୍ଚାସୀନ ଥିଲେ। ଏମ୍‌ପି ପୁରୋହିତ ଉପସ୍ଥିତ ଥିବା ୫୦୦ଅଧିକ ଭୋଟରଙ୍କୁ ମୁଣ୍ଡରେ ଫୁଲ ପକେଇ ଆଶୀର୍ବାଦ ଭିକ୍ଷା କରିଥିଲେ। ବ୍ରଜରାଜନଗର ପୌରାଞ୍ଚଳର ୪୦ରୁ ଊର୍ଦ୍ଧ୍ୱ ସଙ୍ଗଠନ ସଂସଦଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। କାର୍ଯ୍ୟକ୍ରମ ଯୁବନେତା ସୁଲଗ ସର୍ଣ୍ଣା ପରିଚାଳନା କରିଥିଲେ। ନିରଜ ବାରିକ ଧନ୍ୟବାଦ ଦେଇଥିଲେ।

**ସଂକ୍ଷେପରେ**

## ୭ ଦିନରେ ଶମ୍ଭୁ ସୀମା ଖୋଲ

### ହରିୟାଣା ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ଚଣ୍ଡିଗଡ଼,୧୦।୭(ପି.ଟି.)

ଅମ୍ବାଲା ନିକଟ ଶମ୍ଭୁ ସୀମାରୁ ବ୍ୟାରିକେଡ୍ ସପ୍ତାହେ ମଧ୍ୟରେ ହଟାଇବାକୁ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ବୁଧବାର ହରିୟାଣା ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି) ଉପରେ ଆଇନଗତ ଗ୍ୟାରେଣ୍ଟି ସମେତ ବିଭିନ୍ନ ଦାବି ନେଇ ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍କେଏମ୍) (ଅଣରାଜନୈତିକ) ଏବଂ କିଷାନ ମଜଦୁର ମୋର୍ଚ୍ଚା (କେଏମ୍ଏମ୍)ର ଆହ୍ୱାନକ୍ରମେ କୃଷକମାନେ ଗତ ଫେବୃଆରୀରେ 'ଦିଲ୍ଲୀ ଚଲୋ' ଅଭିଯାନରେ ବାହାରିଥିଲେ। ସେମାନଙ୍କୁ ଫେବୃଆରୀ ୧୩ରେ ଶମ୍ଭୁ ସୀମାରେ ରୋକାଯାଇଥିଲା। ଅମ୍ବାଲା-ନୂଆଦିଲ୍ଲୀ ଜାତୀୟ ରାଜପଥରେ ହରିୟାଣା ସରକାର ବ୍ୟାରିକେଡ୍ ନିର୍ମାଣ କରିଥିଲେ। ସେବେଠାରୁ ଚାଷୀମାନେ ସେଠାରେ କ୍ୟାମ୍ପ ପକାଇ ରହିଛନ୍ତି। ରାସ୍ତା ଅବରୋଧ ଓ ଚାଷୀମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ହାଇକୋର୍ଟରେ ଅନେକ ପିଟିଶନ ଦାଏର ହୋଇଥିଲା। ଏହାର ଶୁଣାଣି କରିବା ଅବସରରେ ଜଷ୍ଟିସ୍ ଜି.ଏସ୍. ସନ୍ଧାୱାଲିଆ ଏବଂ ବିକାଶ ବାହଲଙ୍କ ଖଣ୍ଡପୀଠ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

## ସମଲିଙ୍ଗୀ ବିବାହ ରାୟ ସମୀକ୍ଷାରୁ ଓହରିଲେ ଜଷ୍ଟିସ୍ ଖାନ୍ନା

ନୂଆଦିଲ୍ଲୀ,୧୦।୭

ସମଲିଙ୍ଗୀ ବିବାହକୁ ଆଇନଗତ ସ୍ୱୀକୃତି ଦେବା ପାଇଁ ଗତବର୍ଷ ସୁପ୍ରିମକୋର୍ଟ ମନା କରିଦେଇଥିଲେ। ଉକ୍ତ ରାୟର ସମୀକ୍ଷା ପାଇଁ କରାଯାଇଥିବା ଆବେଦନକୁ ବିଚାର କରିବା ପାଇଁ ଗଠିତ ଖଣ୍ଡପୀଠରୁ ସର୍ବବରିଷ୍ଠ ବିଚାରପତି ସଞ୍ଜୀବ ଖାନ୍ନା ବୁଧବାର ଓହରିଯାଇଛନ୍ତି। ସେ ବ୍ୟକ୍ତିଗତ କାରଣରୁ ଶୁଣାଣି ବେଳେ ଉପସ୍ଥିତ ରହିପାରିବେ ନାହିଁ ବୋଲି କହିଛନ୍ତି। ଫଳରେ ସମଲିଙ୍ଗୀ ବିବାହ ସମ୍ପର୍କିତ ପୂର୍ବ ରାୟର ସମୀକ୍ଷା ପାଇଁ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ସାନି ୫ ଜଣିଆ ପୀଠ ଗଠନ କରିବା ଜରୁରୀ ହୋଇପଡ଼ିଛି। ଖୋଲା ଅଦାଲତରେ ରାୟର ସମୀକ୍ଷା କରିବାକୁ ସର୍ବୋଚ୍ଚ ଅଦାଲତ ମଙ୍ଗଳବାର ମନା କରିଦେଇଥିଲେ।





## ହାରିସ୍ ବାଇଡେନ୍ଙ୍କ 'ଇନ୍ସ୍ୟୁରାନ୍ସ ପଲିସି'

ଆମେରିକାର ପୂର୍ବତନ ରାଷ୍ଟ୍ରପତି ତଥା ରିପବ୍ଲିକାନ୍ ପାର୍ଟି ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ ବୁଧବାର ଉପରାଷ୍ଟ୍ରପତି କମଲା ହାରିସ୍ଙ୍କ ସାମର୍ଥ୍ୟ ଉପରେ ପ୍ରଶ୍ନ ଉଠାଇ ତାଙ୍କୁ ଟାର୍ଗେଟ କରିଛନ୍ତି। ଏଥିସହ ସେ ହାରିସ୍ଙ୍କୁ ରାଷ୍ଟ୍ରପତି ଜୋ ବାଇଡେନ୍ଙ୍କ 'ଇନ୍ସ୍ୟୁରାନ୍ସ ପଲିସି' କହି ସମାଲୋଚନା କରିଛନ୍ତି। ଆସନ୍ତା ନଭେମ୍ବର ୫ରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନ ପାଇଁ ଶାସକ ଡେମୋକ୍ରାଟିକ୍ ପାର୍ଟି ରାଷ୍ଟ୍ରପତି ବାଇଡେନ୍ଙ୍କ ପରିବର୍ତ୍ତେ ହାରିସ୍ଙ୍କୁ ପ୍ରାର୍ଥୀ କରିପାରେ ବୋଲି ଚର୍ଚ୍ଚା ହେଉଥିବାବେଳେ ୭୮ ବର୍ଷୀୟ ଟ୍ରମ୍ପ ଏଭଳି ମନ୍ତବ୍ୟ ଦେଇଛନ୍ତି।



## ଟ୍ରମ୍ପ ଆସିଲେ ଏକଛତ୍ରବାଦ ଫେରିବ

ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପ ପୁନଃ ରାଷ୍ଟ୍ରପତି ନିର୍ବାଚିତ ହେଲେ ଆମେରିକାକୁ ଏକଛତ୍ରବାଦ ଫେରିବ ବୋଲି ଉପରାଷ୍ଟ୍ରପତି କମଲା ହାରିସ୍ ସମାଲୋଚନା କରିଛନ୍ତି। ଏସୀୟ-ଆମେରିକୀୟ ଭୋଟରଙ୍କୁ ଆକର୍ଷିତ କରିବା ପାଇଁ ଏକ କ୍ୟାମ୍ପେନ୍ରେ ହାରିସ୍ କହିଛନ୍ତି, ଟ୍ରମ୍ପ ଆମ ଗଣତନ୍ତ୍ରକୁ ଏକଛତ୍ରବାଦରେ ପରିଣତ କରିବାକୁ ଚାହାନ୍ତି। ତାଙ୍କ ପରାମର୍ଶଦାତାମାନେ 'ପ୍ରୋଜେକ୍ଟ ୨୦୨୫' ଶୀର୍ଷକ ୯୦୦ ପୃଷ୍ଠା ସମ୍ବଳିତ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିସାରିଛନ୍ତି। ଶିକ୍ଷା ବିଭାଗକୁ ଉଚ୍ଛେଦ, ହେଡ୍ ଷ୍ଟାର୍ଟ କାର୍ଯ୍ୟକ୍ରମକୁ ରଦ୍ଦ ଏବଂ ସାରା ଦେଶରେ ଗର୍ଭ ନିରୋଧକ ସୁବିଧାକୁ ସୀମିତ କରିବା ପାଇଁ ସେମାନେ ଯୋଜନା କରିଥିବା ହାରିସ୍ କହିଛନ୍ତି।



## ଦୌଡ଼ ନିଷ୍ପତ୍ତି ରାଷ୍ଟ୍ରପତି ନେବେ

ରାଷ୍ଟ୍ରପତି ଜୋ ବାଇଡେନ୍ ଆଉ ଥରେ ନିର୍ବାଚନ ଲଢ଼ିବେ କି ନାହିଁ ସେହି ନିଷ୍ପତ୍ତି ତାଙ୍କ ଉପରେ ନିର୍ଭର କରେ ବୋଲି ପୂର୍ବତନ ହାଉସ୍ ସ୍ପିକର ନାନ୍ସି ପେଲୋସି କହିଛନ୍ତି। ପେଲୋସି ଏକ ସାକ୍ଷାତ୍କାରରେ କହିଛନ୍ତି, ହ୍ୱାଇଟ୍ ହାଉସ୍ ଦୌଡ଼ ପାଇଁ ସମୟ କମିବାରେ ଲାଗିଥିବାବେଳେ ଏନେଇ ତୁରନ୍ତ ନିଷ୍ପତ୍ତି ନେବାକୁ ଆମେ ଡେମୋକ୍ରାଟମାନେ ବାଇଡେନ୍ଙ୍କୁ ଉତ୍ସାହିତ କରୁଛୁ। ସେ ଜଣେ ଭଲ ରାଷ୍ଟ୍ରପତି, ଯାହାଙ୍କୁ ହାଉସ୍ ଡେମୋକ୍ରାଟ୍ସ ପସନ୍ଦ କରନ୍ତି ଓ ସମ୍ମାନ ଦିଅନ୍ତି। ଜୁନ୍ ୨୭ରେ ପ୍ରେସିଡେନ୍ସିଆଲ ଡିବେଟ୍ ବେଳେ ୮୧ ବର୍ଷୀୟ ବାଇଡେନ୍ଙ୍କ ପ୍ରଦର୍ଶନ ଡେମୋକ୍ରାଟ୍ସଙ୍କୁ ନିରାଶ କରିଥିବାବେଳେ ସେ ରାଷ୍ଟ୍ରପତି ଦୌଡ଼ରୁ ଓହରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

## ବସ୍-ଟ୍ୟାଙ୍କର ଧକ୍କା: ୧୮ ମୃତ

ଉନ୍ନାଓ,୧୦।୭

ଉତ୍ତରପ୍ରଦେଶର ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସ୍ୱେରେ ବୁଧବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୧୮ ଜଣଙ୍କ ମୃତ୍ୟୁ ଘଟିବା ସହ ୧୯ ଜଣ ଆହତ ହୋଇଛନ୍ତି। ବିହାରର ମୋତିହାରିରୁ ଦିଲ୍ଲୀ ଯାଉଥିବା ଏକ ଡବଲ-ଡେକର ସ୍ଲିପର ବସ୍ କ୍ଷୀର ଟ୍ୟାଙ୍କରକୁ ପଛପଟୁ ଧକ୍କା ଦେଇଥିଲା। ବେହତା ମୁଝାୱର ଥାନା ଅନ୍ତର୍ଗତ ଜୋଜିକୋଟ ଗ୍ରାମ ନିକଟରେ ଭୋର ୫ଟା ବେଳେ ଏହି ଦୁର୍ଘଟଣା ଘଟିଛି। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଅନ୍ୟ ଯାତ୍ରୀଙ୍କୁ ଆଉ ଏକ ବସ୍ରେ ଦିଲ୍ଲୀ ପଠାଯାଇଛି। ଦୁର୍ଘଟଣାର ତଦନ୍ତ ଚାଲିଥିବା ଜିଲାପାଳ ଗୌରାଙ୍ଗ ରାଠି କହିଛନ୍ତି।

## ୧୪ ଉତ୍ପାଦର ବିଜ୍ଞାପନ ପ୍ରତ୍ୟାହାର ନେଇ ସତ୍ୟପାଠ ଦାଖଲ କର

### ପତଞ୍ଜଳିକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୦।୭

ଯୋଗଗୁରୁ ରାମଦେବଙ୍କ ଦ୍ୱାରା ପ୍ରତିଷ୍ଠିତ ପତଞ୍ଜଳି ଆୟୁର୍ବେଦ ଲିଃର ୧୪ଟି ଉତ୍ପାଦକୁ ଉତ୍ତରାଖଣ୍ଡ ରାଜ୍ୟ ଲାଇସେନ୍ସିଂ କର୍ତ୍ତୃପକ୍ଷ ଗତ ଏପ୍ରିଲରେ ୧୫ରେ ସ୍ଥଗିତ ରଖିଥିଲେ। ପରେ ଉଚ୍ଚସ୍ତରୀୟ କମିଟିର ତଦନ୍ତ ଆଧାରରେ ଉକ୍ତ କର୍ତ୍ତୃପକ୍ଷ ପତଞ୍ଜଳିର ୧୪ ଉତ୍ପାଦ ଉପରୁ ସ୍ଥଗିତାଦେଶ ହଟାଇଦେଇଥିବା ସୁପ୍ରିମକୋର୍ଟଙ୍କୁ ସତ୍ୟପାଠ ଜରିଆରେ ଜଣାଇଥିଲେ। ଉକ୍ତ ପ୍ରଡକ୍ଟଗୁଡ଼ିକର ବିଜ୍ଞାପନ ପ୍ରତ୍ୟାହାର କରାଯାଇଛି କି ନାହିଁ, ତାହା ସତ୍ୟପାଠ ମାଧ୍ୟମରେ ଜଣାଇବା ପାଇଁ ସର୍ବୋଚ୍ଚ ଅଦାଲତ ମଙ୍ଗଳବାର ପତଞ୍ଜଳିକୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ହିମା କୋହଲି ଏବଂ ସନ୍ଦିପ୍ ମେହେଟ୍ଟାଙ୍କ ଖଣ୍ଡପୀଠ ଶୁଣାଣି ବେଳେ ପତଞ୍ଜଳିର ମେ' ୧୬ ସତ୍ୟପାଠକୁ ବିଚାରକୁ ନେଇଥିଲେ, ଯାହାକି ଉତ୍ତରପ୍ରଦେଶ ଲାଇସେନ୍ସିଂ କର୍ତ୍ତୃପକ୍ଷଙ୍କ ଏପ୍ରିଲ ୧୫ର ସସ୍ପେନ୍ଶନ ନିର୍ଦ୍ଦେଶ ଆଧାରରେ ୧୪ ଉତ୍ପାଦର ବିକ୍ରି ବନ୍ଦ ଥିବା ଦର୍ଶାଯାଇଥିଲା। ଯାଞ୍ଚ ହୋଇଥିବା ସୋସିଆଲ ମିଡିଆ ଆକାଉଣ୍ଟ ତଥା ହ୍ୟାଣ୍ଡଲଗୁଡ଼ିକରୁ ବିଜ୍ଞାପନ ହଟାଇଦେବା ନିମନ୍ତେ ପଦକ୍ଷେପ ନିଆଯାଉଥିବା ସତ୍ୟପାଠରେ କମ୍ପାନୀ ଦର୍ଶାଇଥିଲା। ତେବେ ସେହିସବୁ ବିଜ୍ଞାପନ ହଟାଯାଇଛି କି ନାହିଁ ସତ୍ୟପାଠ ଜରିଆରେ ଜଣାଇବା ପାଇଁ ଖଣ୍ଡପୀଠ ପତଞ୍ଜଳିକୁ ନିର୍ଦ୍ଦେଶ ଦେଇଛନ୍ତି।

# କାର୍ଯ୍ୟଚାପରେ ଲୋକୋ ପାଇଲଟ୍

## ରେଳମନ୍ତ୍ରୀଙ୍କୁ ପତ୍ର ଲେଖିଲେ ୧୭ ବିରୋଧୀ ଏମ୍ପି

ନୂଆଦିଲ୍ଲୀ,୧୦।୭

ଇଣ୍ଡିଆନ୍ ରେଲୱେରେ ବହୁ ସଂଖ୍ୟକ ଲୋକୋମୋଟିଭ୍ ପାଇଲଟ୍ ପଦବୀ ଖାଲି ପଡ଼ିଛି। ଏଥିଯୋଗୁ ଟ୍ରେନ୍ ଚଳାଉଥିବା ଲୋକୋ ପାଇଲଟ୍ମାନଙ୍କ ଉପରେ ଅତ୍ୟଧିକ କାର୍ଯ୍ୟଚାପ ପଡୁଛି। ଫଳରେ ଦେଶରେ ବାରମ୍ବାର ଟ୍ରେନ୍ ଦୁର୍ଘଟଣା ଘଟି ବହୁ ଲୋକଙ୍କ ଜୀବନ ଯାଉଛି। ତେଣୁ ଖାଲି ପଦବୀଗୁଡ଼ିକୁ ତୁରନ୍ତ ପୂରଣ କରିବା ପାଇଁ ୧୭ ବିରୋଧୀ ଏମ୍ପି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଚିଠି ଲେଖିଛନ୍ତି। ତେବେ ବିରୋଧୀ ଦଳଗୁଡ଼ିକ ଲୋକୋ ପାଇଲଟ୍ମାନଙ୍କୁ ନିରୁତ୍ସାହିତ କରିବା ପାଇଁ ମିଥ୍ୟା ପ୍ରଚାର ଚଳାଇଛନ୍ତ ବୋଲି ବୁଧବାର ବୈଷ୍ଣବ ଏକ ସୋସିଆଲ ମିଡିଆ ପୋଷ୍ଟରେ ସମାଲୋଚନା କରିଛନ୍ତି।

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ନିକଟରେ ନୂଆଦିଲ୍ଲୀ ଷ୍ଟେଶନରେ କେତେଜଣ ଲୋକୋ ପାଇଲଟ୍ଙ୍କୁ ଭେଟିଥିଲେ। ଟ୍ରେନ୍ ଚାଳକମାନେ ଓଭର ଡ୍ୟୁଟି ଯୋଗୁ ସେମାନଙ୍କ ଉପରେ ଅତ୍ୟଧିକ ଚାପ ପଡୁଥିବା ଏବଂ ସେମାନଙ୍କୁ ପର୍ଯ୍ୟାପ୍ତ ସୁବିଧା ମିଳୁ ନ ଥିବା ବିଷୟ ରାହୁଲଙ୍କୁ ଅଭିଯୋଗ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ଅମଳରେ ରାହୁଲ କହିଥିଲେ, ଲୋକୋ ପାଇଲଟ୍ଙ୍କ ଜୀବନ ସମ୍ପୂର୍ଣ୍ଣ ଭାବେ ଲାଇନ୍ଚ୍ୟୁତ ହୋଇଯାଇଛି। ସେମାନଙ୍କୁ ଦିନକୁ ୧୬ ଘଣ୍ଟା କାର୍ଯ୍ୟ କରିବାକୁ ପଡୁଛି। ଅନେକସ୍ଥଳେ କାର୍ଯ୍ୟର ସୀମା ରହୁନାହିଁ। ଛୁଟି ମିଳୁନାହିଁ। ପରିସ୍ରାଗାର ଭଳି ମୌଳିକ ସୁବିଧାରୁ ମଧ୍ୟ ସେମାନେ ବଞ୍ଚିତ। ଲୋକୋ ପାଇଲଟ୍ମାନେ ଶାରୀରିକ ଓ ମାନସିକ ସ୍ତରେ ଭାଙ୍ଗିପଡୁଛନ୍ତି। ଏଭଳି ସ୍ଥିତିରେ ଟ୍ରେନ୍ ଚଳାଇବା ଦ୍ୱାରା ସେମାନଙ୍କ ଓ ଯାତ୍ରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ବିରୋଧୀ ଇଣ୍ଡିଆ ବ୍ଲକ୍ ପାର୍ଲାମେଣ୍ଟରେ ଏହି ପ୍ରସଙ୍ଗ ଉଠାଇବ ବୋଲି ରାହୁଲ ଏକ ଭିଡିଓ ପୋଷ୍ଟ କରିଥିଲେ। ଏହାକୁ ନେଇ ବିରୋଧୀ ରେଳମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ଅନ୍ୟପକ୍ଷେ ରାହୁଲଙ୍କ ମନ୍ତବ୍ୟକୁ ରେଳମନ୍ତ୍ରୀ ବୈଷ୍ଣବ ଖଣ୍ଡନ କରିଛନ୍ତି। ଏକ୍ସ'ରେ ବୈଷ୍ଣବ ସଫେଇ ଦେଇଛନ୍ତି, ମୋଦି ସରକାର କ୍ଷମତାକୁ ଆସିବା ପରଠୁ ଲୋକୋ ପାଇଲଟ୍ଙ୍କ ସ୍ଥିତିରେ ସୁଧାର ଆସିଛି। ଗତ ଜୁନ୍ରେ ସେମାନଙ୍କ ହାରାହାରି କାର୍ଯ୍ୟ ସମୟ ୮ ଘଣ୍ଟାରୁ କମ୍ ଥିଲା। କେବଳ ଜରୁରୀ ସମୟରେ ସେମାନେ ଅଧିକ ଡ୍ୟୁଟି କରୁଛନ୍ତି। ୩୪,୦୦୦ ରନିଂ ଷ୍ଟାଫ୍ଙ୍କୁ ନିଯୁକ୍ତି ଦିଆଯାଇଥିବାବେଳେ ଆହୁରି ୧୮,୦୦୦ ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି। ରେଳ ପରିବାରକୁ ହତୋତ୍ସାହିତ କରିବା ପାଇଁ ବିରୋଧୀ ଦଳଗୁଡ଼ିକ ଏପରି ଅପପ୍ରଚାର କରୁଛନ୍ତି।

ସୂଚନାଯୋଗ୍ୟ, ଜୁନ୍ ୧୭ରେ ପଶ୍ଚିମବଙ୍ଗର ଜଲପାଇଗୁଡ଼ିରେ କାଞ୍ଚନଜଙ୍ଘା ଏକ୍ସପ୍ରେସ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୧୦ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ୪୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଏଭଳି ଅନେକ ଦୁର୍ଘଟଣା ଘଟୁଥିଲେ ମଧ୍ୟ ପଦବୀ ପୂରଣ କରାଯାଉ ନ ଥିବାରୁ ଲୋକୋ ପାଇଲଟ୍ ୟୁନିୟନ ଅଲ୍ ଇଣ୍ଡିଆ ଲୋକୋ ରନିଂ ଷ୍ଟାଫ୍ ଆସୋସିଏଶନ୍ (ଏଆଇଏଲ୍ଆର୍ଏସ୍ଏ) ବିରୋଧୀ ଏମ୍ପିମାନଙ୍କୁ ଭେଟିଛନ୍ତି। ରେଳମନ୍ତ୍ରୀଙ୍କୁ ସେମାନଙ୍କ ଦୁର୍ଦ୍ଦଶା ଜଣାଇବାକୁ ଅନୁରୋଧ କରିଛନ୍ତି। ୫ ଏମ୍ପି ପୃଥକ୍ ଭାବେ ଚିଠି ଲେଖିଥିବାବେଳେ ଅନ୍ୟ ୧୨ ଜଣ ମିଳିତ ଭାବେ ଏହି ବିଷୟରେ ରେଳମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ଏମ୍ପିମାନଙ୍କ ମଧ୍ୟରେ ଜନ୍ ବ୍ରିଟ୍ଟାସ୍ (ସିପିଆଇଏମ୍), ଜେବି ମାଥେର, କାର୍ତ୍ତି ଚିଦାମ୍ବରମ୍ (କଂଗ୍ରେସ), ଏମ୍. ଶାନ୍ମୁଗମ୍, କାନିମୋଝି, ଥିରୁଚି ଶିବା, ଅରୁଣ ନେହେରୁ (ଡିଏମ୍କେ) ରହିଛନ୍ତି।



## ଟ୍ରେନ୍ ଧକ୍କାରେ ହାତୀ ମୃତ

ସିଲ୍ଚର,୧୦।୭

ଆସାମର ମୋରିଗାଁଓ ଜିଲା ଜାଗିରୋଡ୍ରେ ବୁଧବାର ଭୋର ୪ଟା ୫୨ ମିନିଟ୍ରେ ଟ୍ରେନ୍ ଧକ୍କାରେ ଏକ ହାତୀର ମୃତ୍ୟୁ ଘଟିଛି। ଖାଦ୍ୟ ଅନ୍ୱେଷଣରେ ବୁଲୁଥିବା ହାତୀପଲଠାରୁ ଏହି ବୟସ୍କ ହାତୀଟି ଅଲଗା ହୋଇ ରେଳ ଟ୍ରାକ୍ ଉପରକୁ ଚାଲିଆସିଥିଲା। ତେବେ ଅନ୍ଧାର ହୋଇଥିବାରୁ ଲୋକୋ ପାଇଲଟ୍ ହାତୀକୁ ଦେଖିପାରି ନ ଥିଲେ। ଶେଷ ମୁହୂର୍ତ୍ତରେ ଟ୍ରେନ୍ର ଗତି ନିୟନ୍ତ୍ରଣ କରିବାରେ ସେ ସକ୍ଷମ ହୋଇ ନ ଥିଲେ ବୋଲି ନର୍ଥଇଷ୍ଟ ଫ୍ରଣ୍ଟିୟର୍ ରେଲୱେ (ଏନ୍ଏଫ୍ଆର୍) ପକ୍ଷରୁ କୁହାଯାଇଛି।

## ଏହା ଯୁଦ୍ଧର ସମୟ ନୁହେଁ: ମୋଦି

### ଅଷ୍ଟ୍ରିଆ ଚାନ୍ସେଲରଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା

ଭିଏନା,୧୦।୭(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଅଷ୍ଟ୍ରିଆ ଚାନ୍ସେଲର କାର୍ଲ ନେହମେରଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କ ବଢ଼ାଇବା ନେଇ ଆଲୋଚନା କରିଛନ୍ତି। ଏହି ଅବସରରେ ୟୁକ୍ରେନ୍ ଯୁଦ୍ଧ, ପଶ୍ଚିମ ଏସିଆ ସ୍ଥିତି ସମେତ ବିଶ୍ୱରେ ଲାଗିରହିଥିବା ବିବାଦକୁ ନେଇ ସେମାନେ ଆଲୋଚନା କରିଥିଲେ। ଏହା ଯୁଦ୍ଧର ସମୟ ନୁହେଁ ବୋଲି ପ୍ରଧାନମନ୍ତ୍ରୀ ମୋଦି ପୁଣିଥରେ ଦୃଢ଼ତାର ସହ କହିଛନ୍ତି। ମସ୍କୋରେ ୨ ଦିନିଆ ଗସ୍ତ ଶେଷ କରିବା ପରେ ମୋଦି ମଙ୍ଗଳବାର ସନ୍ଧ୍ୟାରେ ଅଷ୍ଟ୍ରିଆ ଯାଇଥିଲେ। ଦ୍ୱିପାକ୍ଷିକ ସହଯୋଗକୁ ସୁଦୃଢ଼ କରିବା ପାଇଁ ଭାରତ ଓ ଅଷ୍ଟ୍ରିଆ ନୂଆ ସମ୍ଭାବନାଗୁଡ଼ିକୁ ଚିହ୍ନଟ କରିଛନ୍ତି ଏବଂ ଆଗାମୀ ଦିନରେ ସହଯୋଗ ପାଇଁ ନୀଳନକ୍ସା ପ୍ରସ୍ତୁତ କରୁଥିବା ମୋଦି କହିନ୍ତି। ଯଥାଶୀଘ୍ର ସମ୍ଭବ ଶାନ୍ତି ଓ ସ୍ଥିରତା ପୁନଃସ୍ଥାପନ ନିମନ୍ତେ ଭାରତ ଓ ଅଷ୍ଟ୍ରିଆ ଆଲୋଚନା ଓ କୂଟନୀତି ଉପରେ ଗୁରୁତ୍ୱ ଦିଅନ୍ତି ବୋଲି ମୋଦି ଏବଂ ନେହମେର ମିଳିତ ପ୍ରେସ୍ ବିବୃତିରେ କହିଛନ୍ତି। ଭାରତ ଏକ ପ୍ରଭାବଶାଳୀ ଏବଂ ବିଶ୍ୱସନୀୟ ରାଷ୍ଟ୍ର। ରୁଷିଆ-ୟୁକ୍ରେନ ଶାନ୍ତି ପ୍ରକ୍ରିୟାରେ ଭାରତର ଭୂମିକା ଗୁରୁତ୍ୱପୂର୍ଣ୍ଣଠାରୁ ଆହୁରି ଅଧିକ ବୋଲି ନେହମେର କହିଛନ୍ତି।

ଭିତ୍ତିଭୂମି, ଶକ୍ତି, ପ୍ରଯୁକ୍ତି ଏବଂ ଅନ୍ୟାନ୍ୟ ସେକ୍ଟରରେ ଦ୍ୱିପାକ୍ଷିକ ସହଯୋଗର ଆବଶ୍ୟକତା ରହିଥିବା ପ୍ରଧାନମନ୍ତ୍ରୀ କହିବା ସହ ଅଷ୍ଟ୍ରିଆର କମ୍ପାନୀଗୁଡ଼ିକୁ ଭାରତରେ ପୁଞ୍ଜିନିବେଶ ପାଇଁ ଆମନ୍ତ୍ରଣ କରିଛନ୍ତି। ହଫ୍ବର୍ଗ ପ୍ୟାଲେସ୍ରେ ମୋଦି ଏବଂ ନେହମେର ମିଳିତ ଭାବେ ଅଷ୍ଟ୍ରୀୟ ଓ ଭାରତୀୟ ସିଇଓମାନଙ୍କୁ ସମ୍ବୋଧିତ କରିଥିଲେ।

## ବାନ୍ଧବୀଙ୍କୁ ୪୦ ଥର ଫୋନ୍ କରିଥିଲେ ମିହିର

ମୁମ୍ବାଇ,୧୦।୭

■ ୧୬ ଯାଏ ପୋଲିସ ହାଜତକୁ ଗଲେ ଅଭିଯୁକ୍ତ
■ ବାପା ରାଜେଶ ଶିବସେନା ଉପନେତା ପଦରୁ ବହିଷ୍କୃତ

ମୁମ୍ବାଇର ବିଏମ୍ଡବ୍ଲ୍ୟୁ ହିଟ୍-ଆଣ୍ଡ-ରନ୍ ମାମଲାର ମୁଖ୍ୟ ଅଭିଯୁକ୍ତ ମିହିର ଶାହାଙ୍କୁ ସ୍ଥାନୀୟ ଅଦାଲତ ଜୁଲାଇ ୧୬ ପର୍ଯ୍ୟନ୍ତ ପୋଲିସ ହାଜତକୁ ପଠାଇ ଦେଇଛନ୍ତି। ବିଏମ୍ଡବ୍ଲ୍ୟୁ ଚଳାଉଥିବା ଅଭିଯୁକ୍ତ ମିହିର ରବିବାର ଏକ ସ୍କୁଟିକୁ ଧକ୍କାଦେବା ପରେ ଡ୍ରାଇଭରଙ୍କ ସହ ବାନ୍ଦ୍ରାର କାଲା ନଗରକୁ ପଳାଇଥିଲେ। ସେଠାରୁ ସେ ତାଙ୍କ ବାନ୍ଧବୀଙ୍କୁ ୪୦ ଥର ଫୋନ୍ କରି କଥା ହୋଇଥିଲେ। ନିଜ ବିଏମ୍ଡବ୍ଲ୍ୟୁ ସେଠାରେ ଛାଡ଼ି ସେ ଅଟୋ ଯୋଗେ ବାନ୍ଧବୀଙ୍କ ଘରକୁ ପଳାଇଥିଲେ। ପ୍ରମାଣ ଲୁଚାଇବା ପାଇଁ ବିଏମ୍ଡବ୍ଲ୍ୟୁର ନମ୍ବର ପ୍ଲେଟ୍ ଖୋଲିନେଇଥିଲେ। ପୋଲିସ ଉକ୍ତ ଯୁବତୀଙ୍କୁ ଅଟକ ରଖି ପଚରାଉଚରା କରୁଛି। ମିହିରଙ୍କୁ ଧରିବା ପାଇଁ ମୁମ୍ବାଇ ପୋଲିସ ୧୧ଟି ଟିମ୍ ଗଠନ କରିବା ସହ ଲୁକ୍ ଆଉଟ୍ ସର୍କୁଲାର ଜାରି କରିଥିଲା। ଦୀର୍ଘ ୬୦ ଘଣ୍ଟାର ତନାଘନା ପରେ ପୋଲିସ ମଙ୍ଗଳବାର ତାଙ୍କୁ ଗିରଫ କରିଥିଲା। ସେ ଗତ ୭ ତାରିଖରେ ମୁମ୍ବାଇର ୱର୍ଲି ଅଞ୍ଚଳରେ ସ୍କୁଟି ଆରୋହୀଙ୍କୁ ଧକ୍କାଦେବାରୁ କାବେରୀ ନଖୱା ନାମ୍ନୀ ୪୫ ବର୍ଷୀୟ ମହିଳାଙ୍କ ମୃତ୍ୟୁ ଘଟିବା ସହ ତାଙ୍କ ସ୍ୱାମୀ ଆହତ ହୋଇଥିଲେ।

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ତଥା ଶିବସେନା ଅଧ୍ୟକ୍ଷ ଏକନାଥ ଶିନ୍ଦେ ବୁଧବାର ମିହିରଙ୍କ ବାପା ରାଜେଶ ଶାହାଙ୍କୁ ଦଳର ଉପନେତା ପଦରୁ ବହିଷ୍କାର କରିଛନ୍ତି। ହିଟ୍ ଆଣ୍ଡ ରନ୍ ମାମଲାରେ ମିହିର ଗିରଫ ହେବା ପରେ ଦଳ ପକ୍ଷରୁ ଉପରୋକ୍ତ ନିଷ୍ପତ୍ତି ନିଆଯାଇଥିଲା। ହିଟ୍-ଆଣ୍ଡ-ରନ୍ ମାମଲାରେ ଯେଉଁମାନେ ସମ୍ପୃକ୍ତ କାହାକୁ ଛଡ଼ାଯିବ ନାହିଁ ଏବଂ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶିନ୍ଦେ କହିଛନ୍ତି। ପୋଲିସ ଗତ ରବିବାର ରାଜେଶ ଏବଂ ତାଙ୍କ ଡ୍ରାଇଭର ରାଜର୍ଷି ସିଂ ବିଦାୱତ୍ଙ୍କୁ ଗିରଫ କରିଥିଲା। ପରେ ରାଜେଶଙ୍କୁ ଜାମିନରେ ଛଡ଼ାଯାଇଥିଲା।

ଦୁର୍ଘଟଣା ଘଟାଇବା ପୂର୍ବରୁ ମିହିର ଶାହା (୨୪) ଶନିବାର ବିଳମ୍ବିତ ରାତିରେ ଜୁହୁ ଅଞ୍ଚଳରେ ଥିବା ଏଭାଇସ୍-ଗ୍ଲୋବାଲ ତାପସ୍ ବାର୍ରେ ମଦ ପିଇବା ସହ ସେଠାରେ କିଛି ଘଣ୍ଟା ବିତାଇଥିଲେ। ଆଇନଗତ ବୟସଠାରୁ କମ୍ ବୟସର ପିଲାଙ୍କୁ ମଦ ବିକିବା ଏବଂ ବେଆଇନ ନିର୍ମାଣ ପାଇଁ ବୁଧବାର ଉକ୍ତ ବାର୍ର କିଛି ଅଂଶକୁ ବୁଲ୍ଡୋଜରରେ ଭାଙ୍ଗିଦିଆଯାଇଛି।

**ଫୁର୍ସତ୍**

## ଦ୍ରୁତ ଗତିରେ ବୃଦ୍ଧି ପାଉଛି ଜନସଂଖ୍ୟା

### ଆଜି ବିଶ୍ୱ ଜନସଂଖ୍ୟା ଦିବସ

ସାରା ବିଶ୍ୱରେ ଦ୍ରୁତଗତିରେ ଜନସଂଖ୍ୟା ବୃଦ୍ଧି ପାଉଥିବାବେଳେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଜୁଲାଇ ୧୧ରେ ବିଶ୍ୱ ଜନସଂଖ୍ୟା ଦିବସ ପାଳନ କରାଯାଉଛି। ବିଶେଷକରି ଏହି ଦିନ ଆମକୁ ମନେ ପକାଇ ଦେଉଛି ଯେ, ଜନସଂଖ୍ୟା ନିୟନ୍ତ୍ରଣ ଏବଂ ପରିବାର ଯୋଜନା ଉପର ଗୁରୁତ୍ୱ ଦିଆଯିବା ଆବଶ୍ୟକ।

୨୦୧୩ର ଆକଳନ ଅନୁଯାୟୀ, ଭାରତର ଜନସଂଖ୍ୟା ପ୍ରାୟ ୧୪୨.୮୬ କୋଟି। ଏହି ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଛି। ଭାରତ ହେଉଛି ବିଶ୍ୱର ବୃହତ୍ତମ ଏବଂ ଜନବହୁଳ ଦେଶ। ଜନସଂଖ୍ୟା ଦୃଷ୍ଟିରୁ ଏହା ଚାଇନାକୁ ପଛରେ ପକାଇଛି। ଚାଇନାର ବର୍ତ୍ତମାନ ଜନସଂଖ୍ୟା ୧୪୨.୫୭ କୋଟି ଏହି କାରଣରୁ ହୋଇଥିବା ଗୁରୁତର ପରିସ୍ଥିତିକୁ ଧ୍ୟାନରେ ରଖି ବିଶ୍ୱ ଜନସଂଖ୍ୟା ଦିବସ ପ୍ରତିବର୍ଷ ପାଳନ କରାଯାଉଛି। ତେବେ ଏହି ଦିନରେ ଇତିହାସ ଏବଂ ଏହାର ଗୁରୁତ୍ୱ ବିଷୟରେ ଜାଣନ୍ତୁ...

୧୯୮୯ରେ ମିଳିତ ଜାତିସଂଘର ବିକାଶ କାର୍ଯ୍ୟକ୍ରମ (ୟୁଏନ୍ଡିପି) ଦ୍ୱାରା ବିଶ୍ୱ ଜନସଂଖ୍ୟା ଦିବସ ଆରମ୍ଭ ହୋଇଥିଲା। ୧୯୮୭ ସୁଦ୍ଧା ବିଶ୍ୱର ଜନସଂଖ୍ୟା ପ୍ରାୟ ୫ ବିଲିୟନରେ ପହଞ୍ଚି ସାରିଥିଲା, ଯାହା ବିଷୟରେ ସମସ୍ତ ଦେଶ ଚିନ୍ତିତ ହେବାକୁ ଲାଗିଲେ। ଏହି ଐତିହାସିକ ଘଟଣା ଦ୍ରୁତଗତିରେ ବୃଦ୍ଧି ପାଉଥିବା ଜନସଂଖ୍ୟା ଏବଂ ଏହାର ଆନୁସଙ୍ଗିକ ପ୍ରସଙ୍ଗ ପ୍ରତି ବିଶ୍ୱ ସମୁଦାୟର ଦୃଷ୍ଟି ଆକର୍ଷଣ କରିଥିଲା। ଏହା ପରେ ମିଳିତ ଜାତିସଂଘ ୧୧ ଜୁଲାଇକୁ ବିଶ୍ୱ ଜନସଂଖ୍ୟା ଦିବସ ଭାବରେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲା। ସେହିଦିନଠାରୁ ଜୁଲାଇ ୧୧ରେ ବିଶ୍ୱ ଜନସଂଖ୍ୟା ଦିବସ ପାଳନ କରାଯାଇଆସୁଅଛି।



## 'ଏନ୍ବିକେ ୧୦୯' ଶୁଟିଂ ବେଳେ ଉର୍ବଶୀ ଆହତ

ହାଇଦ୍ରାବାଦ

ନନ୍ଦାମୁରୀ ବାଲକ୍ରିଷ୍ଣାଙ୍କ ଆଗାମୀ ତେଲୁଗୁ ଚଳଚ୍ଚିତ୍ର ଏନ୍ବିକେ ୧୦୯ର ଶୁଟିଂ ହାଇଦ୍ରାବାଦରେ ଚାଲିଥିବାବେଳେ ଅଭିନେତ୍ରୀ ଉର୍ବଶୀ ରୌତେଲା ଆହତ ହୋଇଛନ୍ତି। ତାଙ୍କୁ ହାଇଦ୍ରାବାଦର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅଭିନେତ୍ରୀଙ୍କ ହାଡ଼ ଭାଙ୍ଗିଥିବା ତାଙ୍କ ଟିମ୍ ପକ୍ଷରୁ ସୂଚନା ଦିଆଯାଇଛି। ବବି କୋଲ୍ଲିଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଅଭିନେତା ଦୁଲକୁଏର ସଲମାନ ଏବଂ ପ୍ରକାଶ ରାଜ ମୁଖ୍ୟ ଭୂମିକାରେ ରହିଛନ୍ତି। ଏହି ଚଳଚ୍ଚିତ୍ର ଏବେ ନିର୍ମାଣ ପ୍ରକ୍ରିୟାରେ ରହିଛି। ଉର୍ବଶୀ ସେଥିରେ ଏକ ଜୋର୍ଦାର ଆକ୍ସନ ସେକ୍ୱେନ୍ସର ଶୁଟିଂ କରୁଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ତାଙ୍କୁ ହସ୍ପିଟାଲରେ ସବୁଠୁ ଭଲ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇଥିବା ତାଙ୍କ ଟିମ୍ ପକ୍ଷରୁ କୁହାଯାଇଛି। ହାଇଦ୍ରାବାଦରେ ଫିଲ୍ମର ତୃତୀୟ ପର୍ଯ୍ୟାୟ ଶୁଟିଂ ଚାଲିଥିଲା।



# ୧୫ ସାଇବର ଠକଙ୍କୁ ଧରିଲା କ୍ରାଇମବ୍ରାଞ୍ଚ

## ନିବେଶ ଆଳରେ କରୁଥିଲେ ବହୁ କୋଟିର ଠକେଇ

### ୨୦ ମୋବାଇଲ, ୪୨ ସିମ୍, ୨୦ ଡେବିଟ୍ କାର୍ଡ ଆଦି ଜବତ

ଭୁବନେଶ୍ୱର,୧୦।୭
(ସତ୍ୟଜିତ୍ ରାଉତ)

ଓଡ଼ିଶା ସମେତ ସାରା ରାଜ୍ୟରେ ସାଇବର ଠକେଇର ଜାଲ ବିଛାଇଥିଲେ। ଟ୍ରେଡିଂ ଓ ନିବେଶ ଆଳରେ ଲୋକଙ୍କଠାରୁ ବହୁ କୋଟି ଟଙ୍କା ଲୁଟି ନେଇଥିଲେ। ଓଡ଼ିଶା କ୍ରାଇମବ୍ରାଞ୍ଚର ସାଇବର ୟୁନିଟ୍ ୩.୪ କୋଟି ଟଙ୍କାର ସାଇବର ଠକେଇ ମାମଲାର ତଦନ୍ତ କରି ଏହି ୧୫ଜଣିଆ ଆନ୍ତଃରାଜ୍ୟ ଗ୍ୟାଙ୍ଗକୁ ଧରିବା ସହ ସେମାନଙ୍କ ର୍ୟାକେଟର ପର୍ଦ୍ଦାଫାଶ କରିଛି। ୨ ମାଷ୍ଟରମାଇଣ୍ଡଙ୍କୁ ଦିଲ୍ଲୀରୁ ଓ ଅନ୍ୟ ୧୩ଜଣଙ୍କୁ ଓଡ଼ିଶାରୁ ଗିରଫ କରିଛି। ମାଷ୍ଟରମାଇଣ୍ଡଦ୍ୱୟ ହେଲେ ତୁଷାର ଶର୍ମା ଓ ଭବେଶ ଠାକୁର ଓରଫ ଅଙ୍କିତ୍ ଓରଫ ଆଲେକ୍ସ। ଅନ୍ୟ ଅଭିଯୁକ୍ତମାନେ ହେଲେ କେନ୍ଦ୍ରାପଡାର ରଞ୍ଜିତ କୁମାର ବଳ, ବାଲେଶ୍ୱରର ଦିଲୀପ କୁମାର ଲେଙ୍କା, ଗଞ୍ଜାମର ସୁନିଲ ପ୍ରସାଦ, ରାୟଗଡାର ବିଶିକେଶନ ପାଢ଼ୀ ଓରଫ ଶିବ, ଖୋର୍ଦ୍ଧାର କାଳନ୍ଦି ସିଂ, ସୁଧାଂଶୁ ଭୂଷଣ ପଟ୍ଟନାୟକ ଓରଫ ବାପି, ଭୁବନେଶ୍ୱରର ଉଦୟଭାନୁ ଘଡ଼େଇ ଓରଫ ପପୁ, ନୟାଗଡର ଜିତେନ ବରାଡ, ଜଗତ୍‌ସିଂହପୁରର ଭାରତ ଭୂଷଣ ଚକ୍ର, ଭଦ୍ରକର ବିକାଶ ଚନ୍ଦ୍ର ରାଉତ ଓରଫ ଗୁଟୁ, ଉତ୍ତମ କୁମାର ସାହୁ, ବାଲେଶ୍ୱରର ସତ୍ୟରଞ୍ଜନ ସାହୁ ଓ ଗଞ୍ଜାମର ଅମିତ କୁମାର ରାଉତ। ଅଭିଯୁକ୍ତଙ୍କଠାରୁ ୨୦ଟି ମୋବାଇଲ, ୪୨ଟି ସିମ୍, ୨୦ଟି ଡେବିଟ୍ କାର୍ଡ, ୩ଟି ଚେକ୍ ବୁକ୍, ୩ଟି ପାନ୍ କାର୍ଡ ଓ ୫ଟି ଆଧାର୍ଡ କାର୍ଡ ଜବତ ହୋଇଛି। ଏ ସଂକ୍ରାନ୍ତରେ କ୍ରାଇମବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରା ବୁଧବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଭୁବନେଶ୍ୱରର ଜଣେ ବ୍ୟବସାୟୀଙ୍କୁ ସାଇବରଠକମାନେ ଜାଲରେ ଫଶାଇଥିଲେ। ବ୍ୟକ୍ତି ଜଣକ ଗତ ମାର୍ଚ୍ଚ ୨୯ରେ ଫେସ୍‌ବୁକ୍‌ରେ ଏକ ମେସେଜ୍ ପାଇଥିଲେ। ଶେୟାର ଟ୍ରେଡିଂ ଆଦିରେ ବହୁଗୁଣ ଲାଭ ପାଇବା ଆଶାରେ ସେ ଅଜାଣତରେ ଠକଙ୍କ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଯୋଗଦେଇଥିଲେ। ଅଭିଯୁକ୍ତଙ୍କ କଥାରେ ପଡି ସେ ବ୍ଲାକଷ୍ଟୋନ୍ ଟ୍ରେଡିଂରେ ଏକ ଟ୍ରେଡିଂ ଆକାଉଣ୍ଟ ଖୋଲିଥିଲେ। ନିବେଶ ପାଇଁ ପ୍ରଥମେ ସେ ତାଙ୍କ ସ୍ତ୍ରୀଙ୍କ ଆକାଉଣ୍ଟରୁ ୫ ଲକ୍ଷ ଟଙ୍କା ଟ୍ରାନ୍ସଫର୍ କରିଥିଲେ। ଜୁନ ୧୧ ମଧ୍ୟରେ ସେ ତାଙ୍କ ୫ଟି ଆକାଉଣ୍ଟରୁ ଅଭିଯୁକ୍ତଙ୍କ ବିଭିନ୍ନ ଆକାଉଣ୍ଟକୁ ୩ କୋଟି ୪ ଲକ୍ଷ ଟଙ୍କା ଟ୍ରାନ୍ସଫର୍ କରିଥିଲେ। ତେବେ ଏହାପରେ ମଧ ବହୁବାର ଚେଷ୍ଟା କରି ସେ ଟଙ୍କା ଉଠାଇ ପାରୁ ନ ଥିଲେ। ଟଙ୍କା ଉଠାଣ ପାଇଁ ଅଭିଯୁକ୍ତମାନେ ତାଙ୍କୁ ୨୦ ପ୍ରତିଶତ ମାନେଜମେଣ୍ଟ ଫି' ଆଦି ଦେବାକୁ ଚାପ ପକାଇଥିଲେ। ଏହାପରେ ଠକେଇର ପଡିଥିବା ଜାଣିପାରି ସେ କ୍ରାଇମବ୍ରାଞ୍ଚ ନିକଟରେ ଅଭିଯୋଗ କରିଥିଲେ। ଜୁଲାଇ ୯ରେ କ୍ରାଇମବ୍ରାଞ୍ଚର ସାଇବର ଥାନା ପକ୍ଷରୁ ଏସଂକ୍ରାନ୍ତରେ ଏକ ମାମଲା (ନଂ.୩୯/୨୦୨୪) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ମାମଲାର ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ ୫ଟି ସ୍ୱତନ୍ତ୍ର ଟିମ୍ ଗଠନ ହୋଇଥିଲା। ତେବେ ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯିବା ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।


ଗିରଫ ହୋଇଥିବା ଦୁଇ ମାଷ୍ଟରମାଇଣ୍ଡଙ୍କ ସହ ୧୫ ସାଇବର ଠକ।

### ଦେଶବ୍ୟାପୀ ୧୪୩ ସାଇବର ଠକେଇରେ ସମ୍ପୃକ୍ତ

ତଦନ୍ତ ସମୟରେ କ୍ରାଇମବ୍ରାଞ୍ଚ ଟିମ୍ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର (ଆଇ୪ସି)ର ନ୍ୟାଶନାଲ ସାଇବର କ୍ରାଇମ୍ ରିପୋର୍ଟିଂ ପୋର୍ଟାଲ (ଏନ୍‌ସିଆର୍‌ପି) ଯାଞ୍ଚ କରିଥିଲା। ଏହି ସମୟରେ ର୍ୟାକେଟ ସମ୍ପର୍କରେ ଜଣାପଡିଥିଲା। ଅଭିଯୁକ୍ତମାନେ ଦେଶବ୍ୟାପୀ ୧୪୩ ସାଇବର ଠକେଇରେ ସମ୍ପୃକ୍ତ ଥିବାବେଳେ ୪୨ଟି ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ଟଙ୍କା ଠକେଇ କରିଥିବା କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି।

### ସୋସିଆଲ ମିଡିଆରେ ସମ୍ପର୍କ ଯୋଡୁଥିଲେ ଠକ

ସାଇବର ଠକମାନେ ସୋସିଆଲ ମିଡିଆ ଜରିଆରେ ସମ୍ପର୍କ ଯୋଡୁଥିଲେ। ଏହାପରେ ଟ୍ରେଡିଂ ଓ ନିବେଶ ପାଇଁ ହ୍ୱାଟ୍ସଆପ କିମ୍ବା ଟେଲିଗ୍ରାମ ଗ୍ରୁପ୍‌ରେ ଯୋଗଦେବା ପାଇଁ କହୁଥିଲେ। ଏହାପରେ ସେମାନେ ଲୋକଙ୍କ ଫେକ୍ ଟ୍ରେଡିଂ ଆକାଉଣ୍ଟ ଖୋଲି ଜାଲରେ ଫଶାଉଥିଲେ। ଏପରିକି ଟ୍ରେଡିଂ ପ୍ଲାଟ୍‌ଫର୍ମରେ ନିବେଶକମାନେ ତାଙ୍କ ଟଙ୍କା ଦେଖିପାରୁଥିଲେ ମଧ ତାକୁ ଉଠାଇ ପାରୁ ନ ଥିଲେ। ଟଙ୍କା ଉଠାଣ ବେଳେ ସାଇବର ଠକମାନେ ବିଭିନ୍ନ ଅତିରିକ୍ତ ଦେୟ ମାଗି ଭୁଲାଇଚାଲୁଥିଲେ। ଅଭିଯୁକ୍ତମାନେ ପରେ ଉକ୍ତ ଟଙ୍କାକୁ କ୍ରିପ୍ଟୋ ଆକାଉଣ୍ଟକୁ ଟ୍ରାନ୍ସଫର୍ କରି ନେଇଯାଉଥିଲେ।

# ଖାଇବା ମାଗିବାରୁ ମା'ଙ୍କୁ ଘୋଷାରି ମାରିଲେ ପୁଅ

କାମାକ୍ଷାନଗର,
୧୦।୭(ଅମ୍‌ଜାଦ୍ ଖାନ୍)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଜୟପୁରାକାଟେଣୀ ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଖାଇବାକୁ ମାଗିବାରୁ ବୃଦ୍ଧା ମା'ଙ୍କୁ ଘୋଷାରି ମାରିଛନ୍ତି ଚାକିରିଆ ପୁଅ। ଗୁରୁତର ଅବସ୍ଥାରେ ମା'ଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଛି।

ପୋଲିସ କହିଛି, ସମ୍ପୃକ୍ତା ବୃଦ୍ଧାଙ୍କ ବଡ଼ ପୁଅ ଚାକିରି କରିଛନ୍ତି। କିନ୍ତୁ ଦୀର୍ଘଦିନ ହେବ ସେ ନିଜ ବୃଦ୍ଧ ମାତାପିତାଙ୍କୁ ନିର୍ଯାତନା ଦେଇ ଆସୁଛନ୍ତି। ବୁଧବାର ମା' ଖାଇବାକୁ ମାଗିବାରୁ ଚାକିରିଆ ବଡ଼ ପୁଅ ରାଗିଯାଇ ତାଙ୍କୁ ଘୋଷାରି ମାଡ଼ ମାରିଥିଲେ। ସାନ ଭାଇ ବାରଣ କରିବାରୁ ତାଙ୍କୁ ମଧ ମାଡ଼ ମାରିଥିଲେ। ଏପରିକି ଟାଙ୍ଗିଆ ଧରି ହାଣିବାକୁ ଗୋଡ଼ାଇ ଥିଲେ। ଫଳରେ ସାନଭାଇ ଘର କବାଟ ଦେଇ ଭିତରେ ରହି ଯାଇଥିଲେ। ପରେ ସେ ପୋଲିସକୁ ଫୋନ ଯୋଗେ ଘଟଣା ବିଷୟରେ ଅବଗତ କରାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘର ଭିତରୁ ସାନଭାଇଙ୍କୁ ଉଦ୍ଧାର କରିଥିଲେ। ଏଥସହ ବୃଦ୍ଧାଙ୍କୁ ଆମ୍ବୁଲାନ୍ସ ଯୋଗେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। ସମ୍ପୃକ୍ତା ବୃଦ୍ଧାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ଜଣାପଡିଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି। ଏ ନେଇ ଯୋଗାଯୋଗ ସମ୍ଭବ ନ ହେବାରୁ ବୃଦ୍ଧା ମା'ଙ୍କୁ ମାଡ଼ ମାରିଥିବା ପୁଅଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ଆଶ୍ରମ ବିଦ୍ୟାଳୟ ଛାତ୍ରୀ ଅନ୍ତଃସତ୍ତ୍ୱା

ନୀଳଗିରି,୧୦।୭
(ପ୍ରଶାନ୍ତ କୁମାର ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ ଅଧୀନ ଆଶ୍ରମ ବିଦ୍ୟାଳୟରେ ପଢୁଥିବା ଜଣେ ନବମ ଶ୍ରେଣୀ ଛାତ୍ରୀ(୧୬) ଅନ୍ତଃସତ୍ତ୍ୱା ହୋଇଛନ୍ତି। ଏନେଇ ପୋଲିସ ପାଖରେ ଅଭିଯୋଗ ହେବା ପରେ ବିଭାଗ ପକ୍ଷରୁ ମଧ ତତ୍ପରତା ପ୍ରକାଶ ପାଇଛି। ଛାତ୍ରୀ ଜଣକ ଅନ୍ତେବାସୀ ଭାବେ ରହି ପାଠ ପଢୁଥିବା ବେଳେ ଗତ ଏପ୍ରିଲ ୨୫ତାରିଖରେ ଛୁଟି ନେଇ ଘରକୁ ଯାଇଥିଲେ ବୋଲି ବିଦ୍ୟାଳୟ ପକ୍ଷରୁ କୁହାଯାଇଛି।

ଏପ୍ରିଲ ୨୯ତାରିଖରେ ଗ୍ରୀଷ୍ମ ଛୁଟି ପଡ଼ିଥିଲା। ଜୁଲାଇ ୪ତାରିଖରେ ଛାତ୍ରୀ ଜଣକ ବିଦ୍ୟାଳୟ ହଷ୍ଟେଲକୁ ଆସିଥିବା ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। ବିଶେଷ କରି ପ୍ରତି ବାଳିକାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପାଇଁ ନିୟମ ଥିବାରୁ ଗତ ୬ ତାରିଖରେ ବିଭାଗ ତରଫରୁ ରହିଥିବା ଏଏନ୍‌ଏମ୍ ଉକ୍ତ ଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ବେଳେ ଛାତ୍ରୀ ଜଣକ ଅନ୍ତଃସତ୍ତ୍ୱା ଥିବା ସନ୍ଦେହ କରି ହଷ୍ଟେଲ ମାଟ୍ରନଙ୍କୁ ଅଧିକ ଯାଞ୍ଚ କରିବା ପାଇଁ ପରାମର୍ଶ ଦେଇଥିଲେ। ଘଟଣା ବିଷୟରେ ମାଟ୍ରନ ଜଣକ ପ୍ରଧାନ ଶିକ୍ଷକଙ୍କୁ ଅବଗତ କରିଥିଲେ। ସଙ୍ଗେ ସଙ୍ଗେ ପ୍ରଧାନ ଶିକ୍ଷକ ବିଦ୍ୟାଳୟ ତରଫରୁ ଛାତ୍ରୀଙ୍କ ପରିବାରକୁ ଘଟଣା ବିଷୟରେ ଜଣାଇବା ପରେ ଉପରିସ୍ଥ ଅଧିକାରୀଙ୍କୁ ମଧ ଅବଗତ କରାଯାଇଥିବା ଜିଲା ମଙ୍ଗଳ ଅଧିକାରିଣୀ ବିଦ୍ୟୁତଲତା ମହାପାତ୍ର ସୂଚନା ଦେଇଛନ୍ତି। ଖବର ପାଇ ଛାତ୍ରୀଙ୍କ ପିତା ଉକ୍ତ ଗ୍ରାମର ଜଣେ ନାବାଳକଙ୍କ ସହିତ ସମ୍ପର୍କ ଥିବା ଥାନାରେ ଅଭିଯୋଗ କରିଥିବା ବେଳେ ଛାତ୍ରୀ ଜଣଙ୍କୁ ସିଡବ୍ଲୁସିଙ୍କୁ ହସ୍ତାନ୍ତର କରାଯାଇଛି।

# ଲାଞ୍ଚ ନେବା ବେଳେ ଧରାପଡ଼ିଲେ ଆର୍‌ଆଇ

ଫୁଲବାଣୀ/ବାଲିଗୁଡ଼ା,୧୦।୭
(ରାକେଶ କୁମାର ରାଉତ/
ସଞ୍ଜୟ କୁମାର ପାଣିଗ୍ରାହୀ)


ଆରଆଇ ଦିଲୀପ କୁମାର ସାହୁ

ଜମି ପଟ୍ଟା ପାଇଁ ଲାଞ୍ଚ ନେଉଥିବା ବେଳେ ବୁଧବାର ବ୍ରହ୍ମପୁର ଭିଜିଲାନ୍ସ ଟିମ ଜାଲରେ ପଡିଛନ୍ତି ଜଣେ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ)। ସେ ହେଲେ କନ୍ଧମାଳ ଜିଲା କୋଟଗଡ଼ ତହସିଲ ଦୁର୍ଗାପଙ୍ଗା ଅଞ୍ଚଳର ଆର୍‌ଆଇ ଦିଲୀପ କୁମାର ସାହୁ। ତାଙ୍କଠାରୁ ୫ ହଜାର ଟଙ୍କା ଜବତ କରାଯାଇଛି।

ପ୍ରକାଶ ଯେ, ଯୋଡାବାଲି ଗ୍ରାମର ବିପ୍ର ଚରଣ ମଲ୍ଲିକ ନିଜ ଜମିର କିସମ ପରିବର୍ତ୍ତନ କରିବା ପାଇଁ ଆର୍‌ଆଇ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ପଟ୍ଟା ପରିବର୍ତ୍ତନ କରାଇଦେବାକୁ ଆର୍‌ଆଇ ତାଙ୍କୁ ୫ ହଜାର ଟଙ୍କା ମାଗିଥିଲେ। ଏ ନେଇ ବିପ୍ର ବ୍ରହ୍ମପୁର ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ଏହା ପରେ ବୁଧବାର ସକାଳେ ଭିଜିଲାନ୍ସର ଏକ ଟିମ୍ କୋଟଗଡ଼ରେ ପହଞ୍ଚି ଆର୍‌ଆଇ ଦିଲୀପଙ୍କ ବାସଭବନ ନିକଟରେ ଛକି ରହିଥିଲେ। ବିପ୍ର ଚରଣ ଆରଆଇଙ୍କୁ ଟଙ୍କା ଦେବା ବେଳେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିଥିଲା। ଏ ନେଇ ନଂ.୧୧/୨୪ ଅନୁଯାୟୀ ଭିଜିଲାନ୍ସ ଟିମ୍ ଆର୍‌ଆଇ ଦିଲୀପଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ବ୍ରହ୍ମପୁର ସିଜିଏସ୍‌ଟି ଅଫିସରେ ସିବିଆଇ ଚଢ଼ାଉ

## ଟିଡିଏସ୍ ଟଙ୍କା ରିଲିଜ୍ କରିବାକୁ ଲାଞ୍ଚ ନେଇ ଧରାପଡ଼ିଲେ ଅଧୀକ୍ଷକ

ବ୍ରହ୍ମପୁର,୧୦।୭
(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଅନନ୍ତନଗର ସ୍ଥିତ କେନ୍ଦ୍ରୀୟ ସାମଗ୍ରୀ ଓ ସେବା କର (ସିଜିଏସ୍‌ଟି) ଏବଂ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ବ୍ରହ୍ମପୁର ମଣ୍ଡଳ କାର୍ଯ୍ୟାଳୟରେ ବୁଧବାର ସିବିଆଇ ଚଢ଼ାଉ କରିଛି। ଜଣେ ଠିକାଦାରଙ୍କ ଟିଡିଏସ୍ ଟଙ୍କା ରିଲିଜ କରିବା ପାଇଁ ସିଜିଏସ୍‌ଟି ଅଧୀକ୍ଷକ ମନୋଜ କୁମାର ସୁବୁଦ୍ଧି ୧୫ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସିବିଆଇ ତାଙ୍କୁ ଧରିଛି। ପରେ ସିବିଆଇ ଟିମ୍ ଅଫିସରେ କାଗଜପତ୍ର ଯାଞ୍ଚ କରିଛି। ତେବେ ତଦନ୍ତ ଜାରି ରହିଥିବାରୁ ସିବିଆଇ ପକ୍ଷରୁ ସବିଶେଷ ସୂଚନା ଦିଆଯାଇନି।

ଠିକାଦାର ଆଶିଷ କୁମାର ପଣ୍ଡା ଟିଡିଏସ୍ ବାବଦରେ ୧ଲକ୍ଷ ୭୭ହଜାର ଟଙ୍କା ପାଇବାର ଥିଲା। ଏଥିପାଇଁ ସିଜିଏସ୍‌ଟିରେ ସେ ଆବେଦନ କରିଥିଲେ। ଏହି ଟଙ୍କା ରିଲିଜ କରିବା ପାଇଁ ସିଜିଏସ୍‌ଟିର ଅଧୀକ୍ଷକ ମନୋଜ ସୁବୁଦ୍ଧି ତାଙ୍କୁ ୨୦ହଜାର ଟଙ୍କା ଲାଞ୍ଚ ମାଗୁଥିଲେ। ଆଶିଷ ଏ ନେଇ ଭୁବନେଶ୍ୱର ସିବିଆଇ ଅଫିସରେ ଅଭିଯୋଗ କରିଥିଲେ। ସିବିଆଇ ଟିମ ଅଧୀକ୍ଷକଙ୍କୁ ଧରିବାକୁ ଯୋଜନା କରିଥିଲା। ଆଶିଷ ବୁଧବାର ମଧ୍ୟାହ୍ନ ୧୨ଟାରେ ୧୫ହଜାର ଟଙ୍କା ନେଇ ଅନନ୍ତନଗର ସ୍ଥିତ ଅଧୀକ୍ଷକଙ୍କ ଅଫିସକୁ ଆସିଥିଲେ। ପୂର୍ବ ଯୋଜନା ମୁତାବକ ସିବିଆଇ ଅଫିସରମାନେ ସେଠାରେ ଛକି ରହିଥିଲେ। ସିଜିଏସଟି ଅଧୀକ୍ଷକ ୧୫ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ତାଙ୍କୁ କାବୁ କରିଥିଲେ। ସିବିଆଇ ଟିମରେ ୩ ଡିଏସପିଙ୍କ ସହ ୧୫ ବରିଷ୍ଠ ଅଧିକାରୀ ଥିଲେ। ଅଫିସରେ ସମସ୍ତ କାଗଜପତ୍ର ଓ ସିଜିଏସଟି ଅଧୀକ୍ଷକଙ୍କ ସମ୍ପତ୍ତି ତାଲିକା ଯାଞ୍ଚ କରାଯାଉଥିବା ସୂଚନା ମିଳିଛି।

# ହାତୀ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ

ଯୋଡ଼ା,୧୦।୭(ମାନସ ମହାନ୍ତି)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ବାମେବାରୀ ସେକ୍ସନ ବଡ଼ କାଳିମାଟି ଗ୍ରାମରେ ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ ସମ୍ୱାରୀ ମୁଣ୍ଡା (୫୫)। ସମ୍ୱାରୀ ବୁଧବାର ସକାଳୁ ଘର ସମ୍ମୁଖରେ ଥିବା ଜଙ୍ଗଲକୁ ଶୌଚହେବାକୁ ଯାଇଥିଲେ। ସେଠାରେ ଏକ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ଦନ୍ତା ତାଙ୍କୁ ଗୋଡ଼ାଇ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ହିଁ ସମ୍ୱାରୀଙ୍କ ମୃତ୍ୟୁ ଘଟିଥିଲା। ଗ୍ରାମବାସୀଙ୍କଠାରୁ ଖବର ପାଇ ଚମ୍ପୁଆ ରେଞ୍ଜର, ବାମେବାରୀ ପୋଲିସ ଓ ବାମେବାରୀ ଫରେଷ୍ଟ ଅଧିକାରୀ ପହଞ୍ଚି ମୃତଦେହ ଜବତ କରିଥିଲେ। କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ମୃତ ମହିଳାଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଯୁବକଙ୍କୁ ଗୁଳିକରି ହତ୍ୟା

**କବିସୂର୍ଯ୍ୟନଗର, ୧୦।୭ (କୃପାସିନ୍ଧୁ ସ୍ୱାଇଁ):** ଗଞ୍ଜାମ ଜିଲା କବିସୂର୍ଯ୍ୟନଗରରେ ଜଣେ ଯୁବକଙ୍କୁ ଗୁଳିକରି ହତ୍ୟା କରାଯାଇଛି। ମୃତ ଯୁବକ ହେଲେ ତ୍ରିନାଥ ମଲ୍ଲିକ। ବୁଧବାର ଅପରାହ୍ନ ସାଢ଼େ ୪ଟାରେ ତ୍ରିନାଥ ହରିହର କଳାକେନ୍ଦ୍ରରୁ ଏକାଦଶାହ ଭୋଜି ଖାଇ ଫେରିବା ପରେ ଜଟେଶ୍ୱର ପୋଖରୀ ହିଡ଼ ଅର୍ଥାତ ବୃନ୍ଦାବତୀ ବିଦ୍ୟାପୀଠ ନିକଟ ଚାନ୍ଦିନୀରେ ବସି ତାସ୍ ଖେଳୁଥିଲା। ସେହି ସମୟରେ ଜଣେ ଦୁର୍ବୃତ୍ତ ଆସି ଅତି ନିକଟରୁ ତାଙ୍କ ମୁଣ୍ଡ ଓ ଛାତିକୁ ଦୁଇ ରାଉଣ୍ଡ ଗୁଳି କରିଥିଲେ। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୁଳିମାଡ଼ ପରେ ଦୁର୍ବୃତ୍ତ ସେଠାରୁ ଫେରାର ହୋଇଯାଇଥିଲେ। କବିସୂର୍ଯ୍ୟନଗର ଆଇଆଇସି, ପୁରୁଷୋତ୍ତମପୁର ଏସ୍‌ଡିପିଓ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ତେବେ ଦାଦା ବଟି ଆଦାୟକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ଅନୁମାନ କରିଛି। ପୋଲିସ ହତ୍ୟାକାଣ୍ଡ ସ୍ଥଳରୁ ଏକ ହଳ ଜୋତା, ଖୋକା ଓ ମୋବାଇଲ ଜବତ କରିବା ସହ ମୃତଦେହକୁ ସ୍ଥାନୀୟ ମେଡିକାଲରେ ରଖିଛି। ଗୁରୁବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ।

# ୨୩ ଦିନ ପରେ ହାଇଦ୍ରାବାଦରୁ ପୁଅ ଗିରଫ

ଖଇରା, ୧୦।୭(ଉତ୍କଳବନ୍ଧୁ ପଣ୍ଡା)

## ପିତାଙ୍କୁ ହତ୍ୟାକରି ପୋତିଦେବା ଘଟଣା

ବାଲେଶ୍ୱର ଜିଲା ଖଇରା ବ୍ଲକ ସିମୁଳିଆ ଥାନା ଅଧୀନ ଗରସଙ୍ଗ ଗ୍ରାମର ପ୍ରଭାକର ବେହେରାଙ୍କୁ ହତ୍ୟା କରି ଫେରାର ଥିବା ପୁଅ ରମେଶ ବେହେରାଙ୍କୁ ସିମୁଳିଆ ପୋଲିସ ୨୩ଦିନ ପରେ ହାଇଦ୍ରାବାଦରୁ ଗିରଫ କରିଛି। ସିମୁଳିଆ ପୋଲିସ ଟିମ୍ ହାଇଦ୍ରାବାଦରୁ ରମେଶଙ୍କୁ ଗିରଫ କରି ବୁଧବାର ସିମୁଳିଆରେ ପହଞ୍ଚିଥିଲା। ଗୁରୁବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ସିମୁଳିଆ ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ କହିଛନ୍ତି।

ଗତ ଜୁନ୍ ୧୭ତାରିଖରେ ପ୍ରଭାକର, ତାଙ୍କ ସ୍ତ୍ରୀ ଚମ୍ପାବତୀ ଓ ପୁଅ ରମେଶ କେଉଁଆଡେ ନିଖୋଜ ହୋଇଯାଇଥିଲେ। ୨୧ତାରିଖରେ ଘର ନିକଟ ସାରୁଖାଲରୁ ପଚାଗନ୍ଧ ଆସିବା ପରେ ୨୨ତାରିଖରେ ସିମୁଳିଆ ପୋଲିସ ଦ୍ୱାରା ଉକ୍ତ ସାରୁଖାଲ ଖୋଳାଖୋଳି ପରେ ପ୍ରଭାକରଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ୨୪ ତାରିଖରେ ଚମ୍ପାବତୀ ହଠାତ୍ ଅଚାନକ ଭାବେ ଏକ ଅଟୋରେ ଘରେ ପହଞ୍ଚିଥିଲେ। ପୁଅ ରମେଶ ବାପାଙ୍କୁ କବାଟ କିଳି ବାଡିରେ ହତ୍ୟା କରି ସାରୁଖାଲରେ ପୋତି ଦେଇଥିବା ପୋଲିସ ଆଗରେ କହିଥିଲେ। ସେହିଦିନଠାରୁ ସିମୁଳିଆ ପୋଲିସ ରମେଶଙ୍କୁ ଧରିବାକୁ ଉଦ୍ୟମ ଜାରି ରଖିଥିଲା।

# ୫ମ ଶ୍ରେଣୀ ଛାତ୍ରୀଙ୍କୁ ଶିକ୍ଷକଙ୍କ ଅସଦାଚରଣ

ଡେରାବିଶ,୧୦।୭
(ବେବର୍ତ୍ତା ଅଜୟ ଦାସ)

- ଅଭିଯୁକ୍ତ ଶିକ୍ଷକ ଗିରଫ
- ପୀଡ଼ିତା ଛାତ୍ରୀଙ୍କ ବୟାନ ରେକର୍ଡ

କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା ଅଞ୍ଚଳରେ ମଙ୍ଗଳବାର ଜଣେ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ଶିକ୍ଷକ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। ଏହି ଲଜ୍ଜାଜନକ ଘଟଣାକୁ ନେଇ ଜିଲାରେ ଆଲୋଡ଼ନ ସୃଷ୍ଟି ହୋଇଛି। ପୋଲିସ ସମ୍ପୃକ୍ତ ଶିକ୍ଷକଙ୍କୁ ଗିରଫ କରିବା ସହ ପୀଡ଼ିତା ଛାତ୍ରୀଙ୍କ ବୟାନ ରେକର୍ଡ କରିଛି। ଏହି ଘଟଣା ସଂକ୍ରାନ୍ତରେ ଅଧିକ ତଦନ୍ତ ଚାଲିଛି ବୋଲି ପୋଲିସ କହିଛି।

ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ଡେରାବିଶ ଥାନା ଅଞ୍ଚଳରେ ଜଣେ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ଜଣେ ଶିକ୍ଷକ ଅସଦାଚରଣ କରିବା ନେଇ ରାତି ୧୦ଟାରେ ପୀଡ଼ିତାଙ୍କ ମାଆ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଅନୁଯାୟୀ, ପୀଡ଼ିତାଙ୍କ ସମେତ ଅନ୍ୟ ଛାତ୍ରୀଛାତ୍ରଙ୍କୁ ସମ୍ପୃକ୍ତ ଶିକ୍ଷକ ଟ୍ୟୁଶନ କରନ୍ତି। ମଙ୍ଗଳବାର ଟ୍ୟୁଶନ ପରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ସେ ଘରକୁ ଯିବାକୁ କହିଥିଲେ। ମାତ୍ର ପଞ୍ଚମ ଶ୍ରେଣୀରେ ପଢୁଥିବା ତାଙ୍କ ଝିଅକୁ ଡାକି ଶିକ୍ଷକ ଘରେ ଅସଦାଚରଣ କରିଥିଲେ। ଏହାପରେ ପୀଡ଼ିତା ଜଣକ ଚିତ୍କାର କରି ନିଜ ଘରକୁ ଦୌଡି ପଳାଇ ଆସିଥିଲେ। ଘରେ ପହଞ୍ଚି ସେ କାନ୍ଦିକାନ୍ଦି ସମସ୍ତ ଘଟଣା ମାଆଙ୍କୁ କହିଥିଲେ। ସମ୍ପୃକ୍ତା ମହିଳା ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ପରେ ଥାନା ଅଧିକାରୀ କିଶୋର ଚନ୍ଦ୍ର ତରାଇ, ଏସ୍‌ଆଇ ପ୍ରଦୋଷ କୁମାର ପଟ୍ଟନାୟକ, ଏଏସ୍‌ଆଇ ମୀନାକ୍ଷୀ ତ୍ରିପାଠୀଙ୍କ ସମେତ ଏକ ପୋଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରି ଅଭିଯୁକ୍ତ ଶିକ୍ଷକ ପ୍ରମୋଦ କୁମାର ରଥ(୫୮)ଙ୍କୁ ଏହି ଥାନା ଅଧୀନ ଦୁମୁକା ଗାଁରୁ ରାତି ୩ଟାରେ ଗିରଫ କରିଥିଲେ। ଏ ସଂକ୍ରାନ୍ତରେ ଥାନାରେ ପୋକ୍‌ସୋ ଦଫାରେ ଏକ ମାମଲା (ନଂ.୯୭/୨୪) ରୁଜୁ ହୋଇଛି। ପୀଡ଼ିତା ନାବାଳିକା ଛାତ୍ରୀଙ୍କୁ ବୁଧବାର ଡାକ୍ତରୀ ମାଇନା କରାଯାଇଛି। ଏଥିସହିତ ଥାନାରେ ଓ କେନ୍ଦ୍ରାପଡ଼ା ପୋକ୍‌ସୋ କୋର୍ଟରେ ପୀଡ଼ିତା ଓ ତାଙ୍କ ମାଆଙ୍କ ବୟାନ ରେକର୍ଡ କରାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ପ୍ରଦୋଷ ପଟ୍ଟନାୟକ ସୂଚନା ଦେଇଛନ୍ତି। ଏଥିସହ ଅଭିଯୁକ୍ତ ଶିକ୍ଷକଙ୍କ ଡାକ୍ତରୀ ମାଇନା ପରେ ବୁଧବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି।

ସୂଚନାଯୋଗ୍ୟ, ଅଭିଯୁକ୍ତ ଶିକ୍ଷକ ସ୍ଥାନୀୟ ଏକ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଅଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା କହିଛନ୍ତି, ଏଭଳି ଏକ ସ୍ପର୍ଶକାତର କଥା ଜାଣିବା ପରେ ଜଣେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ମିଳିବା ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।


**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, राँची**

पत्रांकः– दिनांक–

**शुद्धि पत्र**

एतद् द्वारा सूचित किया जाता है कि इस कार्यालय द्वारा ई–निविदा संख्या :– 25/2023-24/RWD /EE/RANCHI, PR No.327643 REO(24-25).D द्वारा दैनिक समाचार पत्र में प्रकाशित हुआ था। जिसमें निविदा प्रकाशन की तिथि –27.06.2024, अंतिम तिथि 18.07.2024 एवं निविदा खोलने की तिथि 20.07.2024 था। जिसे अपरिहार्य कारणवश निविदा प्रकाशन की तिथि–15.07.2024, निविदा प्राप्ति की अंतिम तिथि 03.08.2024 एवं निविदा खोलने की तिथि 05.08.2024 किया जाता है।

कार्यपालक अभियंता
ग्रामीण कार्य विभाग
कार्य प्रमण्डल, राँची

PR 329266 REO (24-25)_D



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER : BARGARH**
Tender Call No. 4245 dt. 09.07.2024

**TENDER CALL NOTICE**

**No. E-111 :** Sealed tenders are hereby invited from authorized Agencies / firms / Suppliers for supply of Gazelle HB Variant Test Multipack to C.D.M & P.H.O. Bargarh. Bid documents should be submitted through Regd. Post / Speed Post / courier only. For date, time & terms and conditions regarding Tender Call, please visit the district website www.bargarh.odisha.gov.in

Sd./- Chief District Medical & Public Health Officer, Bargarh
OIPR-10124/11/0001/2425



**DISTRICT MINERAL FOUNDATION, JAJPUR**
Ph. 06728-222227, E-mail : dmfjajpur@gmail.com,
Website : https://jajpur.nic.in

**Free Residential Medical Coaching for NEET - 2025**

**No. CAD - 506:** District Mineral Foundation, Jajpur is sponsoring Free Medical Coaching to meritorious students of Sukinda, Danagadi & Vyasanagar Municipality area for NEET - 2025 like previous year. The Entrance Examination will be conducted on **Dt. 14.07.2024 (11:00 AM to 1:00 PM)** by the partner agency M/s. Career Point, Kota, Rajasthan.

The details of the advertisement are available in the district website (**www.jajpur.odisha.gov.in**). For further details please contact Mr. Tushar Ranjan Bala (Mob. 9437850176/9438560048) & Mr. Salila Kumar Parida (Mob. 9337449749).

Sd./- Collector & Managing Trustee, DMF, Jajpur.
OIPR-30025/11/0002/2425



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, NUAPADA**
(Central Store)

**TENDER CALL NOTICE**
Notification No. CDM & PHO/02USG/2024-25

**No.E-114:** Sealed tenders are invited from registered Firms/ Suppliers/Manufacturers / Authorized distributors for supply of Ultrasound Machine with 4 probes to the undersigned. Details regarding items with terms and conditions may be downloaded from District website www.nuapada.odisha.gov.in. The tenders should reach the office of the undersigned by **Date - 31.07.2024 up to 05.00 PM through Speed Post / Registered Post / Courier Services only**. The tender will be opened on date **01.08.2024 at 11.30 AM** in the office chamber / conference hall of the undersigned.

The undersigned reserves the right to reject any or all the tenders without assigning any reason thereof.

Sd./- Chief District Medical & Public Health Officer, Nuapada
OIPR-10055/11/0004/2425



Odisha Coal and Power Limited (OCPL)

**ODISHA COAL AND POWER LTD.**
**(A GOVT. OF ODISHA COMPANY)**
Zone-A, Fourth Floor, Fortune Towers, Chandrasekharpur,
Bhubaneswar - 751023, Odisha, Ph No. : 0674-2300654 / 2300664

**NOTICE INVITING TENDER**

**NIT No : OCPL/SER-183/2024** — **Date : 11/07/2024**

Sealed bids in prescribed format are invited from Companies / firms / agencies for the following work :

| Sl. No. | Name of the Work | Cost of Tender Paper | Issue of Tender Document | Last Date of Download of Tender Document | Last Date of Submission / Opening of Bid |
|---|---|---|---|---|---|
| 1 | Providing and Fixing Toughened Glass and M.S Grill at Balconies of Rsidential Buildings of Manoharpur Township Complex at Sarbahal, Sundargarh | Rs. 1,180/- (Rupees One Thousand One Hundred Eighty only) including GST. | 11/07/2024 | 31/07/2024 | 03:00 PM / 03:30 PM on 07/08/2024 |

For further details, bidders may visit our website, i.e., www.ocpl.org.in. Any clarification may please be addressed to the undersigned at the above address or by email to : contracts@ocpl.org.in.

Sd./- Chief Operating Officer



**OFFICE OF THE EXECUTIVE ENGINEER, GROUND WATER DEVELOPMENT DIVISION NO - 1,**
**DELTA SQUARE, UNIT - 8, BHUBANESWAR, PIN - 751012, TEL - 0674-2973581**
e-Procurement notice : 670 — GWD. / Date : 06.07.2024

**Bid Identification no - 02/GWDHPD/ARUA/2024-25,**
**(Single-Envelope bidding process)**

**No.A-141 :** The Executive Engineer, G.W.D. Division-1, Bhubaneswar on behalf of Governor of Odisha invites bids from bidders class C&B (As per latest OPWD codal provision) registered with the state governments and bidders of equivalent grade / class registered with Central Govt./M.E.S./Railways for the construction of following works.

Bids must be submitted online on or before **dt.29.07.2024 at 1100 hrs.** Proposals will be opened online on **dt.29.07.2024 at 1200 hrs.** In the event of the date specified for proposals opening being declared as holiday for the purchasers office the due date for opening being of bid will be the following working day at the appointed time. Details of the tender will be available in the procurement portal "www.tendersodisha.gov.in" of appropriate class as mentioned against each work, on production of definite proof from the appropriate authority. The bidders may submit bids for the following works as per their eligibility.

| Sl. No. | Name of work | Construction 10 Nos. recharge shaft at tanks/ponds of Bhubaneswar block of khurda district under GWD Division - 1, Bhubaneswar during the FY-2024-25-Phase-II |
|---|---|---|
| 1 | Start date of availability of Bid document online (Bid download) | 18.07.2024 from 1100 hrs |
| 2 | Last date of availability of Bid document online (Bid download) | 29.07.2024 from 1100 hrs |
| 3 | Last date and time of for receipt of bid document (Bid submission end date time) | 29.07.2024 from 1100 hrs |
| 4 | Date & time of opening of bid document (Bid opening date) | 29.07.2024 from 1200 hrs |

Sd./- Executive Engineer
GWD Division-1, Bhubaneswar
OIPR-32462/11/0007/2425

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ: ..............................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୧.୫ ଲକ୍ଷ କୋଟି ଟପିଲା କେଭିଆଇସି କାରବାର

**ଭୁବନେଶ୍ୱର,୧୦।୭ (ଅଭୟ ଦାଶ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ଅଧୀନ ଖଦି ଏବଂ ଗ୍ରାମୋଦ୍ୟୋଗ ଆୟୋଗ (ଖଦି ଆଣ୍ଡ ଭିଲେଜ ଇଣ୍ଡଷ୍ଟ୍ରିଜ କମିଶନ ବା କେଭିଆଇସି) ଉଲ୍ଲେଖନୀୟ ସଫଳତା ସହ ନୂତନ ମାଇଲଖୁଣ୍ଟ ହାସଲ କରିଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷରେ ଆୟୋଗ ଉତ୍ପାଦନ, ବିକ୍ରୟ ଏବଂ ନୂତନ ନିଯୁକ୍ତି ସୃଷ୍ଟିରେ ଏକ ନୂଆ ରେକର୍ଡ ମଧ୍ୟ ସୃଷ୍ଟି କରିଛି। ଏହି ପରିପ୍ରେକ୍ଷୀରେ କେଭିଆଇସି ଅଧ୍ୟକ୍ଷ ମନୋଜ କୁମାର ୨୦୨୩-୨୪ ଆର୍ଥିକ ବର୍ଷର ଅସ୍ଥାୟୀ ତଥ୍ୟ ପ୍ରକାଶ କରି କହିଛନ୍ତି, କେଭିଆଇସିର ପୂର୍ବ ସମସ୍ତ ତଥ୍ୟକୁ ଅତିକ୍ରମକରି ଆୟୋଗ ନୂଆ ଇତିହାସ ସୃଷ୍ଟି କରିଛି। ଏପରିକି କେଭିଆଇସି ୧.୫ ଲକ୍ଷ କୋଟି ଟଙ୍କାର କାରବାର ଅତିକ୍ରମ କରିଥିବାବେଳେ ୨୦୧୩-୧୪ ଆର୍ଥିକ ବର୍ଷ ତୁଳନାରେ ନୂତନ ନିଯୁକ୍ତି ୩୯୯.୬୯%, ଉତ୍ପାଦନ ୩୧୪.୭୯% ଏବଂ ନୂତନ ନିଯୁକ୍ତି ୮୦.୯୬% ବୃଦ୍ଧି ଘଟିଛି। ସେହିଭଳି ୨୦୧୩-୧୪ ଆର୍ଥିକ ବର୍ଷ ତୁଳନାରେ ୨୦୨୨-୨୩ ଆର୍ଥିକ ବର୍ଷର ବିକ୍ରିରେ ୩୩୨.୧୪%, ଉତ୍ପାଦନରେ ୨୬୭.୫୨% ଏବଂ ନୂତନ ନିଯୁକ୍ତି ସୃଷ୍ଟିରେ ୬୯.୭୫% ବୃଦ୍ଧି ଘଟିଛି, କେଭିଆଇସିର ଏହି ଉଲ୍ଲେଖନୀୟ ପ୍ରଦର୍ଶନ ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ଏବଂ ଭାରତକୁ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଛି। ସ୍ୱାଧୀନ ଭାରତର ଇତିହାସରେ ପ୍ରଥମ ଥର ପାଇଁ ୨୦୨୩-୨୪ଆର୍ଥିକ ବର୍ଷରେ କେଭିଆଇସି ଉତ୍ପାଦର ବିକ୍ରି ପରିମାଣ ପ୍ରାୟ ୧.୫୫ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି। ୨୦୨୨-୨୩ ଆର୍ଥିକ ବର୍ଷରେ ବିକ୍ରି



ମନୋଜ କୁମାର

ପରିମାଣ ୧.୩୪ଲକ୍ଷ କୋଟି ଟଙ୍କା ଥିଲା। ସେହିପରି ବିଗତ ୧୦ବର୍ଷ (ଆର୍ଥିକ ବର୍ଷ)ରେ ଗ୍ରାମାଞ୍ଚଳର କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ଦେଶୀ ଖଦି ଓ ଗ୍ରାମୋଦ୍ୟୋଗ ଉତ୍ପାଦର ବିକ୍ରି ୨୦୧୩-୧୪ ଆର୍ଥିକ ବର୍ଷରେ ୩୧,୧୫୪.୨୦କୋଟି ଟଙ୍କା ଥିବା ବେଳେ ୨୦୨୩-୨୪ ଆର୍ଥିକ ବର୍ଷରେ ଏହା ସର୍ବାଧିକ ୧,୫୫,୬୭୩.୧୨ କୋଟି ଟଙ୍କାକୁ ବୃଦ୍ଧି ପାଇଛି, ଯାହା କି ଏ ପର୍ଯ୍ୟନ୍ତର ସବୁଠାରୁ ବଡ଼ ସଫଳତା। ୨୦୨୩-୨୪ ଆର୍ଥିକ ବର୍ଷରେ କେଭିଆଇସିର ପ୍ରୟାସ ଗ୍ରାମୀଣ ଅଞ୍ଚଳରେ ୧୦.୧୭ ଲକ୍ଷ ନୂତନ ନିଯୁକ୍ତି ସୃଷ୍ଟି କରିଛି, ଯାହା ଗ୍ରାମୀଣ ଭାରତର ଅର୍ଥନୀତିକୁ ସୁଦୃଢ଼ କରିଛି। ୨୦୧୩-୧୪ ଆର୍ଥିକ ବର୍ଷରେ ୨୬,୧୦୯.୦୮କୋଟି ଟଙ୍କା ଥିବା କେଭିଆଇସି ଉତ୍ପାଦର ଉତ୍ପାଦନ ୨୦୨୩-୨୪ ଆର୍ଥିକ ବର୍ଷରେ ୧,୦୮,୨୯୭.୬୮ କୋଟି ଟଙ୍କାରେ ପହଞ୍ଚିଛି, ଯାହା କି ୩୧୪.୭୯% ବୃଦ୍ଧି ପାଇଥିବା ବେଳେ ୨୦୨୨-୨୩ ଆର୍ଥିକ ବର୍ଷରେ ଉତ୍ପାଦନ ୯୫,୯୫୬.୬୭କୋଟି ଟଙ୍କା ରହିଛି। ଏହି କ୍ରମାଗତ ଉତ୍ପାଦନ ବୃଦ୍ଧି ହେଉଛି କେଭିଆଇସି ଗ୍ରାମାଞ୍ଚଳରେ ଐତିହାସିକ କାର୍ଯ୍ୟ କରିଥିବାର ଦୃଢ଼ ପ୍ରମାଣ। ବିଗତ ୧୦ ବର୍ଷରେ ଖଦି ଏବଂ ଗ୍ରାମୀଣ ଶିଳ୍ପ ଉତ୍ପାଦ ପ୍ରତି ବର୍ଷ ନୂଆ ନୂଆ ବିକ୍ରି ରେକର୍ଡ ସୃଷ୍ଟି କରିଛି। ୨୦୧୩-୧୪ ଆର୍ଥିକ ବର୍ଷରେ ବିକ୍ରି ୩୧,୧୫୪.୨୦ କୋଟି ଟଙ୍କା ଥିବା ବେଳେ ୨୦୨୩-୨୪ ଆର୍ଥିକ ବର୍ଷରେ ଏହା ୧,୫୫,୬୭୩.୧୨କୋଟି ଟଙ୍କାରେ ପହଞ୍ଚିଛି, ଯାହା କି ୩୯୯.୬୯% ବୃଦ୍ଧି ପାଇଛି। ଗତ ୧୦ ବର୍ଷ ମଧ୍ୟରେ ଖଦି କପଡ଼ାର ଉତ୍ପାଦନରେ ମଧ୍ୟ ଅଭୂତ ପୂର୍ବ ବୃଦ୍ଧି ଘଟିଛି। ବର୍ତ୍ତମାନ ସାରା ଦେଶରେ ୪.୯୮ ଲକ୍ଷ ଗ୍ରାମୀଣ ଖଦି କାରିଗର (ସ୍ପିନର ଏବଂ ବୁଣାକାର) ଏବଂ ଶ୍ରମିକ ଖଦି କପଡ଼ା ନିର୍ମାଣରେ ନିୟୋଜିତ ଅଛନ୍ତି। ନୂଆଦିଲ୍ଲୀସ୍ଥିତ ଖଦି ଓ ଗ୍ରାମୋଦ୍ୟୋଗ ଭବନର ବ୍ୟବସାୟରେ ମଧ୍ୟ ଅଭୂତପୂର୍ବ ଅଭିବୃଦ୍ଧି ଘଟିଛି। ଏପରିକି ୨୦୧୩-୧୪ ଆର୍ଥିକ ବର୍ଷରେ ଭବନର ବ୍ୟବସାୟ ୫୧.୧୩ କୋଟି ଟଙ୍କା ଥିବା ବେଳେ ୨୦୨୩-୨୪ ଆର୍ଥିକ ବର୍ଷରେ ଏହା ୮୭.୨୩% ବୃଦ୍ଧି ପାଇ ୯୫.୭୪ କୋଟି ଟଙ୍କାରେ ପହଞ୍ଚିଛି। ଉଲ୍ଲେଖଯୋଗ୍ୟ, ୨୦୨୨-୨୩ ଆର୍ଥିକ ବର୍ଷରେ ଖଦି ଗ୍ରାମୋଦ୍ୟୋଗ ଭବନ ନୂଆଦିଲ୍ଲୀରେ ୮୩.୧୩ କୋଟି ଟଙ୍କାର ବ୍ୟବସାୟ ହୋଇଥିଲା।

# ୫୦ ହଜାର କୋଟି ଉପରେ ଟେଲିକମ୍ ଯନ୍ତ୍ରପାତି ବିକ୍ରି

**ଭୁବନେଶ୍ୱର,୧୦।୭(ଅନୁରାଧା ମହାରଣା)**



ଟେଲିକମ୍ ଉପକରଣର ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ ଆରମ୍ଭ ହୋଇଥିବା ପ୍ରଡକ୍ସନ ଲିଙ୍କ୍ ଇନ୍‌ସେଣ୍ଟିଭ (ପିଏଲ୍‌ଆଇ) ଯୋଜନା ଏକ ନୂତନ ମାଇଲଖୁଣ୍ଟ ଅତିକ୍ରମ କରିଛି। ବୁଧବାର ପ୍ରକାଶିତ ସରକାରୀ ତଥ୍ୟ ଅନୁଯାୟୀ ଟେଲିକମ୍ ଯନ୍ତ୍ରପାତି ଉତ୍ପାଦନର ବିକ୍ରି ୫୦ ହଜାର କୋଟି ଟଙ୍କା ଅତିକ୍ରମ କରିଛି। ୩ ବର୍ଷ ମଧ୍ୟରେ ଟେଲିକମ୍ ପିଏଲ୍‌ଆଇ ଯୋଜନା ୩,୪୦୦ କୋଟି ଟଙ୍କା ମୂଲ୍ୟର ପୁଞ୍ଜି ବିନିଯୋଗକୁ ଆକର୍ଷିତ କରିଛି। ଟେଲିକମ୍ ଉପକରଣର ଉତ୍ପାଦନ ୫୦,୦୦୦ କୋଟି ଟଙ୍କା ଅତିକ୍ରମ କରିଥିବାବେଳେ ରପ୍ତାନି ପରିମାଣ ପ୍ରାୟ ୧୦,୫୦୦ କୋଟି ଟଙ୍କା ରହିଛି। ଏହା ୧୭,୮୦୦ ରୁ ଅଧିକ ପ୍ରତ୍ୟକ୍ଷ ଏବଂ ଅନେକ ପରୋକ୍ଷ ନିଯୁକ୍ତି ସୃଷ୍ଟି କରିଛି। ଏହି ଯୋଜନା ଅଧୀନରେ ସମୁଦାୟ ୧୭,୮୦୦ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି ହୋଇଛି ବୋଲି କେନ୍ଦ୍ର କହିଛି। ଯୋଗାଯୋଗ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ କହିଛି, ଏହି ସଫଳତା ଭାରତର ଟେଲିକମ୍ ଉତ୍ପାଦନ ଶିଳ୍ପର ଦୃଢ଼ ଅଭିବୃଦ୍ଧି ଏବଂ ପ୍ରତିଦ୍ୱନ୍ଦ୍ୱିତାକୁ ଦର୍ଶାଉଛି। ଏହି ଯୋଜନା ଦେଶରେ ଉତ୍ପାଦନ, ରୋଜଗାର ସୃଷ୍ଟି, ଅର୍ଥନୈତିକ ଅଭିବୃଦ୍ଧି ଏବଂ ରପ୍ତାନିକୁ ବୃଦ୍ଧି କରିଛି। 'ଆତ୍ମନିର୍ଭରଶୀଳ ଭାରତ' ଅଧୀନରେ ଏହି ଯୋଜନା ପ୍ରସ୍ତୁତ କରାଯାଇଛି। ଘରୋଇ ଉତ୍ପାଦନ କ୍ଷମତା ବୃଦ୍ଧି ଏବଂ ଟେଲିକମ୍ ଉପକରଣ ଉତ୍ପାଦନ ପାଇଁ ଭାରତକୁ ଏକ ବିଶ୍ୱସ୍ତରୀୟ ହବ୍ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବାବେଳେ ଏହି ପିଏଲ୍‌ଆଇ ଯୋଜନା ଅଧୀନରେ ଭାରତରୁ ଉଭୟ ମୋବାଇଲ ଫୋନ ଉତ୍ପାଦନ ଏବଂ ରପ୍ତାନି ଯଥେଷ୍ଟ ବୃଦ୍ଧି ପାଇଛି। ସୂଚନା ଥାଉକି, ୨୦୧୪-୧୫ରେ ଦେଶ କେବଳ ୫.୮ କୋଟି ୟୁନିଟ ଉତ୍ପାଦନ କରିଥିଲାବେଳେ ୨୧ କୋଟି ୟୁନିଟ ଆମଦାନୀ ହୋଇଥିଲା। ମାତ୍ର ୨୦୨୩-୨୪ରେ ଭାରତ ୩୩ କୋଟି ୟୁନିଟ୍ ଉତ୍ପାଦନ କରିଥିବାବେଳେ କେବଳ ୦.୩ କୋଟି ୟୁନିଟ୍ ଆମଦାନୀ କରିଛି ଏବଂ ପ୍ରାୟ ୫ କୋଟି ୟୁନିଟ୍ ରପ୍ତାନି କରିଛି। ୨୦୧୪-୧୫ ରେ ମୋବାଇଲ ଫୋନ ରପ୍ତାନିର ମୂଲ୍ୟ ୧,୫୫୬ କୋଟି ଏବଂ ୨୦୧୭-୧୮ରେ କେବଳ ୧୩୬୭ କୋଟି ଟଙ୍କା ଥିଲା। ୨୦୨୩-୨୪ ରେ ଏହା ୧,୨୮,୯୮୨ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ୨୦୧୪-୧୫ରେ ମୋବାଇଲ ଫୋନର ଆମଦାନୀ ମୂଲ୍ୟ ୪୮,୬୦୯ କୋଟି ଥିଲା, ଯାହା ୨୦୨୩-୨୪ ରେ ମାତ୍ର ୭,୬୬୫ କୋଟି ଟଙ୍କାକୁ ଖସି ଆସିଛି। ଉଭୟ ଟେଲିକମ୍ ଉପକରଣ ଏବଂ ମୋବାଇଲ ଅନ୍ତର୍ଭୁକ୍ତ କରି ରପ୍ତାନି ହୋଇଥିବା ସାମଗ୍ରୀର ମୋଟ ମୂଲ୍ୟ ୧.୪୯ ଲକ୍ଷ କୋଟିରୁ ଅଧିକ ହୋଇଥିବାବେଳେ ଆମଦାନୀ ୨୦୨୩-୨୪ ଆର୍ଥିକ ବର୍ଷରେ ୧.୫୩ ଲକ୍ଷ କୋଟିରୁ ଅଧିକ ରହିଛି। ଟେଲିକମ୍ କ୍ଷେତ୍ରର ବାଣିଜ୍ୟ ନିଅଣ୍ଟ ଉଭୟ ଟେଲିକମ୍ ଉପକରଣ ଏବଂ ମୋବାଇଲକୁ ମିଶାଇ ଗତ ୫ ବର୍ଷ ମଧ୍ୟରେ ୬୮,୦୦୦ କୋଟିରୁ ୪୦୦୦ କୋଟି ଟଙ୍କାକୁ ହ୍ରାସ କରିବାରେ କେନ୍ଦ୍ର ଉଲ୍ଲେଖ କରିଛି।

# ପାରାଦୀପ ପୋର୍ଟର ନୂଆ ମାଇଲଖୁଣ୍ଟ

**ଭୁବନେଶ୍ୱର,୧୦।୭ (ଅଭୟ ଦାଶ)**




ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ପାରାଦୀପ ପୋର୍ଟ ଅଥରିଟି ବା ପିପିଏ ନିକଟରେ ଏକ ନୂଆ ମାଇଲଖୁଣ୍ଟ ସହ ଲକ୍ଷ୍ୟଧାର୍ଯ୍ୟ ସମୟ ମଧ୍ୟରେ ଐତିହାସିକ ସଫଳତା ଲାଭ କରିଛି। ପାରାଦୀପ ପୋର୍ଟ ୨୦୨୪-୨୫ ଆର୍ଥିକ ବର୍ଷ ପ୍ରଥମ ୧୦୦ ଦିନ ମଧ୍ୟରେ ୪୧.୧୨ ମିଲିୟନ ମେଟ୍ରିକ ଟନ୍ (ଏମ୍‌ଏମ୍‌ଟି) କାର୍ଗୋ ହ୍ୟାଣ୍ଡେଲିଂ କରିଥିବାବେଳେ ୨୦୨୩-୨୪ ଆର୍ଥିକ ବର୍ଷର ଏହି ଅବଧି ତୁଳନାରେ ୪.୭୮% ଅଧିକ ବୋଲି ପିପିଏ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ୨୦୨୩-୨୪ ଆର୍ଥିକ ବର୍ଷରେ ପୋର୍ଟ ମୋଟ ୩୯.୨୫ ଏମ୍‌ଏମ୍‌ଟି କାର୍ଗୋ ହ୍ୟାଣ୍ଡେଲିଂ କରିଥିଲା। ଏ ସମ୍ପର୍କରେ ପିପିଏର ଅଧ୍ୟକ୍ଷ ପି.ଏଲ୍. ହରନନ୍ଧା କହିଥିଲେ, ଆମେ ଆମର ପ୍ରଥମ ଲକ୍ଷ୍ୟଧାର୍ଯ୍ୟକୁ ସଫଳତା ସହ ପୂରଣ କରିଥିବାରୁ ବେଶ୍ ଉତ୍ସାହିତ ଅଛୁ। ଏପରିକି ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଆମେ ନୂତନ ରେକର୍ଡ ସହ ଅଭିବୃଦ୍ଧି ହାସଲ କରିଛୁ। ବିଶେଷକରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆବଶ୍ୟକ ସହଯୋଗ ସହିତ ମନ୍ତ୍ରଣାଳୟର ନିର୍ଦ୍ଦେଶାବଳୀ ଅନୁଯାୟୀ ସବୁ କାର୍ଯ୍ୟ କରାଯାଉଥିବାରୁ ଆମେ ଏହି ସଫଳତା ପାଇଛୁ।

# ୟୁଏସ୍‌ଏଫ୍‌ବିର ନୂତନ ଅଭିଯାନ

**ଭୁବନେଶ୍ୱର,୧୦।୭ (ଅଭୟ ଦାଶ)**

ଉଜ୍ଜୀବନ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ବା ୟୁଏସ୍‌ଏଫ୍‌ବିର ନୂତନ ଅଭିଯାନ 'ଉଜ୍ଜୀବନ ଭିଆର୍ ଭ୍ୟାନ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ସ୍ୱତନ୍ତ୍ର ଭାବେ ଡିଜାଇନ କରାଯାଇଥିବା ଏକ ଭ୍ୟାନ୍ ଭିତରେ ଇମର୍ସିଭ୍ ଭିଆର୍ ଟେକ୍ନୋଲୋଜି ବ୍ୟବହାର ହୋଇଛି। ଏପରିକି ଭକ୍ତମାନଙ୍କୁ ଚଳିତ ବର୍ଷ ରଥଯାତ୍ରାର ଏକ ନିଆରା ଅନୁଭୂତି ପ୍ରଦାନ କରାଯାଉଛି।

ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱର, ପୁରୀ ଓ କଟକ ସହରର ପ୍ରମୁଖ ୧୦ଟି ସ୍ଥାନରେ ଏହି ଭ୍ୟାନ୍ ସ୍ଥାପନ ହୋଇଥିବାବେଳେ ଏହା ଭୁବନେଶ୍ୱରରୁ ନିଜ ଗନ୍ତବ୍ୟ ପଥ ଆରମ୍ଭ ସହ କଟକରେ ପ୍ରବେଶକରି ପୁନର୍ବାର ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ନିକଟରେ ଯାତ୍ରା ଶେଷ କରିବ। ଏପରିକି ୫ଦିନ ପର୍ଯ୍ୟନ୍ତ ଏହି ଭ୍ୟାନ୍ ଉପରୋକ୍ତ ସହରର ୧୦ ପ୍ରମୁଖ ସ୍ଥାନରେ ଅବସ୍ଥାପିତ ହେବାର ବ୍ୟବସ୍ଥା କରାଯାଇଛି।

ସେହିଭଳି ଶ୍ରଦ୍ଧାଳୁମାନେ ରଥଯାତ୍ରା ଶୋଭାଯାତ୍ରାରେ ଭର୍ଚୁଆଲ ଭାବେ ଅଂଶଗ୍ରହଣ କରିବାର ସୁଯୋଗ ପାଇବା ସହ ଶୁଭ ରଥ ଟାଣିବାର ମଧ୍ୟ ଅପୂର୍ବ ସୁଯୋଗ ଅତି ନିଆରା ଢଙ୍ଗରେ ପାଇପାରିବେ। ଏପରିକି ଶ୍ରଦ୍ଧାଳୁମାନେ ରଥଯାତ୍ରାର ସିଧା ପ୍ରସାରଣ ମଧ୍ୟ ଦେଖିପାରିବେ, କିନ୍ତୁ ବ୍ୟାଙ୍କର ଏହି ପଦକ୍ଷେପ ପର୍ବର ଭାବନାକୁ ପାଳନ କରିବା ପାଇଁ ଏକ ଅତିରିକ୍ତ ଅନୁଭୂତିମୂଳକ ଯାତ୍ରା ପ୍ରଦାନ କରୁଛି।

ଚଳିତ ବର୍ଷ ପବିତ୍ର ଶୋଭାଯାତ୍ରାରେ ପ୍ରକୃତ ପକ୍ଷ ଅଂଶଗ୍ରହଣ କରିପାରୁ ନ ଥିବା ଶ୍ରଦ୍ଧାଳୁଙ୍କ ପାଇଁ ଏହି ଅଭିଯାନ ଏକ ସୁଯୋଗ ଦେଇଛି।


# Classified Everyday 0674-2580101, 2549949



REAL ESTATE

Require Property/ Ashram for opening Yoga/Naturopathy Centre in Puri. Contact: 9477315715. D-705

**SALE**

Duplex project at Retang Medical, Station, C.V. Raman University, Tamando, Bhubaneswar. 7008459987. D-75965

ନଖରା ସମ୍ ହସ୍ପିଟାଲ-2ରୁ 9 K.M. 1200sqft.-3,50,000/- ଘରବାରି ଫ୍ଲାଟ୍ ବିକ୍ରିହେବ। 9114705579. D-75973

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9861463011, 9777154964.** D-704




Monalisa massage Club: All types Body massage with hiprofile smart lady rooms service available. 9708545108. D-694

Fully relaxed body massage trained therapist. Central SPA. 9556483961. D-75759

PILES Clinic, BBSR, ଅର୍ଶ, ମଳକଣ୍ଟକ, ଭଗନ୍ଦର ଚିକିତ୍ସା କରାଯାଏ। 9861146916, 9078463148. D-75339

Relax, refresh your body, mind by expert therapist. Contact: 9938843929. D-76132

**Relax, Refresh your body, Mind at Saikrupa Spa with best therapies. 8984068077.** D-678

Newly open health benefits spa special offer @999 Bapujinagar, 8018429809. D-76131

**Full body massage experience, good looking therapist @ 999 (Bhubaneswar). 9078484455.** D-676

**AFFIDAVIT**

I, Raja Ram Behera alias Rajendra Behera (36), S/o Prafulla Chandra Behera alias Prafulla Behera, Vill.- Aruha, P.S.- Pirahat, Dist.- Bhadrak. My father's LIC Policy bearing No. 598666263 where my name is mentioned Raja Ram Behera nominee of this policy. But my actual name is Rajendra Behera as per Aadhaar card. I declare that Raja Ram Behera and Rajendra Behera same and one person. D-707

I, Ajit Ku. Nath(37), Vill.- Tillo, P.S.- Bonth, Dist.- Bhadrak. That an LIC Policy bearing No. 828837854 where in my son's name is Amirdeswaran Nath. But his actual name is Amit Ku. Nath as per Aadhaar card. I declare that Amirdeswaran Nath and Amit Ku. Nath same and one person. D-706

By an affidavit, by Rajani, aged 44 yrs., W/o Dewan Naik, Village K.Koral, P.O.- Kucheipadar, P.S.- Doraguda; Dist.- Rayagada, Pin-765015, hereby state that, my name wrongly mentioned Rajani Haloa in my savings bank passbook Ac No.-33844810636 instead of Rajani Naik. Hence, both Rajani Naik and Rajani Haloa are one and same person. D-708

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your classified advertisement published in Dharitri will be listed free in Dharitri online edition: **dharitriepaper.in**


# ବଜାରରେ ବଜାଜ୍ ପଲ୍‌ସର ଏନ୍‌ଏସ୍‌୪୦୦ଜେଡ୍

## ଦିନକରେ ୫୧ ୟୁନିଟ୍ ବିତରଣ

**ଭୁବନେଶ୍ୱର,୧୦।୭ (ଅଭୟ ଦାଶ)**




ବଜାଜ୍ ଅଟୋ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ପଲ୍‌ସରର ଏନ୍‌ଏସ୍‌୪୦୦ଜେଡ୍'ର ସର୍ବଭାରତୀୟ ଅନାବରଣ (ଉନ୍ମୋଚନ) ନିକଟରେ ହୋଇଯାଇଛି। ଏପରିକି କମ୍ପାନୀର ଏହି ନୂତନ ମଡେଲର ବଜାର ପ୍ରବେଶ ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ କମ୍ପାନୀର ଓଡ଼ିଶା ୟୁନିଟ୍ ପକ୍ଷରୁ ବୁଧବାର କଟକର ଗ୍ରାଣ୍ଡ ବଜାରଠାରେ ଏକ ମେଗା ବିତରଣ ଓ ଅନାବରଣ ଉତ୍ସବର ଆୟୋଜିତ ହୋଇଯାଇଛି।

ଉଲ୍ଲେଖଯୋଗ୍ୟ, ବଜାର ଅଟୋ ଲିମିଟେଡ୍‌ର ସ୍ୱୀକୃତିପ୍ରାପ୍ତ ଡିଲର୍ସ ଆନୁକୂଲ୍ୟରେ ଏହି ବିତରଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ବଜାଜ ଅଟୋ ଲିମିଟେଡ୍ ଆର୍‌ଏମ୍ ସେଲ୍‌ସ ଓଡ଼ିଶା କଲ୍ୟାଣ ରେଡ୍ଡୀ, ଆର୍‌ଏମ୍ ସର୍ଭିସ୍ ଓଡ଼ିଶା ଇଲିଣ୍ଡା ସମ୍ପଦ କୁମାରଙ୍କ ସମେତ ସୁଶାନ୍ତ ମହାରଣା (ଭାରତ ବଜାଜ୍ ଭୁବନେଶ୍ୱର), ମନ୍‌ସୁର ବକ୍ସ (ଏମ୍‌ଏସ୍‌ବି ବଜାଜ୍ ଭୁବନେଶ୍ୱର),ସୌରଭ ଅଗ୍ରୱାଲ (ସୁରଜ ବଜାଜ୍, କଟକ) ଏବଂ ଜଣାଶୁଣା ବାଇକର ସଜଳ ସେଟ୍ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଅପରପକ୍ଷରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଯଥା ଭାରତ ବଜାଜ୍ ଭୁବନେଶ୍ୱର, ଏମ୍‌ଏସ୍‌ବି ବଜାଜ ଭୁବନେଶ୍ୱର ଏବଂ ସୁରଜ ବଜାଜ କଟକର ୫୧ ଜଣ ଅଗ୍ରିମ ବୁକିଂ ଗ୍ରାହକଙ୍କୁ ଅତିଥିମାନେ 'ପଲ୍‌ସର ଏନ୍‌ଏସ୍‌୪୦୦ଜେଡ୍'ର ବିତରଣ ସହିତ ଚାବି ପ୍ରଦାନ କରିଥିଲେ।

ସୂଚନାଯୋଗ୍ୟ, ବଜାଜ୍ ପଲ୍‌ସର ଏନ୍‌ଏସ୍‌୪୦୦ଜେଡ୍‌ରେ ସମସ୍ତ ପ୍ରକାର ଅତ୍ୟାଧୁନିକ ସୁବିଧା ସୁଯୋଗ ସହ ବର୍ତ୍ତମାନ ସମୟର ସମସ୍ତ ଫିଚର ସାମିଲ ରହିଛି। ଏପରିକି ଏହି ମଡେଲ ୪ଟି ଆକର୍ଷଣୀୟ କଲରରେ ଉପଲବ୍ଧ ହେଉଥିଲାବେଳେ ଏହାର ବଜାର ମୂଲ୍ୟ (ଭୁବନେଶ୍ୱର ଏକ୍ସ ଶୋ'ରୁମ୍) ୧,୮୫,୭୯୧ ଟଙ୍କା ରହିଛି।


# ମନେ ପଡ଼ନ୍ତି

**ନବମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



## ସ୍ୱର୍ଗତା ଭୁଲେଶ୍ୱରୀ ପଣ୍ଡା

ସାଇକୃପା, ୯୭୩/୨୧୫୧, ପ୍ରକୃତି ବିହାର, ବରମୁଣ୍ଡା, ଭୁବନେଶ୍ୱର
ଆବିର୍ଭାବ- ୧୯୫୦ | ତିରୋଧାନ- ୨୧.୦୭/୨୦୧୫
(ଆଷାଢ ଶୁକ୍ଳ ପଞ୍ଚମୀ)

ମା, ତୁ ଚାଲି ଯିବାର ୯ ବର୍ଷ ବିତିଗଲା। ତୋର ଅନୁପସ୍ଥିତିରେ ସବୁ କିଛି ଖାଲି ଖାଲି ଲାଗୁଛି। ପ୍ରତ୍ୟେକ ଜନ୍ମରେ ତୋର ସନ୍ତାନ ଭାବରେ ଜନ୍ମ ନେବା ଲାଗି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା। ତୋର ସ୍ନେହ, ତ୍ୟାଗ, ପରୋପକାରିତା, କର୍ତ୍ତବ୍ୟନିଷ୍ଠା, ଶୃଙ୍ଖଳାବୋଧ ଭଳି ଆଦର୍ଶରେ ଅନୁପ୍ରାଣିତ ହୋଇ ଜୀବନର ଚଲା ପଥରେ ଆଗେଇବା ଲାଗି ଆମ୍ଭେମାନେ ଚେଷ୍ଟିତ। ତୁ ଯୋଉଁଠି ବି ଥାଆ ଈଶ୍ୱରଙ୍କ କୃପାରୁ ଭଲରେ ଥାଆ, ତୋ ଭଳି ଜଣେ ମହାନ୍ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

**ଶ୍ରଦ୍ଧାଞ୍ଜଳି ସହ ତୋର ହତଭାଗ୍ୟ ପରିବାରବର୍ଗ**

ଧ-୭୫୫୫୦


# ଅଫ୍‌ଲାଇନ ଉପସ୍ଥିତିକୁ ରଣନୈତିକ ଭାବେ ବିସ୍ତାର

**ଭୁବନେଶ୍ୱର,୧୦।୭ (ଅଭୟ ଦାଶ)**

ଭାରତର ଅନ୍ୟତମ ଅଗ୍ରଣୀ ବିୟୁଟି ପ୍ଲାଟ୍‌ଫର୍ମ ପର୍ପଲ ଗ୍ରୁପ୍ ପକ୍ଷରୁ ପ୍ରାଇମେରି ଓ ସେକେଣ୍ଡାରି ଶେୟାରର ଏକ ମିଶ୍ରଣ ସାମିଲ ଥିବା ଅନ୍ୟ ନିବେଶକଙ୍କ ଅଂଶଗ୍ରହଣ ସହ ଆବୁଧାବି ଇନ୍‌ଭେଷ୍ଟମେଣ୍ଟ ଅଥୋରିଟି (ଏଡିଆଇଏ)ର ନିଜସ୍ୱ ସହାୟକ ସଂସ୍ଥା ଦ୍ୱାରା ପରିଚାଳିତ ଏକ ୧୦୦୦କୋଟି ଟଙ୍କାର ଫଣ୍ଡିଂ ପର୍ଯ୍ୟାୟର କ୍ଲୋଜିଂ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀର ଅଫ୍‌ଲାଇନ ଉପସ୍ଥିତିକୁ ରଣନୈତିକ ଭାବେ ବିସ୍ତାରକରି ପର୍ପଲ ଗ୍ରୁପ୍ ବିଭିନ୍ନ ଟଚ୍ ପଏଣ୍ଟରେ ବ୍ରାଣ୍ଡର ୬ଟି ଡାଇରେକ୍ଟ-ଟୁ-କଞ୍ଜ୍ୟୁମର ପ୍ରାଇଭେଟ୍ ବ୍ରାଣ୍ଡ ଯଥା ଫେସେସ୍ କାନାଡା, ଆଲ୍‌ପସ ଗୁଡ୍‌ନେସ, ଗୁଡ୍ ଭାଇବ୍‌ସ, କାର୍‌ମେସି, ଡର୍ମଡକ୍ ଓ ଏନ୍‌ୱାଇ ବାଏ ଆଦିକୁ ରିଟେଲ କରିଛି। ଏହି ବ୍ରାଣ୍ଡ ଭାରତବ୍ୟାପୀ ୧୫୦୦ରୁ ଅଧିକ ଆସିଷ୍ଟେଡ୍ ଓ ୪୦,୦୦୦ରୁ ଅଧିକ ଟଚ୍‌ପଏଣ୍ଟରେ ରହିଛି। ଏପରିକି କମ୍ପାନୀ ମେଟ୍ରୋ ସହରଗୁଡ଼ିକ ବାହାରେ ବିସ୍ତୃତ ଥିବା ଟାୟାର ୨/୩+ ମାଇକ୍ରୋ-ମାର୍କେଟଗୁଡ଼ିକର ଗ୍ରାହକମାନଙ୍କ ଆବଶ୍ୟକତା ପୂରଣ କରୁଛି।

ଏ ସମ୍ପର୍କରେ ପର୍ପଲର ସହ-ପ୍ରତିଷ୍ଠାତା ତଥା ସିଇଓ ମନୀଷ ତନେଜା କହିଛନ୍ତି, ସୌନ୍ଦର୍ଯ୍ୟକୁ ଗଣତାନ୍ତ୍ରିକ କରିବା ସହିତ ଏହାକୁ ସମସ୍ତଙ୍କ ପାଇଁ ପହଞ୍ଚଯୋଗ୍ୟ ଲାଗି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ଏପରିକି ଏହା ହେଉଛି, ଆମର ଲକ୍ଷ୍ୟ ଏବଂ ଭାରତବ୍ୟାପୀ ଅନେକ ସୌନ୍ଦର୍ଯ୍ୟ ଉତ୍ସାହୀଙ୍କ ନିକଟରେ ବ୍ରାଣ୍ଡ ପହଞ୍ଚିଥିବା ବେଳେ ବର୍ତ୍ତମାନ ବି ଆମକୁ ଆହୁରି ଅନେକ ବାଟ ଯିବାର ଅଛି।

ବିଶେଷକରି ପର୍ପଲର ଶେୟାରହୋଲ୍ଡିଂକୁ ବୃଦ୍ଧିକରି ଏଡିଆଇଏ ଆମକୁ ସହଯୋଗ କରିବା ଜାରି ରଖିଛି। କାରଣ ଆମେ ଏକ ସ୍ଥାୟୀ ଓ ଲାଭଦାୟକ ବ୍ୟବସାୟ ନିର୍ମାଣ କରିବାର ଲକ୍ଷ୍ୟକୁ ଅନୁସରଣ କରୁଛୁ।

ପର୍ପଲ ହେଉଛି ବିୟୁଟି ଓ ପର୍ସନାଲ କେୟାର (ବିପିସି) ସେଗ୍‌ମେଣ୍ଟରେ ଅନ୍ୟତମ ଦ୍ରୁତ ଅଭିବୃଦ୍ଧିଶୀଳ ରିଟେଲ, ଯାହା ଗତ ୩ବର୍ଷ ମଧ୍ୟରେ କମ୍ପାନୀର ଜିଏମ୍‌ଭିରେ ୪ ଗୁଣ ବୃଦ୍ଧି ଘଟାଇଛି। ପର୍ପଲ ପରିଚାଳନା ଦୃଷ୍ଟିରୁ ଲାଭଦାୟକ ରହିଛି ଏବଂ ଅଫ୍‌ଲାଇନ ଷ୍ଟୋରଗୁଡ଼ିକୁ ବିସ୍ତାରକରି ଓ ଲାଭ ବୃଦ୍ଧିକରି ବ୍ରାଣ୍ଡର ଅନ୍‌ଲାଇନ ପ୍ଲାଟ୍‌ଫର୍ମକୁ ଶିଳ୍ପ ତୁଳନାରେ ଦ୍ରୁତବେଗରେ ବିକଶିତ କରିବା ପାଇଁ ଆଶା ରଖିଛି।

# ଖସିଲା ଶେୟାର ବଜାର

**ନୂଆଦିଲ୍ଲୀ,୧୦।୭ (ଅଭୟ ଦାଶ)**

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ ଦିନ (କାର୍ଯ୍ୟ ଦିବସ)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୪୨୭ (୪୨୬.୮୭) ପଏଣ୍ଟ କମି ୭୯,୯୨୫ (୭୯,୯୨୪.୭୭) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୦୯(୧୦୮.୭୫) ପଏଣ୍ଟ ହ୍ରାସ ଘଟି ୨୪,୩୨୪(୨୪,୩୨୪.୪୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

ନୂଆ ସିନେମା

# ଆଭା

ଏକ ଭିନ୍ନଧରଣର କାହାଣୀକୁ ଆଧାରକରି ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଆଭା'। କାହାଣୀ ଅନୁସାରେ ଆଭା ଜଣେ ଭିନ୍ନକ୍ଷମ ଝିଅ। ହେଲେ ସେ ସମାଜରେ ନିଜ ପ୍ରତିଭାର ପରିଚୟ ଦେବାକୁ ଅଣ୍ଟା ଭିଡ଼ିଛି। ତା' ସହ ସମାଜରେ କିପରି ପରିବର୍ତ୍ତନ ଆସିବ ସେନେଇ ଚେଷ୍ଟା କରିଛି। ଶୁଟିଂ ସମୟରେ କାହାଣୀକୁ କିପରି ଶତ ପ୍ରତିଶତ ଜଷ୍ଟିସ୍ ଦିଆଯାଇପାରିବ ସେନେଇ ଯଥାସମ୍ଭବ ଚେଷ୍ଟା କରିଛନ୍ତି ଏହାର ନିର୍ଦ୍ଦେଶକ ପଲ୍ଲ ରୟ। ଚିତ୍ରଟିର ପ୍ରଯୋଜନା ସହ କାହାଣୀ ରଚନା କରିଛନ୍ତି ପ୍ରବୀର ମହାପାତ୍ର। ସଂଳାପ ରଚନା ଦାୟିତ୍ୱ ତୁଲାଇଛନ୍ତି ଗୀତିକାର ମୋହିତ୍ ଚକ୍ରବର୍ତ୍ତୀ। ପଶ୍ଚିମବଙ୍ଗର ମେଦିନୀପୁରସ୍ଥ ଏକ ଆଦିବାସୀ ଗ୍ରାମରେ ଏହାର ଶୁଟିଂ କରାଯାଇଛି। ଏହାର ଚିତ୍ର ଉତ୍ତୋଳନ କରିଛନ୍ତି ଚିତ୍ତରଞ୍ଜନ ବିଶ୍ୱାଳ। ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ଆଗଧାଡ଼ିର ସ୍ୱର ସଂଯୋଜକ ଅଭିଜିତ୍ ମଜୁମ୍‌ଦାର। ଏହି ଫିଲ୍ମ ସମ୍ପର୍କରେ ନିର୍ଦ୍ଦେଶକ କୁହନ୍ତି, 'ଏହାର କାହାଣୀରେ ମୌଳିକତା ଭରି ରହିଛି। ଏକ ଗ୍ରାମୀଣ ପରିବେଶରେ ଶୁଟିଂ କରାଯାଇଛି। ଏଥିରେ ଅଭିନୟ କରିଥିବା କଳାକାରମାନେ ନିଜ ନିଜର ବେଷ୍ଟ ଦେବାକୁ ଚେଷ୍ଟା କରିଛନ୍ତି। ଆଶା ରଖିଛି, ଆମ ପରିଶ୍ରମର ମୂଲ୍ୟ ଦର୍ଶକ ନିଶ୍ଚୟ ବୁଝିବେ।' ଏହାର ଶୁଟିଂ ଶେଷ ହେବାପରେ ଏବେ ପୋଷ୍ଟ ପ୍ରଡକ୍ସନ କାମ ଚାଲୁରହିଛି। ଚିତ୍ରଟିର ଆଭା ଭୂମିକାରେ ସୋନା ମଲ୍ଲିକ ଅଭିନୟ କରିଥିବା ବେଳେ ଅନୁ ଚୌଧୁରୀ, କେଦାର ମିଶ୍ର, ଶ୍ୱେତା ଆଚାର୍ଯ୍ୟ, କେଦାର ମିଶ୍ର, ନୀହାରିକା ସାହୁ ଏବଂ ସ୍ମୃତିରଞ୍ଜନ ନାୟକ ପ୍ରମୁଖ କଳାକାରଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଏହାର ଲାଇନ୍ ପ୍ରଡ୍ୟୁସର ଅଛନ୍ତି ସତ୍ୟ ପ୍ରକାଶ ସାହୁ। ଫିଲ୍ମର ପ୍ରଚାର ପ୍ରସାର ଦାୟିତ୍ୱରେ ଅଛନ୍ତି ମିଡ଼ିଆ ପ୍ଲାନର ମୁଖ୍ୟ ପ୍ରଣୟ ଜେଠୀ।


'ଆଭା' ଫିଲ୍ମରେ ଅନୁ-ସୋନା

ଅପେରା ହାଲ୍‌ଚାଲ୍

# ଧଉଳିର ନବକଳେବର

ଅନ୍ୟତମ ଅଗ୍ରଣୀ ତଥା ପୁରାତନ ଯାତ୍ରାନୁଷ୍ଠାନ ଧଉଳି ଗଣନାଟ୍ୟ ଆସନ୍ତା ଯାତ୍ରା ସିଜନରେ ନୂଆ ରୂପରେ ଆତ୍ମପ୍ରକାଶ କରିବାକୁ ଯାଉଛି। ଅତ୍ୟାଧୁନିକ ସାଜସଜ୍ଜା, ହାଇ-ଫାଇ ପେଣ୍ଡାଲ, ନାମୀ କଳାକାର ତଥା ଦର୍ଶକଙ୍କ ମନକୁ ଛୁଇଁଲା ଭଳି ନାଟକକୁ ନେଇ ଏହି ପାର୍ଟି ଏଥର ମଇଦାନକୁ ଓହ୍ଲାଇବ। ସ୍ୱର୍ଗତ ବିପିନ ବିହାରୀ ଦେଓଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ପାର୍ଟିର ପ୍ରଯୋଜନା କରିଛନ୍ତି ବିଶ୍ୱଜିତ୍ ରାଜ୍। ଏହାର ମୁଖ୍ୟ ପରିଚାଳକ ଅଛନ୍ତି ଅଭିବାବୁ। ଖାସ୍ କଥା ହେଲା, ଏଥର ଏହି ପାର୍ଟିରେ ରୁଦ୍ର, ସ୍ମରଣିକା, ଝୁନା, ଜୟନ୍ତୀ, ବେବି, ରାମ କିରନ୍ ଏବଂ କୈଳାସ ପରିଡ଼ାଙ୍କୁ ଦେଖିବାକୁ ମିଳିବ। ଏହାବ୍ୟତୀତ ଜଲିଉଡ୍‌ର ଚର୍ଚ୍ଚିତ ବ୍ୟାଡ୍‌ମ୍ୟାନ୍ ଲକ୍ଷ୍ମୀଧର ଏବଂ ଜ୍ଞାନଙ୍କ ଜଲ୍‌ୱା ଦର୍ଶକ ପାଇପାରିବେ। ଧଉଳିର ନୂଆ ନାଟକଗୁଡିକ ମଧ୍ୟରେ ରହିଛି 'କିଏ କାନ୍ଦିନାହିଁ ହାତ ଟେକ', 'କେମିତି କହିବି ରାତିର କଥା', 'ସାଇଲେଣ୍ଟ କିଲର', 'ଚନ୍ଦନ ମୋ ପାଇଁ କଳଙ୍କ ଟିକା' ଏବଂ ଆଶୁତୋଷ ମହାପାତ୍ରଙ୍କ ଏକ ଅନ୍‌ଟାଇଟଲ୍‌ଡ ନାଟକ।


ବିଶ୍ୱଜିତ ରାଜ୍

# ଡରକୁଳୀ ଅନନ୍ୟା

ଅନନ୍ୟା ପାଣ୍ଡେ ନିଜ ଛାଇକୁ ଭାରି ଭୟ କରନ୍ତି। କ୍ୟାରିୟରର ପ୍ରାରମ୍ଭରେ ସେ 'ଖାଲି ପିଲି' ଫିଲ୍ମର ଶୁଟିଂରେ ବ୍ୟସ୍ତ ଥାଆନ୍ତି। ସେଦିନ ଲେଟ୍ ନାଇଟ୍ ପର୍ଯ୍ୟନ୍ତ ଶୁଟିଂ ଚାଲିଥାଏ। ସମୟ ପାଖାପାଖି ୧୨ଟା ହେବ। ଏହି ସମୟରେ ସେ ଯେମିତି ପଛକୁ ଚାହିଁଦେଇଛନ୍ତି ତାଙ୍କର ଅକଲ ଗୁଡୁମ୍। ସେ ଶଟ୍ ଦେବେ କ'ଣ ଚିତ୍କାର କରିଉଠିଲେ। କ'ଣ ପାଇଁ ତାଙ୍କର ଏଭଳି ଅବସ୍ଥା ହେଲା ଜାଣିବେନି? ସେଦିନ ପଛକୁ ଚାହିଁବା ପରେ ଅନନ୍ୟା ନିଜ ଛାଇକୁ ଦେଖି ଡରିଯାଇଥିଲେ। ଏପରି କି ସେଦିନ ସେଥିପାଇଁ ଶୁଟିଂକୁ କିଛି ସମୟ ବନ୍ଦ ରଖିବାକୁ ପଡ଼ିଥିଲା। ଏ ସମ୍ପର୍କରେ ଅନନ୍ୟା କୁହନ୍ତି, 'ସତକଥା ହେଲା ନିଜ ଛାଇ ଦେଖିଲେ ମୋତେ ଭାରି ଡର ଲାଗେ। ଥରେ ଏଥିପାଇଁ ମୁଁ ଅଭିନୟ କରିଥିବା ଏକ ସିନେମାର ଶୁଟିଂକୁ କିଛି ସମୟ ବନ୍ଦ ରଖିବାକୁ ପଡ଼ିଥିଲା। କ୍ୟାମେରା ସାମ୍ନାକୁ ଯିବା ସମୟରେ ମୁଁ ଟିକେ ପଛକୁ ଚାହିଁଦେଲି। ଆଉ ତା'ପରେ ମୁଁ ଡାଏଲଗ୍ କହିବି କ'ଣ, ଭୟରେ ଚିତ୍କାର କରି ଉଠିଲି। ଏହା ଦେଖି ନିର୍ଦ୍ଦେଶକ ମୁକବୁଲ ଖାଁ ଦଉଡ଼ି ଆସିଲେ। ହେଲେ ମୁଁ ମୋ ଛାଇକୁ ଦେଖି ଡରିଲି ବୋଲି କହିଥିଲି। ସାଧାରଣ ଅବସ୍ଥାକୁ ଆସିବା ପରେ ଶଟ୍ ଦେଇଥିଲି।' ଚଳିତ ମାସ ୧୯ରେ ମୁକ୍ତିଲାଭ କରିବାକୁ ଯାଉଥିବା 'ବ୍ୟାଡ୍ ନ୍ୟୁଜ୍'ରେ ଅନନ୍ୟା ଗେଷ୍ଟ ଭୂମିକାରେ ଅଭିନୟ କରିଛନ୍ତି। ଅନ୍ୟପକ୍ଷରେ ତାଙ୍କ ହାତରେ ଥିବା ଆଉ ଦୁଇଟି ସିନେମାର ଟାଇଟଲ ରହିଛି 'କଣ୍ଟ୍ରୋଲ' ଏବଂ 'ଶଙ୍କରା'।


ଅନନ୍ୟା

# ଭୁଲିବେ ନାହିଁ ସାନ୍ୟା

ସାନ୍ୟା ମାଲ୍‌ହୋତ୍ରାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଦଙ୍ଗଲ'। ତେବେ ଏଥିପାଇଁ ତାଙ୍କୁ ବେଶ୍ ପରିଶ୍ରମ କରିବାକୁ ପଡ଼ିଥିଲା। ଉକ୍ତ ରୋଲ୍ ପାଇଁ ଅନୁଷ୍ଠିତ ଅଡିଶନ୍‌ରେ ପ୍ରାୟ ୧୦,୦୦୦ ଜଣ ନବାଗତା ଅଂଶଗ୍ରହଣ କରିଥିଲେ। ହେଲେ ଶେଷରେ ବାଜିମାରିନେଇଥିଲେ ସାନ୍ୟା। ଏ ନେଇ ସେ କୁହନ୍ତି, 'ଯେତେବେଳେ ମୋତେ ବବିତା ପୋଘଟ ଭୂମିକା ପାଇଁ ଚୟନ କରାଗଲା, ତା'ପରେ ମୋତେ ଏଥିଲାଗି ପ୍ରସ୍ତୁତ ହେବାକୁ ପଡ଼ିଥିଲା। ପ୍ରଥମେ ଫିଲ୍ମଟିର କାହାଣୀକୁ ମୁଁ ଭଲଭାବେ ବୁଝି ନେଇଥିଲି। ଯେହେତୁ ଏହା ରେସ୍‌ଲିଂ ଉପରେ ଆଧାରିତ, ତେଣୁ ଜାତୀୟ ରେସ୍‌ଲିଂ ପ୍ରଶିକ୍ଷକ କ୍ରିପା ଶଙ୍କର ବିଷ୍ଣୋଇଙ୍କ ନିକଟରୁ ଏ ନେଇ ଟ୍ରେନିଂ ନେବାକୁ ହୋଇଥିଲା। ତାଙ୍କ ଟିପ୍ସକୁ ମୁଁ ଅକ୍ଷରେ ଅକ୍ଷରେ ପାଳନ କରିଥିଲି।'


ସାନ୍ୟା

ଅତୀତରୁ...

- ରାହାସ ବିହାରୀ ପଣ୍ଡାଙ୍କ ପ୍ରଯୋଜନାରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ସମର୍ପଣ'। ଏହାର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ଶରତ ପୂଜାରୀ, ଗିରୀଶ୍, ରାମ ନାରାୟଣ, ତନ୍ଦ୍ରା, ନୀହାରିକା, ଜୟୀ ପ୍ରମୁଖ କଳାକାର।
- ଓଡ଼ିଆ ଚଳଚ୍ଚିତ୍ର 'ସାକ୍ଷୀ ଗୋପୀନାଥ'ରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ବାସୁଦେବ ରଥ। ଗଣେଶ ମହାପାତ୍ରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ପ୍ରଦୀପ ସାମନ୍ତରାୟ, ମାଳା, ଦୁଃଖିରାମ ସ୍ୱାଇଁ, ଜର୍ଜ ତିଆଡ଼ି ପ୍ରମୁଖ ଅଭିନୟ କରିଥିଲେ।
- କେ.ଏଚ୍.ଡି. ରାଓଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ 'ଝିଲିମିଲି'ର ନାୟକ ସାଜିଥିଲେ ଶ୍ରୀରାମ ପଣ୍ଡା ଏବଂ ନାୟିକା ଚରିତ୍ରରେ ଅବତୀର୍ଣ୍ଣ ହୋଇଥିଲେ ମହାଶ୍ୱେତା ରାୟ।
- ଓଡ଼ିଆ ସିନେମା 'ଅନୁରାଗ'ର ବିଭିନ୍ନ ଭୂମିକାରେ ମାଳବିକା ମହାନ୍ତି, ବୀରେନ୍ ରାଉତରାୟ, ନରି, ଜୟୀ ପ୍ରମୁଖ ଅଭିନୟ କରିଥିଲେ। ଚିତ୍ରଟିର ପ୍ରଯୋଜନା ସହ ନିର୍ଦ୍ଦେଶନା ଦେଇଥିଲେ ନିତାଇ ପାଲିତ୍।
- ରଘୁନାଥ ମିଶ୍ରଙ୍କ ପ୍ରଯୋଜିତ 'ଅନୁରାଧା'ରେ ରୋଜାରମଣି, ହୃଦୟାନନ୍ଦ, ଜୟୀ, ନମ୍ରତା ଦାସ, ପୀର ମିଶ୍ର ଏବଂ ଅଶୋକ ଚକ୍ରବର୍ତ୍ତୀ ପ୍ରମୁଖ ଅଭିନୟ କରିଥିଲେ।

# ପୁଣି ଥରେ ଆକ୍ସନ ଅବତାର

ବଲିଉଡ୍‌ର ୟଙ୍ଗ୍ ସେନ୍‌ସେସନ ଟାଇଗର ଶ୍ରଫ୍। ନାମ ଯେମିତି କାମ ବି ସେମିତି। ମାତ୍ର କେତୋଟି ବର୍ଷ ଭିତରେ ସେ ନିଜକୁ ଜଣେ ଆକ୍ସନ ଷ୍ଟାର ଭାବେ ପରିଚିତ କରାଇ ସାରିଲେଣି। କେହି କେହି ତାଙ୍କୁ ଆଗାମୀ ଦିନର ସୁପରଷ୍ଟାର ଭାବରେ ସମ୍ବୋଧନ କରୁଛନ୍ତି। ସେ ପୁଣିଥରେ ଆଲୋଚନାର କେନ୍ଦ୍ରବିନ୍ଦୁ ସାଜିଛନ୍ତି। କଥାରେ ପରା ଅଛି- 'ମଲୁ ଖୋଜୁଥିଲା ଯାହା, ବଇଦ ବତାଇଲା ତାହା।' ଦେଖୁନାହାନ୍ତି, ଯେପରି ଏକ ଆକ୍ସନ ପ୍ଲଟ୍ ସେ ଖୋଜୁଥିଲେ ତାହା ତାଙ୍କୁ ମିଳିଯାଇଛି। ଏଭଳି କାହାଣୀକୁ ନେଇ ରଚିତ ସିନେମାଟିର ନିର୍ଦ୍ଦେଶନା ଦେବେ ଶଶାଙ୍କ ଖୈତାନ। ଏହି ଫିଲ୍ମରେ କିଏ ଲିଡ୍ ରୋଲ୍‌ରେ ଅଭିନୟ କରିବ ସେନେଇ ଟିକେ ଚିନ୍ତାରେ ପଡ଼ିଯାଇଥିଲେ ନିର୍ଦ୍ଦେଶକ। ଠିକ୍ ସେତିକିବେଳକୁ ଟାଇଗରଙ୍କ ନାମ ତାଙ୍କ ମନକୁ ଆସିଥିଲା। ବାସ୍, ବିଳମ୍ବ ନ କରି ତାଙ୍କୁ ଯୋଗାଯୋଗ କରାଯାଇଥିଲା ଏବଂ ଟାଇଗର ମଧ୍ୟ ଏ ନେଇ ନିଜର ସମ୍ମତି ପ୍ରଦାନ କରିସାରିଛନ୍ତି। ଏ ସମ୍ପର୍କରେ ସେ କୁହନ୍ତି, 'ମୁଁ ସବୁବେଳେ ଭଲ ଭଲ ତଥା ଦର୍ଶକଙ୍କ ମନକୁ ଛୁଇଁଲା ଭଳି ଆକ୍ସନ ସିନେମାରେ ଅଭିନୟ କରିବାକୁ ପସନ୍ଦ କରିଥାଏ। ଏହି ନୂଆ ଫିଲ୍ମଟିରେ ଦର୍ଶକଙ୍କୁ ପ୍ରଭାବିତ କରିବା ଭଳି ମସଲା ଭରିରହିଛି।' ଏହାର ଶୁଟିଂ ଖୁବ୍‌ଶୀଘ୍ର ପର୍ତ୍ତୁଗାଲରେ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ନିର୍ଦ୍ଦେଶକ।


ଟାଇଗର

# ଅନିଦ୍ରା ଅନ୍ତରାଳେ..

ମନୋଜ ବାଜପାୟୀ ଯେତେବେଳେ ବଲିଉଡ୍‌ରେ ଏଣ୍ଟ୍ରିକଲେ ସେତେବେଳେ ତାଙ୍କୁ ବେଶ୍ ସଂଘର୍ଷ କରିବାକୁ ପଡ଼ିଥିଲା। ପ୍ରତିଟି ରୋଲ୍‌କୁ ସେ ଗମ୍ଭୀରତାର ସହ ନେଉଥିଲେ। ଆଉ ସେଥିପାଇଁ ଯେଉଁ ଭୂମିକା ହେଉନା କାହିଁକି ତାହାକୁ ସେ ବେଶ୍ ସୁଚାରୁରୂପେ ତୁଲାଇ ପାରୁଥିଲେ। କିନ୍ତୁ ନିଜ ଅଭିନୟ କ୍ୟାରିୟରର ପ୍ରାରମ୍ଭିକ ସ୍ତରରେ କେତୋଟି ନୂଆ ପ୍ରୋଜେକ୍ଟ ତାଙ୍କୁ ଚିନ୍ତାଗ୍ରସ୍ତ କରିଦେଇଥିଲା। କାରଣ ସେହି ଭୂମିକାକୁ ସେ କିପରି ଜଷ୍ଟିସ୍ ଦେବେ ସେନେଇ ଯୋଜନା ପ୍ରସ୍ତୁତ କରିବା ବେଳେ ବେଳେବେଳେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏ ନେଇ ମନୋଜ କୁହନ୍ତି, 'କେତୋଟି ପ୍ରୋଜେକ୍ଟ ବିଷୟରେ ଚିନ୍ତା କରିବା ସମୟରେ ମୁଁ ଟିକେ ବ୍ୟତିବ୍ୟସ୍ତ ହୋଇପଡ଼ିଥିଲି। କାରଣ ସେଗୁଡ଼ିକରେ ନିଜ ଭୂମିକା ଏପରି ଥିଲା, ଯାହାକୁ କଦାପି ହାଲ୍‌କା ଭାବରେ ନିଆଯାଇ ନ ପାରେ। ତେଣୁ କେତେଥର ମୁଁ ସାରାରାତି ଶୋଇପାରିନି। ହେଲେ ସେତେବେଳର ସେହି ସାରା ରାତି ଉଜାଗର ରହିବାକୁ ମୁଁ ଏଯାଏ ଭୁଲିପାରୁନି।'

# ଅଭିନୟ ମାୟାରୁ ମୁକୁଳି ପାରୁନି

ଅଭିନୟ ଏପରି ଏକ ନିଶା, ଯାହା ଥରେ ଘାରିଲେ ସେଥିରୁ ମୁକୁଳିବା ସହଜ ହୋଇ ନ ଥାଏ। ଆଉ ଏଥିରୁ ବା ପ୍ରଶାନ୍ତ ପାତ୍ର ବାଦ୍ ପଡ଼ନ୍ତେ କିପରି? ୧୯୯୭ ମସିହାରେ ଆରମ୍ଭ ହୋଇଥିଲା ତାଙ୍କ ଅଭିନୟ ଜୀବନ। ବିଶିଷ୍ଟ ନିର୍ଦ୍ଦେଶକ ପ୍ରଶାନ୍ତ ନନ୍ଦଙ୍କ ଦ୍ୱାରା ନିର୍ଦ୍ଦେଶିତ ତଥା ଦୂରଦର୍ଶନରେ ପ୍ରସାରିତ 'ଭକ୍ତିକଥା'ରେ ତାଙ୍କୁ ପ୍ରଥମେ ଅଭିନୟ କରିବାର ସୁଯୋଗ ମିଳିଥିଲା। ଆଉ ତା'ପରେ ସେ ପଛକୁ ଫେରି ଚାହିଁନାହାନ୍ତି। ନିଜ କ୍ୟାରିୟର ବିଷୟରେ ସେ କୁହନ୍ତି, 'ଆଇନ୍‌ରେ ସ୍ନାତକ ହାସଲ କରିଛି ସତ, ହେଲେ ଯେତେବେଳେ ମୁଁ ଆକ୍ଟିଂ ସଂସ୍ପର୍ଶରେ ଆସିଲି ତାହାର ମାୟା ମୋତେ ବାନ୍ଧି ଦେଇଥିଲା। ଆଉ ତାହା ଏତେ ଦୃଢ଼ ଥିଲା ଯେ ଏପର୍ଯ୍ୟନ୍ତ ମୁଁ ସେଥିରୁ ମୁକୁଳିପାରୁନି। ଅନେକ ଧାରାବାହିକ, ଚଳଚ୍ଚିତ୍ରରେ ଅଭିନୟ କରିବା ସହ କେତୋଟି କାର୍ଯ୍ୟକ୍ରମକୁ ମଧ୍ୟ ସଞ୍ଚାଳନ କରିଛି। ସତ କଥା କହିବାକୁ ଗଲେ, ଅଭିନୟରୁ ମୋତେ ଯେତିକି ଆତ୍ମତୃପ୍ତି ମିଳିଛି ତାହା ବର୍ଣ୍ଣନା କରିବାକୁ ମୋ ନିକଟରେ ଭାଷା ନାହିଁ।' ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ମେଣ୍ଢାଶାଳରେ ଜନ୍ମିତ ପ୍ରଶାନ୍ତଙ୍କ ଅଭିନୀତ ପ୍ରମୁଖ ଧାରାବାହିକଗୁଡ଼ିକ ହେଲା-'ସଂସ୍କାର', 'ବଡ଼ ଘର ବଡ଼ ଗୁମର କଥା', 'ତେଜସ୍ୱିନୀ', 'ଖୁସିର ଛୁଙ୍କ' ଏବଂ ବର୍ତ୍ତମାନ ଜୀ ସାର୍ଥକରେ ପ୍ରସାରିତ ହେଉଥିବା 'ତୁମ ବିନା'। ଏହାବ୍ୟତୀତ ସେ ଓଡ଼ିଆ ସିନେମା ''ପୁଅ ମୋର ଜଗତଜିତା', 'ଧଉଳି ଏକ୍ସପ୍ରେସ୍', 'ବାପା ସୁପରମ୍ୟାନ୍' ଏବଂ 'କଟକ:ଶେଷରୁ ଆରମ୍ଭ''ରେ ଅଭିନୟ ମଧ୍ୟ କରିଛନ୍ତି।


ମୋ କଥା/ପ୍ରଶାନ୍ତ ପାତ୍ର

# ଅଭିନୟ କରିବା ପୂର୍ବରୁ..

ବଲିଉଡ୍‌ରେ ଆଗଧାଡ଼ିର ଅନ୍ୟତମ ଅଭିନେତ୍ରୀ ହେଉଛନ୍ତି କରିନା କପୁର। ତାଙ୍କର ଲୋକପ୍ରିୟତା କେତେ ତାହା କହିବା ବାହୁଲ୍ୟ ମାତ୍ର। କିନ୍ତୁ ଆକ୍ଟିଂ ଦୁନିଆରେ ପାଦ ଥାପିବାକୁ ତାଙ୍କର ପିଲାଦିନରୁ ଇଚ୍ଛା ନ ଥିଲା। ପାଠପଢ଼ା ସମୟରେ ସେ କ'ଣ ଆଶା ରଖିଥିଲେ ଜାଣନ୍ତି? ଭବିଷ୍ୟତରେ ଜଣେ କ୍ରିମିନାଲ ଓକିଲ ହେବେ। ହେଲେ ତାହା ହୋଇପାରି ନ ଥିଲା। ତା'ପରେ କରିନାଙ୍କ ମନ ଆଉ ଏକ ଦିଗ ପ୍ରତି ଢଳିଥିଲା। ନିଜର ପ୍ରଥମ ସ୍ୱପ୍ନ ସାକାର ନ ହେବା ପରେ ସେ ମାଇକ୍ରୋ-କମ୍ପ୍ୟୁଟର କୋର୍ସ କରିଥିଲେ। ହେଲେ ପରିଶେଷରେ ସତେଯେମିତି ବଲିଉଡ୍ ତାଙ୍କ ବାଟକୁ ଚାହିଁ ବସିଥିଲା। ପ୍ରଯୋଜକ-କମ୍-ନିର୍ଦ୍ଦେଶକ ଜେ.ପି. ଦତ୍ତା ତାଙ୍କର 'ରିଫ୍ୟୁଜି' ଫିଲ୍ମରେ ନାୟିକା ସାଜିବାକୁ ତାଙ୍କୁ ଅଫର ଦେଇଥିଲେ। ବେଶ୍ ତର୍ଜମା ପରେ ଏଭଳି ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶନାରୁ ନିଜ ଆକ୍ଟିଂ କ୍ୟାରିୟର ଆରମ୍ଭ କରିବାକୁ ସ୍ଥିର କରିଥିଲେ। ୨୦୦୦ ମସିହାରେ ମାତ୍ର ୧୫ କୋଟି ବଜେଟରେ ନିର୍ମିତ ଏହି ଫିଲ୍ମଟି ବକ୍ସ ଅଫିସ୍‌ରେ ୩୫ କୋଟି ବିଜ୍‌ନେସ୍ କରିଥିଲା। କେବଳ ସେତିକି ନୁହେଁ, ନିଜ ପ୍ରଥମ ସିନେମାରେ ତାଙ୍କୁ ଶ୍ରେଷ୍ଠ ନବାଗତା ଅଭିନେତ୍ରୀ ଭାବେ ଫିଲ୍ମ ଫେୟାର ପୁରସ୍କାର ମିଳିଥିଲା।


କରୀନା

ଧରିତ୍ରୀ DHARITRI
ଧରିତ୍ରୀ 50 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଜୁଲାଇ ୧୧/୨୦୨୪ Bhubaneswar, Thursday, July 11/ 2024

# ସେମିରେ ରିବାକିନା, କ୍ରେଜିକୋଭା

**ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ୍ ଟେନିସ୍**

**କ୍ୱାର୍ଟରରେ ଜୋକୋଭିଚ୍‌ଙ୍କୁ ୱାକଓଭର**

ଲଣ୍ଡନ, ୧୦।୭

୨୦୨୨ ଚାମ୍ପିୟନ କାଜାଖସ୍ତାନର ଏଲିନା ରିବାକିନା ଓ ଚେକ୍ ରିପବ୍ଲିକର ବାର୍ବରା କ୍ରେଜିକୋଭା ଚଳିତ ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବୁଧବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ରିବାକିନା ୟୁକ୍ରେନର ଏଲିନା ସ୍ୱିତୋଲିନାଙ୍କୁ ୬-୩, ୬-୨ ସେଟ୍‌ରେ ଏବଂ କ୍ରେଜିକୋଭା ୬-୪, ୭-୬ (୭/୪) ସେଟ୍‌ରେ ଲାଟିଭିଆର ଜେଲିନା ଓଷ୍ଟାପେଙ୍କୋଙ୍କୁ ପରାସ୍ତ କରିଛନ୍ତି। ଗତବର୍ଷ କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଥିବା ରିବାକିନା ଏଥର ସେମିଫାଇନାଲରେ ପ୍ରବେଶ କରି ଦ୍ୱିତୀୟ ଥରପାଇଁ ଟାଇଟଲ ଜିତିବା ସମ୍ଭାବନା ଉଜ୍ଜୀବିତ ରଖିଛନ୍ତି। ଅନ୍ୟପକ୍ଷରେ କ୍ରେଜିକୋଭା ପ୍ରଥମଥରପାଇଁ ୱିମ୍ବେଲଡନ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ସିଙ୍ଗଲ୍ସରେ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉର ଆହତ ସମସ୍ୟା ଯୋଗୁ ଓହରି ଯିବାରୁ ସର୍ବିୟାର ନୋଭାକ୍ ଜୋକୋଭିଚ୍ ୱାକ୍‌ଓଭର ପାଇ ସେମିଫାଇନାଲରେ ପହଞ୍ଚିଛନ୍ତି। ଗତ ସୋମବାର ୪ର୍ଥ ରାଉଣ୍ଡ ମ୍ୟାଚରେ ଆର୍ଥର ଫିଲ୍ସଙ୍କ ବିପକ୍ଷରେ ୬-୨, ୬-୪, ୪-୬, ୬-୩ରେ ବିଜୟ ଅବସରରେ ମିନାଉର ଆହତ ସମସ୍ୟାକୁ ଆସି ଯାଇଥିଲେ। ଫଳରେ ଜୋକୋଭିଚ୍ ୧୩ଥର ପାଇଁ ୱିମ୍ବେଲଡନର ସେମିଫାଇନାଲରେ ପ୍ରବେଶ କରି ରୋଜର ଫେଡରରଙ୍କ ସମକକ୍ଷ ହୋଇଛନ୍ତି। ଟୁର୍ନାମେଣ୍ଟ ଇତିହାସରେ କୌଣସି ପୁରୁଷ ପ୍ରତିଯୋଗୀ ଏତେଥର ସେମିଫାଇନାଲରେ ପ୍ରବେଶ କରିବା ଏହା ଏକ ରେକର୍ଡ। ୨ୟ ସିଡ୍ ଜୋକୋଭିଚ୍ କ୍ୟାରିୟରରେ ଜିତିଥିବା ୨୪ ଗ୍ରାଣ୍ଡସ୍ଲାମ ମଧ୍ୟରେ ୱିମ୍ବେଲଡନର ୭ ଟ୍ରଫି ସାମିଲ। ସେମିଫାଇନାଲରେ ସେ ଟେଲର ଫ୍ରିଜ୍ କିମ୍ବା ଲୋରେଞ୍ଜୋ ମୁସେଟିଙ୍କୁ ଭେଟିବେ।





କ୍ୱାର୍ଟର ଫାଇନାଲ ଜିତିବାପରେ ଏଲିନା ରିବାକିନା ଓ ବାର୍ବରା କ୍ରେଜିକୋଭା।

# ଫୁଟ୍‌ବଲର ବିକାଶ ପାଇଁ ରାଷ୍ଟ୍ରପତିଙ୍କ ଆହ୍ୱାନ




ଡୁରାଣ୍ଡ କପ୍ ଟ୍ରଫି ଉନ୍ମୋଚନ ଅବସରରେ ଆଡମିରାଲ ଦୀନେଶ କୁମାର ତ୍ରିପାଠୀ, ସିଡିଏସ୍ ଅନୀଲ ଚୌହାନ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ସ୍ଥଳ ସେନା ମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ ଓ ଏୟାର ମାର୍ଶାଲ ଅମର ପ୍ରୀତ ସିଂ।

ନୂଆଦିଲ୍ଲୀ, ୧୦।୭(ପି.ଟି.)

ଭାରତୀୟ ଫୁଟ୍‌ବଲର ତୃଣମୂଳ ସ୍ତରରୁ ବିକାଶ ପାଇଁ ଆହ୍ୱାନ ଦେଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ବୁଧବାର ଏସିଆର ସର୍ବପୁରାତନ ଫୁଟ୍‌ବଲ ଟୁର୍ନାମେଣ୍ଟ ଡୁରାଣ୍ଡ କପ୍‌ର ଟ୍ରଫି ଉନ୍ମୋଚନ ଅବସରରେ ରାଷ୍ଟ୍ରପତି ଏଭଳି କହିଛନ୍ତି। ଏସିଆର ସର୍ବପୁରାତନ ଟୁର୍ନାମେଣ୍ଟର ୧୩୩ ତମ ସଂସ୍କରଣ ଚଳିତ ମାସ ୨୭ ତାରିଖରୁ ଆରମ୍ଭ ହେବ। କୋଲକାତା, ଆସାମର କୋକ୍ରାଝର, ମେଘାଳୟର ଶିଲଂ ଓ ଝାଡଖଣ୍ଡର ଜାମସେଦପୁରରେ ଏହି ଟୁର୍ନାମେଣ୍ଟ ଖେଳାଯିବ। ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଡୁରାଣ୍ଡ କପ୍ ସହିତ ପ୍ରେସିଡେଣ୍ଟସ କପ୍ ଓ ଶିମ୍‌ଲା କପ୍ ମଧ୍ୟ ଉନ୍ମୋଚନ କରାଯାଇଥିଲା। ଫୁଟ୍‌ବଲ ବିଶ୍ୱର ଏକ ଲୋକପ୍ରିୟ ଖେଳ। ପ୍ରଫେଶନାଲ ଫୁଟବଲର ମାନେ ଦର୍ଶକଙ୍କ ମନୋରଞ୍ଜନ କରିଥାନ୍ତି। ବର୍ତ୍ତମାନ ଚାଲିଥିବା ୟୁରୋ କପ୍‌ର ଚର୍ଚ୍ଚା ସମଗ୍ର ବିଶ୍ୱରେ ଦେଖିବାକୁ ମିଳୁଛି ବୋଲି ରାଷ୍ଟ୍ରପତି ନିଜ ବକ୍ତବ୍ୟରେ କହିଥିଲେ। ତେଣୁ ଫୁଟବଲ ସହ ଜଡିତ ସମସ୍ତ ବ୍ୟକ୍ତି ଓ ସଂସ୍ଥାନ ତୃଣମୂଳ ସ୍ତରରୁ ଏହାର ବିକାଶ ପାଇଁ ପ୍ରୟାସ କରିବା ଉଚିତ ବୋଲି କହିଥିଲେ ରାଷ୍ଟ୍ରପତି। ଶିମ୍‌ଲାରେ ୧୮୮୮ରେ ପ୍ରଥମ ଥର ଏହି ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା।ସାର୍ ହେନ୍‌ରୀ ମର୍ଟିମର ଡୁରାଣ୍ଡଙ୍କ ନାମ ଅନୁସାରେ ଏହି କପ୍‌କୁ ନାମିତ କରାଯାଇଛି। ଭାରତୀୟ ସେନା ଓ ସର୍ବଭାରତୀୟ ଫୁଟବଲ ମହାସଂଘ ପକ୍ଷରୁ ମିଳିତ ଭାବରେ ଏହି ଟୁର୍ନାମେଣ୍ଟ ଆୟୋଜନ କରାଯାଉଥିବା ବେଳେ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ ଅନୀଲ ଚୌହାନ, ସ୍ଥଳ ସେନା ମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ, ନୌସେନା ମୁଖ୍ୟ ଆଡମିରାଲ ଦୀନେଶ କୁମାର ତ୍ରିପାଠୀ ଓ ଏୟାର ମାର୍ଶାଲ ଅମର ପ୍ରୀତ ସିଂ ଉପସ୍ଥିତ ଥିଲେ।

# ତୃତୀୟ ଟି୨୦ ଜିତିଲା ଭାରତ

ହରାରେ, ୧୦।୭

ହରାରେ ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ବୁଧବାର ଅନୁଷ୍ଠିତ ତୃତୀୟ ଟି୨୦ କ୍ରିକେଟ ମ୍ୟାଚରେ ଭାରତ ୨୩ ରନରେ ଜିମ୍ବାୱେକୁ ପରାସ୍ତ କରିଛି। ଫଳରେ ୫ ମ୍ୟାଚ ବିଶିଷ୍ଟ ସିରିଜରେ ଭାରତ ୨-୧ରେ ଅଗ୍ରଣୀଲାଭ କରିଛି। ଭାରତ ୨୦ ଓଭରରେ ୪ ଉଇକେଟ ହରାଇ ୧୮୨ ରନ କରିଥିବାବେଳେ ଜିମ୍ବାୱେ ୨୦ ଓଭରରେ ୬ ଉଇକେଟ ହରାଇ ୧୫୯ ରନ କରିବାକୁ ସକ୍ଷମ ହୋଇଥିଲା। ୪ ଓଭରରେ ମାତ୍ର ୧୫ ରନ ଦେଇ ୩ଟି ଉଇକେଟ ନେଇଥିବା ୱାଶିଂଟନ ସୁନ୍ଦର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

**ୱାଶିଂଟନ ସୁନ୍ଦର ପ୍ଲେୟର ଅଫ୍ ଦି ମ୍ୟାଚ**

ଟସ୍‌ଜିତି ବ୍ୟାଟିଂ ନେଇଥିବା ଭାରତ ଅଧିନାୟକ ଶୁବମନ ଗିଲ୍ ଓ ଯଶସ୍ୱୀ ଜୟସ୍ୱାଲଙ୍କ ମାଧ୍ୟମରେ ଭଲ ଆରମ୍ଭ କରିଥିଲା। ଦୁହେଁ ଓପନିଂ ଯୋଡ଼ିରେ ୬୭ ରନ ସଂଗ୍ରହ କରିଥିଲେ। ଜୟସ୍ୱାଲ ୨୭ ବଲ୍‌ରୁ ୩୬ (୪ ଚୌକା, ୨ ଛକା) ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ଗତ ମ୍ୟାଚରେ ଶତକ ହାସଲକାରୀ ଅଭିଷେକ ଶର୍ମା (୧୦ ରନ) ଏଠାରେ ତୃତୀୟ ସ୍ଥାନରେ ବ୍ୟାଟିଂ କରି ବିଫଳ ହୋଇଥିଲେ ହେଁ ଋତୁରାଜ ଗାଏକ୍ୱାଡ୍ ୨୮ ବଲ୍‌ରୁ ୪୯ (୪ ଚୌକା, ୩ ଛକା) ରନ କରିବାରୁ ଭାରତ ସ୍କୋର ୧୮୨ରେ ପହଞ୍ଚି ଯାଇଥିଲା। ଜିମ୍ବାୱେ ପକ୍ଷରୁ ବ୍ଲେସିଂ ମୁଜାରବାନି ଓ ସିକନ୍ଦର ରାଜା ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଜିମ୍ବାୱେ ଏକଦା ୩୯ ରନରେ ୫ ଉଇକେଟ ହରାଇଥିଲେ ମଧ୍ୟ ଡିଅନ ମେୟର୍ସଙ୍କ ଅପରାଜିତ ୬୫ ରନ ବଳରେ ୧୫୯ ରନର ସମ୍ମାନଜନକ ସ୍କୋର କରିବାକୁ ସକ୍ଷମ ହୋଇଥିଲା। ଭାରତୀୟ ବୋଲରଙ୍କ ମଧ୍ୟରେ ୱାଶିଂଟନ ସୁନ୍ଦର ୩ଟି, ଆଭେଶ ଖାଁ ୨ଟି ଓ ଖଲିଲ ଅହମଦ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୮୨/୪ (ଶୁବମନ ଗିଲ୍-୬୬, ଋତୁରାଜ ଗାଏକ୍ୱାଡ୍-୪୯, ଯଶସ୍ୱୀ ଜୟସ୍ୱାଲ-୩୬, ସିକନ୍ଦର ରାଜା-୨/୨୪, ବ୍ଲେସିଂ ମୁଜାରବାନି-୨/୨୫)। ଜିମ୍ବାୱେ ୨୦ ଓଭରରେ ୧୫୯/୬ (ଡିଅନ ମେୟର୍ସ-୬୫*, କ୍ଲାଇଭ୍ ମାଡାଣ୍ଡେ-୩୭, ୱାଶିଂଟନ ସୁନ୍ଦର-୩/୧୫, ଆଭେଶ ଖାଁ-୨/୩୯, ଖଲିଲ ଅହମଦ-୧/୧୫)।



ଆକର୍ଷଣୀୟ କ୍ୟାଚ ନେବାପରେ ରବି ବିଷ୍ଣୋଇଙ୍କୁ ସାଥି ଖେଳାଳିଙ୍କ ବଧେଇ।

# ବିଦେଶର ୩ ସ୍ଥାନରେ ଟ୍ରେନିଂ ନେବେ ଭାରତୀୟ ଆଥ୍‌ଲେଟ୍

ନୂଆଦିଲ୍ଲୀ, ୧୦।୭ (ପି.ଟି.)

ପ୍ୟାରିସ ଅଲିମ୍ପିକ୍ସରେ ଭାଗନେବାକୁ ଯାଉଥିବା ଭାରତୀୟ ଆଥଲେଟିକ୍ସ ଦଳର ୩୦ ସଦସ୍ୟ ବିଦେଶର ୩ ଭିନ୍ନଭିନ୍ନ ସ୍ଥାନରେ ଟ୍ରେନିଂ ନେଇ ପ୍ରସ୍ତୁତିକୁ ଚୂଡ଼ାନ୍ତ ରୂପଦେବେ। କ୍ରୀଡ଼ା ମହାକୁମ୍ଭର ଟ୍ରାକ୍ ଆଣ୍ଡ ଫିଲ୍ଡ ପ୍ରତିଯୋଗିତା ଆରମ୍ଭର ୪ ଦିନ ପୂର୍ବରୁ ସମସ୍ତେ ଜୁଲାଇ ୨୮ରେ ପ୍ୟାରିସରେ ଏକତ୍ରିତ ହେବେ। ପୋଲାଣ୍ଡର ସ୍ପାଲାସ୍ଥିତ ଅଲିମ୍ପିକ୍ ସ୍ପୋର୍ଟ୍ସ ସେଣ୍ଟର, ତୁର୍କୀର ଆଣ୍ଟାଲ୍ୟା ଓ ସୁଇଜରଲାଣ୍ଡର ସେଣ୍ଟ ମୋରିଜ୍‌ରେ ଭାରତୀୟ ଆଥଲେଟ୍‌ମାନେ ଅନ୍ତିମ ପର୍ଯ୍ୟାୟ ପ୍ରସ୍ତୁତି କରିବେ। ଅଲିମ୍ପିକ୍ ଏବଂ ବିଶ୍ୱ ଚାମ୍ପିୟନ ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା ଇତିମଧ୍ୟରେ ତୁର୍କୀରେ ପହଞ୍ଚି ସାରିଛନ୍ତି। ୱାର୍ଲ୍ଡ ଆଥଲେଟିକ୍ସ ରୋଡ୍ ଟୁ ପ୍ୟାରିସ ସିଷ୍ଟମରେ ଲଙ୍ଗ ଜମ୍ପର ଜେସ୍‌ୱିନ ଆଲଡ୍ରିନ ଓ ୫୦୦୦ ମିଟର ରନର ଅଙ୍କିତା ଧ୍ୟାନି ସାମିଲ ହେବାପରେ ଭାରତୀୟ ଆଥଲେଟିକ୍ସ ଦଳର ସଦସ୍ୟଙ୍କ ସଂଖ୍ୟା ୩୦ରେ ପହଞ୍ଚିଛି। ୪ ରେସ୍ ୱାକର ଆକାଶଦୀପ ସିଂ, ପରମଜିତ ସିଂ ବିଷ୍ଟ, ବିକାଶ ସିଂ, ସୂରଜ ପନୱର ଏବଂ ଟ୍ରିପଲ ଜମ୍ପର ଅବଦୁଲା ଅବୁବାକର, ଅବିନାଶ ସାବ୍‌ଲେ ଓ ପାରୁଲ ଚୌଧାରୀ ସୁଇଜରଲାଣ୍ଡସ୍ଥିତ ସେଣ୍ଟ ମୋରିଜ୍‌ରେ ଚୂଡ଼ାନ୍ତ ଅଭ୍ୟାସ କରିବେ। ସାବ୍‌ଲେ ଓ ପାରୁଲ ଜୁଲାଇ ୨୪ରେ ପୋଲାଣ୍ଡରେ ଆଥଲେଟ୍ ଗ୍ରୁପ୍‌ରେ ସାମିଲ ହୋଇ ପ୍ୟାରିସ ଯାତ୍ରା କରିବେ। ୪x୪୦୦ ମିଟର ରିଲେ ଦଳର ସମସ୍ତ ସଦସ୍ୟ (ମହିଳା ଓ ପୁରୁଷ) ଗୁରୁବାର ପୋଲାଣ୍ଡ ଯିବେ। ୪ ଆଥଲେଟ୍ କିଶୋର କୁମାର ଜେନା (ଜାଭେଲିନ୍), ଜ୍ୟୋତି ୟାରାଜି (୧୦୦ ମିଟର ହର୍ଡଲ୍ସ), ଜେସ୍‌ୱିନ ଆଲଡ୍ରିନ (ଲଙ୍ଗଜମ୍ପ) ଓ ପ୍ରବୀନ ଚିତ୍ରାଭେଲ (ଟ୍ରିପଲ ଜମ୍ପ) ଚଳିତ ସପ୍ତାହ ପ୍ରାରମ୍ଭରେ ପୋଲାଣ୍ଡରେ ପହଞ୍ଚିବେ। ଅନୁ ରାଣୀ (ଜାଭେଲିନ୍), ତାଜିନ୍ଦରପାଲ ସିଂ ତୁର୍ (ଶଟ୍ ପୁଟ୍) ଏବଂ ଆଭା ଖଟୁଆ (ଶଟ୍ ପୁଟ୍) ମଧ୍ୟ ଗୁରୁବାର ପୋଲାଣ୍ଡ ଯିବେ।

**ପ୍ୟାରିସ୍ ଅଲିମ୍ପିକ୍ସ**

PARiS 2024

**ଆଉ ୧୫ ଦିନ**

# ଫାଇନାଲରେ ଡିଫେଣ୍ଡିଂ ଚାମ୍ପିୟନ ଆର୍ଜେଣ୍ଟିନା

**କୋପା ଆମେରିକା**

ଇଷ୍ଟ ରଦରଫୋର୍ଡ, ୧୦।୭(ପି.ଟି.)

କୋପା ଆମେରିକା ଫୁଟବଲ୍ ଟୁର୍ନାମେଣ୍ଟର ପ୍ରଥମ ସେମି ଫାଇନାଲରେ କାନାଡାକୁ ୨-୦ ଗୋଲରେ ହରାଇ ଫାଇନାଲରେ ପ୍ରବେଶ କରିଛି ଡିଫେଣ୍ଡିଂ ଚାମ୍ପିୟନ ଆର୍ଜେଣ୍ଟିନା। ଆର୍ଜେଣ୍ଟିନା ଅଧିନାୟକ ଲିଓନେଲ୍ ମେସି ଅନ୍ତର୍ଜାତୀୟ କ୍ୟାରିୟରର ୧୦୯ ତମ ଗୋଲ ସ୍କୋର କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଆର୍ଜେଣ୍ଟିନା ପକ୍ଷରୁ ଜୁଲିଆନ୍ ଆଲଭାରେଜ୍(୨୨) ଓ ଲିଓନେଲ ମେସି(୫୧) ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଏହା ସହ ସର୍ବାଧିକ ଅନ୍ତର୍ଜାତୀୟ ଗୋଲ ସ୍କୋର ତାଲିକାର ଦ୍ୱିତୀୟ ସ୍ଥାନରେ ପହଞ୍ଚିଛନ୍ତି। ପର୍ତ୍ତୁଗାଲର କ୍ରିଷ୍ଟିଆନୋ ରୋନାଲ୍ଡୋ ୧୩୦ ଗୋଲ ସହିତ ଏହି ତାଲିକାର ପ୍ରଥମ ସ୍ଥାନରେ ରହିଛନ୍ତି। ଇରନର ଅଲ ଦାଏଇ ୧୦୮ ଗୋଲ ସହିତ ଏହି ତାଲିକାରେ ତୃତୀୟ ସ୍ଥାନରେ ରହିଛନ୍ତି। ୨୨ ତମ ମିନିଟରେ ଜୁଲିଆନ୍ ଆଲଭାରେଜ୍ ଏକ ଗୋଲ ଦେଇ ଦଳକୁ ୧-୦ରେ ଆଗୁଆ କରିଥିଲେ। ପ୍ରଥମାର୍ଦ୍ଧରେ ଆର୍ଜେଣ୍ଟିନା ୧-୦ରେ ଆଗୁଆ ରହିବା ପରେ ଦ୍ୱିତୀୟାର୍ଦ୍ଧରେ ଦଳ ଆହୁରି ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା। ୫୧ ତମ ମିନିଟରେ ଏଞ୍ଜୋ ଫର୍ନାଣ୍ଡେଜଙ୍କ ଆସିଷ୍ଟରେ ମେସି ଏକ ଗୋଲ ଦେଇ ଦଳକୁ ୨-୦ରେ ଆଗୁଆ କରିଥିଲେ। ସେହିପରି କୋପା ଆମେରିକାରେ ଏହା ତାଙ୍କର ୧୪ ତମ ଗୋଲ। ଆଉ ୩ଟି ଗୋଲ କଲେ ସେ କୋପା ଇତିହାସର ସର୍ବାଧିକ ଗୋଲ ସ୍କୋରର ପାଲଟିବେ। ଉରୁଗୁଏ ଓ କଲମ୍ବିଆ ମଧ୍ୟରେ ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍ ଗୁରୁବାର ଖେଳାଯିବ।

# ମହିଳା ଭାରୋତ୍ତୋଳନ ଜୋନାଲ ଲିଗ୍ ଆରମ୍ଭ

ଭୁବନେଶ୍ୱର, ୧୦।୭(ତପନ ସ୍ୱାଇଁ)

ଓଡ଼ିଶା ଭାରୋତ୍ତୋଳନ ସଂଘ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ଅସ୍ମିତା ଖେଲୋ ଇଣ୍ଡିଆ ମହିଳା ଭାରୋତ୍ତୋଳନ ଜୋନାଲ ଲିଗ୍ ବୁଧବାର କଳିଙ୍ଗ ଷ୍ଟାଡିୟମ ସ୍ପୋର୍ଟ୍ସ କମ୍ପ୍ଲେକ୍ସର ବିଜୁ ପଟ୍ଟନାୟକ ୱେଟ୍‌ଲିଫ୍ଟିଂ ହଲ୍‌ରେ ଆରମ୍ଭ ହୋଇଛି। ୧୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମାନଜନକ ପ୍ରତିଯୋଗିତାରେ ୯ ରାଜ୍ୟରୁ ୧୩୫ ପ୍ରତିଯୋଗୀ ଭାଗ ନେଇଛନ୍ତି। ଏହି ଲିଗ୍ ମହିଳା ଭାରୋତ୍ତୋଳନକୁ ପ୍ରମୋଟ କରିବା ସହ ଦେଶର ଯୁବ ଆଥ୍‌ଲେଟଙ୍କୁ ଉତ୍ସାହିତ କରିବ। ମିଳିଥିବା ସୂଚନା ଅନୁସାରେ ଜୋନାଲ ଲିଗ୍‌ରେ ଅରୁଣାଚଳ ପ୍ରଦେଶରୁ ୧୫, ଆସାମରୁ ୨୧, ବିହାରରୁ ୧୨, ଛତିଶଗଡ଼ରୁ ୨୩, ଝାଡ଼ଖଣ୍ଡରୁ ୧୪, ମିଜୋରାମରୁ ୪, ମଣିପୁରରୁ ୧୦, ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସିଲେନ୍ସ (ଏନ୍‌ସିଓଇ)ରୁ ୭, ଓଡ଼ିଶାରୁ ୨୨ ଏବଂ ପଶ୍ଚିମବଙ୍ଗରୁ ୭ ଆଥଲେଟ୍ ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତା ବିଭିନ୍ନ ବର୍ଗରେ ଅନୁଷ୍ଠିତ ହେଉଛି। ୟୁଥ୍ ମହିଳାରେ ୪୦, ୪୫, ୪୯, ୫୫, ୫୯, ୬୪, ୭୧, ୭୬, ୮୧ ଏବଂ ୮୧ ବର୍ଷରୁ ଉର୍ଦ୍ଧ୍ୱ ବର୍ଗ ଅନ୍ତର୍ଭୁକ୍ତ। ସେହିପରି ଜୁନିୟର ମହିଳାରେ ୪୫, ୪୯, ୫୫, ୫୯, ୬୪, ୭୧, ୭୬, ୮୧, ୮୭ ଓ ୮୭ କେଜିରୁ ଉର୍ଦ୍ଧ୍ୱ ଏବଂ ସିନିୟର ମହିଳାରେ ୪୫, ୪୯, ୫୫, ୫୯, ୬୪, ୭୧, ୭୬, ୮୧, ୮୭ ଓ ୮୭ କେଜିରୁ ଉର୍ଦ୍ଧ୍ୱ ବର୍ଗରେ ପ୍ରତିଯୋଗିତା ହେଉଛି। ଉଦ୍‌ଘାଟନୀ ଉତ୍ସବରେ କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା, ଭାରତୀୟ ଭାରୋତ୍ତୋଳନ ସଂଘର ମହାସଚିବ ଆନନ୍ଦ ଗୌଡ଼ା, ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ସମ୍ପାଦକ କେ. ରବିକୁମାର ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ‘‘ଅସ୍ମିତା ଖେଲୋ ଇଣ୍ଡିଆ ମହିଳା ଭାରୋତ୍ତୋଳନ ଜୋନାଲ ଲିଗ୍ ଦ୍ୱିତୀୟ ଥର ପାଇଁ ଅନୁଷ୍ଠିତ ହେଉଛି। ଗତବର୍ଷ ଏହା କୋଲକାତାରେ ଆୟୋଜିତ ହୋଇଥିଲା, ଏ ବର୍ଷ ଓଡ଼ିଶା ଆୟୋଜନ କରୁଛି। ଏଥିରେ ଭଲ ପ୍ରଦର୍ଶନ କରୁଥିବା ଭାରୋତ୍ତୋଳନ ପ୍ରତିଭାଙ୍କୁ ର୍‍ୟାଙ୍କିଙ୍ଗ୍ ଭିତ୍ତିରେ ଇଣ୍ଟର ଜୋନାଲ ସ୍ତରରେ ଖେଳିବା ସୁଯୋଗ ମିଳିବ। ଇତିମଧ୍ୟରେ ଆମର ୩ ପ୍ରତିଭା ଅନ୍ତର୍ଜାତୀୟ ସ୍ତରରେ ଖେଳି ସାରିଲେଣି। ପ୍ରୀତିସ୍ମିତା ଭୋଇ ବିଶ୍ୱରେକର୍ଡର ମଧ୍ୟ ଅଧିକାରୀ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ପ୍ରତି ରାଜ୍ୟର ଶ୍ରେଷ୍ଠ ଭାରୋତ୍ତୋଳନ ପ୍ରତିଭାମାନେ ଭାଗ ନେବାର ସୁଯୋଗ ପାଇଥାନ୍ତି। ଓଡ଼ିଶାରୁ ଏଥର ୨୨ଜଣ ଭାଗ ନେଉଛନ୍ତି। ସେମାନେ ଭଲ ପ୍ରଦର୍ଶନ କରିବା ନେଇ ଆଶା ରହିଛି’’ ବୋଲି ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ ପ୍ରକାଶ କରିଛନ୍ତି।

**ଖେଲୋ ଇଣ୍ଡିଆ: ଭାଗନେଲେ ୯ ରାଜ୍ୟର ୧୩୫ ପ୍ରତିଯୋଗୀ**




ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ